# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୨୯/୨୦୨୨ (୧୪ ପୃଷ୍ଠା) | Bhubaneswar, Monday, August 29/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୨୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 274 | ମୂଲ୍ୟ ₹୭/-





**ୟାମାଗୁଚି ପୁଣି ଟାଇଟଲ ଜିତିଲେ**

ଜାପାନର ଆକାନେ ୟାମାଗୁଚି କ୍ରମାଗତ ଦ୍ୱିତୀୟ ଥର ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ମହିଳା ଟାଇଟଲ ହାସଲ କରିଛନ୍ତି। ୧୪

୧୦ **ଲୁକ୍ ପାଇଁ ଟ୍ରୋଲ୍**

ମୁଣ୍ଡରେ ଗୋଲାପୀ ରଙ୍ଗର ବନ୍ ଲଗାଇବାକୁ ନେଇ ସିରିଏଲ୍ ଅଭିନେତ୍ରୀ ନିଆ ଶର୍ମା ଟ୍ରୋଲ୍‌ର ଶିକାର ହୋଇଛନ୍ତି।






ଭଙ୍ଗାଯିବା ପୂର୍ବରୁ ନୋଏଡାସ୍ଥିତ ଟୁଇନ୍ ଟାୱାର।



ଟୁଇନ୍ ଟାୱାରରେ ବିସ୍ଫୋରଣ ବେଳର ଦୃଶ୍ୟ।



ଧରାଶାୟୀ ସୁପରଟେକ୍ ଅଟ୍ଟାଳିକା।

# ବାର୍ଷିକ ବିପର୍ଯ୍ୟୟ ରିଲିଫ୍ ୧୧ ଶହ କୋଟି

## ୫ ବର୍ଷରେ ଓଡ଼ିଶା ସରକାର ଦେଲେଣି ୫,୪୭୯.୦୨ କୋଟି ଟଙ୍କା

ନୂଆଦିଲ୍ଲୀ,୨୮।୮(ଆଇଏଏନ୍‌ଏସ୍)

ଓଡ଼ିଶା ପ୍ରତି ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଭୟ ସବୁବେଳେ ରହିଆସିଛି। ରାଜ୍ୟବାସୀ ପ୍ରତିବର୍ଷ ଏକାଧିକ ବିପର୍ଯ୍ୟୟକୁ ସାମ୍ନା କରିଆସୁଥିବାବେଳେ ଓଡ଼ିଶା ସରକାର ବିପନ୍ନଙ୍କୁ ରିଲିଫ୍ ବଣ୍ଟନ ବାବଦକୁ ବାର୍ଷିକ ହାରାହାରି ପ୍ରାୟ ୧,୧୦୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏହି ବାବଦରେ ଗତ ୫ ବର୍ଷ ମଧ୍ୟରେ ୫,୪୭୯.୦୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଓଡ଼ିଶାର ଭୌଗୋଳିକ ଅବସ୍ଥିତି ଓ ଏହା ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ହେତୁ ରାଜ୍ୟବାସୀଙ୍କ ଉପରେ ପ୍ରତିବର୍ଷ ଘୂର୍ଣ୍ଣିଝଡ଼, ବନ୍ୟା, ବାତ୍ୟା, ମରୁଡ଼ି ଆଦି ପ୍ରାକୃତିକ ବିପର୍ଯ୍ୟୟ ଦାଉ ସାଧୁଛି। ତେବେ ଏସବୁର ସମୟୋଚିତ ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ଓ ପ୍ରୟାସ କେବଳ ଭାରତରେ ନୁହେଁ, ବରଂ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ସୁନାମ ଅର୍ଜିଛି। ପ୍ରଭାବଶାଳୀ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ଦୂରଦୃଷ୍ଟିକୁ ଜାତିସଂଘ ପକ୍ଷରୁ ଏକାଧିକ ଥର ପ୍ରଶଂସା କରାଯାଇଛି। ସରକାରୀ ସୂଚନାନୁସାରେ ୨୦୧୭-୧୮ରୁ ୨୦୨୧-୨୨ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଭାବିତ ଜିଲାଗୁଡ଼ିକୁ

### ପୁରୀକୁ ଦିଆଯାଇଛି ସର୍ବାଧିକ ୧୪୩୯.୪୭ କୋଟି



ରାଜକୋଷରୁ ୫,୪୭୯.୦୨ କୋଟି ଟଙ୍କା ଦିଆଯାଇଛି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଆର୍‌ଏଫ୍) ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏନ୍‌ଡିଆର୍‌ଏଫ୍)ରୁ ପ୍ରଦତ୍ତ ଏହି ଅର୍ଥକୁ ବିପନ୍ନଙ୍କ ରିଲିଫ୍ ବାବଦରେ ଖର୍ଚ୍ଚ କରାଯାଇଛି। ବର୍ଷ ୱାରି ଦେଖିଲେ ପ୍ରତିବର୍ଷ ରିଲିଫ୍ ଅର୍ଥର ପରିମାଣ ବଢ଼ିଚାଲିଛି। ୨୦୧୭-୧୮ ଆର୍ଥିକ ବର୍ଷରେ ୮୪୮.୬୮ କୋଟି ଟଙ୍କା ପ୍ରଦାନ କରାଯାଇଥିବାବେଳେ ୨୦୧୮-୧୯ରେ ରିଲିଫ୍ ସହାୟତା ପରିମାଣ ୧,୨୨୭.୯୨ କୋଟି ଟଙ୍କାକୁ ବୃଦ୍ଧି ପାଇଥିଲା। ୨୦୧୯-୨୦ ଆର୍ଥିକ ବର୍ଷରେ ଏହା ୨,୩୪୦.୨୯ କୋଟି ଟଙ୍କାକୁ ଛୁଇଁଥିଲା। ତେବେ ୨୦୨୦-୨୧ ଏବଂ ୨୦୨୧-୨୨ରେ ରିଲିଫ୍ ବାବଦକୁ ପ୍ରଦାନ କରାଯାଇଥିବା ଅର୍ଥର ପରିମାଣ ହେଉଛି ଯଥାକ୍ରମେ ୪୨୩.୧୦ କୋଟି ଓ ୬୩୯.୦୩ କୋଟି ଟଙ୍କା। ଉପରୋକ୍ତ ୫ ବର୍ଷ ମଧ୍ୟରେ ଓଡ଼ିଶା ସାମ୍ନା କରିଥିବା ସାମୁଦ୍ରିକ ଝଡ଼ ମଧ୍ୟରୁ ୨୦୧୮ର ତିତ୍‌ଲି, ୨୦୧୯ର ଫନୀ, ୨୦୨୦ର ଅମ୍ଫାନ ଏବଂ ୨୦୨୧ର ୟାସ୍, ଗୁଲାବ ଓ ଜୱାଦ୍ ଅନ୍ୟତମ। ଏହି ଅବଧି ମଧ୍ୟରେ ଅନେକ ଜିଲାରେ କେବଳ ଅତ୍ୟଧିକ ବର୍ଷାଜନିତ ବିପ୍ଳାତ ନୁହେଁ, ବନ୍ୟା ଓ ମରୁଡ଼ି ମଧ୍ୟ ଦେଖିବାକୁ ମିଳିଛି। ଚଳିତ ବର୍ଷ ମଧ୍ୟ ରାଜ୍ୟର ଅନେକ ଜିଲା ବନ୍ୟାରେ ପ୍ରଭାବିତ ହୋଇଛି। ୨୦୧୯ରେ ସାମୁଦ୍ରିକ ଝଡ଼ ଫନୀ ପୁରୀ, ଖୋର୍ଦ୍ଧା, ନୟାଗଡ଼ ଓ କଟକ ଭଳି ଉପକୂଳ ଜିଲାଗୁଡ଼ିକ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଏହି ଅବଧି ମଧ୍ୟରେ ଫନୀ ପ୍ରଭାବିତ ପୁରୀ ଜିଲାକୁ ସର୍ବାଧିକ ୧୪୩୯.୪୭ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି ତିତ୍‌ଲି ଦ୍ୱାରା ସବୁଠୁ ବେଶି ପ୍ରଭାବିତ ହୋଇଥିବା ଗଞ୍ଜାମ ଜିଲାକୁ ସର୍ବାଧିକ ୮୦୮.୬୯ କୋଟି ଟଙ୍କା ସହାୟତା ଦିଆଯାଇଥିବା ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରିଲିଫ୍ ବଣ୍ଟନ ଓ ବିପନ୍ନଙ୍କୁ କ୍ଷତିପୂରଣ ଲାଗି ☞ପୃଷ୍ଠା-୪

## ବଜ୍ରପାତ ନେଲା ୫ ଜୀବନ

ବାରିପଦା/ଝାରସୁଗୁଡ଼ା ଅଫିସ୍,୨୮।୮

ବଜ୍ରପାତରେ ରବିବାର ବିଭିନ୍ନ ସ୍ଥାନରେ ୫ଜଣଙ୍କ ଜୀବନ ଯାଇଛି। ମୟୂରଭଞ୍ଜ ଜିଲାର ୨ଟି ସ୍ଥାନରେ ବଜ୍ରପାତରେ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଝାରସୁଗଡ଼ାରେ ମା'ପୁଅଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମୃତକମାନେ ହେଲେ ମୟୂରଭଞ୍ଜ ଜିଲା ବହଳଦା ଥାନା ବାଗଡେଗା ନିମିଡିହି ଗ୍ରାମର ଗୋପୀ ମୁଣ୍ଡାଙ୍କ ସ୍ତ୍ରୀ ରାଣୀ(୨୫), ଝିଆରୀ ପାନ ମୁଣ୍ଡା(୭), ତିରିଂ ଥାନା କୁଲୁଘୁଟୁ ପଞ୍ଚାୟତ ବାରୁଡିହୀ ଗ୍ରାମର ଶ୍ୟାମ ଚରଣ ପୂର୍ତ୍ତି(୨୬), ଝାରସୁଗଡ଼ା ଜିଲା ଦର୍ଲିପାଲି ଗ୍ରାମର କସ୍ତୁରୀ ରୋହିଦାସ(୫୦) ଏବଂ ତାଙ୍କ ପୁଅ ଡୋଲାମଣି ରୋହିଦାସ (୨୭)। ☞ପୃଷ୍ଠା-୪

## ୯ ସେକେଣ୍ଡରେ ଧରାଶାୟୀ

ନୂଆଦିଲ୍ଲୀ, ୨୮।୮

- ଟୁଇନ୍ ଟାୱାରରେ ଖଞ୍ଜାଯାଇଥିଲା ୩,୭୦୦ ବିସ୍ଫୋରକ
- ୩ ଅଗ୍ନି କ୍ଷେପଣାସ୍ତ୍ରଠାରୁ ଅଧିକ ଶକ୍ତିଶାଳୀ
- ବେଆଇନ ନିର୍ମାଣ ଭଙ୍ଗ ପାଇଁ ସୁପ୍ରିମକୋର୍ଟ ଦେଇଥିଲେ ନିର୍ଦ୍ଦେଶ

ଉତ୍ତରପ୍ରଦେଶର ନୋଏଡ଼ା ସେକ୍ଟର ୯୩-ଏ ସ୍ଥିତ ପ୍ରାୟ ୧୦୦ ମିଟର ଉଚ୍ଚତାବିଶିଷ୍ଟ ସୁପରଟେକ୍ ଟୁଇନ ଟାୱାର ରବିବାର ମାତ୍ର ୯ ସେକେଣ୍ଡରେ ଧ୍ୱଂସାବଶେଷରେ ପରିଣତ ହୋଇଛି। ଅପରାହ୍ନ ପ୍ରାୟ ସାଢ଼େ ୨ଟାରେ ୩୨ ମହଲାର ଆପେକ୍ସ ଟାୱାର ଏବଂ ୨୯ ମହଲା ବିଶିଷ୍ଟ ସିୟାନେ ଟାୱାରକୁ ବିସ୍ଫୋରକ ମାଧ୍ୟମରେ ଧ୍ୱଂସ କରାଯାଇଛି। ଏଥିପାଇଁ ୩,୭୦୦ କେ.ଜି. ଏକ୍ସପ୍ଲୋସିଭ୍ ବ୍ୟବହାର ହୋଇଥିଲା। କୁତବମିନାରଠାରୁ ବଡ଼ ବେଆଇନ ଭାବେ ନିର୍ମିତ ଏତେ ବଡ଼ ଅଟ୍ଟାଳିକା ଭଙ୍ଗାଯିବା ଦେଶର ପ୍ରଥମ ଘଟଣା। ଏଥିପାଇଁ ସ୍ୱତନ୍ତ୍ର ଭାବେ ଇମ୍ପ୍ଲୋଜନ୍ ଟେକ୍‌ନିକ୍ ବ୍ୟବହାର ହୋଇଥିଲା।

ପ୍ରାୟ ଦଶନ୍ଧି ଧରି ଚାଲିଥିବା ଆଇନଗତ ଲଢ଼େଇରେ ସୁପ୍ରିମକୋର୍ଟ ସୁପରଟେକ୍ ଟାୱାରକୁ ଭାଙ୍ଗିବା ପାଇଁ ୨୦୨୧ ଅଗଷ୍ଟ ୩୧ରେ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ବିରାଟକାୟ ଅଟ୍ଟାଳିକାକୁ ଭାଙ୍ଗିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ନୋଏଡ଼ା ଏବଂ ଗ୍ରେଟର ନୋଏଡ଼ାକୁ ସଂଯୋଗ କରୁଥିବା ଏକ୍ସପ୍ରେସ୍ ୱେ ନିକଟରେ ନିର୍ମିତ ଏହି ଟୁଇନ୍ ଟାୱାରକୁ ଧ୍ୱଂସ କରିବା ନିମନ୍ତେ ମୁମ୍ବାଇର ଏଡିଫିସ୍ ଇଞ୍ଜିନିୟରିଂ ଏବଂ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ସ୍ୱାଗତିକା କିଏ

**ଜାତୀୟ କ୍ରୀଡ଼ା ଦିବସ ବିଶେଷ**

☞ପୃଷ୍ଠା-୧୨







## ଅକ୍ଟୋବର ୧୭ରେ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ

ନୂଆଦିଲ୍ଲୀ,୨୮।୮ (ପି.ଟି.)

- ସେପ୍ଟେମ୍ବର ୨୪ରୁ ନାମାଙ୍କନ ପତ୍ର ଦାଖଲ

ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟାଇ କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଆଗାମୀ ଅକ୍ଟୋବର ୧୭ରେ କରିବା ପାଇଁ ରବିବାର ଦଳ ପକ୍ଷରୁ ଘୋଷଣା କରାଯାଇଛି। ଦୁଇଦିନ ପରେ ଅର୍ଥାତ୍ ଅକ୍ଟୋବର ୧୯ରେ ଫଳାଫଳ ପ୍ରକାଶ ପାଇବ। ନିର୍ବାଚନ ଲାଗି ସେପ୍ଟେମ୍ବର ୨୨ରେ ବିଜ୍ଞପ୍ତି ପ୍ରକାଶ ପାଇବାକୁ ଥିବାବେଳେ ସେପ୍ଟେମ୍ବର ୨୪ରୁ ୩୦ ମଧ୍ୟରେ ନାମାଙ୍କନ ପତ୍ର ଦାଖଲ କରାଯିବ ବୋଲି ଦଳର କେନ୍ଦ୍ରୀୟ ନିର୍ବାଚନ କର୍ତ୍ତୃପକ୍ଷ ଅଧ୍ୟକ୍ଷ ମଧୁସୂଦନ ମିସ୍ତ୍ରୀ କହିଛନ୍ତି। ରବିବାର ଅନୁଷ୍ଠିତ କଂଗ୍ରେସ କାର୍ଯ୍ୟକାରିଣୀ (ସିଡବ୍ଲ୍ୟୁସି)ର ଅନ୍‌ଲାଇନ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବରିଷ୍ଠ କଂଗ୍ରେସ ନେତା ଗୁଲାମ ନବୀ ଆଜାଦ ଗତ ଶୁକ୍ରବାର ଦଳ ଛାଡ଼ିଥିଲେ। ଦଳରେ ବିଚାରବିମର୍ଶ ବ୍ୟବସ୍ଥା ସମ୍ପୂର୍ଣ୍ଣ ଧ୍ୱଂସ ପାଇଁ ☞ପୃଷ୍ଠା-୪

# ଅଟୋରିକ୍ସା ଉପରେ ଚଢ଼ିଗଲା ଟ୍ରକ୍

## ଚାଳକଙ୍କ ସମେତ ୫ମୃତ

କାମାକ୍ଷାନଗର, ୨୮।୮(ଡି.ଏନ୍.ଏ.)

- ଏନ୍‌ଏଚ୍ ୫୩ରେ ଛାତିଥରା ଦୁର୍ଘଟଣା
- କାମାକ୍ଷାନଗରର ବାଙ୍ଗୁରା ଗ୍ରାମ ସ୍ତବ୍ଧ
- ମୃତକଙ୍କ ମଧ୍ୟରେ ପରିବାରର ୩
- ଅଧାରେ ରହିଲା ଟୋଲ ପେଡ଼ା
- ମୁଖ୍ୟମନ୍ତ୍ରୀ ଘୋଷଣା କଲେ କ୍ଷତିପୂରଣ

ଭୋର୍‌ରୁ ମହୁଲ ଫଳ (ଟୋଲ) ପେଡ଼ାଇବା ଲାଗି ବାହାରିଥିଲେ ଘଣାକୁ। ହେଲେ ଏହି ଯାତ୍ରା ଯେ ସେମାନଙ୍କ ପାଇଁ ଶେଷଯାତ୍ରା ପାଲଟିଯିବ ଏ କଥା ଜାଣି ନ ଥିଲେ ସେମାନେ। ଲକ୍ଷ୍ୟସ୍ଥଳରୁ ମାତ୍ର ଗୋଟିଏ କିଲୋମିଟର ପୂର୍ବରୁ ମୃତ୍ୟୁ ଦାନବ ପରି ମାଡ଼ିଆସିଲା କୋଇଲା ବୋଝେଇ ଟ୍ରକ୍।



ଦୁର୍ଘଟଣାରେ ଅଟୋରିକ୍ସା ଚୂରମାର୍ ହୋଇଯାଇଛି।

ଏବଂ ଏଥିରେ ଅକାଳରେ ଲିଭିଗଲା ୫ ଜୀବନ ଦୀପ। ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅଧୀନ ଜାତୀୟ ରାଜପଥ ୫୩ର ପଥରଖମ୍ବ ଛକ ନିକଟରେ ରବିବାର ଘଟିଛି ଏଭଳି ଏକ ହୃଦୟ ବିଦାରକ ଦୁର୍ଘଟଣା। ସମସ୍ତ ମୃତକଙ୍କ ଘର ବାଙ୍ଗୁରା ଗ୍ରାମରେ ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ଅଛନ୍ତି ଗୋଟିଏ ପରିବାରର ବାପପୁଅଙ୍କ ସମେତ ୩ ଜଣ। ଏଭଳି ଦୁଃଖଦ ଘଟଣାରେ ସ୍ତବ୍ଧ ପାଲଟିଯାଇଛି ସମଗ୍ର ଗାଁ। ମୃତକଙ୍କ ସମ୍ପର୍କୀୟଙ୍କ ବୁକୁଫଟା ଚିତ୍କାର ପରିବେଶକୁ ଭାବଗମ୍ଭୀର କରିଦେଇଥିବାବେଳେ ଗାଁ ଶ୍ମଶାନରେ ଜଳିଛି ସମସ୍ତଙ୍କ ଜୁଇ। ଦୁର୍ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଖଣି ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ☞ପୃଷ୍ଠା-୪




## ୨୦୪୭ ସୁଦ୍ଧା ବିକଶିତ ରାଷ୍ଟ୍ର ହେବ ଭାରତ: ମୋଦି

୨୦୪୭ ସୁଦ୍ଧା ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ପ୍ରତିଶ୍ରୁତି ଦେଇଛନ୍ତି। ୨୦୦୧ର ପ୍ରଳୟଙ୍କରୀ ଭୂକମ୍ପରେ ଧ୍ୱସ୍ତ ଗୁଜରାଟର ଭୁଜ୍ ସହରରେ ମୋଦି କହିଛନ୍ତି, ୨୦୨୨ ସୁଦ୍ଧା ଉକ୍ତ ଜିଲା ବିକଶିତ ହୋଇଯିବ ବୋଲି ସେ ଦେଇଥିବା ପ୍ରତିଶ୍ରୁତି ବାସ୍ତବରେ ପରିଣତ ହୋଇଛି। ୨୦୪୭ରେ ଭାରତ ନିଶ୍ଚୟ ବିକଶିତ ରାଷ୍ଟ୍ରରେ ପରିଣତ ହେବ। ଏହି ଅବସରରେ ସେ ଭୁଜ୍‌ରେ 'ସ୍ମୃତି ବନ' ଏବଂ ଅଞ୍ଜରରେ 'ବୀର ବାଳକ ସ୍ମାରକ'କୁ ଉଦ୍‌ଘାଟନ କରିଥିଲେ।

# ଟାଇୱାନ୍ ପ୍ରଣାଳୀରେ ଆମେରିକା ଯୁଦ୍ଧଜାହାଜ

ଟାଇପେଇ/ବେଜିଂ/ୱାଶିଂଟନ,୨୮।୮

■ଚାଇନା ନଜରରେ ୱାର୍‌ଶିପ୍ ଗତିବିଧି
■ଆହୁରି ବଢ଼ିପାରେ ଉତ୍ତେଜନା

ଆମେରିକାର ଦୁଇଟି ଯୁଦ୍ଧଜାହାଜ ରବିବାର ଟାଇୱାନ୍ ପ୍ରଣାଳୀରେ ପ୍ରବେଶ କରିଛି। ହାଉସ୍ ସ୍ପିକର ନାନ୍ସି ପେଲୋସିଙ୍କ ଟାଇପେଇ ଗସ୍ତ ପରେ ଟାଇୱାନ୍-ଚାଇନା ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇବା ପରେ ଦୁଇଦେଶ ମଝିରେ ଥିବା ବିସ୍ତୃତ ଜଳରାଶିକୁ କୌଣସି ଆମେରିକୀୟ ଯୁଦ୍ଧଜାହାଜ ପ୍ରବେଶ କରିବାର ଏହା ହେଉଛି ପ୍ରଥମ ଘଟଣା। ଏହି ୱାର୍‌ଶିପ୍‌ର ଗତିବିଧି ଉପରେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ) କଡ଼ା ନଜର ରଖିଛି।

ଟାଇୱାନ୍ ନିଜକୁ ଏକ ସ୍ୱତନ୍ତ୍ର ଓ ସ୍ୱାଧୀନ ରାଷ୍ଟ୍ର ବୋଲି ବିବେଚନା କରୁଥିବାବେଳେ ବେଜିଂ ଏହାକୁ ନିଜ ମୂଳ ଭୂଖଣ୍ଡର ଅଂଶବିଶେଷ ବୋଲି ଦାବି କରିଥାଏ। ବେଜିଂର ବିନା ଅନୁମତିରେ କୌଣସି ବିଦେଶୀ ନେତାଙ୍କ ଟାଇୱାନ୍ ଗସ୍ତକୁ ମଧ୍ୟ ଚାଇନା ବିରୋଧ କରିଥାଏ। ଚାଇନାର ଘୋର ବିରୋଧ ସତ୍ତ୍ୱେ ଅଗଷ୍ଟ ୩ରେ ଆମେରିକା ପ୍ରତିନିଧି ସଭାର ସ୍ପିକର ନାନ୍ସି ପେଲୋସିଙ୍କ ନେତୃତ୍ୱରେ କଂଗ୍ରେସ ପ୍ରତିନିଧି ଦଳ ଟାଇୱାନ୍ ଗସ୍ତ କରିଥିଲେ। ଏହାକୁ ନେଇ କ୍ଷୁବ୍ଧ ଚାଇନା ଟାଇୱାନ୍ ପ୍ରଣାଳୀରେ ସମରାଭ୍ୟାସ କରି ଟାଇପେଇକୁ ନାଲିଆଖି ଦେଖାଇବା ସହ ଆମେରିକାକୁ ଖୋଲା ଚ୍ୟାଲେଞ୍ଜ କରିଥିଲା। ସମୁଦ୍ରରେ ଯୁଦ୍ଧଜାହାଜ ମୁତୟନ କରିବା ସହ ମେଡିଆନ୍ ଲାଇନ୍ ବା ମଧ୍ୟବର୍ତ୍ତୀ ସୀମାକୁ ପିଏଲ୍ଏର ଯୁଦ୍ଧବିମାନ ଅତିକ୍ରମ କରିଥିଲା। ସମରାଭ୍ୟାସ ବେଳେ କେତେକ ଦୂରଗାମୀ କ୍ଷେପଣାସ୍ତ୍ର ମଧ୍ୟ ପରୀକ୍ଷଣ କରିଥିଲା, ଯାହାକୁ ଟାଇୱାନ୍ ନିଜ ପ୍ରତି ବିପଦ ବୋଲି ଦର୍ଶାଇଥିଲା। ଏହାର ମାସେ ନ ବିତୁଣୁ ଆମେରିକା ନୌସେନାର ଟିକୋଣ୍ଡେରୋଗା-କ୍ଲାସ୍ ଗାଇଡେଡ୍ ମିଶାଇଲ୍ କ୍ରୁଜର ୟୁଏସ୍ଏସ୍ ଆଣ୍ଟାଇଏଟମ୍ (ସିଜି ୫୪) ଯୁଦ୍ଧଜାହାଜ ଟାଇୱାନ୍ ପ୍ରଣାଳୀରେ ଅପରେଶନ୍ ଆରମ୍ଭ କରିଛି। ତେବେ ଏହାକୁ ଆମେରିକା ନୌସେନାର ସପ୍ତମ ଫ୍ଲିଟ୍ ଏକ 'ରୁଟିନ୍ ମିଶନ୍' ବୋଲି ଅଭିହିତ କରିଛି। ଅନ୍ତର୍ଜାତୀୟ ଜଳରାଶି ଉପରେ ଏହି ଯୁଦ୍ଧଜାହାଜ ଦ୍ୱୟର ପ୍ରବେଶ ଏକ ମୁକ୍ତ ଓ ଖୋଲା ଭାରତ-ପ୍ରଶାନ୍ତ



ଟାଇୱାନ୍ ପ୍ରଣାଳୀରେ ରବିବାର ଟିକୋଣ୍ଡେରୋଗା-କ୍ଲାସ୍ ଗାଇଡେଡ୍ ମିଶାଇଲ୍ କ୍ରୁଜର ୟୁଏସ୍ଏସ୍ ଆଣ୍ଟାଇଏଟମ୍ (ସିଜି ୫୪) ଯୁଦ୍ଧଜାହାଜର ଅପରେଶନ୍।

ମହାସାଗରୀୟ କ୍ଷେତ୍ର ପ୍ରତି ଆମେରିକାର ପ୍ରତିଶ୍ରୁତିବଦ୍ଧତାକୁ ଦର୍ଶାଉଛି ବୋଲି ଏକ ବିବୃତିରେ କୁହାଯାଇଛି। ଟାଇୱାନ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ଦୁଇ ଜାହାଜ ଉପରେ ନଜର ରଖିଥିବା କହିଛି। ଟାଇୱାନ୍ ପ୍ରତିରକ୍ଷା ମନ୍ତ୍ରୀ ଜେସେଫ୍ ୱୁ ଶୁକ୍ରବାର କହିଥିଲେ, ଟାଇୱାନ୍ ନିକଟରେ ଚାଇନାର ସମରାଭ୍ୟାସ ଟାଇୱାନ୍ ପ୍ରଣାଳୀର ଅନ୍ତର୍ଜାତୀୟ ଜଳରାଶି ଉପରୁ ଟାଇପେଇକୁ ନିବୃତ୍ତ ରଖିବା ପାଇଁ ଉଦ୍ଦିଷ୍ଟ ଥିଲା। ଏପ୍ରକାର ଏକ୍ସରସାଇଜ୍ ସ୍ଥିତାବସ୍ଥା ପାଇଁ ଆହ୍ୱାନ ସୃଷ୍ଟି କରିଛି। ପ୍ରକାଶ ଯେ, ୧୯୪୯ ମସିହା ପରଠାରୁ ଟାଇୱାନ୍‌ରେ ସ୍ୱାଧୀନ ସରକାର ଚାଲିଛି। କିନ୍ତୁ ଚାଇନା ଏହାକୁ ବଳପୂର୍ବକ ନିଜ ଦଖଲକୁ ନେବାକୁ ଉଦ୍ୟମ ଜାରି ରଖିଛି। ଆମେରିକୀୟ ଯୁଦ୍ଧଜାହାଜ ସମ୍ପୃକ୍ତ କ୍ଷେତ୍ରକୁ ପ୍ରବେଶ କରିବା ପରେ ପିଏଲ୍ଏର ଇଷ୍ଟର୍ନ ଥିଏଟର କମାଣ୍ଡ (ଇଟିସି) ପକ୍ଷରୁ ରବିବାର ଏକ ବିବୃତି ଜାରି କରାଯାଇଛି। ଦୁଇ ୱାର୍‌ଶିପ୍‌ର ସମ୍ପୂର୍ଣ୍ଣ ଗତିବିଧି ଉପରେ ବେଜିଂର କଡ଼ା ନଜର ରହିଛି। କୌଣସି ପ୍ରକାର ଉତ୍ତେଜନାମୂଳକ ପଦକ୍ଷେପକୁ ଏଡ଼ାଇବା ପାଇଁ ପିଏଲ୍ଏ ଇଷ୍ଟର୍ନ ଥିଏଟର କମାଣ୍ଡ ସୈନ୍ୟମାନେ ହାଇଆଲର୍ଟରେ ଥିବା ଇଟିସି ମୁଖପାତ୍ର କଲୋନେଲ ଶି ୱିଙ୍ଗ୍ କହିଛନ୍ତି। ସେହିପରି ଚାଇନାର ସରକାରୀ ଗଣମାଧ୍ୟମ 'ଗ୍ଲୋବାଲ ଟାଇମ୍ସ' ଆମେରିକାର ଏଭଳି ପଦକ୍ଷେପକୁ ସମାଲୋଚନା କରିଛି। ୱାଶିଂଟନ୍ ଟାଇୱାନ୍ କର୍ତ୍ତୃପକ୍ଷ ଓ କ୍ଷେତ୍ରୀୟ ସହଯୋଗୀଙ୍କୁ ସନ୍ତୁଷ୍ଟ କରି ଚାଇନାର କୌଣସି ଚାପ ଆଗରେ ମୁଣ୍ଡ ନୁଆଁଉନାହିଁ ବୋଲି ସନ୍ଦେଶ ଦେବା ନିମନ୍ତେ ଏହା ଉଦ୍ଦିଷ୍ଟ। ଏଥିଯୋଗୁ ଉତ୍ତେଜନା ଆହୁରି ବଢ଼ିବ ବୋଲି ଗ୍ଲୋବାଲ ଟାଇମ୍ସର ଏକ ସ୍ତମ୍ଭରେ ଉଲ୍ଲେଖ କରାଯାଇଛି। ୨୦୧୨ ପରଠାରୁ ଅଦ୍ୟାବଧି ଚାଇନାର ଦାବିକୁ ଚ୍ୟାଲେଞ୍ଜ କରି ଆମେରିକାର ଶତାଧିକ ଯୁଦ୍ଧଜାହାଜ ଟାଇୱାନ୍ ପ୍ରଣାଳୀରେ ଅପରେଶନ୍ କରିଥିବା ଜଣାପଡ଼ିଛି। କେବଳ ଏତିକି ନୁହେଁ, ବିବାଦୀୟ ଦକ୍ଷିଣ ଚାଇନା ସାଗର(ଏସ୍‌ସିଏସ୍)ରେ ମଧ୍ୟ ଆମେରିକା ଅନୁରୂପ ଅପରେଶନ୍ ଚଳାଇଛି, ଯାହାକୁ ଚାଇନା ନିଜର ଦାବି କରି ଆଧିପତ୍ୟ ବିସ୍ତାର କରିଥାଏ। ଏସ୍‌ସିଏସ୍‌କୁ ନେଇ ଚାଇନା ସହ ଫିଲିପାଇନ୍ସ, ଭିଏତ୍‌ନାମ, ମାଲେସିଆ, ବ୍ରୁନେଇ ଓ ଟାଇୱାନ୍ ମଧ୍ୟରେ ବିବାଦ ଲାଗିରହିଥିବାବେଳେ ଆମେରିକାର ଦୁଃସାହସିକ ଅପରେଶନ୍ ଆଗକୁ ଅଧିକ ଜଟିଳ ସ୍ଥିତି ଉପୁଜାଇପାରେ।

## ସଂକ୍ଷେପରେ

### ପାକ୍ ବନ୍ୟା ମୃତ୍ୟୁସଂଖ୍ୟା ହଜାରେ ଟପିଲା

ଇସ୍‌ଲାମାବାଦ, ୨୮।୮: ପାକିସ୍ତାନରେ ବନ୍ୟା ବିପର୍ଯ୍ୟୟରେ ଗତ ୨୪ ଘଣ୍ଟାରେ ଆଉ ୧୧୯ ଜଣଙ୍କ ମୃତ୍ୟୁ ଘଟିଛି। ଗତ ଜୁନ୍‌ରୁ ବର୍ଷା ବିପ୍ରାତଜନିତ ମୋଟ ମୃତ୍ୟୁସଂଖ୍ୟା ୧,୦୩୩ରେ ପହଞ୍ଚିଥିବା ରବିବାର ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍ଏ) ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟୂନ ୧୫୨୭ ଜଣ ଆହତ ହୋଇଛନ୍ତି। ଦିନକରେ କେବଳ ସିନ୍ଧ୍ ପ୍ରଦେଶରେ ୭୬ ଜଣଙ୍କ ଜୀବନ ଯାଇଛି। ମୋଟ ମୃତକଙ୍କ ମଧ୍ୟରେ ସିନ୍ଧର ୩୪୭, ବାଲୁଚିସ୍ତାନର ୨୩୮, ଖାଇବର-ପାଖ୍‌ତୁନ୍‌ଖ୍ୱାର ୨୨୬, ପଞ୍ଜାବର ୧୬୮ ଜଣ ରହିଛନ୍ତି। ଦେଶର ପ୍ରାୟ ୩,୪୫୧ କିଲୋମିଟର ରାସ୍ତା ନଷ୍ଟ ହୋଇଛି। ୧୪୭ ପୋଲ ଭାଙ୍ଗିଯାଇଛି। ୯,୪୯,୮୫୮ ଘର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।

### ହାଇଦ୍ରାବାଦ ଆର୍କବିଶପ ହେଲେ ଭାଟିକାନ କାର୍ଡିନାଲ

ହାଇଦ୍ରାବାଦ,୨୮।୮: ହାଇଦ୍ରାବାଦର ଆର୍କବିଶପ ପୁଲା ଆନ୍ଥୋନୀ ଭାଟିକାନର କାର୍ଡିନାଲ ଭାବେ ଅବସ୍ଥାପିତ ହୋଇଛନ୍ତି। ଏଭଳି ପଦବୀ ପାଇବାରେ ଆନ୍ଥୋନୀ ପ୍ରଥମ ତେଲୁଗୁ ଏବଂ ପ୍ରଥମ ଦଳିତ ବ୍ୟକ୍ତି। ଏଥିପାଇଁ ଭାଟିକାନ ସିଟିରେ ଥିବା ସେଣ୍ଟ ପିଟର୍ସ ବାସିଲିକାରେ ଶନିବାର ଅନୁଷ୍ଠିତ ଉତ୍ସବରେ ପୋପ୍ ଫ୍ରାନ୍ସିସ୍ ଅଧ୍ୟକ୍ଷତା କରିଥିଲେ। ଏହା ହାଇଦ୍ରାବାଦ, ତେଲୁଗୁ ରାଜ୍ୟ ଏବଂ ଭାରତ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ଯେ ହାଇଦ୍ରାବାଦର ଆର୍କବିଶପ ରୋମାନ ପଣ୍ଟିଫ୍‌ର କାର୍ଡିନାଲ କଲେଜରେ ସାମିଲ ହୋଇପାରିଛନ୍ତି। ୬୦ ବର୍ଷୀୟ ଆନ୍ଥୋନୀଙ୍କ ଘର ଆନ୍ଧ୍ରପ୍ରଦେଶର କୁର୍ନୁଲ ଜିଲାରେ। ଗତ ମେ'ରେ ସେ ପୋପ୍‌ଙ୍କ ଦ୍ୱାରା କାର୍ଡିନାଲ ଭାବେ ପଦୋନ୍ନତି ପାଇଥିଲେ। ଆନ୍ଥୋନୀ ୧୯୯୨ ଫେବୃୟାରୀରେ ପ୍ରିଷ୍ଟ, ୨୦୦୮ ଫେବୃୟାରୀରେ କୁର୍ନୁଲର ବିଶପ, ୨୦୨୦ ନଭେମ୍ବରରେ ହାଇଦ୍ରାବାଦର ଆର୍କବିଶପ ହୋଇଥିଲେ।



ପୁଲା ଆନ୍ଥୋନୀ

### ସିବିଆଇକୁ ହସ୍ତାନ୍ତର ହେବ ସୋନାଲି ହତ୍ୟା ମାମଲା

ପଣଜୀ,୨୮।୮: ହରିୟାଣା ଭାଜପା ନେତ୍ରୀ ତଥା ଟିକ୍‌ଟକ୍ ଷ୍ଟାର ସୋନାଲି ଫୋଗଟ୍ ହତ୍ୟା ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର ହେବ ବୋଲି ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ ରବିବାର କହିଛନ୍ତି। ହରିୟାଣା ମୁଖ୍ୟମନ୍ତ୍ରୀ ମାମଲାର ସିବିଆଇ ତଦନ୍ତ ଲାଗି ତାଙ୍କୁ ଅନୁରୋଧ କରିଥିଲେ। ମାମଲା ସିବିଆଇକୁ ଦେବାରେ କୌଣସି ଅସୁବିଧା ନ ଥିବା ସାୱନ୍ତ ତାଙ୍କୁ କହିଥିବା ଜଣାପଡ଼ିଛି। ସୋନାଲି ହତ୍ୟାକୁ ନେଇ ଗୋଆ ପୋଲିସ ଦୁଇଟି ଅଲଗା ମାମଲା ରୁଜୁ କରିଛି। ତାଙ୍କର ଦୁଇ ସହଯୋଗୀ ସୁଧୀର ସଙ୍ଗ୍ୱାନ ଏବଂ ସୁଖୱିନ୍ଦର ସିଂଙ୍କୁ ପୋଲିସ ଗିରଫ କରିବା ପରେ ୧୦ ଦିନିଆ ରିମାଣ୍ଡରେ ନେଇଛି। ଏହା ବ୍ୟତୀତ ୫ ଜଣଙ୍କ ନାଁରେ ନାର୍କୋଟିକ ମାମଲା ରୁଜୁ ହେବା ସହ ୩ ଜଣଙ୍କୁ ଗିରଫ କରାଯାଇଛି।

## ମସ୍କଙ୍କ ଘରକୁ ଗଲେ ଗ୍ୟାରେଜରେ ଶୁଅନ୍ତି ମା'



ମା' ମାୟେ ମସ୍କଙ୍କ ସହ ଏଲନ୍ ମସ୍କ।

ୱାଶିଂଟନ୍, ୨୮।୮

ବିଲିୟନେୟାର ପୁଅ ଏଲନ ମସ୍କଙ୍କୁ ଦେଖାକରିବାକୁ ଟେକ୍ସାସ ଆସିବା ବେଳେ ମା' ମାୟେ ମସ୍କ ଗ୍ୟାରେଜରେ ଶୁଅନ୍ତି। ଏ ନେଇ ୭୪ ବର୍ଷୀୟା ମାୟେ ବ୍ରିଟେନର ଏକ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ କହିଛନ୍ତି। ମଡେଲ ତଥା ସାମାଜିକକର୍ମୀ ମାୟେ କହିଛନ୍ତି, ମସ୍କ ସମ୍ପତ୍ତିକୁ ସେତେ ଆଗ୍ରହ ଦେଖାନ୍ତି ନାହିଁ। ମାୟେ ସ୍ପେସ୍‌ଏକ୍ସ ମୁଖ୍ୟାଳୟ ଥିବା ଟେକ୍ସାସକୁ ଯିବାବେଳେ ତାଙ୍କ ଶୋଇବା ବ୍ୟବସ୍ଥା ଏକ ଗ୍ୟାରେଜରେ ହୋଇଥାଏ। କାରଣ ରକେଟ୍ ସାଇଟ୍‌ରେ ସୁନ୍ଦର ଘର ନିର୍ମାଣ କରିବା କଥା ନୁହେଁ। ପୂର୍ବରୁ ଏଲନ ମସ୍କ ମଧ୍ୟ ତାଙ୍କର ନିଜର ଘର ନ ଥିବା ଏବଂ ସେ ତାଙ୍କ ବନ୍ଧୁଙ୍କ ଘରେ ରହୁଥିବା କଥା କହିଥିଲେ। ତେବେ ମସ୍କ ସ୍ପେସ୍‌ଏକ୍ସର ଏକ ଭଡ଼ା ଘରେ ରହିଥିବା କଥା ପରେ କହିଥିଲେ। ପୁଅ ଭଳି ମଙ୍ଗଳକୁ ଯିବାକୁ ସେ ଆଗ୍ରହୀ ନ ଥିବା ମାୟେ କହିଛନ୍ତି। ଏଥିପାଇଁ ଅଲଗା ରହି ୬ ମାସ ଧରି ପ୍ରସ୍ତୁତି କରିବାକୁ ତାଙ୍କର ଇଚ୍ଛା ନ ଥିବା ସେ ପ୍ରକାଶ କରିଛନ୍ତି। ଏରୋଲ ମସ୍କଙ୍କ ପୂର୍ବତନ ସ୍ତ୍ରୀ ମାୟେଙ୍କ ୩ ସନ୍ତାନ ଅଛନ୍ତି। ସେମାନେ ହେଲେ ଏଲନ, କିମ୍ବାଲ ଏବଂ ଟୋସ୍କା।

## ସିବିଆଇକୁ ବିହାର ମନା

ପାଟନା,୨୮।୮

କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ରାଜନୈତିକ ଫାଇଦା ପାଇଁ ସିବିଆଇର ଦୁରୁପଯୋଗ କରୁଥିବାରୁ ବିହାରର ଶାସକ ମହାଗଠବନ୍ଧନର ନେତାମାନେ ଏହି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାକୁ ଦିଆଯାଇଥିବା ସାଧାରଣ ସହମତି ପ୍ରତ୍ୟାହାର କରିନେବା ଲାଗି ନିଷ୍ପତ୍ତି ନେଇଛନ୍ତି। ଦିଲ୍ଲୀ ସ୍ପେଶାଲ ପୋଲିସ ଏଷ୍ଟାବ୍ଲିଶମେଣ୍ଟ (ଡିଏସ୍‌ପିଇ) ଅଧିନିୟମ, ୧୯୪୬ର ଧାରା ୬ ଅନୁଯାୟୀ ସିବିଆଇ କୌଣସି ରାଜ୍ୟ ମଧ୍ୟରେ ତଦନ୍ତ କରିବା ପାଇଁ ସେହି ସରକାରଙ୍କ ସହମତି ଆବଶ୍ୟକ କରିଥାଏ। ପୂର୍ବରୁ ପଶ୍ଚିମବଙ୍ଗ, ଛତିଶଗଡ଼, ରାଜସ୍ଥାନ, ପଞ୍ଜାବ, ମେଘାଳୟ ପ୍ରମୁଖ ୯ ରାଜ୍ୟ ସିବିଆଇଠାରୁ ସାଧାରଣ ସହମତି ଫେରାଇ ନେଇଛନ୍ତି। ଭାଜପା ସିବିଆଇ ଭଳି କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ଏହାର ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ଟାର୍ଗେଟ କରୁଥିବା ଆର୍‌ଜେଡି ନେତା ଶିବାନନ୍ଦ ତିୱାରୀ କହିଛନ୍ତି। ତେଣୁ ସିବିଆଇଠାରୁ ମହାଗଠବନ୍ଧନ ସରକାର ସାଧାରଣ ସହମତି ପ୍ରତ୍ୟାହାର କରିନେବା ଜରୁରୀ। ଏନ୍‌ଡିଏ ଶାସନ କାଳରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକ ସେମାନଙ୍କର ବିଶ୍ୱସନୀୟତା ହରାଇଥିବା ଆର୍‌ଜେଡି ନେତା କହିଛନ୍ତି। ସହମତି ପ୍ରତ୍ୟାହାର କରିନେବାର ଏହା ପ୍ରକୃଷ୍ଟ ସମୟ ବୋଲି ଜେଡିୟୁ କହିଛି।

## ଫରେନ୍ସିକ୍ ତଦନ୍ତ ବାଧ୍ୟତାମୂଳକ ହେବ

୬ ବର୍ଷରୁ ଊର୍ଦ୍ଧ୍ୱ ଦଣ୍ଡର ଅପରାଧ ପାଇଁ

ଗାନ୍ଧୀନଗର,୨୮।୮

ଯେଉଁ ଅପରାଧ ଘଟାଇଲେ ଦୋଷୀଙ୍କୁ ୬ ବର୍ଷରୁ ଅଧିକ ଅବଧିର ଦଣ୍ଡ ଦିଆଯାଇଥାଏ, ତାହାର ତଦନ୍ତରେ ଫରେନ୍ସିକ୍ ଯାଞ୍ଚକୁ ବାଧ୍ୟତାମୂଳକ କରାଯିବ। କେନ୍ଦ୍ର ସରକାର ଅପରାଧଗୁଡ଼ିକରେ ଦଣ୍ଡବିଧାନ ହାର ବୃଦ୍ଧି ପାଇଁ ଏହି ନିଷ୍ପତ୍ତି ନେବାକୁ ଗମ୍ଭୀରତା ସହ ବିଚାର କରୁଥିବା ରବିବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସୂଚନା ଦେଇଛନ୍ତି। ଗୁଜରାଟ ଗାନ୍ଧୀନଗରସ୍ଥିତ ନ୍ୟାଶନାଲ ଫରେନ୍ସିକ୍ ସାଇନ୍ସେସ୍ ୟୁନିଭର୍ସିଟି (ଏନ୍ଏଫ୍ଏସ୍‌ୟୁ)ର ପ୍ରଥମ ସମାବର୍ତ୍ତନ ଉତ୍ସବରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ମୁଖ୍ୟ ଅତିଥି ରୂପେ ଯୋଗଦେଇଛନ୍ତି। ଏହି ଅବସରରେ ସ୍ନାତକ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି ସେ କହିଛନ୍ତି, କେନ୍ଦ୍ର ସରକାର ଦେଶର ପ୍ରତ୍ୟେକ ଜିଲାକୁ ଫରେନ୍ସିକ୍ ମୋବାଇଲ ଇନ୍‌ଭେଷ୍ଟିଗେଶନ ଫାସିଲିଟି ଯୋଗାଇଦେବେ। ଏଥିସହ ତଦନ୍ତର ସ୍ୱାଧୀନତା ଓ ନିରପେକ୍ଷତାକୁ ସୁନିଶ୍ଚିତ କରିବା ଲାଗି ସ୍ୱତନ୍ତ୍ର ଆଇନଗତ ଢାଞ୍ଚା ନିର୍ମାଣ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାର ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି), ଆପରାଧିକ ଦଣ୍ଡ ସଂହିତା (ସିଆର୍‌ପିସି) ଏବଂ ସାକ୍ଷ୍ୟପ୍ରମାଣ ଆଇନରେ ମଧ୍ୟ ସଂଶୋଧନ ଆଣିବାକୁ ଯାଉଛନ୍ତି। ଏଥି ସକାଶେ ବିଶେଷଜ୍ଞ ଓ ଆଇନଜ୍ଞମାନଙ୍କ ପରାମର୍ଶ ନିଆଯାଉଛି। ଦେଶ ସ୍ୱାଧୀନ ହେବା ପରଠାରୁ ଏହି ଆଇନଗୁଡ଼ିକୁ କେହି ଭାରତୀୟ ଦୃଷ୍ଟିକୋଣରୁ ଦେଖୁ ନ ଥିବାରୁ ଏଥିରେ ସଂଶୋଧନ ଜରୁରୀ ହୋଇପଡ଼ିଥିବା ଶାହା କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ଆହୁରି କହିଛନ୍ତି, ଯେତେବେଳେ ୬ ବର୍ଷରୁ ଅଧି ଅବଧିର ଦଣ୍ଡବିଧାନ ହେଉଥିବା ଅପରାଧ କ୍ଷେତ୍ରରେ ଫରେନ୍ସିକ୍ ସାଇନ୍ସକୁ ବାଧ୍ୟତାମୂଳକ କରାଯିବ ସେତେବେଳେ ବହୁ ସଂଖ୍ୟକ ଫରେନ୍ସିକ୍ ସାଇନ୍ସ ଏକ୍ସପର୍ଟ ଗ୍ରାଜୁଏଟ୍ ଆବଶ୍ୟକ ହେବ। ସେହି ସମୟରେ ଏନ୍ଏଫ୍ଏସ୍‌ୟୁର କୌଣସି ଛାତ୍ରୀଛାତ୍ର ନିଯୁକ୍ତି ନ ପାଇ ରହିବେ ନାହିଁ।

## ପକ୍ଷୀ ଉପରେ ବସି ଜେଲ ବାହାରକୁ ଯାଉଥିଲେ ସାବରକର

କର୍ଣ୍ଣାଟକ ସ୍କୁଲ ବହିରେ ବିବାଦୀୟ ବିଷୟ

ବେଙ୍ଗାଲୁରୁ,୨୮।୮

ଭାଜପା ନେତୃତ୍ୱାଧୀନ ସରକାର ଇତିହାସର ପୁନର୍ଲିଖନ ପ୍ରୟାସ କରୁଥିବାରୁ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। କର୍ଣ୍ଣାଟକ ପାଠ୍ୟପୁସ୍ତକ ସଂଶୋଧନ କମିଟି ଅଷ୍ଟମ ଶ୍ରେଣୀ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଇତିହାସ ବହିରେ ବିନାୟକ ଦାମୋଦର ସାବରକରଙ୍କ ଉପରେ ଏକ ଅଧ୍ୟାୟ ସଂଯୋଗ କରିଛି। ସାବରକର ଆଣ୍ଡାମାନ ଜେଲରେ ବନ୍ଦୀ ଜୀବନ ବିତାଉଥିବାବେଳେ ସେ ଏକ ପକ୍ଷୀ ଡେଣାରେ ବସି ନିୟମିତ ନିଜ ଜନ୍ମଭୂମିକୁ ଭ୍ରମଣ କରିବାକୁ ଯାଉଥିଲେ



ବୋଲି ସେଥିରେ ଲେଖାଅଛି। ଏପରି କି ସାବରକର ରହିଥିବା ଜେଲ ପ୍ରକୋଷ୍ଠରେ ଛୋଟ ଛିଦ୍ରଟିଏ ମଧ୍ୟ ନ ଥିଲା। କିନ୍ତୁ ବୁଲ୍‌ବୁଲ୍ ପକ୍ଷୀଟି ନିୟମିତ ଉକ୍ତ ପ୍ରକୋଷ୍ଠକୁ ଯାଉଥିଲା ଓ ସଭରକରଙ୍କୁ ପିଠିରେ ବସାଇ ନେଇଯାଉଥିଲା ବୋଲି ନୂଆ ପାଠ୍ୟପୁସ୍ତକରେ ଉଲ୍ଲେଖ ରହିଛି। ଏଭଳି ଏକ ମନଗଢ଼ା ପ୍ରସଙ୍ଗକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି। ସୂଚନାଯୋଗ୍ୟ, ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ସାବରକରଙ୍କ ଭୂମିକା ଭାଜପା ବିଚାରଧାରାର ପଥପ୍ରଦର୍ଶକ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଏବଂ ଏହାର ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ମଧ୍ୟରେ ଏକ ବଡ଼ ଆଦର୍ଶଗତ ଫ୍ଲାସ୍‌ପଏଣ୍ଟ ହୋଇ ରହିଆସିଛି।

## 'ବିସ୍ଫୋରଣ ବଟନ୍ ଦବାଇବା ପରେ କାନ୍ଦିଥିଲି'



ଚେତନ ଦତ୍ତ

ନୋଏଡା, ୨୮।୮

ଉତ୍ତରପ୍ରଦେଶର ନୋଏଡାରେ ବେଆଇନ ଭାବେ ନିର୍ମାଣ କରାଯାଇଥିବା ସୁପରଟେକ୍ ଟୁଇନ୍ ଟାୱାର ବିସ୍ଫୋରଣ ଦାୟିତ୍ୱ ନେଇଥିବା ଏଡିଫିସ୍ ଇଞ୍ଜିନିୟରିଂ କମ୍ପାନୀର ଜଣେ ଅଧିକାରୀ ଚେତନ ଦତ୍ତ ତାଙ୍କ ଅନୁଭୂତି ବାଣ୍ଟିଛନ୍ତି। ପ୍ରାୟ ୧୦୦ ମିଟର ଉଚ୍ଚ ଅଟ୍ଟାଳିକାରେ ବିସ୍ଫୋରଣ କରିବା ପାଇଁ ବଟନ୍ ଦବାଇବା ପରେ ସେ କାନ୍ଦିଥିଲେ ବୋଲି କହିଛନ୍ତି। ଟୁଇନ୍ ଟାୱାର ଭାଙ୍ଗିବା ପରେ ଚେତନ ଅନ୍ୟ ୪ ଅଧିକାରୀଙ୍କ ସହ ବିସ୍ଫୋରଣ ସ୍ଥଳକୁ ଯାଇଥିଲେ। ଅପରେଶନ ସଫଳ ହୋଇଥିବା ଦେଖି ତାଙ୍କ ଆଖିରୁ ଆଶ୍ୱସ୍ତି ଏବଂ ଆନନ୍ଦାଶ୍ରୁ ବୋହିଯାଇଥିଲା। ତାଙ୍କ ଟିମ୍‌ରେ ୧୦ ଜଣ ସଦସ୍ୟ ଥିଲେ। ସେମାନଙ୍କ ମଧ୍ୟର ୭ ଜଣ ବିଦେଶୀ ବିଶେଷଜ୍ଞ ରହିଥିଲେ। ଏହାବାଦ୍ ଏଡିଫିସ୍ ଇଞ୍ଜିନିୟରିଂର ୨୦ରୁ ୨୫ କର୍ମଚାରୀ ଏହି କାର୍ଯ୍ୟରେ ସାମିଲ ଥିଲେ। ଅଟ୍ଟାଳିକା ଭଙ୍ଗାଯିବା ପାଇଁ ସାଇରନ୍ ବାଜିବା ପରେ ସେମାନେ ସମ୍ପୂର୍ଣ୍ଣ ନୀରବ ହୋଇଯାଇଥିଲେ। ବଟନ୍ ଦବାଇବା କ୍ଷଣି ଆଖି ପିଛୁଳାକେ ଟୁଇନ୍ ଟାୱାର ଧରାଶାୟୀ ହୋଇପଡ଼ିଥିଲା ବୋଲି ସେ କହିଛନ୍ତି।



ଟୁଇନ ଟାୱାର ଧରାଶାୟୀ ହେବା ପରେ ଲୋକେ ସଫେଇ କାର୍ଯ୍ୟ ଦେଖୁଛନ୍ତି।

### ଟୁଇନ ଟାୱାର: ଘଟଣାକ୍ରମ

➡୨୦୦୪ରେ ସୁପରଟେକ୍ ଲିମିଟେଡ୍ ଅଟ୍ଟାଳିକା ନିର୍ମାଣ କରିବା ନିମନ୍ତେ ନ୍ୟୁ ଓଖ୍‌ଲା ଇଣ୍ଡଷ୍ଟ୍ରିଆଲ ଡେଭେଲପମେଣ୍ଟ ଅଥରିଟି (ନୋଏଡା)ଙ୍କଠାରୁ ଜମି ପାଇଥିଲା।

➡୨୦୦୫ ଜୁନ୍‌ରେ ନୋଏଡ଼ା କର୍ତ୍ତୃପକ୍ଷ ୧୪ ମହଲା ବିଶିଷ୍ଟ ବିଲ୍ଡିଂ ପାଇଁ ଅନୁମତି ଦେଇଥିଲେ। ମୋଟ ୧୪ ଟାୱାର ପାଇଁ କମ୍ପାନୀକୁ ମଞ୍ଜୁରୀ ମିଳିଥିବାବେଳେ ପ୍ରତ୍ୟେକ କୋଠାର ଉଚ୍ଚତା ୩୭ ମିଟର ପର୍ଯ୍ୟନ୍ତ ରଖିବାକୁ କୁହାଯାଇଥିଲା।

➡୨୦୦୯ରେ ଆଉ ୨ ବିଲ୍ଡିଂ ଏବଂ ଅଟ୍ଟାଳିକାରେ ଅତିରିକ୍ତ ୧୧ ମହଲା ଯୋଗ କରିବାକୁ ଡେଭେଲପରଙ୍କ ପକ୍ଷରୁ ପ୍ରସ୍ତାବ ଆସିଥିଲା।

➡୨୦୧୨ରେ ଟୁଇନ ଟାୱାର ଆପେକ୍ସ ଏବଂ ସିୟାନେର ମୋଟ ମହଲା ସଂଖ୍ୟା ୪୦ ମହଲାକୁ ବୃଦ୍ଧି କରିବା ପାଇଁ ଯୋଜନା କରିବା ପରେ ରେସିଡେଣ୍ଟ୍ସ ଅଫ୍ ୱେଲଫେୟାର ଆସୋସିଏଶନ (ଆର୍‌ଡବ୍ଲ୍ୟୁଏ) ଏହାକୁ ବିରୋଧ କରିଥିଲା। ସୁପରଟେକ୍ ବେଆଇନ ଭାବେ ବିଲ୍ଡିଂ ନିର୍ମାଣ କରିବା ସହ ଏହା ମହଲା ସଂଖ୍ୟା ବଢ଼ାଇଥିବା ଅଭିଯୋଗ କର ଆର୍‌ଡବ୍ଲ୍ୟୁଏ ଆଲ୍ଲାହାବାଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା

➡୨୦୧୪ରେ ଆଲ୍ଲାହାବାଦ ହାଇକୋର୍ଟ ନୋଏଡା ଟୁଇନ ଟାୱାରକୁ ଭାଙ୍ଗିବା ପାଇଁ ରାୟ ଦେବା ସହ ଏଥିରେ ଘର କିଣିଥିବା ଲୋକଙ୍କୁ ୧୪% ସୁଧ ସହ ଟଙ୍କା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

➡ସୁପରଟେକ୍ ହାଇକୋର୍ଟଙ୍କ ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ସର୍ବୋଚ୍ଚ ଅଦାଲତ ୨୦୨୧ ଅଗଷ୍ଟ ୩୧ରେ ଆଲ୍ଲାହାବାଦ ହାଇକୋର୍ଟଙ୍କ ରାୟକୁ କାଏମ ରଖି ଟୁଇଟ ଟାୱାର ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୦,୫୭,୪୪,୨୦୪ | ୬୪,୮୬,୮୪୮ | ୫୮,୦୯,୩୧,୦୦୪ |
| ଭାରତ | ୪,୪୪,୦୮,୧୩୨ | ୫,୨୭,୬୫୪ | ୪,୩୭,୯୩,୬୮୬ |
| ଓଡ଼ିଶା | ୧୩,୨୬,୯୨୯ | ୯୧୭୨(+୫୩) | ୧୩,୧୫,୯୨୯ |

ରବିବାର ରାତି ୯ଟା୩୦ ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ୮ଲେନ୍ ହେବ ଚଣ୍ଡିଖୋଲ-ପାରାଦୀପ ଏନ୍ଏଚ୍

**ଚଣ୍ଡିଖୋଲ,୨୮।୮(ଡି.ଏନ.ଏ.)**

ଓଡ଼ିଶାର ପ୍ରଥମ ଏକ୍ସପ୍ରେସ୍ ହାଇୱେ ଚଣ୍ଡିଖୋଲ-ପାରାଦୀପ ଏବେ ୮ଲେନ୍ ବିଶିଷ୍ଟ ହେବାକୁ ଯାଉଛି। ଏଥିପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ୭୭ କି.ମି. ଲମ୍ବ ଏହି ଜାତୀୟ ରାଜପଥ(ଏନ୍ଏଚ୍) ପ୍ରଶସ୍ତୀକରଣ କାର୍ଯ୍ୟରେ ୨ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ ବୋଲି ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଏଆଇ)ପକ୍ଷରୁ ସୂଚନା ମିଳିଛି। ଏହିକ୍ରମରେ ଏନ୍ଏଚ୍ କଡ଼ ଅର୍ଥାତ୍ ୫୦ ମିଟର ଦୂରତା ଅଞ୍ଚଳକୁ ଅବରୋଧ କରି ଦୋକାନ କରିଥିବା ବ୍ୟବସାୟୀଙ୍କୁ ୮ଦିନ ମଧ୍ୟରେ ହଟିଯିବାକୁ ଏନ୍ଏଚ୍ଏଆଇ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିସହିତ ମାଇକ୍ ଯୋଗେ ପ୍ରଚାର କରି ଅବରୋଧକାରୀଙ୍କୁ ସୂଚିତ କରାଯାଇଛି। ଅନ୍ୟପକ୍ଷରେ ଏହି ରାଜପଥ ଓଡ଼ିଶାର ପ୍ରଥମ ୮ଲେନ୍ ରାସ୍ତା ହେବ ବୋଲି ଜଣାଯାଇଛି।

ପାରାଦୀପ ବନ୍ଦରକୁ ବିଶ୍ୱସ୍ତରୀୟ କରିବା ପାଇଁ ତଥା ବିଦେଶକୁ ରପ୍ତାନି ବୃଦ୍ଧି ଲକ୍ଷ୍ୟରେ ଏହାକୁ ୮ଲେନ୍‌ରେ ପରିଣତ କରିବା ଲାଗି ଦୀର୍ଘଦିନ ହେବ ଯୋଜନା କରାଯାଇଛି। ଏହି ରାଜପଥ ୬ଲେନ୍ କରିବା ପାଇଁ ସର୍ଭେ ଆରମ୍ଭ ହୋଇଥିବାବେଳେ ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୮ଲେନ୍ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ପ୍ରଥମେ ୧୨୦୦ କୋଟି ବ୍ୟୟ ବରାଦ କରାଯାଇଥିବାବେଳେ ପରେ ଏହାକୁ ୨ ହଜାର କୋଟି ଖର୍ଚ୍ଚ କରାଯିବ ବୋଲି


ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ

**ଓଡ଼ିଶାରେ ପ୍ରଥମ**

- ଖର୍ଚ୍ଚ ହେବ ୨ ହଜାର କୋଟି
- ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ

ଆକଳନ କରାଯାଇଛି। ଏହି ଜାତୀୟ ରାଜପଥ ପ୍ରଥମେ ୧୯୬୨ରେ ନିର୍ମାଣ ହୋଇଥିଲା, ଯାହା ୧୯୬୮ରେ ଶେଷ ହୋଇଥିଲା। ସେତେବେଳେ ଏହାକୁ ଏକ୍ସପ୍ରେସ୍ ହାଇୱେ ମାନ୍ୟତା ଦିଆଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଚଣ୍ଡିଖୋଲ-ପାରାଦୀପ ଏନ୍ଏଚ୍‌କୁ ୫ନଂ.(କ)ରେ ନାମିତ କରାଗଲା। ପୁନର୍ବାର ଏହାକୁ ୫୩ନଂ. ଏନ୍ଏଚ୍ ଭାବେ ପରିବର୍ତ୍ତନ କରାଯାଇଥିଲା। ଏହି ରାସ୍ତାରେ ସାଧାରଣତଃ ଖଣି ଅଞ୍ଚଳରୁ ଲୁହାପଥର, ମାଙ୍ଗାନିଜ, କ୍ରୋମାଇଟ ଓ କୋଇଲା ପରିବହନ ହୋଇଥାଏ। କେନ୍ଦୁଝର, ସୁନ୍ଦରଗଡ଼ ଓ ଯାଜପୁର ଜିଲାରୁ ଖଣିଜ ପଦାର୍ଥ ନେଇ ଭାରିଯାନ ପାରାଦୀପ ବନ୍ଦରକୁ ଯାଇଥାଏ।

ଏନ୍ଏଚ୍ଏଆଇର ଆକଳନ ଅନୁସାରେ ଦୈନିକ ୧୦ ହଜାର ଟ୍ରକ୍ ଏହି ଏନ୍ଏଚ୍‌ରେ ଯାତାୟାତ କରୁଛି। ଏହାସହ ଛୋଟବଡ଼ ୨ ହଜାର ପାସେଞ୍ଜର ଗାଡ଼ି ଦୈନିକ ଚଳପ୍ରଚଳ କରୁଛି। ଏହି ରାସ୍ତା ୫ଟି ବଡ଼ ନଦୀ ତଥା ମହାନଦୀ, ଲୁଣା, ଗୋବରୀ, ବିରୂପା ଓ ଗେଙ୍ଗୁଟି ଉପରେ ଯାଇଛି। ଏହାକୁ ୮ ଲେନ୍ କରାଯିବାବେଳ ୬୦ରୁ ଊର୍ଦ୍ଧ୍ୱ ଛୋଟ ପୋଲ ନିର୍ମାଣ କରାଯିବ। ସେହିପରି ଚଣ୍ଡିଖୋଲ ନିକଟସ୍ଥ ଶ୍ରୀରାମପୁରଠାରେ ଥିବା ଟୋଲ ଗେଟ୍ ମାର୍ଶାଘାଇର ମଶାଖଣି ନିକଟକୁ ଉଠିଯିବ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଏନ୍ଏଚ୍ଏଆଇ ଜେନେରାଲ୍ ମ୍ୟାନେଜର ରାମଚନ୍ଦ୍ର ପଣ୍ଡା କହିଛନ୍ତି, ରାସ୍ତା ୮ଲେନ୍ ହେବା ପାଇଁ ସର୍ଭେ କାର୍ଯ୍ୟ ଶେଷ ହୋଇ ଟେଣ୍ଡରକୁ ଯାଇଛି। ଖୁବ୍‌ଶୀଘ୍ର ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହେବ। ସେଥିପାଇଁ ଏନ୍ଏଚ୍ଏଆଇ ପକ୍ଷରୁ ପ୍ରଥମେ ଅବରୋଧ ହଟାଇବା ପ୍ରକ୍ରିୟା ଆରମ୍ଭ ହୋଇଛି।

# ପୁଣି ବିଦ୍ୟୁତ୍ ଫାଶରେ ହାତୀ


ମୃତ ମାଈ ହାତୀ

## ଜଙ୍ଗଲରୁ ଗର୍ଭବତୀ ହାତୀ ମୃତଦେହ ଠାବ

**ଢେଙ୍କାନାଳ ଅଫିସ, ୨୮।୮**

ରାଜ୍ୟରେ ବିଦ୍ୟୁତ୍ ଆଘାତରେ ହାତୀମୃତ୍ୟୁ ଭଳି ସମ୍ବେଦନଶୀଳ ଘଟଣା ବଢ଼ିବାରେ ଲାଗିଛି। କେନ୍ଦୁଝର, ଅନୁଗୋଳର ସାତକୋଶିଆ ପରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଢେଙ୍କାନାଳ ବନଖଣ୍ଡ ମହାବିରୋଡ୍ ରେଞ୍ଜ ଘାଘରାମୁଣ୍ଡା ଗ୍ରାମ ନିକଟ ଅସନବାହାଳି ଜଙ୍ଗଲରେ ଏକ ଗର୍ଭବତୀ ହାତୀର ମୃତ୍ୟୁ ଘଟିଛି। ଏହାର ଆନୁମାନିକ ବୟସ ୨୫ରୁ ୩୦ ବର୍ଷ ମଧ୍ୟରେ ହେବ। ବାର୍‌ହା ଶିକାର ପାଇଁ ଶିକାରୀମାନେ ବିଛାଇଥିବା ବିଦ୍ୟୁତ୍ ଫାଶରେ ପଡ଼ି ହାତୀ ଜୀବନ ଯାଇଥିବା ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି। ଏହି ଘଟଣାରେ ପୂର୍ଣ୍ଣ ବେହେରା ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟଜଣେ ଫେରାର ଅଛନ୍ତି।

ଜଙ୍ଗଲରେ ହାତୀ ମରିପଡ଼ିଥିବା ସୂଚନା ପାଇ ରବିବାର ସକାଳେ ବନ କର୍ମଚାରୀମାନେ ପହଞ୍ଚି ତଦନ୍ତ କରିଥିଲେ। ଘଟଣାସ୍ଥଳରୁ ବିଦ୍ୟୁତ୍ ଫାଶ ଜବତ କରାଯାଇଛି। ବ୍ୟବଚ୍ଛେଦ ସମୟରେ ହାତୀ ପେଟରୁ ଏକ ଛୁଆ ବାହାରିଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି କୁହନ୍ତି, ବାର୍‌ହା ଶିକାର ପାଇଁ ବିଛାଯାଇଥିବା ଶିକାରୀଙ୍କ ବିଦ୍ୟୁତ୍ ଫାଶରେ ପଡ଼ି ହାତୀଟିର ମୃତ୍ୟୁ ହୋଇଛି। ଘଟଣାର ତଦନ୍ତ କରାଯାଉଛି। ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲାରେ ୩୫୦ରୁ ଊର୍ଦ୍ଧ୍ୱ ହାତୀ ଥିବାବେଳେ କେବଳ ମହାବିରୋଡ ରେଞ୍ଜ୍‌ରେ ଏମାନଙ୍କ ସଂଖ୍ୟା ୨୦୦ରୁ ବେଶି। ହାତୀପ୍ରବଣ ଏହି ବନାଞ୍ଚଳରେ ହାତୀ-ମଣିଷ ସଂଘର୍ଷ ବି କିଛି କମ୍ ନୁହେଁ। ତେବେ ସଦ୍ୟତମ ଘଟଣାରେ ଅଞ୍ଚଳରେ ଶିକାରୀ ସକ୍ରିୟ ଥିବା ସ୍ପଷ୍ଟ ହୋଇଛି। ତେଣୁ ବନ ବିଭାଗ ରାତ୍ରିକାଳୀନ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ହାତୀସ୍କ୍ୱାଡ୍ କର୍ମଚାରୀଙ୍କୁ ସତର୍କ ରଖିବାକୁ ସାଧାରଣରେ ଦାବି ହେଉଛି।

# ବଦଳିଲେ ଆଇଆଇସି, ନିରପେକ୍ଷ ତଦନ୍ତକୁ ଅପେକ୍ଷା

**ଜି.ଉଦୟଗିରି,୨୮।୮(ଡି.ଏନ୍.ଏ.)**

କନ୍ଧମାଳ ଜିଲା ଜି. ଉଦୟଗିରି ଥାନା ଏସ୍ଆଇ ସ୍ୱାଗତିକା ବେହେରା ଗତ ଶନିବାର ସରକାରୀ କ୍ୱାର୍ଟର୍ସରେ ଆତ୍ମହତ୍ୟା କରିଥିଲେ। ଆଇଆଇସି ରେବତୀ ଶବର ମାନସିକ ନିର୍ଯାତନା ଦେଇଥିବାରୁ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଆଇଆଇସି ଶବରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଥାନା ଆଗରେ ରବିବାର ଧାରଣା ଦେଇଥିଲେ। ଏସ୍‌ପି ଭିନୀତ ଅଗ୍ରୱାଲ ବିଳମ୍ବିତ ରାତିରେ ଆଇଆଇସି ଶବରଙ୍କୁ ଜିଲା ପୋଲିସ ମୁଖ୍ୟାଳୟକୁ ବଦଳି କରିଛନ୍ତି। ଏଥିସହ ଘଟଣାର ନିରପେକ୍ଷ ତଦନ୍ତ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ନ୍ୟାୟ ଦାବିରେ ଜି. ଉଦୟଗିରି ଥାନା ସମ୍ମୁଖରେ ଧାରଣାରେ ବସିଥିବା ଏସ୍ଆଇ ସ୍ୱାଗତିକାଙ୍କ ପରିବାର ଲୋକେ।

ଏହାପରେ ପ୍ରାୟ ୮ ଘଣ୍ଟା ଧରି ଧାରଣାରେ ବସିଥିବା ଏସ୍ଆଇଙ୍କ ପରିବାର ଲୋକେ ଜି. ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ସ୍ୱାଗତିକାଙ୍କ ମୃତଦେହ ବ୍ୟବଚ୍ଛେଦ କରାଇବା ପାଇଁ ରାଜି ହୋଇଥିଲେ।

ସୂଚନାଯୋଗ୍ୟ, ଆଇଆଇସି ଶବର ମାନସିକ ନିର୍ଯାତନା

**ମହିଳା ଏସ୍ଆଇଙ୍କ ଆତ୍ମହତ୍ୟା ଘଟଣା**

**ପରିବାରର ୮ ଘଣ୍ଟା ଧାରଣା ପରେ ନିଆଗଲା କାର୍ଯ୍ୟାନୁଷ୍ଠାନ**

ଦେଇଥିବାରୁ ଝିଅ ଆତ୍ମହତ୍ୟା କରିଛି ନଚେତ ତାକୁ ହତ୍ୟା କରାଯାଇଥିବା ସନ୍ଦେହ କରୁଛନ୍ତି ବୋଲି ସ୍ୱାଗତିକାଙ୍କ ମା' ଉଷାରାଣୀ ବେହେରା ଶନିବାର ରାତିରେ ଜି. ଉଦୟଗିରି ଏସ୍‌ଡିପିଓଙ୍କୁ ଏତଲା ଦେଇଥିଲେ। ନ୍ୟାୟ ଦାବିରେ ସ୍ୱାଗତିକାଙ୍କ ପରିବାର ଲୋକେ ରବିବାର ବ୍ୟାନର ଧରି ସହରରେ ଶୋଭାଯାତ୍ରା କରି ଥାନା ପର୍ଯ୍ୟନ୍ତ ଆସି ଧାରଣାରେ ବସିଥିଲେ। ଆଇଆଇସିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ କହିଥିଲେ। ଏସ୍‌ଡିପିଓ ରାଓପଟ୍ଟନାୟକ ଓ ସ୍ଥାନୀୟ ତହସିଲଦାର ଶୁଭ୍ରାଞ୍ଜଳି ପ୍ରଧାନ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏସ୍‌ପିଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ସ୍ୱାଗତିକାଙ୍କ ମା'ଙ୍କ ଏତଲା ଅନୁଯାୟୀ ନଂ. ୧୩୦/୨୨ରେ ମାମଲା ରୁଜୁ ହୋଇଛି। ଝିଅକୁ ଆଇଆଇସି ନିର୍ଯାତନା ଦେବା ବିଷୟ ଉପରିସ୍ଥ ଅଧିକାରୀଙ୍କୁ ପୂର୍ବରୁ ଜଣାଇଥିଲେ ବୋଲି ଉଷାରାଣୀ ଏତଲାରେ ଉଲ୍ଲେଖ କରିଥିବା ବେଳେ ସ୍ୱାଗତିକା ଏ ସମ୍ପର୍କରେ ଜଣାଇ ନ ଥିଲେ ବୋଲି ଏସ୍‌ଡିପିଓ କହିଛନ୍ତି।

# ସ୍ତ୍ରୀ, ପ୍ରେମିକ ଜେଲ ଗଲେ | ପୂଜକ ରଙ୍ଗାଧର ଦାଶ ହତ୍ୟା ଘଟଣା

**ରାଜକନିକା,୨୮।୮(ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନା ଭାମଣ୍ଡା ଗ୍ରାମର ନୃସିଂହନାଥ ମନ୍ଦିର ପୂଜକ ରଙ୍ଗାଧର ଦାଶଙ୍କ ମୃତଦେହ ମିଳିବାର ୬ ଦିନ ପରେ ରାଜକନିକା ଥାନା ପୋଲିସ ମୃତକଙ୍କ ସ୍ତ୍ରୀ ରତ୍ନମଣି ଓ ତାଙ୍କ ପ୍ରେମିକ ଅସିତ ଶତପଥୀଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି। ମୃତକଙ୍କ ବଡ଼ଭାଇ ଗଙ୍ଗାଧର ଦାସଙ୍କ ଅଭିଯୋଗକୁ ଭିତ୍ତିକରି ରାଜକନିକା ଥାନା ପୋଲିସ ଭାରତୀୟ ଦଣ୍ଡବିଧି ଆଇନ ଦଫା ୩୦୨/୩୪ରେ ଏକ ମାମଲା(ନଂ.୨୯୨/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଉଭୟଙ୍କୁ ପୋଲିସ ଶନିବାର କଟକ ଓଏମ୍‌ପି ଅଞ୍ଚଳରୁ ଉଠାଇ ଆଣି ପଚରାଉଚରା କରିବା ପରେ ରବିବାର ଗିରଫ ଦର୍ଶାଇ କୋର୍ଟ ଚାଲାଣ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟାରେ ଉଭୟଙ୍କ ସମ୍ପୃକ୍ତି ସ୍ପଷ୍ଟ ହେବ ବୋଲି ରାଜକନିକା ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ କହିଛନ୍ତି।

- ଶନିବାର କଟକରୁ ଧରାପଡ଼ିଥିଲେ ୨ ଅଭିଯୁକ୍ତ
- ହତ୍ୟା ମାମଲା ରୁଜୁ କଲା ପୋଲିସ

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅଧୀନ ସିହୋପଡ଼ା ପଞ୍ଚାୟତର ଭାମଣ୍ଡା ଗ୍ରାମରେ ଗତ ୧୭ ତାରିଖରେ ଏଭଳି ଅଭାବନୀୟ ଘଟଣା ଘଟିଥିଲା। ଅବୈଧ ସମ୍ପର୍କରୁ ପ୍ରେମିକ ସହ ମିଶି ସ୍ତ୍ରୀ ରତ୍ନମଣି ନିଜ ସ୍ୱାମୀଙ୍କୁ ହତ୍ୟା କରିଥିବା ଭଳି ସାଂଘାତିକ ଅଭିଯୋଗ ଆଣିଥିଲେ ଖୋଦ ମୃତକଙ୍କ ପରିବାର ଲୋକେ। ଏପରି କି ସ୍ୱାମୀଙ୍କ ଅନ୍ତିମ ସଂସ୍କାର ପୂର୍ବରୁ ରତ୍ନମଣି ନିଜର ପିଲାମାନଙ୍କୁ ଛାଡ଼ି ପ୍ରେମିକଙ୍କ ହାତଧରି ଗାଁ ଛାଡ଼ି ଚାଲି ଆସିଥିଲେ। ଏହାର ଭିଡିଓ ଭାଇରାଲ ହେବା ପରେ ଚର୍ଚ୍ଚାର ବିଷୟ ହୋଇଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ, ରତ୍ନମଣିଙ୍କ ପୁଅ, ଝିଅ ନିଜ ମା'ଙ୍କ ବିରୋଧରେ ମୁହଁ ଖୋଲିବାକୁ ପଛଘୁଞ୍ଚା ଦେଇ ନ ଥିଲେ।

ପୂଜକ ରଙ୍ଗାଧର(୫୦) ସବୁଦିନ



ରାଜକନିକା ଥାନାରେ ଦୁଇ ଅଭିଯୁକ୍ତ।

ପରି ଗତ ୧୭ ତାରିଖରେ ଗାଁ ନୃସିଂହନାଥ ମନ୍ଦିରକୁ ପୂଜା କରିବାକୁ ଯାଇ ଆଉ ଫେରି ନ ଥିଲେ। ଏନେଇ ସ୍ତ୍ରୀ ରତ୍ନମଣି(୪୦)ଓ ରଙ୍ଗାଧରଙ୍କ ବଡ଼ଭାଇ ଗଙ୍ଗାଧର ରାଜକନିକା ଥାନାରେ ପୃଥକ୍ ପୃଥକ୍ ଏତଲା ଦେଇଥିଲେ। ରତ୍ନମଣିଙ୍କ ଏତଲାରେ ରଙ୍ଗାଧର କେଉଁଆଡ଼େ ଚାଲିଯାଇଥିବା ଉଲ୍ଲେଖ ଥିବା ବେଳେ, ଗଙ୍ଗାଧରଙ୍କ ଏତଲାରେ ଭାଇ ଓ ଭାଇବୋହୂଙ୍କ ମଧ୍ୟରେ କଳହ ଲାଗିଥିଲା। ଏହାକୁ କେନ୍ଦ୍ରକରି ଭାଇ କେଉଁଆଡ଼େ ଚାଲିଯାଇଥିବା କଥା ଉଲ୍ଲେଖ ଥିଲା। ଆହୁରି ମଧ୍ୟ ସେହି ଗ୍ରାମର ଅସିତ୍ ଶତପଥୀ (ବାଇନ)ଙ୍କ ସହିତ ଅନୈତିକ ସମ୍ପର୍କ ଥିବା କାରଣରୁ ଭାଇ ଓ ଭାଇବୋହୂଙ୍କ ମଧ୍ୟରେ ସବୁବେଳେ କଳହ ଲାଗିରହୁଥିବା ଉଲ୍ଲେଖ ଥିଲା। ରଙ୍ଗାଧରଙ୍କ ନିଖୋଜର ୫ ଦିନ ପରେ ଅର୍ଥାତ୍ ଅଗଷ୍ଟ ୨୧ ତାରିଖରେ ଗ୍ରାମ ନିକଟସ୍ଥ ଶିମିଳି ମାହାର ଯୋର ନିକଟରୁ ତାଙ୍କ କ୍ଷତାକ୍ତ ଗଳିତ ମୃତଦେହ ମିଳିଥିଲା। ଗ୍ରାମବାସୀ ଏ ସଂକ୍ରାନ୍ତରେ ରାଜକନିକା ପୋଲିସକୁ ଖବର ଦେଇଥିଲେ। ରାଜକନିକା ଅଗ୍ନିଶମ ବାହିନୀ ସହାୟତାରେ ପୋଲିସ ମୃତଦେହକୁ ଜବତ କରିଥିଲା।

ସୂଚନା ଅନୁଯାୟୀ, ରତ୍ନମଣିଙ୍କ ସହ ଅସିତ୍‌ଙ୍କ ଗତ ୪ ବର୍ଷ ହେବ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ରଙ୍ଗାଧରଙ୍କ ଅନୁପସ୍ଥିତିରେ ଅସିତ୍ ରତ୍ନମଣିଙ୍କ ଘରକୁ ଯିବା ଆସିବା କରୁଥିଲେ। ହାଇସ୍କୁଲରେ ପଢୁଥିବା ୪ ପୁଅ, ଝିଅ ମା'ର ଏପରି ସ୍ୱଭାବ ଦେଖି ବିରୋଧ କରି ଆସୁଥିଲେ। କିନ୍ତୁ ରତ୍ନମଣି ଓ ଅସିତ୍ ପିଲାମାନଙ୍କୁ ଧମକଚମକ ଦେଇ ଚୁପ୍ ରହିବାକୁ ବାଧ୍ୟ କରୁଥିଲେ। ଏ ବିଷୟରେ ତମେ ଯଦି କାହାକୁ କହିଛ, ତେବେ ଆମେ ତମମାନଙ୍କୁ ଜୀବନରୁ ମାରିଦେବା ସହ ତମ ବାପାଙ୍କୁ ମଧ୍ୟ ଶେଷ କରିଦେବୁ ବୋଲି କହିଥିବା ୨ ଝିଅ ଓ ୨ ପୁଅ କାନ୍ଦି କାନ୍ଦି ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ପ୍ରକାଶ କରିଥିଲେ।










**ଆଜିର ମନ୍ତବ୍ୟ**

"ଗୁଜରାଟକୁ ବଦନାମ କରି ପୁଞ୍ଜିନିବେଶ ରୋକିବା ଉଦ୍ଦେଶ୍ୟରେ ଷଡ଼ଯନ୍ତ୍ର କରାଯାଉଛି। କିନ୍ତୁ ଗୁଜରାଟ ସେସବୁକୁ ଭ୍ରୂକ୍ଷେପ ନ କରି ବିକାଶର ନୂଆ ପଥରେ ଆଗେଇ ଚାଲିଛି। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

# ୨ ପର୍ଯ୍ୟନ୍ତ ବଜ୍ରପାତ, ଝଡ଼ତୋଫାନ ଆଶଙ୍କା

ଭୁବନେଶ୍ୱର, ୨୮।୮(ବ୍ୟୁରୋ)– ରାଜ୍ୟରେ ମୌସୁମୀ ଦୁର୍ବଳ ହୋଇଥିବାବେଳେ ବିଭିନ୍ନ ସ୍ଥାନରେ ଝଡ଼ତୋଫାନ ସହ ବଜ୍ରପାତ ହେଉଛି। ୨ ତାରିଖ ସକାଳ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ଏହିଭଳି ଝଡ଼ତୋଫାନ ହେବାର ଆଶଙ୍କା ରହିଛି। ଏଥିପାଇଁ ବିଭିନ୍ନ ଜିଲାକୁ ଝଡ଼ତୋଫାନ ଓ ବଜ୍ରପାତ ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ୩୧ ତାରିଖରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର, ୧ ତାରିଖରୁ ୨ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଅନୁଗୋଳ, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ ଯାଜପୁରରେ ଝଡ଼ତୋଫାନ ସହ ବଜ୍ରପାତ ହେବାର ଆଶଙ୍କା ରହିଛି। ତେଣୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେପଟେ ରବିବାର ସମ୍ବଲପୁରରେ ସର୍ବାଧିକ ୧୩.୯ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଯାଜପୁରରେ ୧୨ ମିମି ବର୍ଷା ହୋଇଛି। ସେହିଭଳି ଚାନ୍ଦବାଲି, ଅନୁଗୋଳ, ଝାରସୁଗୁଡ଼ା, କେନ୍ଦୁଝର, ସୁନ୍ଦରଗଡ଼, ଦାରିଙ୍ଗବାଡ଼ିରେ ମଧ୍ୟ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ...............................



କ୍ୟୁଟି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚତୁରେଇ
ବିରି ଦେଉଥାଏ ବତୁରେଇ
ଏଣେ ତେଣେ ଚାହିଁ ଗୋଟିଏ ଗୋଟିଏ
ଟୋକି ଦେଉଥାଏ ସୁତୁରେଇ।**

ସିଆଣିଆ ବ୍ୟକ୍ତିଙ୍କ ଚତୁରାମିକୁ କେହି ସହଜରେ ବୁଝିବା ଧରିପାରି ନ ଥାନ୍ତି। ଦୃଷ୍ଟି ଆଢୁଆଳରେ ରହି ଏପରି କୌଶଳରେ ନିଜ ଉଦ୍ଦେଶ୍ୟ ପୂରଣ କରାଇନିଅନ୍ତି ଯେ ତା'ଟେର୍ କେହି ବି ପାଇ ପାରି ନ ଥାନ୍ତି। ଅନ୍ୟର ଆଢୁଆଳରେ ଗୋଟି ଗୋଟି କରି ଲୁଟି ନେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚେଡ଼ି ଗେରତାଣି ଭଣ୍ଡାରୀ ପାତର
ସେ ଘର ବୁଡ଼ିବା କେତେ ମାତର।**

ଯେଉଁ ଘରେ କାର୍ଯ୍ୟ କରୁଥିବା ଦାସୀଟି ସମୟକ୍ରମେ ଘରଣୀ ପାଲଟିଯାଏ ସେ ଘରର ସମସ୍ତ ସୁଖ ଶିରୀ ନଷ୍ଟ ହୋଇଯାଏ ବୋଲି ଦେଖିବାକୁ ମିଳିଥାଏ। ଠିକ୍ ସେହିଭଳି ଯେଉଁଠି ଭଣ୍ଡାରୀ ନିଜ କୌଳିକ ବୃତ୍ତିକୁ ଛାଡି ମନ୍ତ୍ରଦାତା କାମ କରେ ସେ ଘରର ଅବନତି ଅବଶ୍ୟମ୍ଭାବୀ ବୋଲି ଜଣାଯାଇଥାଏ। ତେଣୁ ଅଯୋଗ୍ୟ ବ୍ୟକ୍ତିଙ୍କ ହାତରେ କୌଣସି ଗୁରୁଦାୟିତ୍ୱ ଦିଆଗଲେ ତାହାର ପରିଣତି ଭୟାବହ ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

## ସ୍ୱତନ୍ତ୍ର ଓଜେଇଇ ପାଇଁ ଆଡ୍‌ମିଟ୍ କାର୍ଡ ଉପଲବ୍ଧ

ଭୁବନେଶ୍ୱର, ୨୮।୮(ବ୍ୟୁରୋ)

ସ୍ୱତନ୍ତ୍ର ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ବା ଦ୍ୱିତୀୟ ଓଜେଇଇ ସେପ୍ଟେମ୍ବର ୩ରେ ଆରମ୍ଭ ହେବ। ପରୀକ୍ଷା ପାଇଁ ରବିବାରଠାରୁ ଓଜେଇଇ ୱେବ୍‌ସାଇଟ୍‌ରେ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହୋଇଛି। ପରୀକ୍ଷାର୍ଥୀମାନେ ସେମାନଙ୍କ ଆବେଦନ ନମ୍ବର ଏବଂ ଜନ୍ମ ତାରିଖ ଦେଇ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଚଳିତ ବର୍ଷ ମୋଟ ୨୮,୬୨୦ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ୨୮ ସହରରେ ୩୮ କେନ୍ଦ୍ରରେ ପରୀକ୍ଷା ହେବ। ଓଡ଼ିଶା ବାହାରେ କୋଲକାତା, ରାଞ୍ଚି ଏବଂ ପାଟଣାରେ ଗୋଟିଏ ଲେଖାଏ ପରୀକ୍ଷା କେନ୍ଦ୍ର ହୋଇଛି। ସେପ୍ଟେମ୍ବର ୩, ୪ ଏବଂ ୭ରେ ପରୀକ୍ଷା ହେବ। ୩ରେ ୪ଟି ଶିଫ୍ଟରେ ପରୀକ୍ଷା ହେବାକୁ ଥିବାବେଳେ ବାକି ଦୁଇଦିନ ତିନୋଟି ଶିଫ୍ଟରେ ହେବ। ସବୁ ସିଫ୍ଟ ମଧ୍ୟରେ ବ୍ୟବଧାନ ଏକ ଘଣ୍ଟା ଲେଖାଏ ରହିଛି। ପ୍ରଥମ ଶିଫ୍ଟ ସକାଳ ୯ଟାରୁ ୧୦ଟା ପର୍ଯ୍ୟନ୍ତ, ଦ୍ୱିତୀୟ ଶିଫ୍ଟ ସାଢ଼େ ୧୧ଟାରୁ ସାଢ଼େ ୧୨ଟା ଓ ତୃତୀୟ ଶିଫ୍ଟ ଅପରାହ୍ନ ୨ଟାରୁ ୩ଟା ଏବଂ ଚତୁର୍ଥ ଶିଫ୍ଟ ସାଢ଼େ ୪ଟାରୁ ସାଢ଼େ ୫ଟା ଯାଏ ହେବ।

# କୁପୋଷଣ, ଜଳ ସଂରକ୍ଷଣ ଉପରେ ସଚେତନତା ସୃଷ୍ଟିକୁ ଗୁରୁତ୍ୱ

**ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍**

ନୂଆଦିଲ୍ଲୀ,୨୮।୮(ପି.ଟି.)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ଦେଶରୁ କୁପୋଷଣ ଦୂର କରିବା ଏବଂ ଜଳ ସଂରକ୍ଷଣ ବଢ଼ାଇବା ଉପରେ ସାମାଜିକ ସଚେତନତାର ଗୁରୁତ୍ୱ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଜୋର୍ ଦେଇଛନ୍ତି। ଏଥିସହିତ ଇଣ୍ଟରନେଟ ସଂଯୋଗର ପ୍ରସାରଣ ଦୁର୍ଗମ ଅଞ୍ଚଳ ବିଶେଷ କରି ଉତ୍ତରପୂର୍ବାଞ୍ଚଳରେ ନୂଆ ସୂର୍ଯ୍ୟୋଦୟ ଆଣିବ ବୋଲି ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କହିଛନ୍ତି। ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଦେଶ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଥିବାବେଳେ ଆମେ ସାମୂହିକ ଶକ୍ତି ଦେଖିବାକୁ ପାଇଛେ। ବିଶାଳ ଦେଶରେ ଏତେ ସଂଖ୍ୟାରେ ବିବିଧତା ସତ୍ତ୍ୱେ ତ୍ରିରଙ୍ଗା ଉତ୍ତୋଳନ ବେଳେ ସମସ୍ତେ ସମାନ ଉତ୍ସାହର ସହ ତାହା ଉଡ଼ାଇଥିବା ଦେଖାଯାଇଛି। ସେପ୍ଟେମ୍ବରକୁ କୁପୋଷଣ ମାସ ଭାବେ ପାଳନ କରାଯାଉଛି। ସରକାର କୁପୋଷଣ ହଟାଇବା ଲାଗି ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଜନସଚେତନତା ଏବଂ ସାମୂହିକ ଉଦ୍ୟମ ବଳରେ ଏହି ସମସ୍ୟାରୁ ଦେଶକୁ ମୁକ୍ତ କରାଯାଇପାରିବ ବୋଲି ମୋଦି କହିଛନ୍ତି।

ସ୍ୱାଧୀନତା ସଂଗ୍ରାମୀ ବିଶେଷ କରି ଅଖ୍ୟାତ ହିରୋମାନଙ୍କ ଅବଦାନ ଉପରେ ଦୂରଦର୍ଶନରେ ପ୍ରସାରିତ 'ସ୍ୱରାଜ' ସିରିଏଲ୍ ଦେଖିବା ଲାଗି ମୋଦି ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ସ୍ୱାଧୀନତା ସଂଗ୍ରାମରେ ସେମାନଙ୍କ ଉଦ୍ୟମ ଓ ଭୂମିକା ସମ୍ପର୍କରେ ଯୁବପିଢ଼ିଙ୍କୁ ଅବଗତ କରାଇବା ଏହାର ଉଦ୍ଦେଶ୍ୟ। ସେହିପରି ଜଳ ସଂରକ୍ଷଣ ଉପରେ ଗୁରୁତ୍ୱ ଦେଇ ମୋଦି କହିଥିଲେ, ବିଭିନ୍ନ ଅଞ୍ଚଳରେ ଲୋକେ ଜଳାଶୟ ନିର୍ମାଣ ଲାଗି ସ୍ୱତନ୍ତ୍ର ଉଦ୍ୟମ କରୁଛନ୍ତି। ଅମୃତ ସରୋବର ଅଭିଯାନ କେବଳ ବର୍ତ୍ତମାନର ସମସ୍ୟା ସମାଧାନ କରିବ ନାହିଁ, ଆଗାମୀ ପିଢ଼ିଙ୍କ ପାଇଁ ଏହା ସମାନ ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ ଠିକ୍ ସମୟରେ ସହକର୍ମୀଙ୍କ ଅନୁପସ୍ଥିତି କାରଣରୁ ଉପରିସ୍ଥଙ୍କ ଚାପର ସମ୍ମୁଖୀନ ହୋଇପାରନ୍ତି। ଯାତ୍ରାକାଳରେ କୌଣସି ଯୁବକ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ଗତ ଯୋଜନା ମୁତାବକ କାମରେ ଲାଗିପଡ଼ନ୍ତୁ, ଅବଶ୍ୟ ସୁଫଳ ପାଇବେ।

**ବୃଷ**
ସାଧାରଣ କଥାକୁ କେନ୍ଦ୍ର କରି କୌଣସି ବ୍ୟକ୍ତି ଅଭିଯୋଗ ନେଇ ଆସିବେ। ସମ୍ମୁଖରେ ଭଲ ଭଲ କଥା କହି ପରୋକ୍ଷ ଶତ୍ରୁତା କରୁଥିବା ଯୋଗୁ ବିଚଳିତବୋଧ କରିବେ। ପରକଥାରେ ମୁଣ୍ଡ ପୂରାନ୍ତୁ ନାହିଁ, ଯଦ୍ଦ୍ୱାରା ଅପଦସ୍ଥ ହେବାକୁ ପଡ଼ିପାରେ। ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

**ମିଥୁନ**
ସବୁ କିଛି ଭଲ ଥିଲେ ମଧ୍ୟ ସ୍ୱାସ୍ଥ୍ୟ ସମସ୍ୟା ମନକୁ ବାରମ୍ବାର ଆଲୋଡ଼ିତ କରିବ। ଆଶା କରିନଥିବା ଖବର ଶୁଣି ବିସ୍ମିତ ହୋଇପାରନ୍ତି। ଆତ୍ମୀୟ ସ୍ୱଜନମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି। ରାଜନୈତିକ ସ୍ତରରେ କଳହ ଘେରରେ ଆକ୍ରାନ୍ତ ହୋଇ ପାରନ୍ତି। ସନ୍ତାନହେତୁକ ଚିନ୍ତା ଦୂରହେବ।

**କର୍କଟ**
ଖର୍ଚ୍ଚ ବଢ଼ିବା ସାଙ୍ଗକୁ କଷ୍ଟପ୍ରଦ ଜୀବନ କାଟିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକ ବିଫଳତାକୁ ସମୀକ୍ଷା କରି ନିରାକରଣ ପୂର୍ବକ କାର୍ଯ୍ୟକଲେ ସଫଳତା ପାଇବେ। ସ୍ତ୍ରୀଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ବନ୍ଧୁଙ୍କ ପରାମର୍ଶ କ୍ରମେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇ ପାରନ୍ତି। ସାୟାହ୍ନେ ଟେନସନ୍ ବଢ଼ିଯିବ।

**ସିଂହ**
ଆବଶ୍ୟକତା ପୂରଣ ସକାଶେ ଉଧାର କରିବାକୁ ପଡ଼ିପାରେ। କାର୍ଯ୍ୟବ୍ୟସ୍ତ ଯୋଗୁ ଖାଦ୍ୟପେୟ ଠିକ୍ ରହିବ ନାହିଁ। କର୍ମ କ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବ ଏବଂ ଏଜେନ୍ସି, କଳା, ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। ଅନିଚ୍ଛା ସତ୍ତ୍ୱେ କୌଣସି କାମ କରି ଅନୁତପ୍ତ ହେବେ।

**କନ୍ୟା**
ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବା ଦିଗରେ ବିଭିନ୍ନ ପ୍ରକାରର ଆଲୋଚନା କରିବେ। ସମସ୍ୟା ମଧ୍ୟରେ ଗତି କରୁଥିବା କାରଣରୁ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ଭଲ ସମ୍ପର୍କ ଥିବା ବନ୍ଧୁ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ବୁଝିପାରନ୍ତି। ଭ୍ରମଣ ହେତୁକ କ୍ଳାନ୍ତି ଓ ଅବସାଦ ଦେଖାଦେଇପାରେ।

**ତୁଳା**
ଅଯଥା କାମରେ ମୁଣ୍ଡ ପୂରାନ୍ତୁ ନାହିଁ, ଯାହାକି ସମସ୍ୟାକୁ ଦ୍ୱିଗୁଣିତ କରିବ। ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃ ବିବାଦ ଦେଖାଦେଇପାରେ। ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତାପ କରିବାକୁ ପଡ଼ିପାରେ। ଆବଶ୍ୟକତାକୁ ନେଇ ନିଜ ମନ ପସନ୍ଦର ଜିନିଷ କ୍ରୟ କରିବା ସକାଶେ ମନ ବଳାଇବେ।

**ବିଛା**
ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ବନ୍ଧୁମାନଙ୍କ ଦ୍ୱାରା ପାରିବାରିକ ତିକ୍ତତାର ସମାପ୍ତି ଘଟାଇବେ। ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରିପାରନ୍ତି। ଦୂର ସମ୍ପର୍କୀୟ ବନ୍ଧୁ ଆଜି ଆସିପାରନ୍ତି।

**ଧନୁ**
ପାରିବାରିକ କ୍ଷେତ୍ରରେ ସମସ୍ୟା ନିୟନ୍ତ୍ରଣାଧୀନ ରହିବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବାରୁ ପଡ଼ୋଶୀମାନେ ଭୂରି ଭୂରି ପ୍ରଶଂସା କରିପାରନ୍ତି। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ ଏବଂ ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ।

**ମକର**
ସ୍ୱାସ୍ଥ୍ୟ ସମସ୍ୟା ଧୀରେ ଧୀରେ ସୁଧୁରିବାରେ ଲାଗିବ। ଭୁଲ୍ ବୁଝାମଣା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବ। ଆତ୍ମୀୟ ତଥା ପଡ଼ୋଶୀମାନେ ମନ ବୁଝିଲାଭଳି କଥା କହି କାର୍ଯ୍ୟ ହାସଲ କରିବେ। ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାର୍ଯ୍ୟକଲେ ସଫଳତା ପାଇବେ ।

**କୁମ୍ଭ**
କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିବେ। ବିବାଦୀୟ ଘଟଣା କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କରିବେ, କିନ୍ତୁ ଆର୍ଥିକ ଅନଟନ ମଧ୍ୟରେ ସମୟ କଟାଇବେ।

**ମୀନ**
ଆଜି ଏକାଧାରରେ ଅର୍ଥ ଓ ସମ୍ମାନ ପାଇବେ, କିନ୍ତୁ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ। ବ୍ୟବସାୟରେ ଉଚ୍ଚ ଫଳ ପ୍ରାପ୍ତି ହେବ। କଳା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ସରକାରୀ ସ୍ତରରେ ଅଟକି ରହିଥିବା କାମ କରିବା ସକାଶେ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

## ପ୍ରଥମ ପୃଷ୍ଠାରୁ...

### ଅଟୋରିକ୍ସା ଉପରେ ...

ପ୍ରଫୁଲ୍ଲ କୁମାର ମଲ୍ଲିକ ଗଭୀର ଶୋକବ୍ୟକ୍ତ କରିଛନ୍ତି। ପ୍ରତି ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧ ଲକ୍ଷ ଏବଂ ଜିଲା ରେଡ୍‌କ୍ରସ୍ ପାଣ୍ଠିରୁ ୨୫ ହଜାର ଟଙ୍କା ଲେଖାଏ ତତ୍କାଳ ପ୍ରଦାନ କରିବାକୁ ଘୋଷଣା କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା, ବାଙ୍ଗୁରା ଗ୍ରାମର ଆଦିକନ୍ଦ ସାମଲ (୫୨), ତାଙ୍କ ସାନ ଭାଇ ଅକ୍ରୂର ସାମଲ ଓରଫ ଢେଲୁ (୪୦), ଅକ୍ରୂରଙ୍କ ପୁଅ ଦିବ୍ୟରଞ୍ଜନ (୧୪), ନିକଟ ସମ୍ପର୍କୀୟ ପ୍ରହଲ୍ଲାଦ ସାମଲ (୫୬), ଅଟୋରିକ୍ସା ଚାଳକ ଅନନ୍ତ ସାମଲ ଓରଫ ବଣ୍ଟି (୨୪) ଭୋର୍‌ରୁ ପରଜଙ୍ଗ ବ୍ଲକ ମୁକ୍ତାପଶିରେ ଥିବା ଘଣାକୁ ଟୋଲ ପେଡ଼ାଇବା ପାଇଁ ବାହାରିଥିଲେ। ଗ୍ରାମଠାରୁ ଉକ୍ତ ସ୍ଥାନର ଦୂରତା ୭ କିଲୋମିଟର ହୋଇଥିବାବେଳେ ସେମାନେ ପ୍ରାୟ ୬ କିଲୋମିଟର ରାସ୍ତା ଅତିକ୍ରମ କରିସାରିଥିଲେ। ତେବେ ପ୍ରାୟ ୫ଟା ୪୦ରେ ପଥରଖମ୍ବ ଛକ ନିକଟରେ ତାଳଚେରରୁ କଟକ ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଏକ କୋଇଲା ବୋଝେଇ ଟ୍ରକ୍ (ନଂ. ଓଡ଼ି ୦୫ ଏଚ୍ ୦୮୨୫) ସମ୍ମୁଖ ପଟରୁ ସେମାନଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣାର ତୀବ୍ରତା ଏତେ ଅଧିକ ଥିଲା ଯେ, ଅଟୋରିକ୍ସା (ନଂ. ଓଡ଼ି ୦୬ ଏଫ୍ ୯୫୯୦)ଟି ପ୍ରାୟ ୩୦ ମିଟର ଦୂର ରାସ୍ତାକଡ଼କୁ ଛିଟିକି ପଡ଼ିଥିଲା। ଘଟଣାସ୍ଥଳରେ ହିଁ ସମସ୍ତଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ଦୁର୍ଘଟଣା ପରେ ଟ୍ରକ୍‌ଟି ସାମାନ୍ୟ ଆଗକୁ ଆସି ଅଟକି ରହିଥିଲା। ଲୋକଙ୍କ ଆକ୍ରମଣ ଭୟରେ ଡ୍ରାଇଭର ଏବଂ ହେଲ୍‌ପର ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି।

ଖବର ପ୍ରଚାରିତ ହେବା ପରେ ବାଙ୍ଗୁରା ଗ୍ରାମ ଯେପରି ଉଠି ଆସିଥିଲା ଜାତୀୟ ରାଜପଥ ଉପରକୁ। ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଟ୍ରକ୍ ଭଙ୍ଗାରୁଜା କରିବା ସହ କ୍ଷତିପୂରଣ ଏବଂ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭରଙ୍କୁ ଗିରଫ ଦାବିରେ ୬ଟାରୁ ସାଢେ ୧୦ଟା ଯାଏ ପଥରଖମ୍ବ ଏବଂ ମୁକ୍ତାପଶି ଛକରେ ୫୩ନଂ. ଏନ୍‌ଏଚ୍‌ରେ ରାସ୍ତାରୋକୋ କରିଥିଲେ। ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ଏସ୍‌ଡିପିଓ ରଞ୍ଜନ କୁମାର ଦେଓ, ଥାନାଧିକାରୀ ଶରତ ଚନ୍ଦ୍ର ମହାଳିକ, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ବାଉଁଶପାଳ ସରପଞ୍ଚଙ୍କ ପ୍ରତିନିଧି ଦିଲୀପ କୁମାର ଷଣ୍ଢ ପ୍ରମୁଖ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ମନ୍ତ୍ରୀ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାର ସହିତ ଆଲୋଚନା କରିବା ସହ ମୁଖ୍ୟମନ୍ତ୍ରୀଙ୍କ ସହ କଥା ହୋଇଥିଲେ। କିଛି ସମୟ ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମୃତକଙ୍କ ପରିବାର ପାଇଁ କ୍ଷତିପୂରଣ ରାଶି ଘୋଷଣା କରାଯାଇଥିଲା। ଏହାପରେ ରାସ୍ତାରୋକୋ ପ୍ରତ୍ୟାହୃତ ହେଇଥିଲା। କାମାକ୍ଷାନଗର ଉପଖଣ୍ଡ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଏକ ଶୋକାକୁଳ ପରିବେଶରେ ମୃତଦେହ ଗ୍ରାମରେ ପହଞ୍ଚିବା ପରେ ସ୍ଥାନୀୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏ ନେଇ କାମାକ୍ଷାନଗର ଥାନାରେ ଦଫା ୨୭୯, ୩୦୪ (ଏ) ଅନୁଯାୟୀ ନଂ. ୩୧୩/୨୨ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗିରଫ କରିବାକୁ ତନାଘନା ଚଳାଇଛି।

ଏ ସମ୍ପର୍କରେ ଜିଲାପାଳ ସରୋଜ କୁମାର ସେଠୀ କୁହନ୍ତି, ଏହା ଏକ ସମ୍ବେଦନଶୀଳ ଘଟଣା। ଏହାକୁ ନେଇ ସେ ଗଭୀର ଶୋକବ୍ୟକ୍ତ କରିଛନ୍ତି। ଏଭଳି କଠିନ ସମୟରେ ମୃତକ ପରିବାର ସହିତ ପ୍ରଶାସନ ରହିଛି ବୋଲି ସେ ଆଶ୍ୱାସନା ଦେଇଛନ୍ତି। ଏଥିସହ ଘୋଷଣା କରାଯାଇଥିବା କ୍ଷତିପୂରଣ ରାଶି ଯଥାଶୀଘ୍ର ପ୍ରଦାନ କରାଯିବ ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି।

### ୯ ସେକେଣ୍ଡରେ ...

ଦକ୍ଷିଣ ଆଫ୍ରିକାର ଜେଟ୍ ଡିମୋଲିଶନ କମ୍ପାନୀ ବିଶେଷଜ୍ଞଙ୍କୁ ନେଇ ଏକ ଟିମ୍ ଗଠନ ହୋଇଥିଲା। ବୈଷୟିକ ତ୍ରୁଟି ଯୋଗୁ କିଛି ମାସ ଟାୱାର ଭାଙ୍ଗିବା କାର୍ଯ୍ୟ ଘୁଞ୍ଚିବା ପରେ ଅଗଷ୍ଟ ୨୮ ତାରିଖକୁ ଧାର୍ଯ୍ୟ କରାଯାଇଥିଲା। ବିଲ୍ଡିଂ ପିଲାରରେ ପ୍ରାୟ ୭ ହଜାର କଣା କରାଯାଇ ସେଥିରେ ବିସ୍ଫୋରକ ଭର୍ତ୍ତି କରାଯାଇଥିଲା। ଏଥିରେ ପ୍ରାୟ ୨୦ ହଜାର ସର୍କିଟ କରାଯାଇଥିଲା। ବିସ୍ଫୋରଣ ପାଇଁ ବ୍ୟବହାର ହୋଇଥିବା ଏକ୍ସପ୍ଲୋସିଭ୍ ୩ ଅଗ୍ନି ମିଶାଇଲ, ୧୨ ବ୍ରହ୍ମୋସ୍ କିମ୍ବା ୪ ପୃଥ୍ୱୀ ମିଶାଇଲ ପରି ଶକ୍ତିଶାଳୀ। ଆଖପାଖ ବିଲ୍ଡିଂ ଏବଂ ଅଞ୍ଚଳକୁ ଯେପରି ବିଲ୍ଡିଂ ଭଗ୍ନାବଶେଷରୁ ବାହାରିବାକୁ ଥିବା ଧୂଳି, ଧୂଆଁ ନ ଯାଏ ସେଥିପାଇଁ ୩ ସ୍ତରୀୟ ପରଦା ବ୍ୟବସ୍ଥା କରାଯାଇଥିଲା। ଅଟ୍ଟାଳିକା ଚାରିପାଖରେ ଟ୍ରେଞ୍ଚ ଖୋଳାଯାଇଥିଲା। ପାଖ ବିଲ୍ଡିଂ ଏବଂ ସୋସାଇଟିରୁ ପ୍ରାୟ ୫ ହଜାର ଲୋକଙ୍କୁ ସେମାନଙ୍କ ଘର ଖାଲି କରିବାକୁ କୁହାଯାଇଥିଲା। ୩ ହଜାରରୁ ଊର୍ଦ୍ଧ୍ୱ ଯାନବାହନ ଏବଂ ୧୫୦ ପୋଷା ପ୍ରାଣୀଙ୍କୁ କିଛି ଘଣ୍ଟା ପାଇଁ ସେହି ସ୍ଥାନରୁ ଦୂରକୁ ନିଆଯାଇଥିଲା। ୱାଟରଫଲ୍ ଇମ୍ପ୍ଲୋଜନ୍ କୌଶଳରେ ବିସ୍ଫୋରଣ ପରେ ଏହି ଦୁଇ ଟାୱାରରୁ ପ୍ରାୟ ୮୦ ହଜାର ଟନ୍ ଭଗ୍ନାବଶେଷ ବାହାରିଛି। ତାହାକୁ ସେଠାରୁ ସଫା କରିବା ପାଇଁ ୩ ମାସ ସମୟ ଲାଗିବ। ଯୋଜନା ଅନୁସାରେ ସୁରକ୍ଷିତ ଭାବେ ବିଲ୍ଡିଂ ଭଙ୍ଗା କାମ ଶେଷ ହୋଇଥିବା ନୋଏଡ଼ା ପୋଲିସ କମିଶନର ଆଲୋକ କୁମାର କହିଛନ୍ତି।

ସୁପରଟେକ୍‌ର ଏହି ଟୁଇନ ଟାୱାର ଭଙ୍ଗାଯିବା ଯୋଗୁ ୫୦୦ କୋଟି ଟଙ୍କା କ୍ଷତି ହୋଇଥିବା କମ୍ପାନୀ କହିଛି। ସୁପରଟେକ୍ ଲିମିଟେଡ୍ ସୂଚନା ଅନୁସାରେ, ଟୁଇନ୍ ଟାୱାର ପ୍ରୋଜେକ୍ଟ ପାଇଁ ଜମି କିଣିବା ନିମନ୍ତେ କମ୍ପାନୀ ୨୫ କୋଟି ଟଙ୍କା ଖର୍ଚ୍ଚ କରିଥିଲା। ଲେଆଉଟ୍ ସ୍ୱୀକୃତି ନିମନ୍ତେ ନୋଏଡା କର୍ତ୍ତୃପକ୍ଷଙ୍କ ଅନୁମତି ପାଇଁ ଆଉ ୨୫ କୋଟି ଲାଗିଥିଲା। ଷ୍ଟିଲ, ସିମେଣ୍ଟ, ବାଲି, ମଜୁରି, ବ୍ୟାଙ୍କ ଋଣ, ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ପ୍ରାୟ ୪୫୦ କୋଟି ନିବେଶ ହୋଇଥିଲା ବୋଲି କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି।

### ବିପର୍ଯ୍ୟୟ ରିଲିଫ୍ ...

ବିଭିନ୍ନ ସମୟରେ ରାଜ୍ୟର ସମସ୍ତ ୩୦ ଜିଲାକୁ କିଛି ନା କିଛି ପାଣ୍ଠି ରାଜ୍ୟ ସରକାର ଯୋଗାଇ ଆସିଛନ୍ତି। ପ୍ରାକୃତିକ ବିପର୍ଯ୍ୟୟକୁ ବାଦ୍ ଦେଲେ ବନ୍ୟାରେ ଭାସିଯାଇ, ସର୍ପାଘାତ ଓ ବଜ୍ରପାତ ଆଦି ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ପରିବାରକୁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଉପଯୁକ୍ତ କ୍ଷେତ୍ର ପରିଦର୍ଶନ ଓ ତଦାରଖ ପରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପ୍ରତ୍ୟକ୍ଷ ଭାବେ ସହାୟତା ରାଶି ପଠାଯାଇଥାଏ। ତେବେ ଉଭୟ ଘରୋଇ ଓ ସରକାରୀ କ୍ଷୟକ୍ଷତିର ବାସ୍ତବ ଆକଳନ କରାଗଲେ ରିଲିଫ୍ ବାବଦରେ ପ୍ରଦାନ କରାଯାଉଥିବା ପରିମାଣଠାରୁ ତାହା ଅଧିକ ହେବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ପ୍ରାକୃତିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରଭାବିତ ଅଞ୍ଚଳରେ ବିପର୍ଯ୍ୟୟ ମୁକାବିଲା ଦକ୍ଷତା ବୃଦ୍ଧି ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ମଧ୍ୟ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୀର୍ଘ ବର୍ଷ ହେଲା ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଆସୁଛନ୍ତି। ନିକଟରେ ନୀତି ଆୟୋଗର ଗଭର୍ନିଂ କାଉନ୍‌ସିଲ ବୈଠକରେ ମୁଖ୍ୟମନ୍ତ୍ରୀ ଉକ୍ତ ବୈଠକରେ ଯୋଗଦେଇ କହିଥିଲେ, ଓଡ଼ିଶା ପ୍ରାୟ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହେଉଛି। ତେଣୁ ରାଜ୍ୟକୁ ସୁରକ୍ଷିତ ରଖିବା ଲାଗି ଡିଜାଷ୍ଟର ରେଜିଲିଏଣ୍ଟ ଭିତ୍ତିଭୂମି ନିର୍ମାଣ ଜରୁରୀ ହୋଇପଡ଼ିଛି। ଓଡ଼ିଶାକୁ ସ୍ପେଶାଲ ଫୋକସ୍ ଷ୍ଟେଟ୍ ମାନ୍ୟତା ପ୍ରଦାନ କରି ସ୍ୱତନ୍ତ୍ର ପାଣ୍ଠି ଆବଣ୍ଟନ କରାଯାଉ ବୋଲି ମୁଖ୍ୟମନ୍ତ୍ରୀ କେନ୍ଦ୍ର ଆଗରେ ନିଜ ଦାବି ଦୋହରାଇଥିଲେ।

### ବଜ୍ରପାତ ନେଲା ...

ଶନିବାର ମଧ୍ୟ ମୟୂରଭଞ୍ଜ ଜିଲାରେ ବଜ୍ରପାତରେ ୨ଜଣଙ୍କ ଜୀବନ ଯାଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ନିମିଡିହି ଗ୍ରାମର ରାଣୀଙ୍କ ସହିତ ଝିଅ ଲେଚେ ଓ ଝିଆରୀ ପାନ ଶୌଚ ପାଇଁ ଗାଁ ପୋଖରୀକୁ ଯାଇଥିଲେ। ସେଠାରୁ ଫେରିବା ବାଟରେ ପ୍ରବଳ ଘଡ଼ଘଡ଼ି ସହ ବର୍ଷା ହେବାରୁ ସେମାନେ ଏକ ଗଛମୂଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ଘଟଣାସ୍ଥଳରେ ରାଣୀ ଓ ପାନ ମୁଣ୍ଡା ଟଳିପଡ଼ିଥିବା ବେଳେ ଝିଅ ଲେଚେ(୮) ଗୁରୁତର ହୋଇଥିଲେ। ସେ ଏବେ ରାଇରଙ୍ଗପୁର ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏ ସଂକ୍ରାନ୍ତରେ ବହଳଦା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୨) ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ରାଇରଙ୍ଗପୁର ଡାକ୍ତରଖାନାକୁ ପଠାଇଛି। ସେହିପରି ବାରୁଡିହୀ ଗ୍ରାମର ଶ୍ୟାମ ଚରଣ ବିଲରେ ହଳ କରୁଥିବା ବେଳେ ବଜ୍ରପାତରେ ପ୍ରାଣ ହରାଇଛନ୍ତି। ସେହିପରି ଝାରସୁଗୁଡ଼ା ଜିଲା ଦର୍ଲିପାଲି ଗ୍ରାମର କସ୍ତୁରୀ ରୋହିଦାସ ଓ ତାଙ୍କ ପୁଅ ଡୋଲାମଣିଙ୍କ ସହ ବାପଘର ବାସୁପାଲି ଗ୍ରାମକୁ ଆସିଥିଲେ। ରବିବାର ଅପରାହ୍ନ ସାଢ଼େ ୩ଟାରେ ଉଭୟ ମା'ପୁଅ ବଜ୍ରପାତର ଶିକାର ହୋଇଥିଲେ। ଉଭୟଙ୍କୁ ପରିବାର ଲୋକେ ଚିକିତ୍ସା ପାଇଁ ବେଲପାହାଡ଼ ଟିଆର୍‌ଏଲ୍ କ୍ରୋସାକି ହସ୍‌ପିଟାଲକୁ ଆଣିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ବଜ୍ରପାତରେ ଆହତ ହୋଇଥିବା ବାସୁପାଲି ଗ୍ରାମର ମହେନ୍ଦ୍ର ରୋହିଦାସ (୨୪) ଏବେ ହସ୍‌ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି। ମହେନ୍ଦ୍ର ହେଉଛନ୍ତି କସ୍ତୁରୀଙ୍କ ଭାଇର ପୁଅ। କସ୍ତୁରୀଙ୍କ ବଡ଼ପୁଅଙ୍କ ଅଭିଯୋଗ କ୍ରମେ ବନହରପାଲି ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୯/୨୦୨୨) ରୁଜୁ କରାଯାଇ ମୃତଦେହକୁ ଜବତ କରାଯାଇଛି। ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

### ଅକ୍ଟୋବର ୧୭ରେ ...

ସେ ତାଙ୍କ ଇସ୍ତଫାପତ୍ରରେ ରାହୁଲ ଗାନ୍ଧୀଙ୍କୁ ଦାୟୀ କରିଥିଲେ। ଶନିବାର ଆଜାଦଙ୍କ ଘରେ ଅସନ୍ତୁଷ୍ଟ ଜି–୨୩ ନେତାମାନେ ଏକାଠି ହୋଇଥିବାବେଳେ ରବିବାର ସିଡବ୍ଲ୍ୟୁସି ବୈଠକ ବସି ଦଳରେ ନୂଆ ଅଧ୍ୟକ୍ଷ ନିର୍ବାଚନ ପାଇଁ ତାରିଖ ଘୋଷଣା କରାଯାଇଛି। ୨୦୦୦ ନଭେମ୍ବର ପରେ କଂଗ୍ରେସରେ ଏହା ପ୍ରଥମ ଅଧ୍ୟକ୍ଷ ନିର୍ବାଚନ। ବଂଶବାଦ ରାଜନୀତି ଏବଂ ଗାନ୍ଧୀ ପରିବାର ନିୟନ୍ତ୍ରଣରେ ଦେଶର ସର୍ବପୁରାତନ ରହିବାକୁ ନେଇ ଭାଜପା ବାରମ୍ବାର ସମାଲୋଚନା କରିବା ସହ ଦଳୀୟ ଅସନ୍ତୋଷ ପରେ ସାଂଗଠନିକ ନିର୍ବାଚନ ପାଇଁ ସିଡବ୍ଲ୍ୟୁସି ନିଷ୍ପତ୍ତି ନେଇଛି। ରାହୁଲ ଗାନ୍ଧୀ ୨୦୧୭ରୁ ୨୦୧୯ ଦୁଇବର୍ଷ କଂଗ୍ରେସର ମଙ୍ଗ ସମ୍ଭାଳିଥିଲେ। ଏହାକୁ ବାଦ୍ ଦେଲେ ୧୯୯୮ରୁ ଏପର୍ଯ୍ୟନ୍ତ ସୋନିଆ ଗାନ୍ଧୀ ଦଳର ଅଧ୍ୟକ୍ଷ ରହିଆସିଛନ୍ତି।

**classifieds Everyday** 0674-2580101, 2549302




**SALE**

**Infocity-II, Madanpur ପାଖରେ 2000sqft.କୁ 24,00,000/- ଟଙ୍କାରେ ପାଚେରି ସହ plot ବିକ୍ରିହେବ। 7978617023.** D-1270

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-73299

**Puri Holiday Apartment 1BK/1BHK sale at GIRALA NH-316, Puri, Brahmagiri Road near New International Airport Sqft. 4500/- (Bank loan available) 8249390294, 8018417272.** D-73296

1600sqft. ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। ରବିଟକିଜ୍‌ରୁ 1.5 ମିଟର। 9827119799. D-73864

**ଭୁବନେଶ୍ୱର ହଂସପାଳଛକରୁ ମାତ୍ର 5K.M. ବ୍ୟବଧାନରେ ନୀଳକଣ୍ଠେଶ୍ୱର ମନ୍ଦିରକୁ ଲାଗି 2800sqft. ଘରବାରି ଜାଗା ପାଚେରି ସହ ବିକ୍ରିହେବ। sqft. 1250/-, 9040744989, 9776366322, 7873219026.** D-74103




Newly open SPA positively health benefit with expert. Contact: 7749976301. D-73859

**One hour any therapy by expert therapist @999 only. 9078484455.** D-73637

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73957

Mesmerizing, energetic body, mind qualitative relaxing massage experienced therapists. 7751083098. D-73865

Newly open full body massage ladies and gents. 8327740003, 8093860513. D-73958

Newly open full body massage 1099 free massage one. Mo: 9583808247. D-1164




**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୯ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ବୃଦ୍ଧ ମୃତ

ରଘୁନାଥପୁର, ୨୮।୮(ଡି.ଏନ୍.ଏ.): ରେଳଫାଟକ ପଡ଼ିଥିବା ସମୟରେ ରାସ୍ତା ପାର ହେବା ଉଦ୍ୟମ ଜଣେ ବୃଦ୍ଧଙ୍କ ପାଇଁ କାଳ ହୋଇଛି। ଟ୍ରେନ୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଛି। କଟକ-ପାରାଦୀପ ରେଳପଥର ରଘୁନାଥପୁର କନ୍ଦରାପଟି ରେଳଫାଟକ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତକଙ୍କ ପରିଚୟ ମିଳି ନ ଥିବା ବେଳେ ସେ ରଘୁନାଥପୁର ଥାନା ଅନ୍ତର୍ଗତ ସାଦେଇପୁର ଅଞ୍ଚଳର ବୋଲି ଶୁଣାଯାଉଛି। ଖବର ପାଇ ରେଳ ବିଭାଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସୂଚନା ଅନୁସାରେ, ମଧ୍ୟାହ୍ନ ସାଢ଼େ ୧୨ଟାରେ ପାରାଦୀପ-ପଲାସା ପାସେଞ୍ଜର ଟ୍ରେନ୍ ଯାଉଥିଲା। ଏନେଇ ରଘୁନାଥପୁର କନ୍ଦରାପଟି ନିକଟରେ ରେଳଫାଟକ ପଡ଼ିଥିଲା। ଏହି ସମୟରେ ସମ୍ପୃକ୍ତ ବୃଦ୍ଧ ସାଇକେଲ୍‌ରେ ରେଳ ଫାଟକ ନିକଟରେ ପହଞ୍ଚିଥିଲେ। ସେ ଟ୍ରେନ୍ ଯିବାକୁ ଅପେକ୍ଷା ନ କରି ଫାଟକ ତଳେ ଗଳି ଶୀଘ୍ର ଯିବାକୁ ଉଦ୍ୟମ କରିଥଲେ। ଏହି ସମୟରେ ପାସେଞ୍ଜର ଟ୍ରେନ୍ ସହ ତାଙ୍କର ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ଗଲ୍‌ଫ କ୍ଲବ ପଡ଼ିଆରେ ଚାରା ରୋପଣ

ପାରାଦୀପ,୨୮।୮(ସ୍ୱ.ପ୍ର.): ପାରାଦୀପର ଗଲ୍‌ଫ କ୍ଲବ ପରିସରରେ ରବିବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହାକୁ ରୋଟାରୀ କ୍ଲବ ପକ୍ଷରୁ ଆୟୋଜନ କରାଯାଇଥିଲା। କ୍ଲବର ସଦସ୍ୟମାନେ ଏହି ଅବସରରେ ଫଳଚାରା ରୋପଣ କରିଥିଲେ। ଏଥିରେ ବନ୍ଦର ଅର୍ଥ ପରାମର୍ଶ ଅଧିକାରୀ ଡି.ଏନ୍. ସୋନ୍ଧି, ଡାକ୍ତର ଦୁର୍ଗାପ୍ରସାଦ ସେଠୀ, ବବଲୁ ସିକ୍‌ଦାର, ଅକ୍ଷୟ କୁମାର ସୂତାର ଓ ହରିହର ଦାଶ ପ୍ରମୁଖ ସାମିଲ ହୋଇଥିଲେ।

### ମହିଳାଙ୍କୁ ବାୟୋଫ୍ଲକ୍ସ ମାଛ ଚାଷ ପାଇଁ ସହାୟତା



ବିରିଡି. ୨୮।୮(ଡି.ଏନ.ଏ): ବିରିଡ଼ି ବ୍ଲକ ମଙ୍ଗୁଲି ପଞ୍ଚାୟତରେ ଥିବା ଏସ୍‌ଏଚ୍‌ଜି ଏକତା ପ୍ରତ୍ୟୁସର ସଦସ୍ୟାମାନେ ବାୟୋଫ୍ଲକ୍ସ ମାଛ ଚାଷ ଆରମ୍ଭ କରିଛନ୍ତି। ଏ ନେଇ ଦିଲ୍ଲୀସ୍ଥିତ 'ଗୁଞ୍ଜ' ଅନୁଷ୍ଠାନ ପକ୍ଷରୁ ମଙ୍ଗୁଲି ବସୁମାତା ଅନୁଷ୍ଠାନ ସହଯୋଗରେ ସେମାନଙ୍କୁ ୧ ଲକ୍ଷ ୩୫ ହଜାର ଟଙ୍କା ଯୋଗାଇ ଦିଆଯାଇଛି। ଏହି ମାଛଚାଷକୁ ରବିବାର 'ଗୁଞ୍ଜ'ର ଓଡ଼ିଶା ମୁଖ୍ୟ ସୁରେଶ କୁମାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁଞ୍ଜର ସଂଯୋଜକ ଅଶୋକ ବେହେରା, ବସୁମାତାର ସମ୍ପାଦକ ଗୟାଧର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବାୟୋଫ୍ଲକ୍ସ ମାଛ ଚାଷ ପ୍ରଣାଳୀ ବୁଲି ଦେଖିଥିଲେ। ସେମାନେ ଏଥିରେ ବ୍ୟବହୃତ ବୈଷୟିକ ଜ୍ଞାନକୌଶଳ, ଯନ୍ତ୍ରପାତି ଓ ସରଞ୍ଜାମ ବୁଲି ଦେଖିଥିଲେ। ଗ୍ରୁପ୍‌ର ସଦସ୍ୟାମାନେ ଏହାକୁ ଜଗାରଖା କଲେ ସେମାନଙ୍କ ଆର୍ଥିକ ମାନଦଣ୍ଡ ବଢ଼ିପାରିବ ବୋଲି ଗୁଞ୍ଜର ସଂଯୋଜକ ବେହେରା କହିଥିଲେ। ଶେଷରେ ସଭାନେତ୍ରୀ ସୁପ୍ରଭା ଦାଶ ଧନ୍ୟବାଦ ଦେଇଥିଲେ।

# ଡିଲରଙ୍କୁ ସାଇବର ଠକଙ୍କ ଟାର୍ଗେଟ୍

**ସିଏସ୍‌ଓ ପରିଚୟ ଦେଇ ୨ ଜଣଙ୍କଠାରୁ ୩୨ ହଜାର ଲୁଟ୍**

ରଘୁନାଥପୁର,୨୮।୮(ଡି.ଏନ୍.ଏ)

ରଘୁନାଥପୁର ବ୍ଲକ ଅଞ୍ଚଳର ଡିଲରଙ୍କୁ(ଖାଉଟି ସାମଗ୍ରୀ ବିକ୍ରେତା) ସାଇବର ଲୁଟେରାମାନେ ଟାର୍ଗେଟ୍ କରିଛନ୍ତି। ଫୋନ୍‌ରେ ସିଏସ୍‌ଓ (ସିଭିଲ ସପ୍ଲାଇ ଅଫିସର) ବୋଲି ପରିଚୟ ଦେଇ ଶନିବାର ତାରପୁର ପଞ୍ଚାୟତ ଅନ୍ତର୍ଗତ ହରିଶ୍‌ପୁରର ବିଷ୍ଣୁଚରଣ ବାରିକ ଓ ଗୋକୁଳପୁରର ଅଭୟ କୁମାର ସିଂହଙ୍କୁ ଠକି ଦେଇଛନ୍ତି। ବିଷ୍ଣୁ ଓ ଅଭୟଙ୍କୁ ସାହାଯ୍ୟ କରିବାକୁ ଯାଇ ଅନ୍ୟ ୨ ଜଣଙ୍କ ଆକାଉଣ୍ଟରୁ ୩୨ ହଜାର ଟଙ୍କା କଟିଯାଇଛି।

ରବିବାର ସକାଳେ ବିଷ୍ଣୁଙ୍କ ମୋବାଇଲ୍‌କୁ ଏକ ଫୋନ୍ କଲ୍ ଆସିଥିଲା। ସେଥିରେ ଅଭିଯୁକ୍ତ ବ୍ୟକ୍ତି ନିଜକୁ ସିଏସ୍‌ଓ ବୋଲି ପରିଚୟ ଦେଇ ଡିଜିଟାଲ ଆକାଉଣ୍ଟ ନମ୍ବର ମାଗିବା ସହ ବାର୍ଷିକ ବୋନସ୍ ଟଙ୍କା ଆକାଉଣ୍ଟକୁ କ୍ରେଡିଟ୍ କରାଯିବ ବୋଲି କହିଥିଲେ। ବିଷ୍ଣୁଙ୍କ ନିଜର ଡିଜିଟାଲ ଆକାଉଣ୍ଟ ନ ଥିବାରୁ ସେ ନିକଟସ୍ଥ ସହଜ ସେବାକେନ୍ଦ୍ର ମାଲିକ ସୁକାନ୍ତ କୁମାର ଦାସଙ୍କ ସାହାଯ୍ୟ ମାଗିଥିଲେ। ତାଙ୍କୁ ବିଶ୍ୱାସ କରି ସୁକାନ୍ତ ସୋସିଆଲ ମିଡିଆ ଜରିଆରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପାଖକୁ ଡିଜିଟାଲ ଆକାଉଣ୍ଟ ନମ୍ବର ପଠାଇଥିଲେ। ଏହାର ଦୁଇ ମିନିଟ୍ ମଧ୍ୟରେ ସୁକାନ୍ତଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୨୦ ହଜାର ଟଙ୍କା କଟିଯାଇଥିଲା। ପରବର୍ତ୍ତୀ ସମୟରେ ଡିଜିଟାଲ ଆକାଉଣ୍ଟ ନମ୍ବର ପୁନର୍ବାର ପଠାଇବା ପାଇଁ ଏକ ମେସେଜ୍ ଆସିଥିଲା। କିନ୍ତୁ ସୁକାନ୍ତ ଉକ୍ତ ମେସେଜ୍‌ର କୌଣସି ଉତ୍ତର ଦେଇ ନ ଥିଲେ।

ସେହିପରି ଡିଲର ଅଭୟଙ୍କ ପାଖକୁ ମଧ୍ୟ ସିଏସ୍‌ଓ ପରିଚୟ ଦେଇ ଏକ ଫୋନ୍ କଲ୍ ଆସିଥିଲା। ସାନିଟାଇଜେଶନ ପ୍ରଡକ୍ଟ କିଣିବା ବାବଦରେ ଟଙ୍କା କ୍ରେଡିଟ୍ ହେବ, ଏନେଇ ଡିଜିଟାଲ ଆକାଉଣ୍ଟ ନମ୍ବର ପଠାଇବାକୁ କୁହାଯାଇଥିଲା। ଅଭୟଙ୍କ ନିଜସ୍ୱ ଡିଜିଟାଲ ଆକାଉଣ୍ଟ ନ ଥିବାରୁ ସେ ସ୍ଥାନୀୟ ଅଞ୍ଚଳର ଜଣେ ଛାତ୍ରଙ୍କ ସହଯୋଗ ଲୋଡ଼ିଥିଲେ। ଛାତ୍ର ଜଣକ ସୋସିଆଲ ମିଡିଆରେ ଉକ୍ତ ନମ୍ବର ପଠାଇବା ପରେ ତାଙ୍କ ଜମାଖାତାରୁ ୧୨ ହଜାର ଟଙ୍କା କଟିଯାଇଥିଲା। ଏଭଳି ଠକଙ୍କ ଫୋନ କଲ୍ ଆସୁଥିବା ନେଇ ୧୦ ଜଣ ଡିଲରଙ୍କଠାରୁ ସୂଚନା ପାଇ ଏମ୍‌ଆଇ (ମେଜରମେଣ୍ଟ ଇନ୍ସପେକ୍ଟର) ବାବୁଲାଲ ବାରିକ ଗ୍ରୁପ୍‌ରେ ମେସେଜ ପଠାଇ ଅନ୍ୟ ଡିଲରମାନଙ୍କୁ ସତର୍କ କରାଇବା ସହ କାହାକୁ ଡିଜିଟାଲ ଆକାଉଣ୍ଟ ନମ୍ବର ନ ଦେବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ବିଷ୍ଣୁ ଏବଂ ଅଭୟଙ୍କୁ ସାଇବର ଥାନାରେ ଅଭିଯୋଗ କରିବା ପାଇଁ କହିଛନ୍ତି।



କରାଟେ ବେଲ୍ଟ ଓ ପ୍ରମାଣପତ୍ର ପାଇଥିବା ଛାତ୍ରୀଛାତ୍ରମାନେ।

## କରାଟେ ଛାତ୍ରୀଛାତ୍ରଙ୍କୁ ବେଲ୍ଟ ପ୍ରଦାନ

ପାରାଦୀପ ୨୮।୮(ସ୍ୱ.ପ୍ର.)

ପାରାଦୀପ ମଧୁବନସ୍ଥିତ ଆମ୍ବେଡ଼କର ପଡ଼ିଆରେ ରବିବାର କରାଟେ ପ୍ରଶିକ୍ଷଣ ନେଇଥିବା ୬୦ ଜଣ ଛାତ୍ରୀଛାତ୍ରଙ୍କୁ ବେଲ୍ଟ ପ୍ରଦାନ କରାଯାଇଛି। ଆନ୍ତର୍ଜାତିକ ଗୋସୁକୋ କରାଟେ ସଂଘ ଓଡ଼ିଶା ଶାଖା ପକ୍ଷରୁ ଏହି ବେଲ୍ଟ ଦିଆଯାଇଛି। କାର୍ଯ୍ୟକ୍ରମରେ ଖବରଦାତା ଶୁକଦେବ ଜେନା, ସ୍ୱାଧୀନଚେତା ଦାସ ମହାପାତ୍ର, ଶଶାଙ୍କ ଆଚାର୍ଯ୍ୟ ଓ ପ୍ରଶିକ୍ଷକ ସଞ୍ଜୟ କୁମାର ସାହା ପ୍ରମୁଖ ଉପସ୍ଥିତ ଥିଲେ।

## ୩ ପ୍ରଶିକ୍ଷାର୍ଥୀଙ୍କ ସଫଳତା ପଛରେ ନୌସେନା କର୍ମଚାରୀ



କ୍ରୀଡ଼ା ଛାତ୍ରାବାସରେ ରହି ଅଧ୍ୟୟନ କରିବାକୁ ମନୋନୀତ ହୋଇଥିବା ଛାତ୍ରୀଛାତ୍ର।

ବରୀ,୨୮।୮(ଡି.ଏନ୍.ଏ.):

ବରୀ ବ୍ଲକ ରତ୍ନଗିରି ପଞ୍ଚାୟତ ଅଲିଆବାଦ ଗ୍ରାମର ଅବସରପ୍ରାପ୍ତ ନୌସେନା କର୍ମଚାରୀ ତରୁଣ କୁମାର ଦାସଙ୍କଠାରୁ ପ୍ରଶିକ୍ଷଣ ପାଇ ୩ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ସେମାନେ ହେଲେ ଅଲିଆବାଦ ଉଚ୍ଚ ବିଦ୍ୟାଳୟର ୨ ଛାତ୍ର ଓ ଜଣେ ଛାତ୍ରୀ। ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ସଫଳତାଲାଭ କରିବା ପରେ ଉକ୍ତ କ୍ରୀଡ଼ାବିତଙ୍କ ସମେତ ପ୍ରଶିକ୍ଷକ ଦାସଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ବିଦ୍ୟାଳୟର ସାଗର ଶାନ୍ତି ଓ ଦିପ୍ତୀମୟୀ ଦାସ ଦୌଡ଼ କୁଦ ବିଭାଗ ଏବଂ ହିମାଂଶୁ କୁମାର ଜେନା ଖୋଖୋ ଖେଳ ପାଇଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଛାତ୍ରାବାସରେ ରହି ଅଧ୍ୟୟନ କରିବା ସହ କ୍ରୀଡ଼ା କ୍ଷେତ୍ରରେ ପ୍ରଶିକ୍ଷଣ ନେବାର ସୁଯୋଗ ପାଇଛନ୍ତି। ଏ ନେଇ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି।

ସୂଚନା ମୁତାବକ, ଉକ୍ତ ୩ କ୍ରୀଡ଼ାବିତ୍ ଏହା ପୂର୍ବରୁ ବ୍ଲକ୍, ଜିଲା ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସାମିଲ ହୋଇ ସଫଳତା ହାସଲ କରିଛନ୍ତି। ଏ ସମ୍ପର୍କରେ ପ୍ରଶିକ୍ଷକ ଅବସରପ୍ରାପ୍ତ ନୌସେନା ଅଧିକାରୀ ଦାସ କହିଛନ୍ତି, ବରୀ ଅଞ୍ଚଳରୁ ଅଧିକରୁ ଅଧିକ ଛାତ୍ରୀଛାତ୍ର କ୍ରୀଡ଼ା କ୍ଷେତ୍ରରେ କିଭଳି ଭାବେ ସଫଳଲତା ଲାଭ କରିପାରିବେ ସେ ନେଇ ମୁଁ ଉଦ୍ୟମ ଆରମ୍ଭ କରିଛି। ଆଗକୁ ମଧ୍ୟ ଏହି ପ୍ରଶିକ୍ଷଣ ଜାରି ରହିବ।


1st Birthday



Stutee ( Cutie)
Many many happy returns of the day. Happy Birthday "Cutie". God bless you... Jay Jagannath.
Special wishes from:-
With best wishes from: Jeje, Maa, Aja, Aee, Sai Bhai, Krishna Bhai, Ahwan Bhai and all members of Behera Family.
D-1375


# ଜାତୀୟ ମାନବିକ ଅଧିକାର କମିଶନ ନିକଟରେ ଅଭିଯୋଗ

**ଆଶାକର୍ମୀଙ୍କୁ ଗଣବଳାତ୍କାର ଘଟଣା**

ପାରାଦୀପ ୨୮।୮(ସ୍ୱ.ପ୍ର.)

ପାରାଦୀପର ଆଶାକର୍ମୀଙ୍କୁ ଗଣବଳାତ୍କାର କରିବା ଘଟଣାକୁ ଇତିମଧ୍ୟରେ ୩ ଦିନ ଅତିକ୍ରାନ୍ତ କରିଛି। ମାତ୍ର ଏ ପର୍ଯ୍ୟନ୍ତ ପାରାଦୀପ ଆଦର୍ଶ ଥାନା ପୋଲିସ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇନାହିଁ। ଅପରପକ୍ଷେ ନ୍ୟାୟ ପାଇଁ ଲଢ଼େଇ ନାମକ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସୁବ୍ରତ ଦାଶ ରବିବାର ଜାତୀୟ ମାନବିକ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଥିରେ ପୀଡ଼ିତାଙ୍କୁ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦର୍ଶାଯାଇଛି। କମିଶନ ଏହାକୁ ଗ୍ରହଣ କରିବା ସହ ୧୪୨୧୮/୨୦୨୨ରେ ମାମଲା ପଞ୍ଜୀକୃତ କରିଛନ୍ତି। ଏହି ଘଟଣାକୁ ନେଇ ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ପକ୍ଷରୁ ପାରାଦୀପ ଆଦର୍ଶ ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ସଂଘର କର୍ମକର୍ତ୍ତା ଚିନ୍ମୟୀ ସାହାଣୀ, ସୁଦାମ ସୂତାର ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ ସୋମବାର ସବିଶେଷ ସୂଚନା ଦିଆଯିବ ବୋଲି ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ କହିଛନ୍ତି।

## ଶ୍ରାଦ୍ଧ ବାର୍ଷିକୀରେ ସ୍ୱାସ୍ଥ୍ୟଶିବିର, ଚାରା ରୋପଣ

ବାଲିକୁଦା, ୨୮।୮(ସ୍ୱ.ପ୍ର.)

ବୋରିକିନା ଅଞ୍ଚଳର ସାମାଜିକ କର୍ମୀ ବାଉରୀବନ୍ଧୁ ପରିଡ଼ାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ତାଙ୍କ ଗ୍ରାମ ବଡ଼କୁଳସ୍ଥିତ ବାସଭବନରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପରିଡ଼ାଙ୍କ ବଡ଼ପୁଅ ନିରଞ୍ଜନ ଏହାକୁ ଉଦ୍‌ଘାଟନ କରିଥିଲେ। କୃତୀ ଶିକ୍ଷକ କ୍ଷୀରୋଦ ପରିଡ଼ାଙ୍କ ସମେତ ପରିବାରର ଅନ୍ୟ ସଦସ୍ୟମାନେ ଏହାକୁ ପରିଚାଳନା କରିଥିଲେ। ସାନପୁଅ ତଥା କଟକ ବଡ଼ ମେଡିକାଲ ଅସ୍ଥିଶଲ୍ୟ ବିଭାଗ ଆସୋସିଏଟ୍ ପ୍ରଫେସର ଡା. ସରୋଜ ପରିଡ଼ା ଓ ବୋହୂ ଡା. ସୋମ୍ୟା ନାୟକଙ୍କ ସମେତ ଡା. ଫାୟାଜ୍ ମହମ୍ମଦ, ଡା. ବ୍ରିଜେଶ ରାଉତ ଓ ଲାବରେଟୋରି ଟେକ୍ନିକାଲ ବାବୁନ ସାହୁଙ୍କ ଦ୍ୱାରା ଲୋକମାନଙ୍କୁ ମାଗଣାରେ ଚିକିତ୍ସା କରାଯାଇଥିଲା। ପରେ ଗାଁ ପାର୍ଶ୍ୱ ରାସ୍ତାରେ ସ୍ୱର୍ଗତ ପରିଡ଼ାଙ୍କ ସ୍ମୃତିରେ ଚାରା ରୋପଣ କରାଯାଇ ପରିବେଶ ସୁରକ୍ଷା ପାଇଁ ଗାଁ ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା। ଆଇନଜୀବୀ ବୀର ନାରାୟଣ ପାତ୍ରଙ୍କ ପୌରୋହିତ୍ୟରେ ଏକ ସ୍ମୃତିଚାରଣ ସଭା ଆୟୋଜନ କରାଯାଇଥିଲା। ଏଥିରେ ଜଗତ୍‌ସିଂହପୁର ବିଧାୟକ ତଥା ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ରାଷ୍ଟ୍ରୀୟ ଜଗନ୍ନାଥ କଥା ପ୍ରଚାରକ ସତ୍ୟାନନ୍ଦ ଦାସ, ବାଲିକୁଦା ପୂର୍ବତନ ବିଧାୟକ ଡା. ଲଲାଟେନ୍ଦୁ ମହାପାତ୍ର, ଜ୍ୟୋତିଷ ଚନ୍ଦ୍ର ଦାସ, ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ମହାନ୍ତି, ମହେଶ୍ୱର ବେହେରା ଓ ରାମଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସ୍ମରଣିକା 'ବାଉରୀବନ୍ଧୁ' ଉନ୍ମୋଚନ କରାଯାଇଥିଲା। ପରେ ଅତିଥିମାନଙ୍କ ଦ୍ୱାରା ସ୍ୱର୍ଗତ ପରିଡ଼ାଙ୍କ ଏକ ପ୍ରତିମୂର୍ତ୍ତି ଅନାବରଣ କରାଯାଇଥିଲା।

# ସିଂହପୁର ପ୍ରାଥମିକ ଶିକ୍ଷା ଉନ୍ନୟନ କମିଟି ବୈଠକ

ସିଂହପୁର,୨୮।୮(ଡି.ଏନ.ଏ.):

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସିଂହପୁର ପ୍ରାଥମିକ ଶିକ୍ଷା ଉନ୍ନୟନ କମିଟି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଂହପୁର ପଞ୍ଚାୟତର ବୁଦ୍ଧିଜୀବୀ, ଅବସରପ୍ରାପ୍ତ ଶିକ୍ଷକମାନେ ଯୋଗ ଦେଇଥିଲେ। ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥା ଏକପ୍ରକାର ଭୁଶୁଡ଼ି ପଡିଛି। କେଉଁଠି ଶିକ୍ଷକ ଅଭାବତ କେଉଁଠି ପାଠପଢ଼ା ଠିକଭାବେ ହେଉନାହିଁ। ବିଦ୍ୟାଳୟର ଅନ୍ୟାନ୍ୟ ସମସ୍ୟାକୁ ଦୃଷ୍ଟିରେ ରଖି ଏହି ଉନ୍ନୟନ କମିଟି ଗଠନ କରାଯାଇଛି। ସରପଞ୍ଚଙ୍କ ସମେତ ଏହି କମିଟି ସଦସ୍ୟ ପଞ୍ଚାୟତର ବିଭିନ୍ନ ସରକାରୀ ସ୍କୁଲକୁ ଯାଇ ପାଠପଢ଼ା ସହିତ ଅନ୍ୟାନ୍ୟ ସମସ୍ୟାର ତଦାରଖ କରିବେ।

ସିଂହପୁର ସରପଞ୍ଚ ଶଶାଙ୍କ ଶେଖର ଖିଲାରଙ୍କ ସଂଯୋଜନା ଓ ବରିଷ୍ଠ ନାଗରିକ ପଦ୍ମନାଭ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଶିକ୍ଷାବିତ କୃଷ୍ଣଚନ୍ଦ୍ର ଜେନା ଘନଶ୍ୟାମ ଦାସ, ଖରସ୍ରୋତା ମହାବିଦ୍ୟାଳୟ ଅଧକ୍ଷ ସତ୍ୟବ୍ରତ ପାଢ଼ୀ, ଗୁରୁଚରଣ ସାହୁ, ସୁଶାନ୍ତ ନାୟକ, ପ୍ରଦୀପ ଜେନା, ଚୈତନ୍ୟ ସାହୁ, ଅର୍ଜୁନ ଚରଣ ଦାସ, ମଳୟ ଥାଟୋଇ, ନାରାୟଣ ଚନ୍ଦ୍ର ଦାସ, ପୁରୁଷୋତମ ବେହେରା, ଉମେଶ ସାହୁ, ସୁବାଶ ଚନ୍ଦ୍ର ପ୍ରଧାନ, ପଦ୍ମଚରଣ ଧଳ, ତ୍ରିଲୋଚନ ରାଉତ, ରତ୍ନାକର ସାହୁ ଓ ଅଶୋକ ଧଳ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା ଓ ଅନ୍ୟମାନେ।


SMILE+ JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
- White Phenyle
- Black Phenyle
- Green Phenyle
- Liquid detergent
- Detergent Powder
- Packaging Materials
- Hand Wash
- Dish Wash
- Toilet Cleaner
- Glass Cleaner
- Sanitizer
- Agarbati

Free Training on all products



Other Chemicals
- Bleaching Powder
- Castic Soda
- HCL Acid
- Sulphuric Acid
- Alum
- Acetic Acid
- Dolomite Powder
- French chalk powder

Plot No.843, Palasuni, Bhubaneswar-751010
Mob.No.-9938069796, 9861049796



## ELECTION OFFICER THE KHORDHA CENTRAL CO-OPERATIVE BANK LTD., KHORDHA

### ELECTION NOTICE

Order No: 1 Date:26.08.2022

In exercise of the powers conferred on me under O.C.S. Act 1962 and O.C.S, (Election Committee) Rule 1992 and in pursuant to notification No. 2573 dtd. 12.8.2022 of the State Co-Operative Election Commission, Odisha, Bhubaneswar, I Sri ManoJ Kumar Padhy, O.A.S (SAG) Addl.Dist.Magistrate-Cum-Election Officer of Khordha Central Co-operative Bank Ltd., Khordha do hereby notify the date of election of 15 number of members to the Committee of Management to be held on dated 30.10.2022.

The Election will be held for 15 numbers of members for the Committee from 15 constituencies, one from each constituency. The detail programme will be published in due course of time.

Sd./- (Sri Manoj Kumar Padhy, O.A.S. (SAG)
A.D.M., Khordha-Cum-Election Officer
Khordha CC Bank Ltd., Khordha


# ଲୋକାୟୁକ୍ତରେ ହାଜର ପାଇଁ ଜିଲାପାଳ, ତହସିଲଦାରଙ୍କୁ ନିର୍ଦ୍ଦେଶ

**ବେଆଇନ କଳାପଥର ଉତ୍ତୋଳନକାରୀଙ୍କଠାରୁ ଜରିମାନା ଆଦାୟରେ ତହସିଲ ପ୍ରଶାସନ ବିଫଳ**

ଧର୍ମଶାଳା,୨୮।୮(ଡି.ଏନ.ଏ.):

ଧର୍ମଶାଳା ତହସିଲ ଅନ୍ତର୍ଗତ ଆରୁହା କଳାପଥର ଖାଦାନରେ ବେଆଇନ ଭାବେ କଳାପଥର ଉତ୍ତୋଳନ କରିଥିବା ପ୍ରଭାକର ଜେନାଙ୍କଠାରୁ ଜରିମାନା ଆଦାୟ କରିବାରେ ପ୍ରଶାସନ ବିଫଳ ହୋଇଛି। ତାଙ୍କ ଉପରେ ଲାଗୁ ହୋଇଥିବା ଜରିମାନା ଆଦାୟ କରିବାକୁ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରିବା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଲୋକାୟୁକ୍ତ ଏହାର ଶୁଣାଣି କରି ଯାଜପୁର ଜିଲାପାଳ ଓ ଧର୍ମଶାଳା ତହସିଲଦାରଙ୍କୁ ସେପ୍ଟେମ୍ବର ୨୭ ତାରିଖ ମଧ୍ୟରେ ହାଜର ହୋଇ ଏହାର ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଆରୁହା କଳପଥର ପାହାଡ଼ର ଖାତା ନଂ.୭୭୯ ଓ ପ୍ଲଟ ନଂ.୨୮୧୦ରେ ଆରୁହା ଗ୍ରାମର ପ୍ରଭାକର ଜେନା ବେଆଇନ ଭାବେ ପଥର ଉତ୍ତୋଳନ କରି ଅନ୍ୟତ୍ର ଚାଲାଣ କରୁଥିଲେ। ସେଠାରେ ଥିବା ତାଙ୍କର କ୍ରଶରରେ ପଥର ଭଙ୍ଗା ଯାଉଥିବା ନେଇ ସ୍ଥାନୀୟ ଅଞ୍ଚଳର ମନୋରଞ୍ଜନ ଜେନା ଫେବୃଆରୀ ୨୦୧୯ରେ ଧର୍ମଶାଳା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ସହ ଜିଲାପାଳଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଧର୍ମଶାଳା ତତ୍କାଳୀନ ତହସିଲଦାର ଏହାର ତଦନ୍ତ କରିବାକୁ ଆର୍‌ଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ତଦନ୍ତ ସମୟରେ ସେଠାରେ ବେଆଇନ ଖାଦାନ ଚାଲିଥିବା ବେଳେ ବହୁପରିମାଣର କଳାପଥର ଉତ୍ତୋଳନ ହୋଇଥିବା ଆରଆଇ ତହସିଲଦାରଙ୍କୁ ରିପୋର୍ଟ କରିଥିଲେ। ଏହାକୁ ଭିତ୍ତିକରି ତହସିଲଦାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ପ୍ରଭାକରଙ୍କୁ ଗିରଫ କରି କୋର୍ଟଚାଲାଣ କରିବା ସହିତ ତାଙ୍କ କ୍ରଶରକୁ ସିଲ କରିଥିଲା। ତଦନ୍ତ ସମୟରେ ସେଠାରୁ କେତେ ପରିମାଣର କଳାପଥର ଉତ୍ତୋଳନ ହୋଇଛି ତା'ର ଏକ ରିପୋର୍ଟ ପ୍ରସ୍ତୁତ କରିବାକୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ସମ୍ପୃକ୍ତ ଅଞ୍ଚଳର ଆର୍‌ଆଇ ଏବଂ ପୋଲିସ ମିଳିତ ଭାବେ ତଦନ୍ତ କରିବା ବେଳେ ୨ଲକ୍ଷ ସିଏମ୍ କଳାପଥର ଚାଲାଣ ହୋଇଥିବା ଜଣାପଡ଼ିଥିଲା, ଯାହାର ମୂଲ୍ୟ ୨ କୋଟି ୬୦ ଲକ୍ଷଟଙ୍କା ଆକଳନ କରାଯାଇଥିଲା। ହେଲେ ଏହି ଘଟଣାକୁ ୨ ବର୍ଷ ବିତିଯାଇଥିଲେ ହେଁ ତହସିଲ ପ୍ରଶାସନ ସମ୍ପୃକ୍ତ ବ୍ୟକ୍ତିଙ୍କଠାରୁ ଜରିମାନା ଆଦାୟ କରିବାରେ ବିଫଳ ହୋଇଛି ବୋଲି ଅଭିଯୋଗକାରୀ ମନୋରଞ୍ଜନ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଲୋକାୟୁକ୍ତ ନଂ୨୨୬/୨୨ରେ ଏକ ମାମଲା ରୁଜୁ କରି ଏହାର ଶୁଣାଣି କରିଛନ୍ତି। ଏନେଇ ତହସିଲଦାର ସ୍ୱାଗତ ଦାସ କହିଛନ୍ତି, ଲୁଟ୍ ହୋଇଥିବା କଳାପଥରର ଆକଳନ କରାଯାଇଛି। ଲୋକାୟୁକ୍ତଙ୍କ ନିର୍ଦ୍ଦେଶ ଆସିଲେ ପ୍ରଭାକରଙ୍କଠାରୁ ଜରିମାନା ଆଦାୟ କରାଯିବ।


## GOVERNMENT POLYTECHNIC, BOUDH

AT: NUAPALI, PO: KHUNTIAPADA, VIA: BAGHIAPADA, DIST: BOUDH,PIN: 762026
Email-ID: principalgpboudh@gmail.com
Adv. No.668 Dated:26.08.2022

### WALK-IN-INTERVIEW

Interested candidates having requisite qualification in the discipline as mentioned below may attend walk in Interview for engagement of Part Time Guest faculties(PTGF)/ Part Time Guest Lab. Assistant (PTGLA) in this Institution for the Academic Session 2022-23. The candidates are required to bring all original documents/ testimonials from matriculation onwards for verification and one set of self attested Photocopies of all documents along with two pass port size photographs for submission at the time of Interview.

The engagement is purely need based, temporary and remuneration shall be paid to guest faculties @ Rs.400/- per hour for Theory Class and @Rs 200/- per hour for Practical Classes subject to maximum of Rs.24,000/- per month. Similarly, Guest Lab. Assistants shall be paid with the remuneration @ Rs.150/- per hour subject to Maximum Rs.9,500/- per month.

| Sl. No. | Discipline of PTGF/ PTGLA | Minimum Qualification | Date & Time of Interview |
|---|---|---|---|
| 1 | Part Time Guest Faculty in Civil, Electrical & Mechanical Engineering | 1st Class B.E/ B. Tech. in concerned discipline. (Candidates having teaching experience will be given preference] | 09.09.2022 at 11.00 AM |
| 2 | Part Time Guest Faculty in Physics | 1st Class M,Sc. in concerned subject | |
| 3 | Part Time Guest Laboratory Assistant in Civil, Mechanical Engineering. | 1st Class Diploma in concerned discipline or higher. | |
| 4 | Part Time Guest Laboratory Assistant in Physics | 1st class B.Sc. with Physics Honors | |

**Venue of interview: Office of the Principal, Government Polytechnic, Boudh. No TA and DA will be paid for attending the interview.**

The undersigned reserves the right to cancel the walk in interview without assigning any reasons thereof.

Sd./- Principal, Government Polytechnic, Boudh

କେତେ ହଜାର ଟଙ୍କା ନଷ୍ଟ ହୋଇଗଲେ ଲୋକେ ଖୁବ୍ ବ୍ୟସ୍ତ ହୋଇ ପଡ଼ନ୍ତି। କିନ୍ତୁ ସତ୍ୟରେ ଉପନୀତ ହେବା ଲାଗି ଉଦ୍ଦିଷ୍ଟ ଥିବା ଚେତନା ଓ ଶକ୍ତିର ମହାତରଙ୍ଗ ସବୁ ନଷ୍ଟ ହୋଇଗଲେ ଲୋକଙ୍କୁ ବାଧେ ନାହିଁ। -ଶ୍ରୀମା

# ସ୍ୱାଗତିକା କିଏ

ଓଡ଼ିଶା ସରକାର ୨୪ ଜିଲାର ୩୬ଟି ନୂଆ ପୋଲିସ ଷ୍ଟେଶନ ପ୍ରତିଷ୍ଠା କରିବା ଲାଗି ମଞ୍ଜୁରୀ ପ୍ରଦାନ କରିଛନ୍ତି। ଫଳରେ ରାଜ୍ୟରେ ପୋଲିସ ଷ୍ଟେଶନ ସଂଖ୍ୟା ୬୭୯ରେ ପହଞ୍ଚିବ। ଏଥିସହିତ ଆଇପିଏସ୍ ଅଫିସରଙ୍କଠାରୁ ଆରମ୍ଭକରି କନଷ୍ଟେବଲ ପର୍ଯ୍ୟନ୍ତ ଓଡ଼ିଶା ପୋଲିସ ବଳର ସମୁଦାୟ ସଂଖ୍ୟା ୭୫,୦୦୦ ହେବ ବୋଲି କୁହାଯାଉଛି। ନୂଆ ପୋଲିସ ଷ୍ଟେଶନରେ ଦିବ୍ୟାଙ୍ଗମାନଙ୍କ ପାଇଁ ରାମ୍ପ୍‌ର ବ୍ୟବସ୍ଥା କରାଯିବ। ଏପରି କି ମହିଳା ଓ ପିଲାମାନେ ବସିବା ସକାଶେ ଅଲଗା ସ୍ଥାନର ବ୍ୟବସ୍ଥା ରହିବ। ଗତ କିଛି ବର୍ଷ ହେବ ଦେଖାଯାଉଛି ଯେ, ସରକାର ପୋଲିସ ଷ୍ଟେଶନର ଭିତ୍ତିଭୂମି ବଢ଼ାଇବା ସହ ସେଗୁଡ଼ିକର ଆଧୁନିକୀକରଣ କରୁଛନ୍ତି। ଏପରିକି ଥାନା ଚାରିପାଖେ ମେଘନାଦ ପାଚେରି ତିଆରି କରି ତା'ଉପରେ ତାରବାଡ଼ ଲଗାଉଛନ୍ତି। ହେଲେ ଲୋକଙ୍କୁ ଯେଭଳି ନ୍ୟାୟ ମିଳିବା କଥା ସେ ଦିଗରେ ବିଶେଷ ଅଗ୍ରଗତି ହୋଇପାରୁ ନାହିଁ। ଆଇନ ଓ ଶୃଙ୍ଖଳ ସ୍ଥିତି ସମୟେ ସମୟେ ଏଭଳି ବିଗିଡ଼ିଯାଉଛି ଯେ, ତାହାକୁ ସହଜରେ ନିୟନ୍ତ୍ରଣ କରାଯାଇପାରୁ ନ ଥିବା ସମସ୍ତେ ଅନୁଭବ କରୁଥିବେ। ଏପରି କି ପୋଲିସ ବିଭାଗରେ ମଧ୍ୟ ଘୋର ଅବ୍ୟବସ୍ଥା ଓ ବିଶୃଙ୍ଖଳା ଥିବା ବାରମ୍ବାର ଦୃଷ୍ଟିଗୋଚର ହେଉଛି। ୨୭ ଅଗଷ୍ଟରେ କନ୍ଧମାଳ ଜିଲା ଜି. ଉଦୟଗିରି ଥାନାର ମହିଳା ସବ୍‌ଇନ୍ସପେକ୍ଟର ସ୍ୱାଗତିକା ବେହେରାଙ୍କ ଆତ୍ମହତ୍ୟା ସଦ୍ୟ ଦୃଷ୍ଟାନ୍ତ ଭାବେ ଉଭା ହୋଇଛି। ପରିବାର ଲୋକେ ଅଭିଯୋଗ କରିଛନ୍ତି, ଥାନା ଆଇଆଇସି ନିର୍ଯାତନା ଦେଇଥିବାରୁ ସ୍ୱାଗତିକା ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଥିଲେ। ତଦନ୍ତ ପରେ ଆତ୍ମହତ୍ୟାର କାରଣ ଜଣାପଡ଼ିପାରେ। କିନ୍ତୁ ଯଦି ଅନ୍ୟ କୌଣସି ତଦନ୍ତକାରୀ ଅଧିକାରୀ ଏହି ଆଇଆଇସିଙ୍କ ସହ ସମ୍ପୃକ୍ତ ଥିବେ, ତେବେ କୌଣସି କାରଣ ଜଣାପଡ଼ିବ ନାହିଁ ଏବଂ ଗଣମାଧ୍ୟମ ଦୃଷ୍ଟିରୁ ଏହି ଘଟଣା ଦୂରେଇଗଲେ ଜନସାଧାରଣ ମଧ୍ୟ ସ୍ୱାଗତିକା ବେହେରାଙ୍କ ବିଷୟରେ ଭୁଲିଯିବେ। କିଛିମାସ ପରେ ସେହି ଆଇଆଇସି ପଚାରିପାରନ୍ତି ସ୍ୱାଗତିକା କିଏ?

ପୋଲିସର ଚରିତ୍ର ବିଷୟରେ ଆଜିର ନାଗରିକ ଭଲ ଭାବେ ଅବଗତ। ଭାରତରେ ପୋଲିସର ଲୋକାଭିମୁଖୀ ଆଦର୍ଶ ରହିଛି ବୋଲି କୌଣସି ବ୍ୟକ୍ତି ବିଚାର କରୁନାହାନ୍ତି। ଲୋକେ କହନ୍ତି ଦୁର୍ଭାଗ୍ୟ ପଡ଼ିଲେ ଜଣେ ଥାନାକୁ ଯିବ। କାରଣ ପୋଲିସ ହେଉଛି ଅନ୍ୟାୟ ଓ ଅବିଚାରର ପ୍ରତୀକ। ସେହି ବଳରେ କନିଷ୍ଠଙ୍କ ଅନ୍ୟାୟକୁ ବରିଷ୍ଠମାନେ ସମର୍ଥନ କରନ୍ତି। ବରିଷ୍ଠଙ୍କ ଅବିଚାରକୁ କନିଷ୍ଠମାନେ ଘୋଡ଼ାନ୍ତି। ଅପରାଧୀ ଯଦି ସର୍ବପ୍ରଥମେ କୌଣସି ବରିଷ୍ଠ ପୋଲିସ ଅଧିକାରୀର ସାହାଯ୍ୟ ପାଇପାରିଲା, ତେବେ ତାକୁ କେହି ଛୁଇଁପାରିବେ ନାହିଁ। ପୋଲିସର ସହଯୋଗ ପାଇବାକୁ ହେଲେ କେତୋଟି ଧରାବନ୍ଧା ଉପାୟ ରହିଛି। ପ୍ରଥମଟି ହେଲା ସେହି ପୋଲିସ ବାହିନୀର କୌଣସି ବରିଷ୍ଠ ଦକ୍ଷ ଅଧିକାରୀଙ୍କ ସାହାଯ୍ୟ। ଦ୍ୱିତୀୟରେ ରହିଲା ଅର୍ଥ ଦେଇ ଥାନା ଅଧିକାରୀ ଏବଂ ତଦନ୍ତକାରୀ ଅଧିକାରୀଙ୍କୁ କିଣିନେବା। ତୃତୀୟରେ ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ବିପୁଳ ପ୍ରତିବାଦର ଉପାୟ। ଚତୁର୍ଥରେ ରାଜନୈତିକ ଚାପ, ଯାହାକି ଏବେ ଅପେକ୍ଷାକୃତ ଦୁର୍ବଳ ହୋଇଯାଉଛି। ଅବଶ୍ୟ ପୋଲିସର ଅନ୍ୟ ଅଙ୍ଗ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ), ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭଳି କେନ୍ଦ୍ରୀୟ ସଂସ୍ଥା ସମ୍ପୂର୍ଣ୍ଣ ଭାବେ ରାଜନୈତିକ ଉଦ୍ଦେଶ୍ୟରେ କାର୍ଯ୍ୟ କରୁଥିବା ବେଳେ ନ୍ୟାୟ ପ୍ରତି କୌଣସି ଦୃଷ୍ଟି ଦେଉନାହାନ୍ତି। ଦେଖାଯାଏ ଯଦି ବଡ଼ ଅସ୍ୱାଭାବିକ ଘଟଣା ଘଟିଲା ଓ ତାହାକୁ ନେଇ ଚାରିଆଡ଼େ ହୋହଲ୍ଲା ହେଲା; ତାହା ହେଲେ ତତ୍‌କ୍ଷଣାତ୍ ପୋଲିସର ସର୍ବୋଚ୍ଚରେ ଥିବା ବ୍ୟକ୍ତି ଜଣେ ଦୁଇ ଜଣ ସବ୍‌ଇନ୍ସପେକ୍ଟର କିମ୍ବା କନଷ୍ଟେବଲଙ୍କୁ ନିଲମ୍ବନ କରି ଦେଇଥାଆନ୍ତି। ତାହା ଶକ୍ତିଶାଳୀ କାର୍ଯ୍ୟାନୁଷ୍ଠାନ ଭାବେ ଡିଣ୍ଡିମ ପିଟାଯାଇଥାଏ। କିନ୍ତୁ ଅନେକ ଅଘଟଣର ମୂଳକୁ ଗଲେ ବରିଷ୍ଠ ପୋଲିସ ଅଧିକାରୀଙ୍କ ଅପାରଗତା ଯୋଗୁ ତାହା ଘଟିଥିଲେ ହେଁ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଇ ନ ଥାଏ। ଅନ୍ୟପକ୍ଷରେ କୌଣସି ଘଟଣାରେ ଯଦି ପୋଲିସକୁ ସଫଳତା ମିଳେ, ସେତେବେଳେ ବରିଷ୍ଠ ପୋଲିସ ଅଧିକାରୀମାନେ ଗଣମାଧ୍ୟମ ଆଗକୁ ଆସି ଦମ୍ଭ ଦେଖାଇଥାଆନ୍ତି।

ପୋଲିସ ସଂସ୍କାରରେ କେବଳ ଅସ୍ତ୍ରଶସ୍ତ୍ର, ଯାନବାହନ ଉପରେ ଗୁରୁତ୍ୱ ଦିଆଯାଇଥାଏ। କିନ୍ତୁ ସେହି ଅନୁଯାୟୀ ଜନସାଧାରଣଙ୍କ ସହ ସୁସମ୍ପର୍କ ବୃଦ୍ଧି ଓ ଶୃଙ୍ଖଳିତ ଆଚରଣ ସହିତ କର୍ମଚାରୀଙ୍କ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧରେ କୌଣସି ପ୍ରାଧାନ୍ୟ ଦିଆଯାଇ ନ ଥାଏ। କେହି ଜଣେ ନାଗରିକ କେବେହେଲେ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଓ କମିଶନରମାନଙ୍କ ଦ୍ୱାରା ନିଜ ବଳର ସଦସ୍ୟମାନଙ୍କୁ ସାମାଜିକ ଦାୟିତ୍ୱ ସମ୍ପର୍କରେ କିଭଳି ସକ୍ରିୟ ଓ ସଚେତନ କରିହେବ ଆଲୋଚନା କରିଥିବାର ବା ବାର୍ତ୍ତା ଦେଇଥିବାର ଦେଖି ନ ଥିବେ। ସେଥିପାଇଁ କେବଳ ଥାନାର ସଂଖ୍ୟା ବଢ଼ାଇଦେଲେ ଅପରାଧ ଘଟିବ ନାହିଁ ଚିନ୍ତା କରିବା ଅତ୍ୟନ୍ତ ତ୍ରୁଟିପୂର୍ଣ୍ଣ। ସାଧାରଣରେ ଚିନ୍ତା କରାଯାଏ ଯେ ପୋଲିସର ସକ୍ରିୟ ସହଯୋଗ ବିନା ବଡ଼ଧରଣର ଅପରାଧ ଘଟାଇବା ଅସମ୍ଭବ। ଏପରିକି ରାହାଜାନି କରୁଥିବା ଅପରାଧୀ ସେହି ଅଞ୍ଚଳର ଥାନାକୁ ବଟି ନ ଦେଲେ ଚଳପ୍ରଚଳ କରିପାରିବ ନାହିଁ। ଅଧିକ ଗଣମାଧ୍ୟମ ବା ସାମାଜିକ ଚାପ ପଡ଼ିଲେ ତାଙ୍କରି ମଧ୍ୟରୁ କେତେଜଣଙ୍କୁ କ୍ଷଣକ ପାଇଁ ବାନ୍ଧି ଦିଆଯାଏ ଓ ପୋଲିସ ଦ୍ୱାରା ପ୍ରସ୍ତୁତ କରାଯାଉଥିବା କେସ୍ ଡାଏରୀ ଏଭଳି ଦୁର୍ବଳ କରିଦିଆଯାଏ ଯେ କୌଣସି ଅପରାଧୀ ଦଣ୍ଡିତ ହୁଏ ନାହିଁ। ହୁଏତ ସେଥିପାଇଁ ଲୋକେ କୁହନ୍ତି ପୋଲିସ ହେଉଛି ଖାକି ପୋଷାକଧାରୀ ଗୁଣ୍ଡା। ସେହି ଗୁଣ୍ଡା ଭାବମୂର୍ତ୍ତିକୁ ଅନେକ ଆଇପିଏସ୍ ଅଫିସର ମଧ୍ୟ ପରୋକ୍ଷରେ ଉତ୍ସାହିତ କରନ୍ତି। ବିଭିନ୍ନ ଜିଲାରେ ନୂତନ ଭାବେ ନିଯୁକ୍ତି ପାଉଥିବା ଆରକ୍ଷୀ ଅଧୀକ୍ଷକ କିଛିମାସ ପର୍ଯ୍ୟନ୍ତ, ଥାନା ନିଲାମ ନ ହେବା ଯାଏ, ସାଦା ପୋଷାକରେ ଲାଠି ଧରିଥିବା ଟୋକା କନ୍‌ଷ୍ଟେବଲଙ୍କୁ ସାଥିରେ ଧରି ଗରିବ ଖଟିଖିଆଙ୍କ ବାସସ୍ଥାନ କିମ୍ବା ଢାବା ଉପରେ ଚଢ଼ାଉ କରି ମାରପିଟ କରିବା ଓଡ଼ିଶା ସମେତ ଭାରତବର୍ଷ ସାରା ଏକ ସାଧାରଣ ଘଟଣା। ଅଧିକ ବରିଷ୍ଠ ହେବା ପରେ ସେହି ଆଇପିଏସ୍ ଅଫିସର ବାଣୀ ଶୁଣାଇଥାଆନ୍ତି। ଏଥିରୁ ବୁଝିବାକୁ ହେବ ଯେ, କେବଳ ଥାନା ସଂଖ୍ୟା ବୃଦ୍ଧି କରାଇଦେଲେ କିମ୍ବା ପୋଲିସ ମୁଣ୍ଡଗଣତି ବଢ଼ାଇଲେ ଏକ ସୁସ୍ଥ ଓ ଶାନ୍ତିପୂର୍ଣ୍ଣ ସମାଜ ଗଠନ ହୋଇପାରିବ ନାହିଁ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 9 | | 5 | | | 1 | |
| 3 | 7 | | | | | 5 | 6 | |
| | | | | | | 8 | | |
| | | | 6 | 8 | | | | 9 |
| | 4 | | 9 | | | | | 6 |
| | | 6 | 3 | | 4 | | | 5 |
| | | 2 | | | 9 | | | |
| | 8 | | 4 | | | | | |
| 5 | | | | 6 | | | 4 | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 1 | 7 | 2 | 3 | 6 | 9 | 8 |
| 9 | 7 | 2 | 4 | 8 | 6 | 3 | 5 | 1 |
| 3 | 8 | 6 | 5 | 1 | 9 | 7 | 4 | 2 |
| 7 | 4 | 8 | 9 | 3 | 5 | 2 | 1 | 6 |
| 2 | 9 | 3 | 8 | 6 | 1 | 5 | 7 | 4 |
| 1 | 6 | 5 | 2 | 4 | 7 | 8 | 3 | 9 |
| 6 | 1 | 9 | 3 | 7 | 2 | 4 | 8 | 5 |
| 8 | 2 | 7 | 1 | 5 | 4 | 9 | 6 | 3 |
| 5 | 3 | 4 | 6 | 9 | 8 | 1 | 2 | 7 |

ଗତକାଲିର ଉତ୍ତର

# ବାଡ଼ ଯଦି କ୍ଷେତ ଖାଏ



ବୈକୁଣ୍ଠନାଥ ମିଶ୍ର

ସମ୍ପ୍ରତି ସାରା ଦେଶରେ ଏକ ଅପ୍ରୀତିକର ପରିସ୍ଥିତି ଉପୁଜିଛି। ସରକାରୀବାବୁ ହୁଅନ୍ତୁ କି ଶାସକ ପ୍ରଶାସକ କେହି ହେଲେ ସ୍ୱଉପାର୍ଜିତ ସତ୍ ଧନରେ ସନ୍ତୁଷ୍ଟ ନ ହୋଇ ଅନ୍ୟାୟ ଉପାର୍ଜନ ପ୍ରତି ଲାଳାୟିତ ହେଉଛନ୍ତି। ଚୋରିକରି ଧନପତି ହେବାର ନିଶା ସମସ୍ତଙ୍କୁ ଘାରିଛି। ଯାହାପାଖରେ କୋଟିଏ ଅଛି ସେ କେମିତି ରାତାରାତି ଦୁଇକୋଟିର ମାଲିକ ହେବ ସେ ଚିନ୍ତାରେ ବ୍ୟସ୍ତ। ସାଧୁତା, ସଚ୍ଚୋଟତା କେବଳ ଦୁଇଟି ଆଭିଧାନିକ ଶବ୍ଦ ହୋଇ ରହିଯାଇଛି ମାତ୍ର। ଚୋରିକରି ଧରାପଡ଼ିବା ଯାଏ ସମସ୍ତେ ସାଧୁ, ଧରା ପଡ଼ିଗଲେ ନିଜ ସାଧୁତା ସପକ୍ଷରେ ନାନା ଫନ୍ଦିଫିକର। 'ମୁଁ ନୁହେଁ – ମୋ ବିରୋଧରେ ଏହା ଏକ ଜଘନ୍ୟ ଷଡ଼ଯନ୍ତ୍ର' ବୋଲି କେତେ ବିବୃତି। ସରକାରୀ ଚାକିରିରେ ଥିଲାବେଳେ ଗୋଟାପଣ ସରକାରଙ୍କର ଏବଂ ଚାକିରିରୁ ଅବସର ନେବା ପରେ ପୂର୍ଣ୍ଣ ସରକାରୀ ବିରୋଧୀ। ଯଦି କୌଣସି ଯୋଜନା ବା ବ୍ୟବସ୍ଥା ଲୋକହିତକର ନୁହେଁ ବୋଲି ତୁମର ହୃଦ୍‌ବୋଧ ହେଉଥିଲା ତେବେ ସେହି ସମୟରେ ବିରୋଧ ନ କରି ଅବସରାନ୍ତେ ବିରୋଧକରି ତୁମେ ଜନସାଧାରଣଙ୍କୁ କି ବାର୍ତ୍ତା ଦେବାକୁ ଚାହୁଁଛ? ଏଇଆ ଯେ ମୁଁ ସମ୍ପୂର୍ଣ୍ଣ ଠିକ୍ ଓ ଆଉ ସବୁ ଭୁଲ୍।

ଥରେ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତିଙ୍କୁ ଜଣେ ଆଗନ୍ତୁକ କଥା ପ୍ରସଙ୍ଗରେ କହିଲେ "ଆଜ୍ଞା ମୋ ଚାକିରି କାଳ ଭିତରେ ଟଙ୍କାଟିଏ ଲାଞ୍ଚ ନେଇନାହିଁ କି ସେ ବିଷୟରେ ଚିନ୍ତା ମଧ୍ୟ କରିନାହିଁ।" ସୁରେନ୍ଦ୍ର ପଚାରିଲେ 'ଆପଣ କ'ଣ କରନ୍ତି'? ଭଦ୍ରଲୋକ ଉତ୍ତର ଦେଲେ 'ଆଜ୍ଞା ମୁଁ ଜଣେ ଅଧ୍ୟାପକ ଥିଲି। ସଦ୍ୟ ଅବସର ଗ୍ରହଣ କରିଛି।' ସୁରେନ୍ଦ୍ର ଅଳ୍ପ ହସି ବ୍ୟଙ୍ଗାତ୍ମକ ଭାବେ କହିଲେ, ଓଃ ବଳଦର ବ୍ରହ୍ମଚର୍ଯ୍ୟ! ଅର୍ଥାତ୍ ଜଣେ ଶିକ୍ଷକ ଅଧ୍ୟାପକଙ୍କୁ କାହିଁକି କିଏ ଲାଞ୍ଚଦେବ। କିନ୍ତୁ ସମୟର ପରିବର୍ତ୍ତନ ଘଟିଛି। କଳାଧନ ଠୁଳ କରିବାର ନିଶା କାହାକୁ ଛାଡ଼ିନି। ସେ ସ୍ୱଳ୍ପ ବେତନଭୋଗୀ କ୍ରୀଡ଼ା ଶିକ୍ଷକ ହେଉ (ବ୍ରହ୍ମପୁର) କିମ୍ବା ଅଙ୍ଗନୱାଡି ଦିଦି ହେଉ (ଭୁବନେଶ୍ୱର)। ଭାରତର ବହୁ ରାଜନେତା, ବିଧାୟକ, ମନ୍ତ୍ରୀ ଅନ୍ୟାୟ ଉପାର୍ଜିତ କଳାଟଙ୍କାର ପାହାଡ଼ ଉପରେ ବସି ବାହାରକୁ ସାଧୁତା ପ୍ରଦର୍ଶନର ନାଟକ ରଚନା କରିଚାଲିଛନ୍ତି। ନିକଟରେ ପଶ୍ଚିମବଙ୍ଗର ପୂର୍ବତନ ଶିକ୍ଷାମନ୍ତ୍ରୀ ପାର୍ଥ ଚାଟାର୍ଜୀ ଏବଂ ତାଙ୍କ ବାନ୍ଧବୀ ଅର୍ପିତା ମୁଖାର୍ଜୀଙ୍କ ଘରୁ ୫୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଓ ୫ କି.ଗ୍ରା.ରୁ ଅଧିକ ସୁନା, ବାସଗୃହ ଓ ସମ୍ପତ୍ତି ଇଡି (ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ) ଜବତ କରିଛି। ଏ ଘଟଣା ଲୋକଙ୍କ ମନରୁ ନ ଲିଭୁଣୁ ଝାଡ଼ଖଣ୍ଡର ତିନି ବିଧାୟକଙ୍କ ନିକଟରୁ ଜବତ ହୋଇଛି ବିପୁଳ କଳାଧନ। ଇର୍‌ଫାନ ଅନ୍‌ସରୀ, ରାଜେଶ କଚ୍ଛପ ଓ ନମନଭିକ୍ସେଲ କୋଙ୍ଗାରୀ ଉକ୍ତ ବିପୁଳ ଧନରାଶିକୁ କୋଲକାତା ନେଉଥିବା ବେଳେ ୧୬ନଂ. ଜାତୀୟ ରାଜପଥର ପଞ୍ଚଲା ଥାନା ନିକଟରେ ପଶ୍ଚିମବଙ୍ଗ ପୋଲିସ ଏହାକୁ ଜବତ କରିଛି।



ମୁମ୍ବାଇର ଜଣେ ଭାଜପା ବିଧାୟକଙ୍କୁ ମନ୍ତ୍ରୀ କରାଯିବାର ପ୍ରତିଶ୍ରୁତି ଦେଇ ୧୦୦କୋଟି ଲାଞ୍ଚ ମଗାଯାଇଥିଲା ଏବଂ ୯୦କୋଟିରେ କଥା ଛିଡ଼ିଥିଲା। ମଧ୍ୟସ୍ଥତା କରୁଥିବା ରିୟାଜ୍ ଶେଖ୍‌ଙ୍କୁ ପୋଲିସ ଗିରଫ କଲାପରେ ଘଟଣା ଲୋକଙ୍କ ଦୃଷ୍ଟିକୁ ଆସିଲା। ଓଡ଼ିଶାରେ ଏମିତି କୌଣସି ଦିନ ନାହିଁ ଯେଉଁଦିନ ଭିଜିଲାନ୍ସ ହାତରେ କେହିନା କେହି ଧରାପଡୁନାହିଁ। ନିକଟରେ କେନ୍ଦ୍ରାପଡ଼ା ଶିକ୍ଷା ଅଧିକାରୀ ଜଣେ ପିଅନକୁ ବଦଳି କରିବା ପାଇଁ ୨୦ହଜାର ଟଙ୍କା ଲାଞ୍ଚଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ମାତ୍ର ୩ଦିନ ପରେ ଅର୍ଥାତ୍ ଜୁଲାଇ ୩୧ରେ ଅବସର ନେବାକୁ ଥିବା ଏହି ଅଧିକାରୀ ଜେଲ ପ୍ରକୋଷ୍ଠରେ ତାଙ୍କ ଅବସର ଜୀବନର ସୁଖସ୍ୱପ୍ନ ଦେଖିବେ। ପ୍ରତିଦିନ ଛୋଟଛୋଟ ଅଧିକାରୀମାନେ ଧରାପଡୁଛନ୍ତି ସିନା; ମାତ୍ର ପୋଖରୀର ବଡ଼ମାଛମାନଙ୍କୁ ନେଇ ସାଧାରଣରେ ପ୍ରବଳ ଚର୍ଚ୍ଚା। ଏମାନେ କ'ଣ ସତରେ ସାଧୁ –ନା ଏମାନଙ୍କୁ ସହଜରେ ଧରାଯାଇପାରିବ ନାହିଁ। ବଡ଼ବଡ଼ିଆଙ୍କ ପାଖରେ ପହଞ୍ଚିବା କ'ଣ ଏତେ ସହଜକଥା!

ଏସବୁ ବ୍ୟତୀତ ଠିକାଦାର ଓ ଯନ୍ତ୍ରୀଙ୍କର ଶୀତଳ ମଧୁଚନ୍ଦ୍ରିକାରେ ପ୍ରତ୍ୟହ ରାଜକୋଷର ହରିଲୁଟ ଚାଲିଛି। କୋଟିକୋଟି ଟଙ୍କାର ପୋଲ ଭୁଶୁଡୁଛି। ପାଞ୍ଚ କୋଟିରେ ନିର୍ମିତ ରାସ୍ତା ପାଞ୍ଚ ମାସ ବି ତିଷ୍ଠୁନାହିଁ, ଯାହା ଘଟିଛି ଜଗତ୍‌ସିଂହପୁର ଜିଲାର ରଘୁନାଥପୁରରେ ନିର୍ମିତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅନ୍ତର୍ଭୁକ୍ତ ରାସ୍ତା। ରାସ୍ତାକୁ ଦେଖିଲେ ଏଥିରେ ଏତେ ବିପୁଳ ଅର୍ଥ ବ୍ୟୟିତ ହୋଇଥିଲା ପରି ମନେହୁଏ ନାହିଁ। ଅନେକ କ୍ଷେତ୍ରରେ ଅସାମାଜିକଙ୍କୁ ଧରିବାକୁ ଯାଇ ବିଚରା ପୋଲିସକୁ ପ୍ରାଣବଳି ଦେବାକୁ ପଡୁଛି। ଗତ ମାସରେ ହରିୟାଣା, ଝାଡ଼ଖଣ୍ଡର ରାଞ୍ଚି ଓ ଗୁଜରାଟର ଆନନ୍ଦଠାରେ ଦୁର୍ବୃତ୍ତମାନେ ତିନିଜଣ ପୋଲିସ ଅଧିକାରୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟା କରିଥିବାର ଚାଞ୍ଚଲ୍ୟକର ଖବର ପ୍ରସାରିତ ହୋଇ ସାଧାରଣରେ ଭୀଷଣ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ବିଡ଼ମ୍ବନାର କଥା ହେଲା କୌଣସି ରାଜନୈତିକ ଦଳ ବିଶେଷ କରି ଶାସକ ଦଳକୁ ସେମାନଙ୍କ ତ୍ରୁଟିପାଇଁ ପ୍ରଶ୍ନ କରିବାର ଅଧିକାର ଲୋକଙ୍କ ପାଖରେ ନାହିଁ। ଭୁଲକଲେ ମଧ୍ୟ ତାକୁ ଠିକ୍ ବୋଲି ପ୍ରଶଂସା କରିବାର ଅଛି। ନଚେତ୍ ସମାଲୋଚକଙ୍କୁ ତ୍ରାହି ନାହିଁ। ଗତବର୍ଷ ଉତ୍ତରପ୍ରଦେଶରେ ଯଶୱନ୍ତ ସିଂ ନାମକ ଜଣେ ବ୍ୟକ୍ତି ଟୁଇଟର ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ସମାଲୋଚନା କରି କହିଥିଲେ ଯେ ମୁଖ୍ୟମନ୍ତ୍ରୀ ରାଜ୍ୟକୁ ଜଙ୍ଗଲ ରାଜ୍ୟରେ ପରିଣତ କରି ଦେଲେଣି। ରାଜ୍ୟରେ ଆଇନଶୃଙ୍ଖଳା ବୋଲି କିଛି ନାହିଁ। ଫଳସ୍ୱରୂପ ଯଶୱନ୍ତଙ୍କ ବିରୋଧରେ ବିଭିନ୍ନ ଦଫା ଯୋଡ଼ାଯାଇ ଏବଂ ୨୦୦୮ ସୂଚନା ପ୍ରଯୁକ୍ତି ଆଇନର ଦଫା ୬୬ ଲାଗୁ କରାଯାଇ ଦଣ୍ଡିତ କରିବାର ପ୍ରୟାସ କରାଗଲା ପରେ ଯଶୱନ୍ତ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇ ମୁକ୍ତି ପାଇଲେ। ସେହିପରି ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟା ଲଲିଥାଙ୍କୁ ୨୦୧୫ରେ ସମାଲୋଚନା କରିବା ଯୋଗୁ ଜଣେ ଲୋକକଳା ଗାୟକଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରାଗଲା। ମହାତ୍ମା ଗାନ୍ଧୀ କହିଥିଲେ "ଜଣେ ବ୍ୟକ୍ତି କିମ୍ବା ଏକ ରାଷ୍ଟ୍ରର ନୈତିକ କଲ୍ୟାଣକୁ କ୍ଷତିଗ୍ରସ୍ତ କରୁଥିବା ଅର୍ଥନୀତି ଅନୈତିକ ଓ ପାପ ହୋଇଥାଏ। ହେଲେ ସେ ପାପ ପ୍ରତି କାହାର ଭୟ ନ ଥିଲା ପରି ମନେହୁଏ।"

ମହାନଦୀ ଦିନେ ଥିଲା ଓଡ଼ିଶାର ଜୀବନରେଖା। ଆଜି ତାହା ଛତିଶଗଡ଼ର ବିଳାସଦୀର୍ଘିକା। ଛତିଶଗଡ଼ ତା' ଇଚ୍ଛାରେ ଜଳ ରୋକିବ ଓ ମୌସୁମୀର ଜଳ ପ୍ରାବଲ୍ୟ ସମୟରେ ଛାଡ଼ି ଓଡ଼ିଶାରେ ବିଭୀଷିକା ସୃଷ୍ଟି କରିବ। ଆମ ସରକାର କିଂ କର୍ତ୍ତବ୍ୟବିମୂଢ଼। ଛତିଶଗଡ଼ କରିପାରିଲା, ଅଥଚ ଆମେ ଜଳ ସଂରକ୍ଷଣ ପାଇଁ ଗୋଟିଏ ହେଲେ ବି ପଦକ୍ଷେପ ନେଇପାରିଲୁ ନାହିଁ। ଶିକ୍ଷିତ ଗୋଷ୍ଠୀର ନୀରବତା ଶାସନ ଓ ପ୍ରଶାସନ ପ୍ରତି ଏକ ପ୍ରୋତ୍ସାହନ। ଶାସକଙ୍କ ପୂର୍ବସୂରୀମାନେ ସତରେ କେତେ ସହନଶୀଳ ଥିଲେ। ସମାଲୋଚନାକୁ ସ୍ୱାଗତକରି ତଦନୁଯାୟୀ ନିଜକୁ ସଂଶୋଧନ କରି ନେଉଥିଲେ। ନିଜ ଦାୟିତ୍ୱରେ ସାମାନ୍ୟ ତ୍ରୁଟି ପାଇଁ ଇସ୍ତଫା ଦେବାକୁ ମଧ୍ୟ ପଛାଉ ନ ଥିଲେ। କିନ୍ତୁ ଆଜି ସମୟ ବଦଳି ଯାଇଛି। ରକ୍ଷକ ଭକ୍ଷକ ସାଜିଛି। ବାଡ଼ ଯେତେବେଳେ କ୍ଷେତର ସୁରକ୍ଷା ପରିବର୍ତ୍ତେ କ୍ଷେତକୁ ବିନଷ୍ଟ କରିବ ସେତେବେଳେ ବିଚରା କ୍ଷେତ କ'ଣ କରିପାରିବ? କପାଳରେ କରମାରିବା ସାର ହେବ।

**ସିଦ୍ଧଳ, ଜଗତ୍‌ସିଂହପୁର**
**ମୋ-୯୯୩୭୪୫୦୫୪୦**

# ଆଧୁନିକ ସଂସ୍କୃତି କେତେ ଶ୍ରେୟ



ହରେକୃଷ୍ଣ ପଣ୍ଡା

ଭାରତରେ ଏବେ ପାଶ୍ଚାତ୍ୟ ସଂସ୍କୃତିର ଅନୁକରଣ ପ୍ରସାରିତ ହେବାରେ ଲାଗିଛି। କେବଳ ଲୋକମାନଙ୍କ ଜୀବନଚର୍ଯ୍ୟାରେ ନୁହେଁ; ଏପରିକି ରାଜନୀତି, ସାମାଜିକ ବ୍ୟବସ୍ଥା, କୂଟନୀତି, ଅର୍ଥନୀତି, ସାହିତ୍ୟ, ସଂସ୍କୃତି, ବିଚାର ନୀତି, ସରକାରୀ ଆଇନ କାନୁନରେ ମଧ୍ୟ ଏହି ନୀତିର ପ୍ରସାର ଘଟିଚାଲିଛି। ପାଶ୍ଚାତ୍ୟ ନୀତି ଦେଶର ସବୁ କ୍ଷେତ୍ରକୁ ଗ୍ରାସ କରିଗଲାଣି। ଏହାକୁ ନିୟନ୍ତ୍ରଣ କରା ନ ଗଲେ ଆମର ସ୍ୱତନ୍ତ୍ରତା ଓ ଅସ୍ତିତ୍ୱ ଲୋପ ପାଇବ। ୟୁରୋପୀୟ ସଭ୍ୟତାର ଅନୁକରଣ କରିବା ଦ୍ୱାରା ଆମେମାନେ ନିଜେ ଏକପ୍ରକାର ପିଙ୍ଗଳବର୍ଣ୍ଣ ଇଂରେଜ ହୋଇଯାଇଛୁ ଏବଂ ଆମ୍ଭମାନଙ୍କ ପ୍ରାଚୀନ ସଂସ୍କୃତିକୁ ଅଦରକାରୀ ଭାବି ଆବର୍ଜନା କୁଣ୍ଡକୁ ଫିଙ୍ଗି ଦେଇଛୁ। ଆମ୍ଭମାନଙ୍କର ପାଶ୍ଚାତ୍ୟ ନୀତିର ଅନୁକରଣ ମାତ୍ରାଧିକ ଭାବେ ବୃଦ୍ଧି ପାଇଛି। ଏବେ ସଭା ସମିତି, ବିବାହ ନୀତି, ସମ୍ପର୍କ, ସରକାରଙ୍କ ରାଷ୍ଟ୍ରମଙ୍ଗଳ, ଶିକ୍ଷା, ସବୁ ପାଶ୍ଚାତ୍ୟ ଢାଞ୍ଚାରେ ଚାଲିଛି। ଭାରତ ୟୁରୋପର ଉପନ୍ୟାସ, କ୍ଷୁଦ୍ରଗଳ୍ପ ଓ ସମାଲୋଚନାମୂଳକ ରଚନା ପଦ୍ଧତିକୁ ଗ୍ରହଣ କରିଛି। ରାଷ୍ଟ୍ରନୀତି କ୍ଷେତ୍ରରେ ମୁଦ୍ରାଯନ୍ତ୍ର, ବକ୍ତୃତା ମଞ୍ଚ, ରାଜନୈତିକ ଆନ୍ଦୋଳନର ଧାରା ଓ ଆଚରଣ, ଜନସାଧାରଣଙ୍କ ସଂଘ ଆଦି ପାଶ୍ଚାତ୍ୟ ଦେଶରୁ ଆସି ଭାରତରେ ପ୍ରଚଳିତ ହେଉଛି। ଏ ସକଳ ବିଷୟକୁ ବର୍ଜନ କରିବା ସମ୍ଭବ ନୁହେଁ। କେହି ମଧ୍ୟ ଏଗୁଡ଼ିକୁ ବର୍ଜନ କରିବାକୁ ମତ ପୋଷଣ କରିବେ ନାହିଁ। ତେବେ ଏସବୁ ବିଷୟରେ ଯେ କିଛି ଅମଙ୍ଗଳକାରୀ ପ୍ରଭାବ ନ ପଡ଼ିଛି, ତାହା ଅସ୍ୱୀକାର କରିହେବ ନାହିଁ। କିନ୍ତୁ ଏହି ବିଷୟଗୁଡ଼ିକୁ ଆମମାନଙ୍କର ନିଜସ୍ୱ ପ୍ରକୃତିର ରୂପାଦର୍ଶରେ ପରିବର୍ତ୍ତିତ କରିପାରିଛୁ କି? ଆମେ ଆମ ସଂସ୍କୃତିର ବହୁଳ କାର୍ଯ୍ୟକାରିତା କରିପାରୁ ନାହୁଁ। ତେବେ ଯାହା କିଛି ଆମର ଶକ୍ତି,ଐଶ୍ୱର୍ଯ୍ୟ, ଆତ୍ମିକ ବିକାଶକୁ କ୍ଷୁଣ୍ଣ କରେ, ତାହା ହିଁ ଅପସଂସ୍କୃତି ବୋଲି କୁହାଯାଏ। ଆମକୁ ଦେଖିବାକୁ ହେବ ଯେ ସାମାଜିକ ଓ ରାଷ୍ଟ୍ରୀୟ ସ୍ୱାଧୀନତା, ସାମ୍ୟ, ପ୍ରଜାତନ୍ତ୍ର ଶାସନ, ପ୍ରକୃତ ମୂଳ ଉନ୍ନତ ଭାବଧାରା ବାହ୍ୟ ଜୀବନ କ୍ଷେତ୍ରରେ ଯଥାର୍ଥ ରୂପେ କାର୍ଯ୍ୟକାରୀ ହେଉଛି କି ନାହିଁ।

ସଂସ୍କୃତି କହିଲେ ଆମେ ବୁଝୁ ସାମାଜିକ ମାନଦଣ୍ଡ, ନୈତିକ ମୂଲ୍ୟବୋଧ, ପାରମ୍ପରିକ ରୀତି, ନୀତି, ବିଶ୍ୱାସ, ବ୍ୟବସ୍ଥା, ରାଜନୈତିକ ବ୍ୟବସ୍ଥା, କଳାକୃତି ଏବଂ ପ୍ରଯୁକ୍ତି ବିଦ୍ୟାକୁ। ଆମ ଦେଶର ସଂସ୍କୃତିର ଅନେକ ଉପାଦାନ ଯଥା– ଧର୍ମ, ଗଣିତ, ଦର୍ଶନ, ରୋଷେଇ, ବିବାହ, ଭାଷା, ନୃତ୍ୟ ଓ ସଙ୍ଗୀତ, ଚଳଚ୍ଚିତ୍ର, ଯାତ୍ରା, ଥିଏଟର ଯାହା ବିଶ୍ୱରେ ଗଭୀର ପ୍ରଭାବ ସୃଷ୍ଟି କରିପାରିଥିଲା। ଏବେ ଦେଖାଯାଉଛି ସଂସ୍କୃତି ବିହୀନ ଶାସନ, ରାଜନୀତି, ବିଚାର, ଶିକ୍ଷା, ଜୀବନଚର୍ଯ୍ୟା, ସବୁଠି ସଂସ୍କୃତିର ଅବକ୍ଷୟ। ସବୁଠି ହତାଶା, ନିରାଶା ଓ ଅସହାୟତା। ଶିକ୍ଷା ବ୍ୟବସ୍ଥାରେ ସଂସ୍କୃତି ଭାବାପନ୍ନ ପାଠ୍ୟକ୍ରମ ନାହିଁ। ଆମ ଦେଶର ଗୁରୁ–ଶିଷ୍ୟ ପରମ୍ପରା, ପୂଜ୍ୟପୂଜା ତଥା ଚିକିତ୍ସା ପଦ୍ଧତି, ଜ୍ୟୋତିର୍ବିଜ୍ଞାନ, ଗଣନା ପଦ୍ଧତି, ବୈବାହିକ ପରମ୍ପରା ସାରା ପୃଥିବୀରେ ଅଦ୍ୱିତୀୟ। ଏସବୁ ଆମ ପାଖରେ ଥାଇ ମଧ୍ୟ ଆମେ ଅନ୍ୟ ଦେଶକୁ ଅନୁକରଣ କରିଚାଲିଛେ। ଏହାଠାରୁ ବଳି ଦୁର୍ଭାଗ୍ୟ ଆଉ କିଛି ନାହିଁ।



ଏଠାରେ ପ୍ରଶ୍ନ ଉଠେ, ଭାରତୀୟ ପ୍ରାଚୀନ ସଂସ୍କୃତିର ପୃଷ୍ଠଭୂମି କ'ଣ? ଭାରତୀୟ ପ୍ରାଚୀନ ସଂସ୍କୃତି କହିଲେ ଆମ୍ଭେ ବୁଝିବାକୁ ହେବ ବୈଦିକ ଯୁଗର ରୀତି, ନୀତି। ବେଦରେ ସମସ୍ତ ବିଦ୍ୟା ଓ ଜ୍ଞାନର ମୂଳସୂତ୍ର ବୀଜ ରୂପରେ ରହିଛି। ଏହା ହେଉଛି ଭାରତୀୟ ମୂଳ ସମ୍ପତ୍ତି। ବେଦରେ ଯେପରି ଧର୍ମ, ଆଚାର, ଶିକ୍ଷା, ଅର୍ଥଶାସ୍ତ୍ର, ଆୟୁର୍ବେଦ ଆଦିର ପର୍ଯ୍ୟାପ୍ତ ସାମଗ୍ରୀ ଅଛି। ସେହିଭଳି ଜ୍ଞାନର ବିଭିନ୍ନ ଅଙ୍ଗ ସମ୍ବନ୍ଧୀୟ ସାମଗ୍ରୀ ମଧ୍ୟ ପ୍ରଚୁର ପରିମାଣରେ ଅଛି। ଏହାକୁ କୁହାଯାଏ, ସୃଷ୍ଟିର ସମ୍ବିଧାନ। ବେଦର ଜ୍ଞାନ ଆହରଣ କଲେ ଜୀବନ ଶ୍ରେୟ ଓ ପ୍ରେୟ ମାର୍ଗରେ ସୁଚାରୁ ରୂପରେ ପରିଚାଳିତ ହୁଏ। ବେଦ ପ୍ରତିପାଦିତ ଶୈଳୀ ହିଁ ନୈତିକତାର ସର୍ବୋଚ୍ଚ ଆଦର୍ଶ। ମହର୍ଷି ମନୁ ଯାଜ୍ଞବଲ୍କ୍ୟ, ପରାଶର ଆଦି ସ୍ମୃତିକାରମାନେ ଶ୍ରୁତିବାକ୍ୟ ଅନୁସରଣ କରି ପୁନଃ ଆମକୁ ସ୍ମରଣ କରାଇ ମାର୍ଗ ନିର୍ଦ୍ଦେଶ କରାଇଛନ୍ତି। ବେଦ କେବଳ ପ୍ରାଚୀନତମ ଗ୍ରନ୍ଥ ନୁହେଁ। ସମସ୍ତ ସତ୍ ବିଦ୍ୟାର, ସତ୍ ସଂସ୍କୃତିର ଆଦି ସ୍ରୋତ। ମଣିଷ ତଥା ଦେଶ ନିର୍ମାଣ କରିବାର ସଂକଳ୍ପକୁ ବ୍ୟାବହାରିକ ରୂପରେ ପ୍ରତିପାଦନ କରିବାରେ ବୈଦିକ ସାହିତ୍ୟ ସଂସ୍ଥାନ ଯେପରି ମହତ୍ତ୍ୱପୂର୍ଣ୍ଣ ବିଶ୍ୱର କୌଣସି ସାହିତ୍ୟ ସେପରି ମହତ୍ତ୍ୱପୂର୍ଣ୍ଣ ନୁହେଁ। ଜୀବନର ଉଦାର ମାନବିକ ମୂଲ୍ୟବୋଧର ଅଭିବ୍ୟକ୍ତି ବୈଦିକ ସାହିତ୍ୟରେ ଦୃଷ୍ଟିଗୋଚର ହୁଏ। ଏଥିରେ ବର୍ଣ୍ଣିତ ପ୍ରାର୍ଥନାରେ ରହିଛି– ହେ ସର୍ବଜ୍ଞ ସକଳ ସୁଖଦାତା, ଆମ୍ଭମାନଙ୍କ ଜୀବନଯାତ୍ରା ପାଇଁ ଉନ୍ନତ ପଥ ପ୍ରସାରିତ ହେଉ। କୁଟିଳ ପାପକର୍ମରୁ ବିରତ ହେବା ପାଇଁ ଜ୍ଞାନ ପ୍ରଦାନ କରନ୍ତୁ। ବୈଦିକ ଜୀବନ ପଦ୍ଧତିରେ ଉପାସନା ଏବଂ ଯଜ୍ଞକୁ ଜୀବନର ବିଭିନ୍ନ ଅଙ୍ଗ ରୂପେ ବର୍ଣ୍ଣନା କରାଯାଇଛି। ବେଦ ହେଉଛି ସଂସ୍କୃତିର ଜନକ। ଋଷିଗଣ ବେଦାଧ୍ୟୟନକାରୀଙ୍କୁ ଦୁଇଟି ତତ୍ତ୍ୱ ଅନିବାର୍ଯ୍ୟ ଦର୍ଶାଇଥିଲେ। ଶ୍ରଦ୍ଧା, ସାଧନା, ଆଗ୍ରହ ଓ ଆନ୍ତରିକତାର ସହ ଅଭ୍ୟାସ କଲେ ସବୁ ସହଜସାଧ୍ୟ ବୋଧ ହେବ। ଆଜିର ସମାଜରେ ପ୍ରାୟ ଅଧିକାଂଶ ଲୋକେ ରୋଗ ବ୍ୟାଧି, ଦୁଃଖ, କଷ୍ଟ, କ୍ଳେଶ, ଅଭାବ, ଅଶାନ୍ତି, ଅସନ୍ତୋଷରେ କାଳାତିପାତ କରୁଛନ୍ତି। ସତ୍ୟ, ନ୍ୟାୟ, ଦୟା, କ୍ଷମା, ଶ୍ରଦ୍ଧା, ପ୍ରେମ, ଭକ୍ତି, ମାୟା, ମମତା, ଉଦାରତା, ସହୃଦୟତା, ସହିଷ୍ଣୁତା ସମାଜରୁ କ୍ରମଶଃ ଅନ୍ତର୍ହିତ ହେବାରେ ଲାଗିଛି। ମାନବିକ ମୂଲ୍ୟବୋଧ ଆଜି ଅବକ୍ଷୟ ମାର୍ଗରେ ଗତି କରୁଛି। ଭୌତିକ ଦୃଷ୍ଟିରୁ ସମାଜ ବାହାରକୁ ସମୃଦ୍ଧ ପ୍ରତୀୟମାନ ହେଉଥିଲେ ହେଁ ଏହା ଅନ୍ତଃସାରଶୂନ୍ୟ ହୋଇ ପଡିଛି। ଯେକୌଣସି ଉପାୟରେ ଅର୍ଥ ଉପାର୍ଜନ କର ଓ ଭୋଗ କର। ଏହାହିଁ ମଣିଷର ଏକମାତ୍ର ଲକ୍ଷ୍ୟ। ଆଜିର ଭୋଗସର୍ବସ୍ୱ ସଭ୍ୟତା ଗଢ଼ି ଉଠିବା ଫଳରେ ସମାଜରେ ଜୀବନର ଲକ୍ଷ୍ୟ ବଦଳିଯାଇଛି। ସେଠାରେ ସତ୍ୟ, ନ୍ୟାୟ, ଆଦର୍ଶ, ନୀତି, ସଂଯମତା ଆଦିର ପ୍ରଶ୍ନ ଅବାନ୍ତର ହୋଇ ପଡ଼ିଛି। ପାଶ୍ଚାତ୍ୟର ଧନୀ ଓ ଶକ୍ତିଶାଳୀ ଦେଶଗୁଡ଼ିକୁ ଅନ୍ଧ ଭାବରେ ଅନୁସରଣ କରି ଚାଲିବାର ବିପଦ ମଧ୍ୟ କ୍ରମଶଃ ଘନୀଭୂତ ହୋଇ ଉଠୁଛି। ଆମେ ଆମର ସ୍ୱତନ୍ତ୍ରତାକୁ ହରାଇବାକୁ କେବେ ଚାହିଁବୁ ନାହିଁ। ସେଥିପାଇଁ ଆଜି ସାରା ଦେଶରେ ସେହି ଗୋଟିଏ ଚର୍ଚ୍ଚା, ଭାରତୀୟ ସଂସ୍କୃତି ସୁରକ୍ଷିତ ହୋଇ ରହିବ ନା ଆମେ ସମସ୍ତେ ଅଶାନ୍ତି ଓ ଅମାନବୀୟ ସ୍ତରକୁ ଚାଲିଯିବା?

**ସମ୍ପାଦକ, ଅଖିଳଚକ୍ର, ଓଡ଼ିଶା**
**ମୋ: ୯୪୩୭୩୧୫୬୨୩**

## ଏଇ ଭାରତରେ

ବୟସ ୨୧। କିନ୍ତୁ ୭ ରାଜ୍ୟରେ ଗରିବ ଓ ଅସହାୟମାନଙ୍କ ପାଇଁ କାମ କରି ସେମାନଙ୍କ ଆବଶ୍ୟକତା ପୂରଣ କରିବା ଲାଗି ଯଥାସମ୍ଭବ ଚେଷ୍ଟା କରୁଛନ୍ତି ଉତ୍ତରପ୍ରଦେଶର ଇଶାନ ଚୱାଲା। ଫିଟି ଫାଉଣ୍ଡେଶନ ନାମକ ଏକ ସଂସ୍ଥା ଗଠନ କରି ସେ ଏହି କାର୍ଯ୍ୟ ତ୍ୱରାନ୍ୱିତ କରୁଛନ୍ତି। ଇଶାନଙ୍କ ସହ ସହପ୍ରତିଷ୍ଠାତା ଭାବେ ରହିଛନ୍ତି ତାଙ୍କ ସାଥୀ ଅନ୍‌ମୋଲ ଡିଗରା। ମିରଟରେ ରହି ସେମାନେ ସବୁ ରାଜ୍ୟରେ ଏହି ସେବା ଜାରି ରଖିଛନ୍ତି। ୨୦୧୯ରେ ଫିଟି ଫାଉଣ୍ଡେଶନ ଗଠନ କରାଯାଇଥିଲା। ସେବେଠାରୁ ଏହି ସଂସ୍ଥା ୭ ରାଜ୍ୟକୁ ସମ୍ପ୍ରସାରିତ ହୋଇଛି ଓ ଏଥିରେ ୭୦୦ ସ୍ୱେଚ୍ଛାସେବୀ କାର୍ଯ୍ୟ କରୁଛନ୍ତି। ଗରିବମାନଙ୍କୁ ଖାଦ୍ୟ ବାଣ୍ଟିବା ସହ ବସ୍ତିପିଲାଙ୍କୁ ପଢ଼ାଇବାର ବ୍ୟବସ୍ଥା କରିଛନ୍ତି ଇଶାନ। ଏଥିରେ ପୋଷାକ ମଧ୍ୟ ବଣ୍ଟନ କରାଯାଉଛି। ସେବା କାର୍ଯ୍ୟ ଆରମ୍ଭ ଦିନ ଇଶାନ ଓ ତାଙ୍କ ସାଥୀମାନେ 'ସ୍ୱିଗି'ର ବଳକା ଖାଦ୍ୟକୁ ନେଇ ୪୦ ଟଙ୍କା ଖର୍ଚ୍ଚକରି ୪୦ ଗରିବଙ୍କ ପେଟ ଭରିଥିଲେ। ସେବେଠାରୁ ସେ ଆଉ ପଛକୁ ଫେରିନାହାନ୍ତି। କରୋନା ସମୟରେ ସବୁ ରେସ୍ତୋରାଁ ବନ୍ଦ ଥିବାବେଳେ ତାଙ୍କ ଟିମ୍ ଘରେ ରୋଷେଇ କରି ଗରିବଙ୍କ ନିକଟରେ ଖାଦ୍ୟ ପହଞ୍ଚାଉଥିଲେ। ଇଶାନ ବିଭିନ୍ନ ମାଧ୍ୟମରୁ ପାଣ୍ଠି ଯୋଗାଡ଼ କରି ଏଥିରେ ଖର୍ଚ୍ଚ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୯ ଅଗଷ୍ଟ ୧୯୯୭**

- ଅପରାଧରେ ଜଡ଼ିତ ଅଥବା ଦୋଷୀ ସାବ୍ୟସ୍ତ ବ୍ୟକ୍ତିମାନଙ୍କୁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଅନୁମତି ଦିଆ ନ ଯିବା ନେଇ ନିର୍ବାଚନ କମିଶନଙ୍କ ଘୋଷଣା।
- ଦେଶର ମର୍ଯ୍ୟାଦାଜନକ ଅର୍ଜୁନ ପୁରସ୍କାର ତାଲିକାରେ ରେସ୍‌ଲିଂକୁ ଅନ୍ତର୍ଭୁକ୍ତ କରା ନ ଯିବା ପ୍ରତିବାଦରେ ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ ଗୁରୁ ହନୁମାନଙ୍କ ରାଜଘାଟ ସମ୍ମୁଖରେ ଆମରଣ ଅନଶନ।
- ଓଡ଼ିଶାର ସ୍ୱନାମଧନ୍ୟ ଶଲ୍ୟ ଚିକିତ୍ସକ ଡାକ୍ତର ଗିରିଜା ଶଙ୍କର ଦାସ ମହାପାତ୍ରଙ୍କ ୮୦ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ରସହୀନ ମମ ଅନ୍ତରମୟ ପୀଡ଼ିତ ତୃଷିତ ଚିର
ଜୀବନ-ମରୁରେ ନୟନେ ନ ଜାଗେ ନୀର!
ତିକ୍ତ ହିୟା ମୋ କଳୁଷ ବିଷରେ
ଝରିପଡୁ ଧୀରେ ସକଳ ଦିଶରେ
ଅମୃତ ତବ ବହି ଆଣୁ ନବ
ସାନ୍ତ୍ୱନା ହୃଦଗତେ
ଅଶ୍ରୁ-ସଲିଳେ ନିର୍ମଳ କର ମୋତେ।

-(ବର୍ଷା-ଅଶ୍ରୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଫସଲ ବୀମା ଏକମାତ୍ର ବିକଳ୍ପ

ମହାଶୟ,

୨୦୨୧ ଖରିଫ ଚାଷରେ କ୍ଷତି ସହିଥିବା ଚାଷୀଙ୍କ ନିକଟରେ ଅର୍ଥ ଅଭାବ ଅଛି। ବିଶେଷଭାବେ ବଲାଙ୍ଗୀର, କଳାହାଣ୍ଡି, ବରଗଡ଼, ସମ୍ବଲପୁର, ସୁନ୍ଦରଗଡ଼ ସମେତ ଅନ୍ୟ ଜିଲାଗୁଡ଼ିକରେ ଚାଷୀମାନେ ଅଧିକ ପ୍ରଭାବିତ ହେଉଛନ୍ତି। ଏଥିଯୋଗୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଚାଷ ପାଇଁ ଏହି ସମୟ ଉପଯୁକ୍ତ ହୋଇଥିବାବେଳେ କୃଷକଙ୍କ ନିକଟରେ ଅର୍ଥାଭାବ ବାଧକ ସାଜିଛି। ୨୦୨୧ ଖରିଫ ଫସଲ ବୀମା ଆର୍ଥିକ ସହାୟତା ବର୍ତ୍ତମାନ ତାଙ୍କ ପାଇଁ ଏକମାତ୍ର ଭରସା। ତେଣୁ ଚାଷୀକୁଳର ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ଯଥାଶୀଘ୍ର ୨୦୨୧ ମସିହା (ଖରିଫ) ପ୍ରଧାନମନ୍ତ୍ରୀ ଫସଲ ବୀମା ଆର୍ଥିକ ସହାୟତା ପ୍ରଦାନ କରାଯିବା ଆବଶ୍ୟକ। ବନ୍ୟା, ମରୁଡ଼ି, ବାତ୍ୟା ତଥା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରଭାବିତ ଚାଷୀଙ୍କୁ ଏହି ଯୋଜନାରେ ଆର୍ଥିକ ସହାୟତା ମିଳିଥାଏ। ଦେଶରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ କୃଷି ଓ କୃଷକ କଲ୍ୟାଣ ବିଭାଗ ଦ୍ୱାରା ୫ଟି ରାଷ୍ଟ୍ରୀୟ ସାଧାରଣ ବୀମା କମ୍ପାନୀ କାମ କରୁଛି। ସେହିପରି ରାଜ୍ୟ ତଥା କେନ୍ଦ୍ର ଶାସିତ ସରକାର ପ୍ରତିବର୍ଷ ବିଡିଂ ମାଧ୍ୟମରେ ୧୮ ସାଧାରଣ ବୀମା କମ୍ପାନୀକୁ ୩ବର୍ଷ ପାଇଁ ସାମିଲ କରିଥାନ୍ତି। ମାତ୍ର ରାଜ୍ୟ ସରକାରଙ୍କ ପ୍ରୋତ୍ସାହନରେ ବୀମା କମ୍ପାନୀଗୁଡ଼ିକ ଟାଳଟୁଳ ନୀତି ଗ୍ରହଣ କରୁଥିବାରୁ ଚାଷୀମାନେ ଫସଲ ବୀମା ସହାୟତା ରାଶି ପାଇବାରୁ ବଞ୍ଚିତ ରହୁଛନ୍ତି। ତେଣୁ ରାଜ୍ୟରେ ଯେଉଁ ଜିଲାର ଚାଷୀମାନେ ଫସଲ ବୀମା ସହାୟତା ଅର୍ଥ ପାଇବାରୁ ବର୍ତ୍ତମାନ ସୁଦ୍ଧା ବଞ୍ଚିତ ଅଛନ୍ତି, ସେମାନଙ୍କୁ ତୁରନ୍ତ ସହାୟତା ରାଶି ପ୍ରଦାନ କରିବା ପାଇଁ କମିଶନର ବିହିତ ପଦକ୍ଷେପ ନିଅନ୍ତୁ।

**–ବାଦଲ ଭୂୟାଁ, ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ଜାମସେଦପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

#### ଅନ୍ୟାନ୍ୟ ନୀତି ଦେଢ଼ଘଣ୍ଟା ବିଳମ୍ବ

**ପୁରୀ ଅଫିସ, ୨୮।୮:** ଶ୍ରୀମନ୍ଦିରରେ ରବିବାର ମହାପ୍ରଭୁଙ୍କର ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଛି। ସକାଳେ ଶ୍ରୀବିଗ୍ରହମାନଙ୍କ ମଙ୍ଗଳ ଆଳତି ସରି ମଇଲମ ନୀତି ହେଉଥିଲା। ଏହି ସମୟରେ ଜୟବିଜୟ ଦ୍ୱାର ନିକଟରେ ବାନ୍ତି ପଡ଼ିଥିବା ଦେଖିବାକୁ ମିଳିଥିଲା। ସଙ୍ଗେସଙ୍ଗେ ନୀତିକୁ ସେଠାରେ ବନ୍ଦ ରଖାଯାଇଥିଲା। ଏଥିସହ ଭକ୍ତଙ୍କ ଦର୍ଶନ ଓ ଶ୍ରୀମନ୍ଦିର ମୁଖ୍ୟଦ୍ୱାର କବାଟ ବନ୍ଦ କରାଯାଇଥିଲା। ପରେ ବଡ଼ ମହାସ୍ନାନ ପାଇଁ ନୀତି ଆରମ୍ଭ ହୋଇଥିଲା। ମହାପ୍ରଭୁଙ୍କ ବଡ଼ ମହାସ୍ନାନ କରାଯିବା ସହ ରତ୍ନସିଂହାସନ, ଭିତରକାଠ ଧୂଆ ହୋଇ ଚୂନପାଣି ପଡ଼ିଥିଲା। ଏଥିଯୋଗୁ ଅନ୍ୟାନ୍ୟ ନୀତିକାନ୍ତି ପ୍ରାୟ ୧ ଘଣ୍ଟା ୩୦ ମିନିଟ୍ ବିଳମ୍ବ ଘଟିଥିଲା। ବଡ଼ ମହାସ୍ନାନ ପରେ ପୁଣି ସର୍ବସାଧାରଣ ଦର୍ଶନ ସହ ପରବର୍ତ୍ତୀ ନୀତିକାନ୍ତି ସ୍ୱାଭାବିକ ହୋଇଥିଲା। ସୂଚନାଯୋଗ୍ୟ, ଗତ ୧୧ ତାରିଖରେ ବଡ଼ଦେଉଳର ଭିତରକାଠ ପାଖରେ ବାନ୍ତି ପଡ଼ିଥିବାରୁ ଶ୍ରୀବିଗ୍ରହମାନଙ୍କ ବଡ଼ ମହାସ୍ନାନ ନୀତି ଅନୁଷ୍ଠିତ ହୋଇଥିଲା।

### ଆଳି ଥାନାରେ ଯୁବକଙ୍କୁ ଥାର୍ଡ ଡିଗ୍ରୀ



- ଘରୁ ଉଠାଇ ଆଣି ନିସ୍ତୁକ ପିଟିଲା ପୋଲିସ
- ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି

**ଆଳି,୨୮।୮(ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ କଳଦିଆ ଗ୍ରାମର ଜଣେ ଯୁବକଙ୍କୁ ପୋଲିସ ତାଙ୍କ ଘରୁ ଉଠାଇ ଆଣି ଥାନାରେ ନିସ୍ତୁକ ପିଟିଛି। ପୋଲିସର ଏପରି ଥାର୍ଡଡିଗ୍ରୀକୁ ନେଇ ଯୁବକଙ୍କ ସ୍ତ୍ରୀ ଥାନା ଅଧିକାରୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ସୂଚନା ମୁତାବକ, କଳଦିଆ ଗ୍ରାମର ରବୀନ୍ଦ୍ର ଦାସ ଓ ତାଙ୍କ ସ୍ତ୍ରୀ ସୁନିତା ଦାସଙ୍କ ମଧ୍ୟରେ ଗତ ଶନିବାର ରାତିରେ ସାମାନ୍ୟ ଘଟଣାକୁ ନେଇ ଯୁକ୍ତିତର୍କ ହୋଇଥିଲା। ସୁନିତା ଏ ନେଇ ଥାନା ଅଧିକାରୀଙ୍କୁ ଟେଲିଫୋନରେ ସୂଚନା ଦେଇଥିଲେ। ଏହାର କିଛି ସମୟ ପରେ ଥାନା ଏସ୍ଆଇ ପ୍ରଦୋଷ ପଟ୍ଟନାୟକଙ୍କ ସମେତ ଅନ୍ୟ ୬ ପୋଲିସ ରାତି ପ୍ରାୟ ୧୧ଟାରେ ଘରେ ପଶି ରବୀନ୍ଦ୍ରଙ୍କୁ ଥାନାକୁ ନେଇଥିଲେ। ରବୀନ୍ଦ୍ରଙ୍କ ସ୍ତ୍ରୀ ଓ ପରିବାର ଲୋକ ଥାନାକୁ ଆସିବା ପରେ ଥାନା ଅଧିକାରୀ ସେମାନଙ୍କୁ ଘରକୁ ଫେରାଇ ଦେଇଥିଲେ। ରବିବାର ସକାଳେ ପୁଣିଥରେ ପରିବାର ଲୋକେ ଥାନାକୁ ଆସିଥିଲେ। ସେତେବେଳେ ରବୀନ୍ଦ୍ରଙ୍କ ଅବସ୍ଥା ଗୁରୁତର ଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ଥାନା ଆଇଆଇସିଙ୍କ ସମେତ ଅନ୍ୟ ପୋଲିସ ରାତିସାରା ପିଟିଥିବା ରବୀନ୍ଦ୍ର କହିଥିଲେ। ଏକଥା ଶୁଣିବା ପରେ ପରିବାର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରବୀନ୍ଦ୍ରଙ୍କ ସ୍ତ୍ରୀ ସୁନିତାଙ୍କ କହିବା ମୁତାବକ ସାମାନ୍ୟ କଥାକୁ ନେଇ ମୁଁ ଥାନାକୁ ଜଣାଇଥିଲି। କିନ୍ତୁ ପୋଲିସ ବିନା ଏତଲାରେ ନିଷ୍ଠୁର ଭାବେ ମୋ ସ୍ୱାମୀଙ୍କୁ ପିଟିଛି। ରବୀନ୍ଦ୍ରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ଶରୀରରେ ଗଭୀର କ୍ଷତ ସୃଷ୍ଟି ହୋଇଥିବାରୁ ଅନ୍ୟତ୍ର ନେଇ ସ୍କାନିଂ କରିବାକୁ ଡାକ୍ତର କହିଛନ୍ତି। ଏ ନେଇ ଥାନା ଅଧିକାରୀ ଦିଲ୍ଲୀପ ସାହୁ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି।



ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ବରଗଡ଼ ଜିଲା ଅତାବିରା ମାରୱାଡି ଯୁବାମଞ୍ଚ ତରଫରୁ ରବିବାର ଅନୁଷ୍ଠିତ ସାଇକେଲ ରାଲିରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି।

# ଏଏସ୍ଓ ପରୀକ୍ଷା ଖରାପ ହେବାରୁ ଜୀବନ ହାରିଲେ ଛାତ୍ର

**ଅନୁଗୋଳ ଅଫିସ, ୨୮।୮**

### ଆତ୍ମହତ୍ୟା ପୂର୍ବରୁ କାଟିଥିଲେ ହାତ

ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍ଓ) ପରୀକ୍ଷା ଖରାପ ହେବାରୁ ମାନସିକ ଭାରସାମ୍ୟ ହରାଇ ଜଣେ ଛାତ୍ର ଭଡ଼ାଘରେ ରଶି ଲଗାଇ ଜୀବନ ହାରିଛନ୍ତି। ଅନୁଗୋଳ ଥାନା ଅନ୍ତର୍ଗତ ସୁସୁଡ଼ାରେ ରବିବାର ଅପରାହ୍ନରେ ଘଟିଥିବା ଏଭଳି ଏକ ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ମୃତକ ହେଲେ ବଇଣ୍ଡା ଥାନା ଗରୁଡ଼ ଗ୍ରାମର ସନତ କୁମାର ପ୍ରଧାନଙ୍କ ପୁଅ ଅସିତ (୨୪)।

ଅସିତ୍ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ସ୍ନାତକୋତ୍ତର ବିଭାଗ ଛାତ୍ର। ବଅଁରପାଳ ବ୍ଲକ ବଉଳିଗଡ଼ ଗ୍ରାମର ସତ୍ୟବାନ ଗଡ଼ନାୟକ ଏବଂ ସେ ୭ ମାସ ହେଲା ଅନୁଗୋଳରେ ଭଡ଼ାରେ ରହୁଥିଲେ। ଶନିବାର ଅସିତ୍ ଏଏସ୍ଓ ପରୀକ୍ଷା ଦେଇଥିବାବେଳେ ସେତେଟା ଭଲ କରି ନ ଥିଲେ। ତେଣୁ ସେ ମାନସିକ ଦୁଶ୍ଚିନ୍ତାରେ ଥିଲେ। ଏ ସଂକ୍ରାନ୍ତରେ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ପରୀକ୍ଷା ଦେବା ପାଇଁ ଯାଇଥିବା ବନ୍ଧୁ ସତ୍ୟବାନଙ୍କୁ ମଧ୍ୟ କହିଥିଲେ। ରବିବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ସତ୍ୟବାନ ସମ୍ବଲପୁରରୁ ଫେରି ଅସିତ୍‌ଙ୍କୁ ଝୁଲନ୍ତା ଅବସ୍ଥାରେ ଠାବ କରିଥିଲେ। ଏ ସଂକ୍ରାନ୍ତରେ ସେ ୧୧୨କୁ ଫୋନ୍ କରି ପୋଲିସକୁ ଅବଗତ କରାଇବା ସହ ମୃତ ଛାତ୍ରଙ୍କ ପରିବାର ଓ ଘର ମାଲିକଙ୍କୁ ସୂଚନା ଦେଇଥିଲେ। ଅନୁଗୋଳ ପୋଲିସ ପହଞ୍ଚି ଅସିତ୍‌ଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ମୃତ ଛାତ୍ରଙ୍କ ହାତରେ ଏକ କଟା ଦାଗ ଥିବାବେଳେ ଏହାକୁ ସେ ବ୍ୟାଣ୍ଡେଜ୍ କରିଥିନ୍ତି। ତେଣୁ ସେ ପ୍ରଥମେ ହାତ କାଟି ଆତ୍ମହତ୍ୟା ଉଦ୍ୟମ କରି ବିଫଳ ହେବା ପରେ ରଶି ଲଗାଇ ଝୁଲି ପଡ଼ିଥିବା ଅନୁମାନ କରାଯାଉଛି। ଅସିତ୍‌ଙ୍କ ବାପା ସନତ ଅନୁଗୋଳରେ ପହଞ୍ଚିଛନ୍ତି। ତେବେ ପୁଅଙ୍କ ଏଭଳି ମୃତ୍ୟୁରେ ସେ ମ୍ରିୟମାଣ ହୋଇପଡ଼ିଛନ୍ତି। ଏସ୍ଆଇ ଅବଦୁଲ ୱାସିମ୍ ଖାନ୍, ଶୁଭଲକ୍ଷ୍ମୀ ସିଂ, ଜୋଶେଫ ପଟ୍ଟନାୟକ ପ୍ରମୁଖ ସନ୍ଧ୍ୟା ୭ଟାରେ ମୃତଦେହ ବ୍ୟବଚ୍ଛେଦ ଲାଗି ମେଡିକାଲକୁ ନେଇଥିଲେ।

# ପ୍ରୋଟିନ୍‌ଯୁକ୍ତ ଚାଉଳ ଯୋଗାଇବେ ସରକାର

**ଭୁବନେଶ୍ୱର, ୨୮।୮(ବ୍ୟୁରୋ)**

- ଚଳିତ ମାସ ଶେଷ ସୁଦ୍ଧା ୮ ଜିଲାର ଆଇସିଡିଏସ୍, ଏମ୍‌ଡିଏମ୍‌ରେ ମିଳିବ
- ୨୦୨୩ ଏପ୍ରିଲରୁ ୧୫ ଜିଲାରେ ଏହା ଲାଗୁ ହେବ
- ମିଲରଙ୍କ ଚିନ୍ତା ୨୦ ଲକ୍ଷର ଖର୍ଚ୍ଚ

ରାଜ୍ୟ ସରକାର ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍), ମଧ୍ୟାହ୍ନଭୋଜନ (ଏମ୍‌ଡିଏମ୍) ଏବଂ ପବ୍ଲିକ ଡିଷ୍ଟ୍ରିବ୍ୟୁଶନ ସିଷ୍ଟମ (ପିଡିଏସ୍)ରେ ପ୍ରୋଟିନ୍‌ଯୁକ୍ତ ଚାଉଳ ଯୋଗାଇ ଦେବାକୁ ଯୋଜନା କରିଛନ୍ତି। ପ୍ରଥମେ ରାଜ୍ୟରେ ଆଇସିଡିଏସ୍ ଏବଂ ଏମ୍‌ଡିଏମ୍ ବ୍ୟବସ୍ଥାରେ ଏହା ଲାଗୁ ହେବ। ଏହାପରେ ପିଡିଏସ୍‌ରେ ମଧ୍ୟ ଏହାକୁ ସାମିଲ କରାଯିବ ବୋଲି ଜଣାପଡ଼ିଛି। ଉଭୟ ଏନ୍ଏଫ୍ଏସ୍ଏ (ଜାତୀୟ ଖାଦ୍ୟ ସୁରକ୍ଷା ଆଇନ) ଏବଂ ଏସ୍ଏଫଏସ୍ଏ (ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ) ହିତାଧିକାରୀଙ୍କୁ ଏହି ସୁବିଧା ମିଳିବ। ଗତବର୍ଷ କଳାହାଣ୍ଡିରୁ ଏହା ପାଇଲଟ୍ ପ୍ରୋଜେକ୍ଟ ଭାବେ ଆରମ୍ଭ କରାଯାଇଥିଲା। ଏବେ ରାଜ୍ୟର ୧୫ ଜିଲାରେ ଏହାକୁ ତୁରନ୍ତ ଲାଗୁ କରିବାକୁ କୁହାଯାଇଛି। ରାଜ୍ୟ ସରକାର ଏକ କୁଇଣ୍ଟାଲ ବସ୍ତାରେ ଏକ କେ.ଜି. ପ୍ରୋଟିନ୍‌ଯୁକ୍ତ ଚାଉଳ ମିଶାଇବେ। ଏନେଇ ଜିଲା ଯୋଗାଣ ଅଧିକାରୀମାନଙ୍କୁ ଚିଠି ଲେଖି ଓଡ଼ିଶା ଖାଦ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ଶୁଭମ୍ ସକ୍ସେନା ଜଣାଇଛନ୍ତି। ୧୫ ଜିଲାରେ ଏପ୍ରିଲ ୨୦୨୩ରୁ ମାର୍ଚ୍ଚ ୨୦୨୪ ସୁଦ୍ଧା ଲୋକଙ୍କୁ ପିଡିଏସ୍‌ରେ ପ୍ରୋଟିନ୍‌ଯୁକ୍ତ ଚାଉଳ ଦେବାକୁ କୁହାଯାଇଛି। ରାଜ୍ୟର ସମସ୍ତ ମିଲର୍ ଯେପରି ଏହାକୁ ଠିକ୍ ଭାବେ ପାଳନ କରିବେ ସେନେଇ କୁହାଯାଇଛି। ତେବେ ମିଲର୍‌ମାନଙ୍କ ଚିନ୍ତା ବର୍ତ୍ତମାନ ବଢିଯାଇଛି। କାରଣ ମିଲର୍‌ମାନେ ମେଶିନ୍ ଜରିଆରେ ଏକ କୁଇଣ୍ଟାଲ ବସ୍ତାରେ ୧ କେ.ଜି. ପ୍ରୋଟିନ୍‌ଯୁକ୍ତ ଚାଉଳକୁ ମିଶ୍ରଣ କରି ଖାଉଟିଙ୍କ ପାଇଁ ଯୋଗାଇବେ ବୋଲି ସରକାରଙ୍କ ନିର୍ଦ୍ଦେଶ ରହିଛି। ଉକ୍ତ ମେଶିନ ଲାଗି ସେମାନଙ୍କୁ ପ୍ରାୟ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ହେଲେ ମିଲରମାନେ ସେଥିରେ କେତେ ପ୍ରୋଟିନ୍‌ଯୁକ୍ତ ଚାଉଳ ମିଶାଇଲେ ତାହା ଏବେ ସବୁଠାରୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୯୯ କେ.ଜି. ଚାଉଳରେ ୧ କେ.ଜି. ପ୍ରୋଟିନ୍‌ଯୁକ୍ତ ଚାଉଳ ମିଶାଇବାରେ ଯଦି ହେରଫେର ହୁଏ, ତେବେ ସରକାର ତାହା କିପରି ଧରିବେ ବୋଲି ପ୍ରଶ୍ନ ଉଠୁଛି।

କେନ୍ଦ୍ର ସରକାର ବାଛିଥିବା ରାଜ୍ୟର ୧୦ ଆକାଂକ୍ଷା ଏବଂ ୫ ଅଧିକ ଚାପଯୁକ୍ତ ଜିଲା ଯଥା ଢେଙ୍କାନାଳ, ଗଜପତି, କଳାହାଣ୍ଡି, ବଲାଙ୍ଗୀର, କନ୍ଧମାଳ, ରାୟଗଡା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡା, କେନ୍ଦୁଝର, ସୁବର୍ଣ୍ଣପୁର, ବୌଦ୍ଧ, ମୟୂରଭଞ୍ଜ ଏବଂ ସମ୍ବଲପୁରର ସମସ୍ତ ମିଲର ଯେପରି ବ୍ଲେଣ୍ଡିଂ ମେଶିନ ଲଗାଇବେ ସେଥିଲାଗି ସିଏସ୍ଓମାନଙ୍କୁ କୁହାଯାଇଛି।

ସରକାରଙ୍କ ସୂଚନା ମୁତାବକ, ଆସନ୍ତାବର୍ଷ ଏପ୍ରିଲ ୨୩ରୁ ପ୍ରୋଟିନ୍‌ଯୁକ୍ତ ଚାଉଳ ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଛି। ବିଭାଗୀୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାଏକ କହିଛନ୍ତି, ଏହା ସମ୍ପୂର୍ଣ୍ଣ କେନ୍ଦ୍ର ସରକାରଙ୍କ ଯୋଜନା। କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟରେ ବାଛିଥିବା ଆକାଂକ୍ଷା ଜିଲାରେ ଏହା ପ୍ରଥମେ ଲାଗୁ କରୁଛନ୍ତି। ପରବର୍ତ୍ତୀ ସମୟରେ ରାଜ୍ୟ ସରକାର ଏହାକୁ ଅନ୍ୟ ଜିଲାଗୁଡ଼ିକରେ ଲାଗୁ କରିବେ। ତେବେ ରାଜ୍ୟ ସରକାର ଜିଲା ଭିତରୁ ବିଭିନ୍ନ ସ୍ୱୀକୃତିପ୍ରାପ୍ତ ସଂସ୍ଥାଠାରୁ ଉକ୍ତ ପ୍ରୋଟିନ୍‌ଯୁକ୍ତ ଚାଉଳ ଉଠାଇ ମିଲର୍‌ମାନଙ୍କୁ ଯୋଗାଇ ଦେବେ। ତା'ପରେ ମିଲର୍‌ମାନେ ମିଶ୍ରଣ କରି ପ୍ରଦାନ କରିବେ। ରାଜ୍ୟର ୮ ଆକାଂକ୍ଷା ଜିଲାରେ ଆଇସିଡିଏସ୍ ଏବଂ ଏମ୍‌ଡିଏମ୍‌ରେ ଚଳିତ ମାସ ଶେଷ ସୁଦ୍ଧା ଏହି ପ୍ରୋଟିନ୍‌ଯୁକ୍ତ ଚାଉଳ ଦିଆଯିବ। ମିଲରମାନେ ଜାତୀୟ ପରୀକ୍ଷଣ ଏବଂ ଅନୁସନ୍ଧାନ ପ୍ରୟୋଗଶାଳା ସ୍ୱୀକୃତି ବୋର୍ଡ (ଏନ୍ଏବିଏଲ୍)ରୁ ଟେଷ୍ଟିଂ କରି ତାହା ରାଜ୍ୟ ସରକାରଙ୍କୁ ଯୋଗାଇବେ ବୋଲି ମନ୍ତ୍ରୀ କହିଛନ୍ତି।

ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନଗୋ କହିଛନ୍ତି ଯେ, ରାଜ୍ୟରେ ବହୁ ସ୍ଥାନରେ ଭିଟାମିନ ଯୁକ୍ତ ଚାଉଳ ଉତ୍ପାଦନ ହୋଇଥାଏ। ରାଜ୍ୟ ସରକାର ତାହାର ପ୍ରଚାର କରିବା ପରିବର୍ତ୍ତେ କାହିଁକି କୃତ୍ରିମ ଭିଟାମିନ୍ ଉପରେ ଭରସା କରୁଛନ୍ତି ବୁଝିହେଉନାହିଁ। କେନ୍ଦ୍ର ସରକାର ଯାହା କହିବେ ଯଦି ରାଜ୍ୟଗୁଡିକ ତାହା ମାନିନେବେ, ତା'ହେଲେ ସେମାନେ ଭାବିବେ ରାଜ୍ୟମାନେ ସେମାନଙ୍କ ଅଧସ୍ତନ। ତେଣୁ ରାଜ୍ୟ ସରକାର ଭିଟାମିନ୍‌ଯୁକ୍ତ ଚାଉଳ ଉପରେ କାହିଁକି ଭରସା ନ କରି କେନ୍ଦ୍ର କଥାକୁ ଆଖି ବନ୍ଦ କରି ମାନିନେଲେ ତାହା ବିଚାରବିମର୍ଶ ହେବା ଦରକାର। ଏନେଇ ବିଶେଷଜ୍ଞମାନଙ୍କ ମତାମତ ମଧ୍ୟ ଆବଶ୍ୟକ ବୋଲି ସେ କହିଛନ୍ତି।

# ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ




**ଭୁବନେଶ୍ୱର, ୨୮।୮(ବ୍ୟୁରୋ)**

### ସୂଚନା ଦେଲେ ସ୍ୱାସ୍ଥ୍ୟମନ୍ତ୍ରୀ

ରାଜ୍ୟରେ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟ। ଏହା ଅଧୀନରେ ରାଜ୍ୟରେ ଥିବା ମେଡିକାଲ କଲେଜଗୁଡ଼ିକ କାର୍ଯ୍ୟ କରିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ସୂଚନା ଦେଇଛନ୍ତି। ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ଏକ ଦୃଷ୍ଟିକୋଣ ଯୋଜନା ପ୍ରସ୍ତୁତ କରିବା ପାଇଁ ରବିବାର ସ୍ଥାନୀୟ ଏକ ହୋଟେଲରେ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଦେଶର ବିଭିନ୍ନ ସ୍ଥାନରୁ ବିଶିଷ୍ଟ ଶିକ୍ଷାବିତ୍, ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ କୁଳପତି, ବାଙ୍ଗାଲୁରୁସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସର ଡିନ୍, ସ୍ୱାସ୍ଥ୍ୟ ବିଭାଗ ପ୍ରଶାସକ, ମେଡିକାଲ କଲେଜ ନିର୍ଦ୍ଦେଶକ, ଡିନ୍ ଏବଂ ଅଧ୍ୟକ୍ଷ ପ୍ରମୁଖ ଏଥିରେ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ମନ୍ତ୍ରୀ ଦାସ ଯୋଗଦେଇ କହିଲେ, ଓଡ଼ିଶାରେ ପୂର୍ବରୁ ୩ଟି ମେଡିକାଲ କଲେଜ ରହିଥିଲା। ଏବେ ଆଉ ୭ଟି ମେଡିକାଲ କଲେଜରେ ଏମ୍‌ବିବିଏସ୍ ପାଠ୍ୟକ୍ରମ ଆରମ୍ଭ ହୋଇଛି। ଫଳରେ ରାଜ୍ୟରେ ମୋଟ ୧୦ଟି ମେଡିକାଲ କଲେଜ ସହିତ ହୋମିଓପାଥି, ଆୟୁର୍ବେଦ ଓ ଅନ୍ୟାନ୍ୟ ପାଠ୍ୟକ୍ରମ ଚାଲୁ ରହିଛି। ଏଣିକି ଏସବୁ ଶିକ୍ଷାନୁଷ୍ଠାନଗୁଡ଼ିକ ଓଡ଼ିଶା ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ଅଧୀନରେ ରହିବେ। ଏହାଦ୍ୱାରା ଗୋଟିଏ ପ୍ଲାଟ୍‌ଫର୍ମ ଷ୍ଟାଣ୍ଡାର୍ଡରେ ମେଡିକାଲ ଶିକ୍ଷା ପ୍ରଚଳିତ ହେବ। ନିୟମିତ ତାଲିମ, ସମୟାନୁଯାୟୀ ପରୀକ୍ଷା ଓ ଫଳ ପ୍ରକାଶ ପାଇବ। ଏଥିସହିତ ଗବେଷଣା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଏହି ବିଶ୍ୱବିଦ୍ୟାଳୟ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେଲେ ଏହା ଦେଶର ୧୭ତମ ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟ ଭାବେ ପରିଗଣିତ ହେବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି।

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ସୁବ୍ରତୋ ବାଗ୍‌ଚୀଙ୍କ ଦ୍ୱାରା ପରିଚାଳିତ ଏହି କର୍ମଶାଳାରେ ଡିଏମ୍ଇଟି ପ୍ରଫେସର ଡା. ରମାରମଣ ମହାନ୍ତି, ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ଓଏସ୍‌ଡି ପ୍ରଫେସର ଡା. ଦଣ୍ଡେଶ୍ୱର ହୋତା ପ୍ରମୁଖ ଯୋଗଦେଇଥିଲେ। ସ୍ୱାସ୍ଥ୍ୟ ବିଶ୍ୱବିଦ୍ୟାଳୟର ସାଙ୍ଗଠନିକ ଢାଞ୍ଚା, ଅଭିନବ ପାଠ୍ୟକ୍ରମର ବିକାଶ, ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରର ଉତ୍କର୍ଷ କେନ୍ଦ୍ର ସହିତ ଅନୁସନ୍ଧାନ ଓ ସହଯୋଗ, ବିଶ୍ୱବିଦ୍ୟାଳୟ କାର୍ଯ୍ୟର ଡିଜିଟାଇଜେଶନ, ଅଧ୍ୟାପନା କ୍ଷେତ୍ରରେ ବିକାଶ, ଆଭ୍ୟନ୍ତରୀଣ ସହଯୋଗ ଓ ପ୍ରତିଷ୍ଠିତ ମହାବିଦ୍ୟାଳୟର ଭୂମିକା ସମ୍ପର୍କରେ କର୍ମଶାଳାରେ ଆଲୋଚନା ହୋଇଥିଲା।

# ବଜ୍ରପାତ ସୂଚନା ଦେବାକୁ 'ଦାମିନୀ' ଆପ୍‌ର ବିକାଶ

**ଭୁବନେଶ୍ୱର, ୨୮।୮(ବ୍ୟୁରୋ)**

ମୟୂରଭଞ୍ଜ ଓ ଝାରସୁଗୁଡ଼ା ଜିଲାରେ ବଜ୍ରପାତ ୫ ଜଣଙ୍କ ଜୀବନ ନେଇଥିବା ବେଳେ ଶନିବାର ଉଦଳାରେ ୨ ଜଣଙ୍କର ମୃତ୍ୟୁ ହୋଇଥିଲା। ବଜ୍ରପାତ ସୂଚନା ଦେବାକୁ 'ଦାମିନୀ' ଆପ୍‌ର ବିକାଶ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ, ଓସ୍‌ଡମା ଓ କର୍ପସ ନାମକ ସଂସ୍ଥା ସହାୟତାରେ ଏହା ହୋଇଛି। ରାଜ୍ୟର ବିଭିନ୍ନ ଜିଲାରେ ବଜ୍ରପାତ ଜନିତ ମୃତ୍ୟୁସଂଖ୍ୟା ବଢିବାରେ ଲାଗିଛି। ପାଣିପାଗ ବିଭାଗର ତଥ୍ୟ ଅନୁସାରେ ବଜ୍ରପାତ ମୃତ୍ୟୁରେ ଓଡ଼ିଶା ଦେଶରେ ଏକ ନମ୍ବର। ୨୦୨୧ରେ ବଜ୍ରପାତରେ ଦେଶରେ ୭୮୭ ଜଣଙ୍କ ମୃତ୍ୟୁ ହୋଇଥିଲା। ସେଥିମଧ୍ୟରେ ୨୧୩ ଜଣ ଓଡ଼ିଶାର ଥିଲେ। ଯାହା ମୋଟ୍ ବଜ୍ରପାତ ମୃତ୍ୟୁର ୨୭ ପ୍ରତିଶତ। ରାଜ୍ୟ ସରକାରଙ୍କ ତଥ୍ୟ ଅନୁସାରେ ୨୦୧୧ରୁ ୨୦୨୦ ମସିହା ମଧ୍ୟରେ ଅର୍ଥାତ୍ ଗତ ୯ ବର୍ଷରେ ବଜ୍ରଘାତ ଯୋଗୁ ୩୨୧୮ ଜଣଙ୍କ ମୃତ୍ୟୁ ହୋଇଛି। ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସଙ୍କ ମତରେ ପ୍ରାକ୍ ମୌସୁମୀ ଓ ମୌସୁମୀ ଦୁର୍ବଳ ହେବା ସମୟରେ ହିଁ ବଜ୍ରପାତର ଅଧିକ ଆଶଙ୍କା ଥାଏ। ପୂର୍ବାହ୍ନ ୧୧ରୁ ରାତି ୮ଟା ମଧ୍ୟରେ ସାଧାରଣତଃ ବଜ୍ରପାତ ହୋଇଥାଏ। ମାର୍ଚ୍ଚରୁ ମେ ମାସ ମଧ୍ୟରେ ବଜ୍ରପାତର ତୀବ୍ରତା ଓ ମାତ୍ରା ଅଧିକ ରହିଥାଏ। ତେବେ ଜୁନ୍ ଓ ସେପ୍ଟେମ୍ବରରେ ଚାଷୀ ଖୋଲା ବିଲରେ କାମ କରୁଥିବାରୁ ବଜ୍ରପାତର ଶିକାର ହୁଅନ୍ତି। ଭାରତୀୟ ପାଣିପାଗ ବିଭାଗ ୫ଦିନ ଆଗରୁ ବଜ୍ରପାତ ନେଇ ସୂଚନା ଦେଉଛି। ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବଜ୍ରପାତ ନେଇ ପାଣିପାଗ ବିଭାଗ ୩ ଘଣ୍ଟା ପୂର୍ବରୁ ସୂଚନା ପ୍ରଦାନ କରିଥାଏ।

# ୧୦୮ ଆମ୍ବୁଲାନ୍ସକୁ 'ଇଟି ଲିଡରଶିପ୍ ଏକ୍ସିଲେନ୍ସ ଆୱାର୍ଡସ୍'

**ଭୁବନେଶ୍ୱର, ୨୮।୮(ବ୍ୟୁରୋ)**




ଉଲ୍ଲେଖନୀୟ ଜରୁରିକାଳୀନ ସେବା ବିତରଣ ପାଇଁ ଓଡ଼ିଶାର ୧୦୮ ଆମ୍ବୁଲାନ୍ସ ଜାତୀୟ ସ୍ତରୀୟ ପ୍ଲାଟ୍‌ଫର୍ମରେ ଉଚ୍ଚ ପ୍ରଶଂସିତ ହେବା ସହ ପୁରସ୍କାର ପାଇଛି। ନିକଟରେ ନୂଆଦିଲ୍ଲୀସ୍ଥିତ ରୋଜିଏଟ୍ ହାଉସ୍‌ଠାରେ ଆୟୋଜିତ ଏକ ଉତ୍ସବରେ 'ଇଟି ଲିଡରଶିପ୍ ଏକ୍ସିଲେନ୍ସ ଆୱାର୍ଡସ୍ ୨୦୨୨' ମିଳିଛି। 'ପ୍ରି-ହସ୍ପିଟାଲ କେୟାର୍' ବର୍ଗରେ ଜରୁରିକାଳୀନ ଚିକିତ୍ସା ସେବା କ୍ଷେତ୍ରରେ ନିରନ୍ତର କାର୍ଯ୍ୟ ପାଇଁ ୧୦୮ ଆମ୍ବୁଲାନ୍ସକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶାର ସ୍ୱାସ୍ଥ୍ୟ ବିଭାଗ ଓ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନ୍ଏଚ୍ଏମ୍) ତରଫରୁ ଜିକିତ୍ସା ହେଲ୍‌ଥକେୟାର ଲିମିଟେଡ୍ (ଜେଡ୍ଏଚ୍ଏଲ୍) ଦ୍ୱାରା ଏହି ଆମ୍ବୁଲାନ୍ସ ସେବା ପରିଚାଳିତ ହେଉଛି। କାର୍ଯ୍ୟକ୍ରମରେ ଅଭିନେତ୍ରୀ ଇଶା ଗୁପ୍ତା ଜେଡ୍ଏଚ୍ଏଲ୍ ଓଡ଼ିଶାର ରାଜ୍ୟ ମୁଖ୍ୟ ସବ୍ୟସାଚୀ ବିଶ୍ୱାଳଙ୍କୁ ପ୍ରଦାନ କରିଥିଲେ। ଏହି ଅବସରରେ ସବ୍ୟସାଚୀ କହିଛନ୍ତି, ରୋଗୀଙ୍କୁ ନିକଟସ୍ଥ ହସ୍ପିଟାଲକୁ ସ୍ଥାନାନ୍ତର କରି ଜରୁରିକାଳୀନ ସ୍ଥିତିରେ ଏକ ସୁଗମ ଓ ସମୟାନୁବର୍ତ୍ତୀ ସେବା ପ୍ରଦାନ କରି ରାଜ୍ୟର ଅଗଣିତ ଲୋକଙ୍କ ଜୀବନ ରକ୍ଷା କରିଛି। 'ଇଟି ଲିଡରଶିପ୍ ଏକ୍ସିଲେନ୍ସ ଆୱାର୍ଡସ୍' ହେଉଛି ଜିକିତ୍ସା ହେଲ୍‌ଥକେୟାରର ଉଲ୍ଲେଖନୀୟ ପ୍ରୟାସର ଏକ ଉପଯୁକ୍ତ ସ୍ୱୀକୃତି, ଯାହା ୭୦ ଲକ୍ଷରୁ ଅଧିକ ନାଗରିକଙ୍କୁ ସେବା ପ୍ରଦାନ କରିଥିବା ଓଡ଼ିଶାର ୧୦୮ ଆମ୍ବୁଲାନ୍ସ ସେବା ପଛର ପ୍ରମୁଖ ଶକ୍ତି। ଏହା ହେଉଛି କଠିନ ପରିଶ୍ରମ ଓ ନିଷ୍ଠାର ଏକ ସ୍ୱୀକୃତି। ଗତ ୯ ବର୍ଷ ହେବ ଆମେ ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ପରିଚାଳନା କରିଆସୁଛୁ। ଏହି ଆୱାର୍ଡ ନିଶ୍ଚିତ ରୂପେ ଆମକୁ ଓ ଆମ ଟିମ୍‌କୁ ଅଧିକ ଭଲ କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହିତ କରିବ।

ସୂଚନାଯୋଗ୍ୟ, ୨୦୧୩ ମାର୍ଚ୍ଚ ୫ରେ ୨୮୦ଟି ଆମ୍ବୁଲାନ୍ସ ସହିତ ୧୦୮ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଥିଲା। ୯ବର୍ଷ ଭିତରେ ଏହି ସେବା ଏବେ ସମଗ୍ର ରାଜ୍ୟକୁ ବିସ୍ତାରିତ ହୋଇଛି। ବର୍ତ୍ତମାନ ଜଡ୍ଏଚ୍ଏଲ୍ ରାଜ୍ୟରେ ୧,୧୨୪ଟି ଆମ୍ବୁଲାନ୍ସ ଓ ୬ଟି ବୋଟ୍ ଆମ୍ବୁଲାନ୍ସ ପରିଚାଳନା କରୁଛି।

# ଲୋକଲଜ୍ଜାରୁ ଫିନାଇଲ ପିଇ ଶାଶୁ ମୃତ

**ଗଞ୍ଜାମ,୨୮।୮(ଡି.ଏନ.ଏ.)**



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

### ଶାଶୁଘର ଆଗରେ ବୋହୂଙ୍କ ଧାରଣା ପ୍ରସଙ୍ଗ

### ବୋହୂ ଫେରାର, ଆଇଆଇସିଙ୍କ ବିରୋଧରେ ଏତଲା

ଗଞ୍ଜାମ ଥାନା ଅନ୍ତର୍ଗତ ମଧ୍ୟଖଣ୍ଡ ସାହିରେ ସୁଷମା ପଣ୍ଡାଙ୍କ ବୋହୂ ତନମୟୀ ପାରିବାରିକ ଗଣ୍ଡଗୋଳକୁ ନେଇ ଶାଶୁଘର ଆଗରେ ତାଙ୍କ ଆଈଙ୍କ ସହ ଶନିବାର ଧାରଣାରେ ବସିଥିଲେ। ଏଭଳି ଅପମାନ ଓ ଲୋକ ଲଜ୍ଜା ସହି ନ ପାରି ତାଙ୍କ ଶାଶୁ ସୁଷମା ରବିବାର ଭୋର୍‌ରୁ ଫିନାଇଲ ପିଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଛତ୍ରପୁର ପରେ ବ୍ରହ୍ମପୁର ବଡ଼ ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ପରେ ତନମୟୀ ଫେରାର୍ ଅଛନ୍ତି।

ପ୍ରକାଶ ଯେ, ପୁରୁଷୋତ୍ତମପୁର ବ୍ଲକ ରଣଝାଲି ଗ୍ରାମରେ ତନମୟୀଙ୍କ ଘର। ସେ ୨୦୨୦ରେ ମଧ୍ୟଖଣ୍ଡ ସାହିର ସୁଜିତ କୁମାର ପଣ୍ଡାଙ୍କୁ ବିବାହ କରିଥିଲେ। ବିବାହର ୧୦ ଦିନ ପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ପରେ ଶାଶୁ ଘର ଲୋକେ ତାଙ୍କୁ ନିର୍ଯାତନା ଦେଇଥିଲେ। ସେ ଏହାକୁ ସହି ନ ପାରି ମାମୁ ଘରକୁ ଚାଲିଆସିଥିଲେ। ପରେ ସ୍ୱାମୀଙ୍କ ବିରୋଧରେ ବ୍ରହ୍ମପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। ମାମଲା କୋର୍ଟରେ ବିଚାରାଧୀନ ଥିବା ବେଳେ ଯୌତୁକ ବାବଦକୁ ନେଇଥିବା ଅଳଙ୍କାର ଓ ଟଙ୍କା ଫେରସ୍ତ ଦାବିରେ ତନମୟୀ ନିଜ ଆଈକୁ ସାଙ୍ଗରେ ନେଇ ଶାଶୁ ଘର ଆଗରେ ଧାରଣାରେ ବସିଥିଲେ। ଏହାକୁ ସହି ନ ପାରି ତାଙ୍କ ଶାଶୁ ସୁଷମା ଫିନାଇଲ ପିଇ ଦେଇଥିଲେ। ପରେ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଦିନ ତମାମ ମଧ୍ୟଖଣ୍ଡ ସାହିରେ ଉତ୍ତେଜନା ଲାଗି ରହିଥିଲା। ଅନ୍ୟପଟେ ତନମୟୀ ଧାରଣା ଦେବା ନେଇ ଶନିବାର ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଆଇଆଇସି ସୁଦୀପ୍ତ କୁମାର ସାହୁ ଘଟଣାରେ ହସ୍ତକ୍ଷେପ ନ କରିବାରୁ ମା' ଆତ୍ମହତ୍ୟା କଲେ ବୋଲି ମୃତକଙ୍କ ବଡ଼ ପୁଅ ଶାନ୍ତନୁ ଅଭିଯୋଗ କରିଛନ୍ତି। ଏ ନେଇ ଶାନ୍ତନୁ ଆଇଆଇସିଙ୍କ ବିରୋଧରେ ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନଙ୍କ ନିକଟରେ ଏତଲା ଦେଇଛନ୍ତି। ପୋଲିସ ବିରୋଧରେ ହୋଇଥିବା ଅଭିଯୋଗକୁ ଏସ୍‌ଡିପିଓ ଖଣ୍ଡନ କରିଛନ୍ତି। ଏ ନେଇ ଗଞ୍ଜାମ ଥାନା ପକ୍ଷରୁ ପୃଥକ୍ ଭାବେ ନଂ. ୧୪୦, ୧୪୧/୨୨ରେ ଦୁଇଟି ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୁଷମାଙ୍କ ପଡ଼ୋଶୀ କହିବା ଅନୁଯାୟୀ, ରବିବାର ଭୋର୍ ୫ଟାରେ ସୁଷମା ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ବ୍ରହ୍ମପୁର ମେଡିକାଲ ନେଇଥିଲେ। ଏହି ସମୟରେ ବୋହୂ ନିଜ ମୋବାଇଲରେ ଭିଡିଓ ରେକର୍ଡିଂ କରିଥିଲେ ବୋଲି ସେମାନେ କହିଛନ୍ତି।

## ସଂକ୍ଷେପରେ

### ତାଲା ଭାଙ୍ଗି ଘରୁ ଚୋରି

**ବିଞ୍ଝାରପୁର,୨୮।୮(ଡି.ଏନ.ଏ.):** ବିଞ୍ଝାରପୁର ଥାନା ଅନ୍ତର୍ଗତ ସୟଦପୁର ପଞ୍ଚାୟତ ଫାଜିଲା ମହଲ୍ଲା ମୋହମ୍ମଦ ଇସ୍ଲାମୁଦ୍ଦିନ ଖାନଙ୍କ ଘରୁ ଶନିବାର ରାତିରେ ଚୋରି ହୋଇଛି। ଘରେ କେହି ନ ଥିବାରୁ ଦୁର୍ବୃତ୍ତ ଘର ଆଲମିରା ଭାଙ୍ଗି ସୁନା ଗହଣା, ଇନଭେଟର ଓ ଏସି ସମେତ ବିପୁଳ ଟଙ୍କାର ଉପକରଣ ନେଇ ଯାଇଛନ୍ତି। ଏନେଇ ବିଞ୍ଝାରପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ଓ ଫୋରେନସି ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

### ହାଇୱା ଧକ୍କାରେ ସାଇକେଲ୍ ଆରୋହୀ ମୃତ

**ଛତିଆ,୨୮।୮(ଡି.ଏନ.ଏ.):** ଯାଜପୁର ଜିଲା ବୈରୀ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ଛତିଆ ଫୁଟବଲ୍ ପଡ଼ିଆ ନିକଟରେ ରବିବାର ଭୋର୍ ସମୟରେ ହାଇୱା ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଉକ୍ତ ଥାନା ଅଧୀନ ଛତିଆ ପଞ୍ଚାୟତ ଦଲେଇ ସାହିର ଅନନ୍ତ ଚରଣ ଦାସ। ସେ ସାଇକେଲ ଯୋଗେ ଛତିଆ ବଜାର ଆଡ଼କୁ ଯାଉଥିଲେ। ଏହି ସମୟରେ ଚଣ୍ଡିଖୋଲରୁ କଟକ ଆଡ଼କୁ ଯାଉଥିବା ଓଡି-୦୪-ଆର-୦୪୮ ବିଶିଷ୍ଟ ଏକ ଚିପ୍ସ୍ ବୋଝେଇ ହାଇୱା ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ବୈରୀ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ଉକ୍ତ ଗାଡ଼ି ଚାଳକ ଫେରାର୍ ହୋଇ ଯାଇଛନ୍ତି। ପରେ ପୋଲିସ ହାଇୱାକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

### ଅଖିଳଚକ୍ର ପକ୍ଷରୁ ବିଶ୍ୱ ମାନବିକତା ଦିବସ ପାଳିତ

**ସିଂହପୁର,୨୮।୮(ଡି.ଏନ.ଏ.):** ମାନବ ଜାତି ପାଇଁ ମାନବିକତା ଶ୍ରେୟଯୁକ୍ତ। ଏହା ସମଗ୍ର ବିଶ୍ୱରେ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି। ୨୦୦୩ରେ ଇରାକର ବାଗଦାଦ ସହରରେ ୨୧ ମାନବିକ କର୍ମୀଙ୍କ ହତ୍ୟା କରାଯିବା ନିନ୍ଦନୀୟ ଘଟଣା ଘଟିଥିଲା। ସେଥିପାଇଁ ଏହାକୁ ଜାତିସଂଘ ବିଚାରକୁ ନେଇ ୨୦୦୯ରୁ ବିଶ୍ୱ ମାନବିକତା ଦିବସ ପାଳନ କରାଯାଉଛି। ଏହିକ୍ରମରେ ଅଖିଳଚକ୍ର ଓଡ଼ିଶା ପକ୍ଷରୁ ସୟଦପୁର କାର୍ଯ୍ୟାଳୟଠାରେ ଏହି ଦିବସଟିକୁ ସମ୍ପାଦକ ହରେକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ପାଳନ କରାଯାଇଛି। ସମ୍ପାଦକ ପଣ୍ଡା ତାଙ୍କ ଅଭିଭାଷଣରେ କହିଥିଲେ, ବିଶ୍ୱ ନେତୃବୃନ୍ଦ ଏହି ଦିବସରେ ନିଜର ଆତ୍ମ ସମୀକ୍ଷା କରିବା ଉଚିତ। ବିଶ୍ୱରେ ଯେଉଁ ନରହତ୍ୟା, ରକ୍ତର ହୋଲି ଖେଳା ଯାଉଛି ତାହା କେବଳ ଏହି ବଡ଼ ରାଷ୍ଟ୍ରଙ୍କ ନେତୃତ୍ୱ ଯୋଗୁ। ଏଥିପାଇଁ ପ୍ରତି ଦେଶର ନାଗରିକଙ୍କ ପକ୍ଷରୁ ବିପ୍ଳବ ଆବଶ୍ୟକ ବୋଲି ସେ ପ୍ରକାଶ କରିଥିଲେ। ଅକ୍ଷୟ କୁମାର ଦାସ, ସୁରେନ୍ଦ୍ର କୁମାର ମହାନ୍ତି, ସୁରେନ୍ଦ୍ର କୁମାର ପତି ପ୍ରମୁଖ ଯୋଗଦେଇ ଏଥିପାଇଁ ଜାତିସଂଘର ଦୃଷ୍ଟି ଆକର୍ଷଣ କରିବାକୁ ପ୍ରସ୍ତାବ ଆଗତ କରିଥିଲେ।

# ବିନା ଭିତ୍ତିଭୂମିରେ ଏସ୍ଏଚ୍‌ଜିର ଧାନ ସଂଗ୍ରହ

- ସ୍ୱଚ୍ଛତା ନେଇ ସନ୍ଦେହ
- ଅଭିଯୋଗର ତଦନ୍ତ ପରେ ବି ସାମିଲ
- ୩ ବର୍ଷରେ ୫୭୪୨୭୪.୧୧ କୁଇଣ୍ଟାଲ ଧାନ ସଂଗ୍ରହ

**ଯାଜପୁର ଅଫିସ,୨୮।୮**

ଯାଜପୁର ଜିଲାରେ ଧାନ ସଂଗ୍ରହରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)ଙ୍କ ସାମିଲ ବଢ଼ିଛି। ଗତ ୩ ବର୍ଷ ଅର୍ଥାତ୍ ୨୦୧୯-୨୦ରୁ ୨୦୨୧-୨୨ ମଧ୍ୟରେ ୩୬ ଏସ୍ଏଚ୍‌ଜି ଜରିଆରେ ସମୁଦାୟ ୧୧,୮୫୫ ଜଣ ଚାଷୀଙ୍କଠାରୁ ୫୭୪୨୭୪.୧୧ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ଏଥିରେ ସେମାନେ କମିଶନ ହିସାବରେ ୧୭୯.୪୭ ଲକ୍ଷ ଟଙ୍କା ଲାଭ ପାଇଛନ୍ତି। ତେବେ ଏସ୍ଏଚ୍‌ଜିଗୁଡ଼ିକ ବିନା ଭିତ୍ତିଭୂମି ଓ ଗୋଦାମ ଗୃହରେ କିପରି ଧାନ ସଂଗ୍ରହ କରୁଛନ୍ତି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ୨୦୨୧ ଜୁନ ଏବଂ ନଭେମ୍ବରରେ ଏସ୍ଏଚ୍‌ଜିଗୁଡ଼ିକ ଧାନ ସଂଗ୍ରହରେ ହେରଫେର କରିଥିବା ଅଭିଯୋଗ ହୋଇଥିଲା। ସେନେଇ ତଦନ୍ତ ନିର୍ଦ୍ଦେଶ ମଧ୍ୟ ଦିଆଯାଇଥିଲା। ତେଣୁ ଏସ୍ଏଚ୍‌ଜିଗୁଡ଼ିକର ଧାନକ୍ରୟ ପଦ୍ଧତିକୁ ବିଧାନସଭାର ଗୃହ କମିଟି ଜରିଆରେ ଅନୁଧ୍ୟାନ କରିବାକୁ ଦାବି ହୋଇଛି।

ଏସ୍ଏଚ୍‌ଜିଗୁଡ଼ିକ ଜରିଆରେ ଖରିଫ ଋତୁ ୨୦୨୦-୨୧ରେ ଧାନ ସଂଗ୍ରହରେ ଘୋର ଅନିୟମିତତା ହୋଇଥିଲା। ତେଣୁ ୨୩।୪।୨୦୨୧ରେ ସମ୍ପୃକ୍ତ ଗୋଷ୍ଠୀର କର୍ମକର୍ତ୍ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମିଶନ ଶକ୍ତି କମିଶନରଙ୍କୁ ଖାଦ୍ୟ ଯୋଗାଣ ଏବଂ ଖାଉଟିକଲ୍ୟାଣ ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ପୃଷ୍ଟି ସୁପାରିସ କରିଥିଲେ। ଏହି ସୁପାରିସକୁ ଆଧାର କରି ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ (ଏମଡି) ବିଶ୍ୱଜିତ ଦାସ ୧୮।୬।୨୦୨୧ରେ ଜିଲାପାଳ ଓ ଯୋଗାଣ ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚାଷୀଙ୍କଠାରୁ ଧାନ ସଂଗ୍ରହ ନ କରି ଭେଣ୍ଡର ରିସିପ୍ଟ ଜାରି କରାଯାଇଥିବା ତଦନ୍ତରେ ଜଣାପଡ଼ିଥିଲା। ବିନା ଚାଷୀରେ ଜାଲ୍ କାଗଜପତ୍ର ପ୍ରସ୍ତୁତ କରି ବହୁ କୁଇଣ୍ଟାଲ ଧାନର ଅର୍ଥ ହଡ଼ପ ହୋଇଥିବା ସେତେବେଳେ ସନ୍ଦେହ କରାଯାଇଥିଲା। ଏହି ବେଆଇନ କାରବାରରେ ସମବାୟ ସମିତି ଓ ଜିଲା ଯୋଗାଣ ବିଭାଗର କର୍ତ୍ତୃପକ୍ଷ ଏବଂ ମିଲର୍ସମାନେ ସହଯୋଗ କରିଥିଲେ ବୋଲି ସେତେବେଳେ ଚର୍ଚ୍ଚା ହୋଇଥିଲା। ତେବେ ଏହି ତାଲିକାରେ ସମ୍ବଲପୁର ଜିଲାର ୧୨, ଗଞ୍ଜାମର ୭, ଭଦ୍ରକର ୫, ସୁବର୍ଣ୍ଣପୁରର ୪, ବରଗଡ଼ର ୩, ନୂଆପଡ଼ାର ୧ ଏବଂ ଯାଜପୁର ଜିଲାର ଗୋଟିଏ (ବାବା ଆଖଣ୍ଡଳମଣି) ଏସ୍ଏଚ୍‌ଜି ଏହି ମିଥ୍ୟା ଧାନକିଣାରେ ସାମିଲ ହୋଇଥିବା ଖାଦ୍ୟ ଯୋଗାଣ ଓ କଲ୍ୟାଣ ବିଭାଗ ରିପୋର୍ଟରେ ପ୍ରକାଶ ପାଇଥିଲା। ତେବେ ପରବର୍ତ୍ତୀ ସମୟରେ ଏହି ବିଭାଗୀୟ ନିର୍ଦ୍ଦେଶ କୌଣସି ଚାପ କିମ୍ବା ଲୋଭରେ ପଡ଼ି ଫସର ଫାଟିଥିଲା ବୋଲି ଚାଷୀମାନେ କ୍ଷୋଭ ପ୍ରକାଶ କରି କହୁଛନ୍ତି।

୨୦୨୧ ନଭେମ୍ବରରେ ଜିଲାର ବିଭିନ୍ନ ପ୍ରାଥମିକ ସେବା ସମବାୟ ସମିତି (ପାକ୍ସ) ଅଧୀନ ୪୯ ଜଣ ଚାଷୀ ୨୦୨୧-୨୨ ଖରିଫ ଋତୁରେ ଏସ୍ଏଚ୍‌ଜିକୁ ଧାନ ବିକ୍ରି ନ କରିବାକୁ ମନସ୍ଥ କରିଥିଲେ। ଏପରିକି ବିଶ୍ୱ ଜୟଗୁରୁ ଏସ୍ଏଚ୍‌ଜି ମିଥ୍ୟା ତଥ୍ୟ ଦେଇ ଚାଷୀଙ୍କ ନାମ ପଞ୍ଜୀକରଣ କରିଥିବା ଚାଷୀମାନେ ଗୁରୁତର ଅଭିଯୋଗ କରିଥିଲେ। ଏହାବାଦ୍ ଖଡିଅଙ୍ଗ ଗ୍ରାମର ମା' ଏସ୍ଏଚ୍‌ଜିରେ ଧାନ ବିକ୍ରି କରିବୁ ନାହିଁ ବୋଲି ଚାଷୀମାନେ ଜିଲା ଯୋଗାଣ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଉକ୍ତ ଅଭିଯୋଗ ଉପରେ ଜିଲା ଯୋଗାଣ ଅଧିକାରୀ ବିଧିବଦ୍ଧ ଭାବେ ତଦନ୍ତ କରି ୩ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ସେତେବେଳେ ଏଆର୍‌ସିଏସ୍, ଜିଲା ସମାଜ କଲ୍ୟାଣ ଅଧିକାରୀ (ଡିଏସ୍‌ଡବ୍ଲୁଓ), ମିଶନ ଶକ୍ତିର ଡିପିସିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ତଦନ୍ତ ନିର୍ଦ୍ଦେଶ ମଧ୍ୟ କିଛି କାମରେ ଲାଗି ନଥିଲା। ଫଳରେ ଜିଲା ପ୍ରଶାସନ ପକ୍ଷରୁ ଉପରୋକ୍ତ ୩ ଏସ୍ଏଚ୍‌ଜିଙ୍କୁ ପୁଣି ଧାନ ସଂଗ୍ରହରେ ସାମିଲ କରାଯାଇଥିଲା। ଏଥିରୁ ଯେଉଁ ଏସ୍ଏଚ୍‌ଜିଗୁଡ଼ିକ ବିରୋଧରେ ଅଭିଯୋଗ ହୋଇ ତଦନ୍ତ ଚାଲିଥିଲା ସେମାନଙ୍କୁ ଧାନକ୍ରୟରେ ସାମିଲ କରାଯାଇ ଆହୁରି ଉତ୍ସାହିତ କରାଯାଇଥିଲା ବୋଲି ଚାଷୀ ମହଲରେ ମତପ୍ରକାଶ ପାଇଛି। ଅନ୍ୟପକ୍ଷରେ ଜିଲା ଯୋଗାଣ ଅଧିକାରୀ କହିଛନ୍ତି ଯେ, ଧାନ କିଣାବିକାରେ ଯେଉଁ ଏସ୍ଏଚ୍‌ଜିଗୁଡ଼ିକର ନିଜସ୍ୱ ଭିତ୍ତିଭୂମି ନାହିଁ, ସେମାନେ ଭଡ଼ା ସୂତ୍ରରେ ଅଥବା ପଞ୍ଚାୟତରେ ଥିବା ଗୋଦାମଗୁଡ଼ିକୁ ଉପଯୋଗ କରିଥାନ୍ତି।



ଉଦୀୟମାନ ଅନୁଷ୍ଠାନ ପକ୍ଷରୁ ଧାନମଣ୍ଡଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

# ପ୍ରତିଯୋଗିତାରେ ଭାଗ ନେଲେ ୩,୬୭୮ ଛାତ୍ରୀଛାତ୍ର

**ଚଣ୍ଡିଖୋଲ,୨୮।୮(ଡି.ଏନ.ଏ.)**

ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତାମୂଳକ ମନୋଭାବ ସୃଷ୍ଟି ସହ ସିଲାବସ ବାହାରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ ଆବଶ୍ୟକ। ଏଥିପାଇଁ ଉଦୀୟମାନ ଅନୁଷ୍ଠାନ ପକ୍ଷରୁ ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏକ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ସାଧାରଣ ଜ୍ଞାନ, ବକ୍ତୃତା, ଚିତ୍ରାଙ୍କନ ଓ ପ୍ରବନ୍ଧ ଆଦି ପ୍ରତିଯୋଗିତାରେ ୩,୬୭୮ ଛାତ୍ରୀଛାତ୍ର ଭାଗ ନେଇଥିଲେ। ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ବିଭିନ୍ନ ବର୍ଗରେ ସାମିଲ ହୋଇଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ବସନ୍ତ କୁମାର ନାୟକ, ଅଧ୍ୟାପକ ପଦ୍ମନାଭ ପଣ୍ଡା, ଅମ୍ବିକା ପ୍ରସାଦ ମିଶ୍ର, ରଜନୀକାନ୍ତ ପୃଷ୍ଟି, ନଟବର ପ୍ରଧାନ, ପ୍ରମୋଦ କୁମାର ଦାସ, ଦିଗମ୍ବର ମହାପାତ୍ର, ରଶ୍ମିତା ସେଠୀ, କାଦମ୍ବିନୀ ମିଶ୍ର, ଦେବଯାନୀ ପ୍ରଧାନ, ଆରୁଣି ନନ୍ଦ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ।

ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଗାନ୍ଧୀ ଜୟନ୍ତୀରେ ସମ୍ମାନିତ କରାଯିବ ବୋଲି ଅନୁଷ୍ଠାନ ସମ୍ପାଦକ ଅନିଲ କୁମାର ଦାସ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ ଅନୁଷ୍ଠାନ ସଭାପତି ଅବିନାଶ ଜେନା, ଉପଦେଷ୍ଟା ବିଭାସ ଚନ୍ଦ୍ର ନନ୍ଦ, ଅନନ୍ତ ପ୍ରସାଦ ମହଲା, ପ୍ରକାଶ କୁମାର ନାୟକ, କାହ୍ନୁଚରଣ ସାହୁ, ହେମନ୍ତ କୁମାର ମହଲା, ସୁଜିତ କୁମାର ସିଂହ, ସରୋଜିନୀ ପଣ୍ଡା, କନକଲତା ବେହେରା, ଗୀତାଞ୍ଜଳି ମିଶ୍ର, ସୀମାରାଣୀ ବିଶ୍ୱାଳ, ମଦନମୋହନ ପରିମାଣିକ ଓ କାର୍ତ୍ତିକ ଚନ୍ଦ୍ର ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ପ୍ରଶାସନର ଦୃଷ୍ଟି ଆଢୁଆଳରେ ଶତାୟୁ ମହିଳା



ଭଙ୍ଗା ଘର ସମ୍ମୁଖରେ ଶତାୟୁ କାଳୀ ଜେନା।

**ପ୍ରୀତିପୁର,୨୮।୮(ଡି.ଏନ.ଏ.)**

ସରକାର ଦରିଦ୍ର, ଭିନ୍ନକ୍ଷମ, ନିଆଶ୍ରୀ ଓ ଅସହାୟଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ଥଇଥାନ କରୁଛନ୍ତି। ସେମାନଙ୍କ ନିକଟରେ ସରକାରୀ ଯୋଜନାର ସୁଫଳ ପହଞ୍ଚାଇବାର ବ୍ୟବସ୍ଥା କରାଯାଇଛି। ହେଲେ କେତେକ କ୍ଷେତ୍ରରେ ସରକାରୀ ଉଦାସୀନତା ଯୋଗୁ ବହୁ ଯୋଗ୍ୟ ହିତାଧିକାରୀ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଉଛନ୍ତି, ଯାହାର ଏକ ଉଦାହରଣ ଦେଖିବାକୁ ମିଳିଛି ବିଞ୍ଝାରପୁର ବ୍ଲକ ଅଧୀନ ଅଳକୁଣ୍ଡ ପଞ୍ଚାୟତ ଦେବାନପାଟଣା ବନ୍ଧସାହିର ସ୍ୱର୍ଗତ ଅନନ୍ତ ଜେନାଙ୍କ ସ୍ତ୍ରୀ ଶତାୟୁ କାଳୀ ଜେନାଙ୍କ କ୍ଷେତ୍ରରେ। ପୁଅ ଦୀର୍ଘଦିନ ଧରି ମା'ଙ୍କଠାରୁ ପୃଥକ ରହୁଥିବାବେଳେ ମା' ନିଜର ଗୁଜୁରାଣ ମେଣ୍ଟାଇବା ପାଇଁ ଭିକ୍ଷାବୃତ୍ତିକୁ ଆପଣାଇ ନେଇଛନ୍ତି। ହେଲେ ତାଙ୍କ ନିକଟରେ ଘର ଖଣ୍ଡିଏ ନାହିଁ। ସରକାରଙ୍କ ଆବାସ ଯୋଜନା ତାଙ୍କ ନିକଟରେ ଅପହଞ୍ଚ ହୋଇଛି। ବାର୍ଦ୍ଧକ୍ୟ ଭତ୍ତା ହିଁ ତାଙ୍କର ଏକମାତ୍ର ସମ୍ବଳ। ଚଳିତ ଲଘୁଚାପ ବର୍ଷାରେ ତାଙ୍କ ଖଟିମାଟି ଘରଟି ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି। ହେଲେ ଏହାକୁ ମରାମତି କରିବା ପାଇଁ ତାଙ୍କର ସମ୍ବଳ ନାହିଁ। ସେହି ଭଙ୍ଗା ଘର ହିଁ ତାଙ୍କ ପାଇଁ ଆଶ୍ରୟ ପାଲଟିଛି। ତେଣୁ ପ୍ରଶାସନ ତରଫରୁ ତାଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦେବାପାଇଁ ସେ ନିବେଦନ କରିଛନ୍ତି।

# ସୁନାଚେନ୍ ଲୁଟ୍‌ବେଳେ ବାଇକ୍‌ରୁ ଖସି ପଡ଼ିଲେ ମା', ଝିଅ

**ଧର୍ମଶାଳା,୨୮।୮(ଡି.ଏନ.ଏ.)**

ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଗୋକର୍ଣ୍ଣେଶ୍ୱର ବ୍ରାହ୍ମଣୀ ବ୍ରିଜ ଉପରେ ରବିବାର ବାଇକରେ ଯାଉଥିବା ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତ ସୁନାଚେନ୍ ଝାମ୍ପିବାବେଳେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ବାଇକ୍‌ରୁ ପଡ଼ି ମା'ଓ ଝିଅ ଗୁରୁତର ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେମାନେ ହେଲେ କୁଆଖିଆ ଥାନା ଅନ୍ତର୍ଗତ କରଜଙ୍ଗା ଗ୍ରାମର ସଞ୍ଜୟ ରାଉତଙ୍କ ସ୍ତ୍ରୀ ରୁପାଲି ରାଉତ(୨୫) ଓ ଝିଅ ଶୁଭଲକ୍ଷ୍ମୀ (୩)। ସମସ୍ତେ ବାଇକରେ ଅଣକାରୁ ନିଜ ଘରକୁ ଫେରୁଥିଲେ। ଅପରାହ୍ନ ପ୍ରାୟ ୫ଟାରେ ବ୍ରାହ୍ମଣୀ ବ୍ରିଜ ଉପରେ ୨ ଜଣ ଲୁଟେରା ଏକ ବାଇକରେ ଆସି ରୁପାଲୀଙ୍କ ବେକରୁ ସୁନା ଚେନ ଝିଙ୍କିଥିଲେ। ଏହି ସମୟରେ ରୁପାଲୀ ଓ ତାଙ୍କ ଝିଅ ବାଇକରୁ ଖସି ପଡ଼ିଥିଲେ। ମହିଳା ଜଣକ ତଳେ ପଡ଼ିଯିବା ପରେ ଲୁଟେରା ତାଙ୍କ ହାତରୁ ସୁନା ଚୁଡି ଲୁଟି ନେଇ ଫେରାର ହୋଇଯାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ନିର୍ମାଣାଧୀନ ପାନୀୟଜଳ ପ୍ରକଳ୍ପରୁ ଚୋରି

**ରସୁଲପୁର,୨୮।୮(ଡି.ଏନ.ଏ.)**

କୁଆଖିଆ ଥାନା ନଠୁଆବର ପଞ୍ଚାୟତ କୃଷ୍ଣପଡ଼ା ଗ୍ରାମରେ ମେଗା ପାନୀୟଜଳ ପ୍ରକଳ୍ପ ପାଇଁ ଉଚ୍ଚ କ୍ଷମତା ସମ୍ପନ୍ନ ପାଣିଟାଙ୍କି ନିର୍ମାଣ କରାଯାଉଛି। ତେବେ ଏହି ପ୍ରକଳ୍ପରେ ବ୍ୟବହାର ହେଉଥିବା ସାମଗ୍ରୀ ଗୋଦାମ ଘରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଚୋରି ସାମଗ୍ରୀର ଆନୁମାନିକ ମୂଲ୍ୟ ୧୨.୮୦ଲକ୍ଷ ଟଙ୍କାର ହେବ ବୋଲି ଟାଙ୍କି ନିର୍ମାଣ ଦାୟିତ୍ୱରେ ଥିବା କମ୍ପାନୀ କେଇସି-ଇଣ୍ଟରନ୍ୟାଶନାଲର ଏଚ୍ଆର(ଆଡମିନ) ଅମୀୟ କୁମାର ପଟ୍ଟନାୟକ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

କୃଷ୍ଣପଡ଼ା ଗ୍ରାମରେ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୮ମାସ ତଳୁ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ପାଇଁ କମ୍ପାନୀ ପକ୍ଷରୁ ନାନା ପ୍ରକାରର ସାମଗ୍ରୀ ମହଜୁଦ୍ ରଖାଯାଇଛି। ଗୋଦାମ ଘରେ ମହଜୁଦ୍ ଥିବା ସାମଗ୍ରୀର ହିସାବ ଜାନୁୟାରୀରେ ଯାଞ୍ଚ କରାଯାଇଥିଲା। ଏହାରି ଭିତରେ ନିର୍ମାଣ କାମ କିଛି ମାସ ଧରି ବନ୍ଦ ରହିଥିଲା। ତେବେ ଚଳିତ ମାସରେ ସାମଗ୍ରୀକୁ ଯାଞ୍ଚ କରିବାରୁ ଗୋଦାମ ଘରୁ ଗଚ୍ଛିତ ସାମଗ୍ରୀ ଚୋରି ହୋଇଥିବା ସମ୍ପର୍କରେ ଜଣାପଡ଼ିଥିଲା। ଏ ନେଇ କମ୍ପାନୀ ପକ୍ଷରୁ ଅଭିଯୋଗ ହେବା ପରେ ଥାନାରେ ଏକ ମାମଲା ନଂ.୨୬୮/୨୨ରେ ମାମଲା ରୁଜୁ କରାଯାଇଛି। ଏସ୍ଆଇ ଅନିତା ପ୍ରଧାନଙ୍କୁ ତଦନ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ପୋଲିସ ପକ୍ଷରୁ ପ୍ରାଥମିକ ତଦନ୍ତ ବେଳେ କାର୍ଯ୍ୟସ୍ଥଳ ଦାୟିତ୍ୱରେ ଥିବା ସୁପରଭାଇଜର, କାମ କରୁଥିବା ବ୍ୟକ୍ତି, ଏହି ପ୍ରକଳ୍ପ ଜଡ଼ିତ ଥିବା ବ୍ୟକ୍ତି, ଗୋଦାମଘରର ମାଲିକ, ଗୋଦାମ ଜଗୁଆଳଙ୍କ ସମ୍ପର୍କରେ ସୂଚନା ସଂଗ୍ରହ କରାଯାଇଛି। ଏଥିସହ କମ୍ପାନୀ ପକ୍ଷରୁ ଆଉ କେତେକ ଲୋକଙ୍କର ପ୍ରକଳ୍ପ ସହ ସମ୍ପର୍କ ରହିଥିବା ଜାଣି ପୋଲିସ ତଥ୍ୟ ସଂଗ୍ରହ କରୁଛି। ତେବେ ସମଗ୍ର ଚୋରି ଏକାବେଳେ ହୋଇନାହିଁ। ବିଭିନ୍ନ ସମୟରେ ଚୋରି ହୋଇଥିବା ପୋଲିସ ପକ୍ଷରୁ ପ୍ରାଥମିକ ତଦନ୍ତ ବେଳେ ଜଣାପଡିଛି। ଏହି ଚୋରିରେ କେଉଁମାନଙ୍କ ସମ୍ପୃକ୍ତି ରହିଛି ତଦନ୍ତ ପରେ ଜଣାପଡ଼ିବ ବୋଲି ପୋଲିସ ସୂତ୍ରରୁ କୁହାଯାଇଛି।

# ପୂର୍ତ୍ତ ବିଭାଗ ରାସ୍ତା ଶୋଚନୀୟ



**ସିଂହପୁର,୨୮।୮(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର-ଡିହକୁଳା ରାସ୍ତା ଏବେ ଶୋଚନୀୟ ହୋଇପଡିଛି। ରାସ୍ତାରେ ବହୁ ଖାଲଖମା ଯୋଗୁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ସିଂହପୁର ଓ ନାଉବାଙ୍କ ଗ୍ରାମରେ ଏହି ରାସ୍ତାରେ ବର୍ଷା ହେଲେ ବର୍ଷା ପାଣି ଜମିରହି ଲହଡି ଭାଙ୍ଗୁଛି। ଏହି ଦୁର୍ଗନ୍ଧ ପାଣିରେ ପଶି ଲୋକେ ଯାତାୟତ କରୁଛନ୍ତି। ତେବେ ରାସ୍ତାର ଅବସ୍ଥା ଏପରି ହୋଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କୌଣସି ପ୍ରତିକାର କରାଯାଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଜନସାଧାରଣ ଦାବି କରିଛନ୍ତି।

# ସରୋଜିନୀ ସ୍ମୃତି ସଂସଦ ପକ୍ଷରୁ ସେବାକାର୍ଯ୍ୟ

**ରସୁଲପୁର,୨୮।୮(ଡି.ଏନ.ଏ.)**

ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସରୋଜିନୀ ସ୍ମୃତି ସଂସଦ ପକ୍ଷରୁ ରବିବାର ଜିଲାର ବିଭିନ୍ନ ସ୍ଥାନରେ ସାମାଜିକ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିସହ ସହିତ ସଂସଦ ପକ୍ଷରୁ ଆୟୋଜିତ ଏକ ସଭା ଜରିଆରେ ପ୍ରତିଭା ସମ୍ମାନ ଓ ପୁସ୍ତକ ଲୋକାର୍ପଣ କରାଯାଇଛି। ସଂସଦର ୪ର୍ଥ ବାର୍ଷିକୀ ଶ୍ରାଦ୍ଧ ଉତ୍ସବ ଅବସରରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ, ଛତିଆସ୍ଥିତ ଜରା ନିବାସ ଓ ବାଳାଶ୍ରମରେ ଅନ୍ତେବାସୀଙ୍କ ପାଇଁ ଖାଦ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି। ସଂସଦ ସଭାପତି ପୁରୁଷୋତ୍ତମ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ସାହିତ୍ୟିକ ଡ. ଅର୍ଜୁନ ପୃଷ୍ଟି, ସମ୍ମାନିତ ଅତିଥି ସଂସଦ ସମ୍ପାଦକ ଡ. ଚିତ୍ତରଞ୍ଜନ ମହାନ୍ତି, ବିବେକାନନ୍ଦ ରାୟ, ଆଲୋକ କର, ଦିଲ୍ଲୀପ ପଟ୍ଟନାୟକ, ଗୁରୁଚରଣ ନାଥ, ରମେଶ ଲେଙ୍କା, ଅକ୍ଷୟ ପ୍ରଧାନ, ପୀତବାସ ସାହୁ, ଶିକ୍ଷୟିତ୍ରୀ ଅର୍ପିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସରୋଜିନୀଙ୍କ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସମ୍ପାଦକ ଡ. ମହାନ୍ତିଙ୍କ ସ୍ୱରଚିତ କବିତା ସଂକଳନ 'ପ୍ରଣୟିନୀ'କୁ ଅତିଥି ଲୋକାର୍ପଣ କରିଥିଲେ।

ଅନୁଷ୍ଠାନ କାର୍ଯ୍ୟକର୍ତ୍ତା ସେବକ ଜରାନିବାସ, ନେଶନ ଶିଶୁ ଯତ୍ନ କେନ୍ଦ୍ର ଆଦିରେ ଅନ୍ତେବାସୀଙ୍କୁ ସହାୟତା ପ୍ରଦାନ କରିଥିଲେ। କରାଟେ ପ୍ରତିଯୋଗୀ ଅଦିତ ପ୍ରଧାନ, ହରପ୍ରିୟା ସେଠୀ, ଧନଞ୍ଜୟ ସାହୁ, ଆଦ୍ୟାଶା ନାୟକ, ଆକାଶ ଗୌରବ ବେହେରା, କୈବଲ୍ୟ ନାୟକ(ପ୍ରଶିକ୍ଷକ) ପ୍ରମୁଖଙ୍କୁ ସଂସଦ ପକ୍ଷରୁ ସମ୍ମାନିତ କରାଯାଇଛି। ଇଂ. ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। କବି ସୁବାସ ସାହୁ ଧନ୍ୟବାଦ ଦେଇଥିଲେ। ସଭା ପ୍ରାରମ୍ଭରେ ଅତିଥି ସ୍ୱର୍ଗତ ସରୋଜିନୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।



ସରୋଜିନୀ ସ୍ମୃତି ସଂସଦ ପକ୍ଷରୁ ପୁସ୍ତକ ଉନ୍ମୋଚନ କରାଯାଇଛି।

# ଅମୃତ ପୋଖରୀ କାର୍ଯ୍ୟ ସମୀକ୍ଷା କଲେ ମନ୍ତ୍ରୀ

**କଳିଙ୍ଗନଗର,୨୮।୮(ଡି.ଏନ.ଏ.)**

ବର୍ଷା ଜଳ ସଂରକ୍ଷଣ ଏବଂ ସୁବିନିଯୋଗ ଉଦ୍ଦେଶ୍ୟରେ ଦାନଗଦି ବ୍ଲକ ଶାଳିଜଙ୍ଗା ପଞ୍ଚାୟତରେ ଏକ ଅମୃତ ପୋଖରୀ ନିର୍ମାଣ କାର୍ଯ୍ୟ ଜାରି ରହିଛି।

ରବିବାର ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼େଇ ପୋଖରୀ ଖନନ ଏବଂ ପାଚେରି ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି। ଏହାସହ ନାରୀ ସଶକ୍ତୀକରଣ କାର୍ଯ୍ୟକ୍ରମରେ ପ୍ରାୟ ୨୧ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ମିଶନ ଶକ୍ତି ଗୃହ ସମ୍ପର୍କରେ ଅବଗତ ହୋଇଛନ୍ତି। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ତାଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି ଓ ଯୁବନେତା ବସନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ୯ ଶିକ୍ଷକ ସିଆର୍‌ସିସି ପଦ ଛାଡ଼ିବେ

## ରସୁଲପୁର ବ୍ଲକ ଶିକ୍ଷା କାର୍ଯ୍ୟାଳୟ

**ରସୁଲପୁର,୨୮।୮(ଡି.ଏନ.ଏ.)**

କ୍ଲଷ୍ଟର ରିସୋର୍ସ ସେଣ୍ଟର୍ କୋର୍ଡିନେଟର (ସିଆର୍‌ସିସି) ଭାବେ ୫ ବର୍ଷ କାର୍ଯ୍ୟ କରିଥିବା, ଲେଭଲ-୪କୁ ପଦୋନ୍ନତି ହୋଇଥିବା ଓ ଗ୍ରାଜୁଏଟ୍ ଶିକ୍ଷକଙ୍କ ତାଲିକା ଦେବାକୁ ଯାଜପୁର ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଚିଠି କରାଯିବା ପରେ ରସୁଲପୁର ବ୍ଲକ ସିଆରସିସିଙ୍କ କାର୍ଯ୍ୟକାଳକୁ ନେଇ ଟନାଘନା ଜାରି ରହିଛି। ଚିଠି ନଂ.୧୯୨୯/୨୨।୦୮।୨୦୨୨ ଅନୁସାରେ ବ୍ଲକ୍ ଶିକ୍ଷାଧିକାରୀମାନେ ଗତ ୨୬ ତାରିଖରେ ପ୍ରକଳ୍ପ କାର୍ଯ୍ୟାଳୟରେ ରିପୋର୍ଟ ଦାଖଲ କରିଛନ୍ତି। ରସୁଲପୁର ବ୍ଲକ ଶିକ୍ଷାଧିକାରୀ ଶ୍ରୀଚରଣ ମଲ୍ଲିକ ମଧ୍ୟ ରିପୋର୍ଟ ଦେଇଛନ୍ତି। ତାଙ୍କ ରିପୋର୍ଟ ଅନୁସାରେ ଉକ୍ତ ବ୍ଲକରୁ ୯ ଶିକ୍ଷକ ସିଆର୍‌ସିସି ପଦ ଛାଡ଼ିବେ ବୋଲି ସ୍ପଷ୍ଟ ହୋଇଛି। ପରେ ଖାଲିପଡୁଥିବା ସିଆର୍‌ସିସି ପଦ ପାଇଁ ପ୍ରତିଯୋଗୀଙ୍କ ମଧ୍ୟରେ ଭିଜନିଂ ଟେଷ୍ଟ କରାଯାଇ ନିଯୁକ୍ତି ଦିଆଯିବ ବୋଲି ସ୍ପଷ୍ଟ କରାଯାଇଛି।

ଏହି ବ୍ଲକର ୨୮ ପଞ୍ଚାୟତକୁ ୧୪ ଶିକ୍ଷା କ୍ଲଷ୍ଟରରେ ବିଭକ୍ତ କରାଯାଇଛି। ଉକ୍ତ କ୍ଲଷ୍ଟରଗୁଡ଼ିକ ପାଇଁ ଜଣେ ଲେଖାଏ ଶିକ୍ଷକଙ୍କୁ ସିଆରସିସି ଭାବେ ଚୟନ କରାଯାଇଛି। ସିଆର୍‌ସିସିଙ୍କ କାର୍ଯ୍ୟକାଳ ୫ବର୍ଷ ହୋଇଥାଏ। କେତେକ କ୍ଷେତ୍ରରେ ନିର୍ଦ୍ଧାରିତ କାର୍ଯ୍ୟକାଳ ପରେ ବି ଶିକ୍ଷକମାନେ ପଦ ମାଡ଼ି ବସିଥିବା ଦେଖାଯାଇଛି। ଆଉ କେତେକ କ୍ଷେତ୍ରରେ ଅଣତାଲିମପ୍ରାପ୍ତ ଓ ଭିଜନିଂ ଟେଷ୍ଟର ସମ୍ମୁଖୀନ ନ ହୋଇ ସିଆରସିସି ପଦାସୀନ ହୋଇଛନ୍ତି। ଏହାଛଡ଼ା ଲେଭଲ-୪କୁ ପଦୋନ୍ନତି ହୋଇଥିବା ଓ ଗ୍ରାଜୁଏଟ୍ ଶିକ୍ଷକମାନେ ଏହି ପଦରେ ରହିପାରିବେ ନାହିଁ। ଏସବୁ କାରଣକୁ ଦୃଷ୍ଟିରେ ରଖିଲେ ୯ଜଣ ଶିକ୍ଷକ ସିଆରସିସି ପଦ ହରାଇବେ। ସେମାନଙ୍କ ମଧ୍ୟରୁ ବନ୍ଧଡ଼ିହ କ୍ଲଷ୍ଟର ଦାୟିତ୍ୱରେ ଥିବା ଦେବରାଜ ମିଶ୍ର ୫ବର୍ଷରୁ ଅଧିକ ସିଆର୍‌ସିସି ପଦରେ ରହିଥିବାରୁ ତାଙ୍କୁ ହଟାଇ ଦିଆଯାଇଛି। ସେହିପରି ବାଲୁଙ୍କେଶ୍ୱର କ୍ଲଷ୍ଟର ସିଆର୍‌ସିସି ଶ୍ରୀବତ୍ସ ସାହୁ, ବଡ଼ଚଅପୋଇର ମାନସରଞ୍ଜନ ପୃଷ୍ଟି, ବାରବାଟୀର ରାମଚନ୍ଦ୍ର ମଲ୍ଲିକ, ପାରିକଇଞ୍ଚର ବିଜୟ ଷଡ଼ଙ୍ଗୀ, ମଧୁବନର ପ୍ରମୋଦ କୁମାର ବାରିକ, ଶ୍ରୀବନ୍ତପୁରର ବିଜୟ ବେହେରା, ଲକ୍ଷ୍ମୀନଗରର ବିନୋଦ ବିହାରୀ ସାହୁ, ବିଶ୍ୱମ୍ଭରର ଭବେଶ ଦାସ ପ୍ରମୁଖ ଲେଭଲ-୪ ଓ ଗ୍ରାଜୁଏଟ ତାଲିମପ୍ରାପ୍ତ ଶିକ୍ଷକ ପଦୋନ୍ନତି ପାଇଥିବାରୁ ସେମାନଙ୍କୁ ପଦ ହରାଇବାକୁ ପଡ଼ିବ। ଜିଲା ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଆସିବା ପରେ ଖାଲିଥିବା ପଦଗୁଡିକ ପାଇଁ ସିଆରସିସ ଚୟନ କରାଯିବ ବୋଲି ବ୍ଲକ ଶିକ୍ଷାଧିକାରୀ ମଲ୍ଲିକ ସୂଚନା ଦେଇଛନ୍ତି। ଏହି ଘଟଣା ପରେ ସିଆରସିସ ପଦ ପାଇଁ ଆଶାୟୀ ଥିବା ଶିକ୍ଷକଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିଯାଇଛି। ତେବେ କେଉଁମାନେ ନୂତନ ସିଆରସିସ ପଦ ହାତେଇ ପାରିବେ ତାହା ପ୍ରକ୍ରିୟା ଶେଷ ହେବା ପରେ ସ୍ପଷ୍ଟ ହେବ। ପ୍ରକାଶଥାଉ କି ପଦ ହରାଉଥିବା ସିଆର୍‌ସିସିଙ୍କ ମଧ୍ୟରେ ଜଣେ ହେଲେ ଅଣତାଲିମପ୍ରାପ୍ତ ନ ଥିଲେ ବୋଲି ଜଣାପଡ଼ିଛି।

## ସଂକ୍ଷେପରେ

### ମାଗଣା ଚକ୍ଷୁ ଚିକିତ୍ସା ଶିବିର




ଜଗତ୍‌ସିଂହପୁର ଅଫିସ, ୨୮।୮: ଜଗତ୍‌ସିଂହପୁର ବଡ଼ବଜାରସ୍ଥିତ ଅଳକା ଆଶ୍ରମ ପରିସରରେ ରୋପ୍ ଫାଉଣ୍ଡେଶନ ତରଫରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କେୟାର ନେତ୍ରମ୍ ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା କାଜୁ ନିଗମର ପୂର୍ବତନ ଅଧକ୍ଷ ଅମରେନ୍ଦ୍ର ଦାସ ଯୋଗଦେଇ ଅନ୍ଧତ୍ୱ ଦୂରୀକରଣ ଅଭିଯାନକୁ ଆଗେଇନେବା ପାଇଁ ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ଏଥିରେ କେୟାର ନେତ୍ରମ୍ ଭୁବନେଶ୍ୱର ଓ ଜର୍ମାନୀର ସଦସ୍ୟମାନେ ଯୋଗଦେଇଥିଲେ। ଏହି ଅବସରରେ ୮୦ରୁ ଅଧିକ ରୋଗୀ ଚିକିତ୍ସିତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ମୋତିଆ ବିନ୍ଦୁ ଚିହ୍ନଟ ହୋଇଥିଲା। ଏହି ରୋଗୀଙ୍କ ମାଗଣା ଅସ୍ତ୍ରୋପଚାର ପାଇଁ ପଦକ୍ଷେପ ନିଆଯିବ ବୋଲି ଫାଉଣ୍ଡେଶନ ପ୍ରତିଷ୍ଠାତା ନିଶିକାନ୍ତ ସୂଚନା ଦେଇଛନ୍ତି। ଶିବିରକୁ ଅନୁଷ୍ଠାନର ଜଗତ୍‌ସିଂହପୁର ଜିଲା ପ୍ରତିନିଧି ସ୍ମୃତିରଞ୍ଜନ ସ୍ୱାଇଁ ପରିଚାଳନା କରିଥିବା ବେଳେ ଅଶ୍ୱିନୀ, ନ୍ୟାୟବ୍ରତ, ରଶ୍ମି ଓ ଅମ୍ବିକା, ପ୍ରସନ୍ନ ପ୍ରମୁଖ ସହଯୋଗ କରିଥିଲେ।

### ସାମାଜିକ କର୍ମୀଙ୍କ ସ୍ମୃତିସଭା

ରାଜକନିକା,୨୮।୮(ଡି.ଏନ୍.ଏ.): କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକର ନମତରା ଗ୍ରାମରେ ରବିବାର ସକାଳେ ସାମାଜିକ କର୍ମୀ ରମେଶ କୁମାର ରାଉତଙ୍କ ଏକାଦଶାହ ଉପଲକ୍ଷେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ ପୌରୋହିତ୍ୟ କରି ରମେଶ ନମତରା ପଞ୍ଚାୟତରେ ସରପଞ୍ଚ ଭାବେ ନିର୍ବାଚିତ ହୋଇ ସମାଜସେବା କରିବାକୁ ଚାହିଁଥିଲେ। ସମାଜସେବାରେ ତାଙ୍କର ବହୁ ଅବଦାନ ରହିଛି। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ଯୁବକମାନଙ୍କୁ ପରାମର୍ଶ ଦେଇଥିଲେ। ସଭାରେ ଦେଉଳତରା ପଞ୍ଚାୟତର ସମିତିସଭ୍ୟ ବାବୁରାମ ଜେନା, ଲକ୍ଷ୍ମୀଧର ରାଉତ, ନିରଞ୍ଜନ ବେହେରା, ପ୍ରଦୀପ୍ତ ଜେନା, ଶିକ୍ଷକ ମହେଶ୍ୱର ଦାସ, ନାରାୟଣ ମହାପାତ୍ର, ଅଶୋକ ଦାସ, ପ୍ରଫୁଲ୍ଲ କୁମାର ସୂତାର, ବଟକୃଷ୍ଣ ପଣ୍ଡା, ପୂର୍ବତନ ସରପଞ୍ଚ ଦିବ୍ୟସିଂ ରାଉତ, ଖବରଦାତା ଶିବରାମ ଦାସ, ଦିନେଶ ମଲ୍ଲିକ ପ୍ରମୁଖ ଯୋଗଦେଇ ତାଙ୍କ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ।

# କୁମ୍ଭୀର ବଂଶ ବୃଦ୍ଧିକୁ ନେଇ ଚିନ୍ତା

କେନ୍ଦ୍ରାପଡ଼ା ଅଫିସ,୨୮।୮

ବେଲୁନରେ ଅତ୍ୟଧିକ ପବନ ଭରିଲେ ଫାଟିଯାଏ। ଏହି ପରିସ୍ଥିତି ଜାତୀୟଉଦ୍ୟାନ ଭିତରକନିକା ଅଞ୍ଚଳରେ କୁମ୍ଭୀର ବଂଶ ବୃଦ୍ଧି କ୍ଷେତ୍ରରେ ଦେଖାଯାଇଛି। ଭିତରକନିକାର ସୀମିତ ଅଞ୍ଚଳରେ ଅତ୍ୟଧିକ କୁମ୍ଭୀର ପ୍ରଜନନ କେନ୍ଦ୍ରାପଡ଼ା ଜିଲା ସମେତ ନିକଟସ୍ଥ ଯାଜପୁର ଓ ଭଦ୍ରକ ଜିଲାରେ ଆତଙ୍କ ଖେଳାଇଛି। ପ୍ରତିମାସରେ କୁମ୍ଭୀର ଓ ମଣିଷ ଲଢ଼େଇ ଦେଖିବାକୁ ମିଳୁଛି। ସାଇନ୍‌ବୋର୍ଡରେ ସଚେତନତା କାର୍ଯ୍ୟକ୍ରମ ସୀମିତ ରହିଥିବା ବେଳେ ନଦୀ ନାଳ ଅଞ୍ଚଳରେ ଥିବା କୁମ୍ଭୀରକୁ ବାର୍ଷିକ ଗଣନାରେ ସାମିଲ କରାଯାଉନାହିଁ। ୧୯୯୧ରେ ଜାତୀୟଉଦ୍ୟାନରେ କୁମ୍ଭୀର ବଂଶବୃଦ୍ଧି ରୋକିବାକୁ କେନ୍ଦ୍ର ସରକାରଙ୍କ ବନ୍ୟ ଓ ପର୍ଯ୍ୟବରଣ ମନ୍ତ୍ରଣାଳୟରୁ ଚିଠି ଆସିଥିଲା। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଓ ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ଏସମ୍ପର୍କରେ ପରିବେଶବିତ୍ ତଥା କଇଁଛ ସୁରକ୍ଷା ସମିତିର ସମ୍ପାଦକ ହେମନ୍ତ କୁମାର ରାଉତ କହିଛନ୍ତି, ଲୁଣା କୁମ୍ଭୀର ପାଇଁ ଭିତରକନିକା ପ୍ରସିଦ୍ଧ। ଗତ ଜାନୁୟାରୀ ଗଣନା ଅନୁଯାୟୀ ଭିତରକନିକାରେ ୧୭୮୪ କୁମ୍ଭୀର ଅଛନ୍ତି। ସେଠାରେ ଧଳା କୁମ୍ଭୀର ସହ ଅନ୍ୟ ୨ ପ୍ରଜାତି କୁମ୍ଭୀର ମଧ୍ୟ ଦେଖାଗଲାଣି। ତେବେ ଜାତୀୟ ଉଦ୍ୟାନର




ନଦୀକୂଳରେ ଲାଗିଥିବା ସଚେତନତା ସାଇନ୍‌ବୋର୍ଡ।

ସୀମିତ ଅଞ୍ଚଳରେ ଏହି ସଂରକ୍ଷିତ ପ୍ରାଣୀଙ୍କ ବଂଶ ବୃଦ୍ଧି ଜିଲା ଓ ଅନ୍ୟ ଜିଲାରେ ଆତଙ୍କ ଖେଳାଇଛି। ଗତ ୧୦ ବର୍ଷର ହିସାବକୁ ନିଆଗଲେ ପ୍ରାୟ ଶତାଧିକ ଲୋକ କୁମ୍ଭୀର ଆକ୍ରମଣରେ ମୃତାହତ ହେଲେଣି। ସେହିପରି ଜାଲ ଓ ଅନ୍ୟ କାରଣରୁ ୨୫ରୁ ଊର୍ଦ୍ଧ୍ୱ କୁମ୍ଭୀରଙ୍କ ଜୀବନ ଗଲାଣି। ଗତ ୪ ମାସ ମଧ୍ୟରେ ୩ ଜଣଙ୍କ ଏହି କାରଣରୁ ମୃତ୍ୟୁ ଘଟିଛି। ସଂଖ୍ୟା ଗଣନାରେ ସାମିଲ ନ ଥିବା ନଦୀ ନାଳରେ କୁମ୍ଭୀର ବୁଲୁଥିବା ଦେଖି ସ୍ଥାନୀୟ ଅଞ୍ଚଳବାସୀଙ୍କ ସହିତ ଯାଜପୁରର କୟାଁଗୋଲା, ଦଶରଥପୁର, ଭଦ୍ରକର ବିଭିନ୍ନ ନଦୀକୂଳବାସୀ ଆତଙ୍କିତ ହେଉଛନ୍ତି। ଜାତୀୟ ଉଦ୍ୟାନ ବାହାରେ ଥିବା ଆଳି, ରାଜକନିକା, ପଟ୍ଟାମୁଣ୍ଡାଇ, ମହାକାଳପଡ଼ା ଓ ରାଜନଗରରେ କୁମ୍ଭୀର ପ୍ରତି ସାବଧାନ ସାଇନ୍‌ବୋର୍ଡରେ ସଚେତନତା କାର୍ଯ୍ୟକ୍ରମ ସୀମିତ ରହୁଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି। ଡେରାଡୁନସ୍ଥ ୱାଇଲ୍‌ଡଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ପୂର୍ବତନ ବନ୍ୟପ୍ରାଣୀ ବିଶେଷଜ୍ଞ ବି.ସି. ଚୌଧୁରୀ କହିଛନ୍ତି, ସୀମିତ ଅଞ୍ଚଳରେ ଏହି ପ୍ରଜାତିର କୁମ୍ଭୀରଙ୍କ ଅତ୍ୟଧିକ ବଂଶବୃଦ୍ଧି ଚିନ୍ତାର କାରଣ ହେବା ସ୍ୱାଭାବିକ କଥା। ଖାଦ୍ୟ, ପ୍ରଜନନ ପାଇଁ ପାର୍ଟନର, ବସା ସ୍ଥାପନ ସହିତ ଅନ୍ୟ ସମସ୍ୟା ରହିବ। ଯାହା କଳହର ସୂତ୍ରପାତ କରିବା ସହିତ ବଂଶବୃଦ୍ଧି ପାଇଁ ନିକଟସ୍ଥ ଅଞ୍ଚଳକୁ ବ୍ୟବହାର କରିବେ। ଏଠାରେ ଅତ୍ୟାଧିକ ବଂଶବୃଦ୍ଧିକୁ ରୋକିବା ପାଇଁ ୧୯୯୧ରେ କେନ୍ଦ୍ର ସରକାରଙ୍କ ବନ୍ୟ ଓ ପର୍ଯ୍ୟାବରଣ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। କୁମ୍ଭୀରର ଅତ୍ୟଧିକ ବଂଶବୃଦ୍ଧି ଯୋଗୁ ବର୍ଷା ଓ ବନ୍ୟା ସମୟରେ ବାହାର ଅଞ୍ଚଳକୁ ପଳାଇବା ସାଧାରଣ କଥା। ଫଳରେ ମଣିଷ ଓ କୁମ୍ଭୀର ଲଢ଼େଇ ବଢ଼ିବ। ଏହାକୁ ରୋକିବା ସହିତ ଲୁଣା ଅଞ୍ଚଳରେ ମାଛ ବଂଶ ବୃଦ୍ଧି ପ୍ରତି ଧ୍ୟାନ ଦିଆଯିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ବିଶେଷଜ୍ଞ ଡ. ସୁଧାକର କର କହିଛନ୍ତି, ୧୯୭୫ରେ ଭିତରକନିକାରେ କୁମ୍ଭୀର ସଂରକ୍ଷଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ସେତେବେଳେ ସଂରକ୍ଷଣ ଜରୁରୀ ଥିଲା। ୧୯୯୧ରେ ମନ୍ତ୍ରଣାଳୟର ନିର୍ଦ୍ଦେଶ ପରେ ୧୯୯୫ରେ ସଂରକ୍ଷଣ କାର୍ଯ୍ୟକ୍ରମକୁ ବନ୍ଦ ରଖାଗଲା। ଆରମ୍ଭ ସମୟରେ ମାତ୍ର ୯୪ଟି କୁମ୍ଭୀର ଥିବାବେଳେ ୨୦ ବର୍ଷରେ ଏହା ୧୦୦୦କୁ ବୃଦ୍ଧି ପାଇ ସାରିଥିଲା। ଏହାସତ୍ତ୍ୱେ ଏବେ ମଧ୍ୟ କୁମ୍ଭୀର ଅଣ୍ଡା ସଂଗ୍ରହ ଓ ହାଚେରୀରେ ସଂରକ୍ଷଣ କରାଯାଉଛି। ସୀମିତ ଅଞ୍ଚଳରେ କୁମ୍ଭୀରଙ୍କ ଅତ୍ୟଧିକ ବଂଶ ବୃଦ୍ଧି ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଘାତକ ହେବ ବୋଲି ଡ. କର ମତ ରଖିଛନ୍ତି। ଏସମ୍ପର୍କରେ ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି ଗତ ଦୁଇ ଦଶନ୍ଦୀ ପୂର୍ବେ କୁମ୍ଭୀର ସଂରକ୍ଷଣ କାର୍ଯ୍ୟକ୍ରମ ବନ୍ଦ ହୋଇଥିବା ସୂଚନା ଦେଇଛନ୍ତି।

### ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ଆକ୍ରମଣ

ମାର୍ଶାଘାଇ,୨୮।୮(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ସାନଗାଁର ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ସାନଗାଁ ଗ୍ରାମର ଶାନ୍ତିଲତା ବେହେରା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ରବିବାର ସକାଳେ ତାଙ୍କ ସ୍ୱାମୀ ବାବାଜୀ ବେହେରା ଚାଷ କାମ ପାଇଁ ଏକ ପାୱାରଟିଲର ବୁଝିବା ପାଇଁ ନିକଟସ୍ଥ ଜୟଚନ୍ଦ୍ରପୁର ଗ୍ରାମକୁ ବାଇକ୍‌ରେ ଯାଇଥିଲେ। ସେଠାରୁ ଫେରିବା ବାଟରେ ଜୟଚନ୍ଦ୍ରପୁର ପଞ୍ଚାୟତ ଅଫିସ ନିକଟରେ ଧର୍ମପଦ ଦାସ ଓରଫ ବୁଲୁଙ୍କ ନିର୍ଦ୍ଦେଶରେ ମନୋଜ ପାତ୍ର, ପୁଷ୍ପଲତା ପାତ୍ର, ଦୀପା ପାତ୍ର ପ୍ରମୁଖ ହାତରେ ଲୁହରଡ଼ ଓ ଲୁହା ପାଇପ୍‌ରେ ତାଙ୍କୁ ଆକ୍ରମଣ କରିଥିଲେ। ବାବାଜୀ ଗାଡ଼ି ଛାଡି ଦୌଡୁ ଥିବାବେଳେ ଆକ୍ରମଣକାରୀମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ମାଡ ମାରୁଥିଲେ। କେବଳ ଆକ୍ରମଣ ନୁହେଁ, ଅଭିଯୁକ୍ତମାନେ ମୋ ସ୍ୱାମୀଙ୍କ ବାଇକ୍, ନଗଦ ୪୩ଶହ ଟଙ୍କା ଓ ୨ ଭରି ଓଜନର ସୁନା ଚେନ ଛଡାଇ ନେଇଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତି କରି ମାର୍ଶାଘାଇ ଥାନାରେ ଏକ ମାମଲା(ନଂ.୩୩୫/୨୨) ରୁଜୁ ହୋଇଛି। ଗତ ପଞ୍ଚାୟତ ନିର୍ବାଚନକୁ କେନ୍ଦ୍ରକରି ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ସେତେବେଳେ ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହୋଇଥିଲା। ସେହି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ପୋଲିସ ଅନୁମାନ କରୁଛି।

# ବ୍ରାହ୍ମଣୀ ନଦୀରେ ବନ୍ୟା



ରାସ୍ତା ଉପରେ ବନ୍ୟାଜଳ।



ଗାଁରେ ପ୍ରବେଶ କରିଥିବା ବନ୍ୟାଜଳ।

ରାଜନଗର,୨୮।୮(ଡି.ଏନ.ଏ.)

ଲଘୁଚାପ ଜନିତ ଲଗାଣ ବର୍ଷା ପରେ କେନ୍ଦ୍ରାପଡ଼ା ଜିଲା ରାଜନଗରରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଶନିବାର ରାତିରୁ ରାଜନଗରରେ ବନ୍ୟାଜଳ ବଢ଼ିବାରେ ଲାଗିଛି। ରବିବାର ଅପରାହ୍ନ ସୁଦ୍ଧା ରାଜନଗର ବ୍ଲକର ୪ ପଞ୍ଚାୟତ ବାହ୍ୟଜଗତରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡିଛି। ଶନିବାର ରାତିରୁ ବ୍ରାହ୍ମଣୀ ନଦୀରେ ବନ୍ୟା ଆସି ରାଜନଗର ବ୍ଲକର ବନ୍ଧପଡ଼ା, ଓସ୍ତିଆ, ବେଲପାଳ, ରାଜପୁର ଆଦି ପଞ୍ଚାୟତ ଅଞ୍ଚଳକୁ ମାଡି ଯାଇଛି। ବନ୍ୟାଜଳ ବଢୁଥିବାରୁ ଲୋକେ ଆଶା ଆଶଙ୍କା ମଧ୍ୟରେ ରହିଛନ୍ତି। ରାଜନଗର ବ୍ଲକର ମଦନପୁର-ବଳଭଦ୍ରପୁର ରାସ୍ତା, ଓସ୍ତିଆ-ନଗଡ ରାସ୍ତା, ବାଲିସାହିପାଟଣା-ବାଲିଚନ୍ଦନପୁର ରାସ୍ତା, ଗୋବିନ୍ଦପୁର-ଟାଙ୍ଗଳଟୈଳା ରାସ୍ତା, ସନ୍ଥପଡା-ଚକିବାଙ୍କ ରାସ୍ତା ଓ ବନ୍ଧପାଟଣା-ବେଲପାଳ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଶନିବାର ରାତିରେ ବନ୍ୟା ନେଇ କୌଣସି ସୂଚନା ନ ଥିଲା। ଲୋକେ ରବିବାର ସକାଳୁ ଉଠିବା ବେଳକୁ ବନ୍ୟାଜଳ ରାସ୍ତାକୁ ବୁଡାଇ ସାରିଥିଲା। ଏହି ବନ୍ୟା ଯୋଗୁ ବନ୍ଧପଡ଼ା ପଞ୍ଚାୟତର ଚକିବାଙ୍କ, ଫିରିକିଦାଣ୍ଡି, ଦକ୍ଷିଣଦାଣ୍ଡି, ଗୋବିନ୍ଦପୁର, ସନ୍ଥପଡା, ଟାଙ୍ଗଣଟୈଳା, ଓସ୍ତିଆ ପଞ୍ଚାୟତର ଓସ୍ତିଆ, ନଗଡ, କଟକଣା, ନଳଦିଆ, ବନ୍ଧପାଟଣା, ରାଜପୁର ପଞ୍ଚାୟତର ରାଜପୁର, ବାଲିଚନ୍ଦ୍ରପୁର ଓ ବେଲପାଳ ପଞ୍ଚାୟତର ବେଲପାଳଗାଁରେ ବନ୍ୟାଜଳ ମାଡ଼ି ଯାଇଛି। ଏହି ସମସ୍ତ ଗାଁର ଗ୍ରାମ୍ୟରାସ୍ତା ବୁଡିବା ପରେ ମୁଖ୍ୟରାସ୍ତା ବୁଡିବା ଯୋଗୁ ବାହ୍ୟଜଗତରୁ ଗାଁଗୁଡିକ ବିଚ୍ଛିନ୍ନ ହୋଇପଡିଛି। ଉପରୋକ୍ତ ଗାଁରେ କେତେକ ଘର ବନ୍ୟାପାଣିରେ ବୁଡି ରହିଛି। ୪ ପଞ୍ଚାୟତର ଧୋୟା ଅଞ୍ଚଳରେ ଥିବା ଖରିଫ ଧାନ ଚାଷ ଜମି ଓ ପନିପରିବା କିଆରିରେ ବନ୍ୟାଜଳ ଲହଡ଼ି ଭାଙ୍ଗୁଛି।

### ବାକି ଟଙ୍କା ମାଗିବାରୁ ଅଟୋରିକ୍ସା ଚାଳକଙ୍କୁ ଧମକ

ଡେରାବିଶ,୨୮।୮(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ରଘୁଦେଇପୁର ପଞ୍ଚାୟତ ଅଧୀନ ରଘୁଦେଇପୁର ଗ୍ରାମରେ ଥିବା ମହିମା ଶିଶୁ ବିକାଶ ଶିକ୍ଷାଶ୍ରମର ମାଲିକ ବାବା ଅଭୟାନନ୍ଦ ଦାସ ଶିକ୍ଷାନୁଷ୍ଠାନରେ ଭଡ଼ାରେ ଲାଗିଥିବା ଅଟୋରିକ୍ସା ଚାଳକଙ୍କୁ ଜାତିଆଣା ଆକ୍ଷେପ କରି ଗାଳିଗୁଲଜ କରିବା ସହ ଧମକ ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକାରୀ ଅଟୋରିକ୍ସାଚାଳକମାନେ ହେଲେ ନିକିରେଇ ଥାନା ଅଧୀନ ଛୋଟି ଗ୍ରାମର ବିଜୟ ମଳିକ ଓ କପିଳ ଦାସ, ମଙ୍ଗଳପୁର ଗ୍ରାମର ସୁଶାନ୍ତ ନାୟକ, ବେଣିପୁର ଗ୍ରାମର ତପନ କୁମାର ପୃଷ୍ଟି, ଡେରାବିଶ ଥାନା ଅନ୍ତର୍ଗତ ନୋଳସାହିର ତୃପ୍ତିରଞ୍ଜନ ମଳିକ, ରାଜନଗର ଗ୍ରାମର ପଦ୍ମ ଚରଣ ସାମଲ ଓ ରଘୁଦେଇପୁର ଗ୍ରାମର ଦିଲ୍ଲୀପ ବେହେରା।

ଅଭିଯୋଗ ଅନୁଯାୟୀ, ଉପରୋକ୍ତ ଚାଳକମାନେ ଗତ ୮ରୁ ୧୦ ବର୍ଷ ହେବ ଅଭୟାନନ୍ଦଙ୍କ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କୁ ନେବା ଆଣିବା ପାଇଁ

#### ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ

ଅଟୋରିକ୍ସା ଭଡ଼ାରେ ଲଗାଇଥିଲେ। ଅଟୋରିକ୍ସା ଭଡ଼ା ବାବଦକୁ ଅଭୟାନନ୍ଦ ବହୁ ଦିନରୁ ଟଙ୍କା ବାକି ରଖିଛନ୍ତି। ଚାଳକମାନେ ବାରମ୍ବାର ତାଙ୍କୁ ଭଡ଼ା ମାଗୁଥିଲେ ମଧ୍ୟ ସେ ଆଜି ଦେବି କାଲି ଦେବି କହି ସମୟ ଗଡ଼ାଇବାରୁ ଅଭିଯୋଗକାରୀମାନେ ଡେରାବିଶ ଥାନାର ଦ୍ୱାରସ୍ଥ ହୋଇଥିଲେ। ସ୍ଥାନୀୟ ଅଞ୍ଚଳବାସୀଙ୍କ ହସ୍ତକ୍ଷେପ ଫଳରେ ଅଭୟାନନ୍ଦ ଖୁବ୍ ଶୀଘ୍ର ଅଟୋଚାଳକମାନଙ୍କୁ ସେମାନଙ୍କ ବକେୟା ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏହା ଭିତରେ ବହୁ ମାସ ବିତିଯାଇଥିଲେ ମଧ ସେ ବକେୟା ଅର୍ଥ ଦେଇ ନ ଥିଲେ। ଏ ସମ୍ପର୍କରେ ଅଟୋଚାଳକମାନେ ଟଙ୍କା ମାଗିବାରୁ ଅଭୟାନନ୍ଦ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଟଙ୍କା ନ ଦେଲେ ମୋର କ'ଣ କରିବ ବୋଲି କହି ଜାତିଆଣ ଆକ୍ଷେପ କରିବା ସହ ବିଭିନ୍ନ ଧମକ ଦେଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି।

# ଜିଆର୍‌ଏସ୍‌ଙ୍କ ଚୁକ୍ତିନାମା ଉଠାଇ ଦେବାକୁ ଦାବି

### ନିଖିଳ ଓଡ଼ିଶା ଗ୍ରାମ ରୋଜଗାର ସେବକ ସଂଘର ସାଙ୍ଗଠନିକ ବୈଠକ

ଜଗତ୍‌ସିଂହପୁର ଅଫିସ, ୨୮।୮

ନିଖିଳ ଓଡ଼ିଶା ଗ୍ରାମ ରୋଜଗାର ସେବକ ସଂଘର ସାଙ୍ଗଠନିକ ବୈଠକ ରବିବାର ଜଗତ୍‌ସିଂହପୁର ଗାନ୍ଧୀ ଛକସ୍ଥିତ ଏକ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ ବର୍ଷ ଚାକିରି କରିଥିବା ଗ୍ରାମ ରୋଜଗାର ସେବକ (ଜିଆର୍‌ଏସ୍)ଙ୍କ ବାର୍ଷିକ ଚୁକ୍ତିନାମା ଉଠାଇଦେବା ସହ ପ୍ରତ୍ୟେକଙ୍କୁ ଇପିଏଫ୍, ଇଏସ୍‌ଆଇ ଓ ସାମାଜିକ ସୁରକ୍ଷା ଆଦି ଯୋଗାଇ ଦେବା ପାଇଁ ଦାବି କରାଯାଇଥିଲା। ସଂଘର ଜିଲା ସଭାପତି ପଙ୍କଜ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ କୁହାଯାଇଥିଲା ଯେ, ୨୦୧୩ରୁ ୩୦ ପ୍ରତିଶତ ଜିଆର୍‌ଏସ୍ ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦବୀରୁ ଉଚ୍ଛେଦ ହୋଇଛନ୍ତି। ଫଳରେ ବହୁସଂଖ୍ୟାରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦବୀ ଖାଲିପଡ଼ିଛି। ସରକାର ଏସବୁ ପଦବୀ ପୂରଣ ପାଇଁ ପଦକ୍ଷେପ ନିଅନ୍ତୁ। ଏହି ଅବସରରେ ବିଭିନ୍ନ ବ୍ଲକରୁ ଆସିଥିବା ପ୍ରତିନିଧିମାନେ ରାଜ୍ୟ ସରକାରଙ୍କ ଜିଆର୍‌ଏସ୍ ମାରଣ ନୀତିର ସମାଲୋଚନା କରିଥିଲେ। ଆଗାମୀ ଦିନରେ ସଂଘୀୟ କାର୍ଯ୍ୟକୁ କ୍ରିୟାଶୀଳ କରିବା ସହ ଦାବି ପୂରଣ ନ ହେବା ଯାଏ ସଂଗ୍ରାମ ଜାରି ରଖିବାକୁ ଆହ୍ୱାନ ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂଘ ଜିଲା ସମ୍ପାଦକ ବିଶ୍ୱବିଜୟୀ ସ୍ୱାଇଁ, ମମତା ସେଠୀ, ସୁଦର୍ଶନ ସାହୁ, ଶିବବ୍ରତ ବେହେରା, ସିଦ୍ଧାର୍ଥ ଶଙ୍କର ଜେନା, ଉମାଶଙ୍କର ମିଶ୍ର, ସୁଧାଂଶୁ ବେହେରା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶେଷରେ ସଂଘର କାର୍ଯ୍ୟକାରୀ ସଭାପତି ସତ୍ୟ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।




ବୈଠକରେ ଯୋଗଦେଇଥିବା ସଂଘର ସଦସ୍ୟମାନେ।

# ଉପକୂଳ ଅଞ୍ଚଳରେ ଭେଡ଼ି ଚାଷ

ମହାକାଳପଡ଼ା,୨୮।୮(ଡି.ଏନ.ଏ.)

ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ବ୍ଲକ ନଦୀନାଳ ଘେରା ଉପକୂଳ ଅଞ୍ଚଳରେ ଭେଡ଼ି ଚାଷ ପ୍ରତି ଚାଷୀଙ୍କ ଆଗ୍ରହ ବଢ଼ିଛି। ସମୁଦ୍ର ଉପକୂଳବର୍ତ୍ତୀ ଗାଁରେ ଲୋକମାନେ ସାଧାରଣତଃ ମେଣ୍ଢା ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ବର୍ଷକୁ ଗୋଟିଏ ମେଣ୍ଢି ୨ ଥର ଶାବକ ଜନ୍ମ ଦେଇଥାଏ। ଥରକେ ୨ରୁ ୩ଟି ଛୁଆ ଜନ୍ମ କରିଥାଏ। ଅତି ବେଶୀରେ ଗୋଟିଏ ମେଣ୍ଢାର ଓଜନ ୧୦ରୁ ୧୫ କେଜି ହୋଇଥାଏ। ବଜାର ଦର ଅନୁସାରେ ଗୋଟେ ମେଣ୍ଢା ୩ରୁ ୪ ହଜାର ଟଙ୍କାରେ ବିକ୍ରି ହୋଇଥାଏ। ଅନ୍ୟ ଗୃହପାଳିତ ପ୍ରାଣୀ ଅପେକ୍ଷା ମେଣ୍ଢାର ରୋଗ ପ୍ରତିରୋଧକ ଶକ୍ତି ଅଧିକ ଥାଏ। ବର୍ଷକରେ ଥରେ ଟିକା ଦେଲେ ସହଜରେ ଅନ୍ୟ କୌଣସି ରୋଗ ହୋଇ ନ ଥାଏ। ହେଲେ ଗ୍ରାମାଞ୍ଚଳରେ ମେଣ୍ଢା ମାଂସ ପ୍ରତି ଉଚିତ୍ ମୂଲ୍ୟ ନ ମିଳିବାରୁ ଚାଷୀଙ୍କୁ କ୍ଷତି ସହିବାକୁ ପଡ଼ିଥାଏ। ତେଣୁ ଚାଷୀମାନେ ଦେଶୀ ମେଣ୍ଢା ଚାଷ ଛାଡ଼ି ମେଣ୍ଢା ପ୍ରଜାତିର ଭେଡି ଚାଷ ପ୍ରତି ଆଗ୍ରହ ପ୍ରକାଶ କରିଛନ୍ତି। ଭେଡି ଶିଙ୍ଗ ଭାରି ଶକ୍ତ ଓ ୧୦ଇଞ୍ଚ ଲମ୍ବ ହୋଇଥାଏ। ଏମାନେ ବାହ୍ୟ ଶତ୍ରୁକୁ ଦେଖିବା ମାତ୍ରେ ଶିଙ୍ଗ ଦ୍ୱାରା ଆକ୍ରମଣ କରିଥାଆନ୍ତି। ଦେଶି ମେଣ୍ଢା ଓଜନଠାରୁ ଭେଡି ଓଜନ ୨ ଗୁଣ ଅଧିକ ହୋଇଥାଏ। ଏହା ଶରୀର ଅଧିକ ଲୋମ୍ ଯୁକ୍ତ ଥିବାରୁ ଖରା, ଝଡ଼ ବର୍ଷା, ଶୀତ ଆଦିକୁ ସହ୍ୟ କରିବାର କ୍ଷମତା ଥାଏ। ଭେଡ଼ି ତୃଣଭୋଜି ପ୍ରାଣୀ ହୋଇ ଥିବାରୁ ରାସ୍ତାପାର୍ଶ୍ୱ, ନଦୀ



ମହାକାଳପଡ଼ା ବ୍ଲକ୍ ଅଞ୍ଚଳରେ ଭେଡ଼ିମାନେ ଚରୁଛନ୍ତି।

- ସରକାରୀ ପ୍ରୋତ୍ସାହନ ଯୋଗାଇ ଦେବାକୁ ଦାବି
- ମେଣ୍ଢାଠାରୁ ଭେଡ଼ି ଚାଷରେ ଲାଭ ଅଧିକ

କୂଳ, ଚାରଣ ଭୂମି, ଜଙ୍ଗଲି ଗଛ ପତ୍ର ଲଟା ଆଦି ଖାଇବାକୁ ପସନ୍ଦ କରିଥାନ୍ତି। ଭେଡ଼ି ଚରାବୁଲା କରି ସନ୍ଧ୍ୟାରେ ଘରକୁ ଫେରିଲେ ଚାଷୀମାନେ ଅଧିକାଂଶ ସମୟରେ ମୁଢ଼ି, ଚାଉଳ, ଗହମ ଆଦି ଆଦି ଖାଇବାକୁ ଦେଇଥାଆନ୍ତି। ଏପରି ଖାଦ୍ୟ ଖାଇବା ଦ୍ୱାରା ଭେଡ଼ି ଶରୀର ଚିକ୍କଣ ଓ ହୃଷ୍ଟପୃଷ୍ଟ ହୋଇ ଥାଏ ବୋଲି ଭେଡି ଚାଷୀ ପଦନ ପ୍ରଧାନ କହିଛନ୍ତି। ଏହି ପ୍ରଜାତିର ଭେଡି ଚାଷ ବରଫାବୃତ୍ତ ଅଞ୍ଚଳ ତଥା ଜାମ୍ମୁ କାଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, କାଠମାଣ୍ଡୁ ଆଦି ଅଞ୍ଚଳରେ ବହୁଳ ଭାବେ ହୋଇଥାଏ। ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ବରଫାବୃତ୍ତ ଅଞ୍ଚଳରେ ଦେଖାଯାଉଥିବା ଭେଡ଼ି ପରିବେଶସହ ଖାପ୍ ଖୁଆଇ ପାରୁଛନ୍ତି। ବିଶେଷ କରି ମହାକାଳପଡ଼ା ବ୍ଲକର ଜଆଁରା, ତେନ୍ତୁଲିକନ୍ଧା, ଘୋଡାବନ୍ଧକୂଳ, ବେଲାର ନୂଆଗାଁ, କେନ୍ତିଆ ଆଦି ଗ୍ରାମରେ ବହୁଳ ଭାବେ ଭେଡି ଚାଷ ହେଉଛି। ସରକାର ଭେଡି ଚାଷୀଙ୍କୁ ତାଲିମ୍, ରିହାତି ସୁଧରେ ଋଣ ଆଦି ଯୋଗାଇ ଦେଲେ ଚାଷୀମାନେ ଉପକୃତ ହୋଇ ପାରିବେ ବୋଲି ସାମାଜିକ କର୍ମୀ ସୁବାସ ଚନ୍ଦ୍ର ସ୍ୱାଇଁ କହିଛନ୍ତି।

**ଏଚଏମଆଇଏଫର 'ଆର୍ଟ ଫର ହୋପ ୨୦୨୩'**

**ନୂଆଦିଲ୍ଲୀ:** ହୁଣ୍ଡାଇ ମୋଟର ଇଣ୍ଡିଆ ଲିଃ.ର ସିଏସଆର୍ ଶାଖା ହୁଣ୍ଡାଇ ମୋଟର ଇଣ୍ଡିଆ ଫାଉଣ୍ଡେଶନ(ଏଚ୍ଏମ୍ଆଇଏଫ) ପକ୍ଷରୁ ଭାରତରେ କଳା ଏବଂ ସଂସ୍କୃତି ଗୋଷ୍ଠୀଙ୍କୁ ସମର୍ଥନ କରିବା ପାଇଁ ଏହାର ସିଏସ୍ଆର୍ ଅଭିଯାନର ୨ୟ ସଂସ୍କରଣ 'ଆର୍ଟ ଫର ହୋପ ୨୦୨୩' ଘୋଷଣା କରାଯାଇଛି। ଏହା ଅନ୍ତର୍ଗତ ୨୫ କଳାକାର ଏବଂ ୧୦କଳା ସଂଗଠନକୁ ସମର୍ଥନ କରିବାକୁ ୪୦ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଅନୁଦାନ ଆବେଦନ ଅଫ ଲାଇନ ଏବଂ ଅନଲାଇନ ଚ୍ୟାନେଲ ମାଧ୍ୟମରେ ୨୦୨୨ ସେପ୍ଟେମ୍ବର ୧ରୁ ୧୫ ମଧ୍ୟରେ ଗ୍ରହଣ କରାଯିବ। ଆବେଦନକାରୀମାନେ ଏହାର ୱେବସାଇଟ ମାଧ୍ୟମରେ ଆବେଦନ କରିପାରିବେ।

# 'ପ୍ରତି ଜିଲାରେ ହେବ ଏମ୍ଏସ୍ଏମ୍ଇ ପାର୍କ'





ପ୍ରୋପ୍ୟାକ୍ ଓଡ଼ିଶା ଏବଂ ଓଡ଼ିଶା ଏମ୍ଏସ୍ଏମ୍ଇ ମିଟ୍-୨୦୨୨ର ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି।

**ଭୁବନେଶ୍ୱର,୨୮।୮**

ରାଜ୍ୟରେ ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗୀ (ଏମ୍ଏସ୍ଏମ୍ଇ) ସ୍ଥାପନ ନିମନ୍ତେ ଥିବା ଭିତ୍ତିଭୂମିକୁ ଆଧାର କରି ଓଡ଼ିଶା ସରକାର ପ୍ରତି ଜିଲାରେ ଏମ୍ଏସ୍ଏମ୍ଇ ପ୍ରତିଷ୍ଠା କରିବାକୁ ଯାଉଛନ୍ତି ବୋଲି ପ୍ରୋପ୍ୟାକ ଓଡ଼ିଶା-୨୦୨୨ର ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଏଭଳି କିଛି ମତବ୍ୟକ୍ତ କରିଛନ୍ତି। ସେହିଭଳି ଆମେ ରାଜ୍ୟର ପ୍ରତ୍ୟେକ ଜିଲାରେ ଏମ୍ଏସ୍ଏମ୍ଇ ପାର୍କ ପ୍ରତିଷ୍ଠା କରିବାକୁ ଯୋଜନା ରଖିଛୁ ଏବଂ ସେଥିପାଇଁ ଆବଶ୍ୟକ ଜମି, ଜଳ ଓ ବିଦ୍ୟୁତ ସମେତ ବିଭିନ୍ନ ଭିତ୍ତିଭୂମିର ସହାୟତା ଯୋଗାଇ ଦେବା ନିମନ୍ତେ ଇଡକୋକୁ ୪୫୦ କୋଟି ଟଙ୍କାରୁ ଅଧିକ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଛି। ଓଡ଼ିଶା ସରକାର ଗତ ୩ ବର୍ଷ ହେବ ଶିଳ୍ପଗୁଡିକୁ ପ୍ରୋତ୍ସାହିତ କରିବା ପାଇଁ ଅତ୍ୟନ୍ତ ସକ୍ରିୟ ରହିଛନ୍ତି, ବର୍ତ୍ତମାନ ରାଜ୍ୟ ସରକାର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏସ୍ଏମ୍ଇ) ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ଏମ୍ଏସ୍ଏମ୍ଇ, ଶିଳ୍ପ ଓ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି, ମହାମାରୀ ପୂର୍ବରୁ ଓ ପରେ ବିଶେଷ କରି ୨୦୧୭ ପରଠାରୁ ରାଜ୍ୟ ସରକାର ଅହେତୁକ ଭାବେ ଶିଳ୍ପାୟନକୁ ପ୍ରୋତ୍ସାହିତ କରି ଆସୁଛନ୍ତି। ଓଡ଼ିଶାର ଅଧିକାଂଶ ଲୋକ ଚାକିରି କିମ୍ବା କୃଷି ଉପରେ ନିର୍ଭର କରନ୍ତି। ଉପଯୁକ୍ତ ଭିତ୍ତିଭୂମିର ଅଭାବ ଓ ଶିଳ୍ପକୁ ନେଇ ମନୋଭାବର ଅଭାବ କାରଣରୁ ପୂର୍ବର ସରକାରମାନେ ଶିଳ୍ପାୟନରେ ଅନେକ ଥର ବିଫଳ ହୋଇଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନକାଳ ଭିତରେ (ପ୍ରଥମ ୧୫ବର୍ଷରେ) ଏହି ଭିତ୍ତିଭୂମି ସୃଷ୍ଟି କରାଯାଇଥିଲା। ଅପରପକ୍ଷରେ ବିଶାଲ୍ ଦେବ୍, ରାଜ୍ୟ ଅର୍ଥ ବିଭାଗର ମୁଖ୍ୟ ସଚିବ, କହିଛନ୍ତି,ଏମ୍ଏସ୍ଏମଇ ପାଇଁ ବ୍ୟାଙ୍କଗୁଡ଼ିକ ଆର୍ଥିକ ଉପଲବ୍ଧତା ନିଶ୍ଚିତ କରିବା ଆବଶ୍ୟକ ରହିଛି। ଶିଳ୍ପ ସଂଗଠନ ସହ ସହଯୋଗ ବଜାୟ ରଖିବାକୁ ଓଡ଼ିଶା ସରକାର ଯୋଜନା ରଖିଛନ୍ତି। ଆମେ ଏମଏସଏମଇର ଆର୍ଥିକ ବିକାଶକୁ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବିଥାଉ କିନ୍ତୁ ଅଧିକାଂଶ ସମୟରେ ଶିଳ୍ପ ସଂସ୍ଥା ଗୁଡିକ୍ ପ୍ରାୟତଃ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଥିବାରୁ ଆମ୍ଭେମାନେ ବ୍ୟାଙ୍କଗୁଡ଼ିକ ସହ ଏ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଛୁ ଏବଂ ସେମାନଙ୍କ ପାଇଁ ଅର୍ଥର ଉପଲବ୍ଧତା ନିଶ୍ଚିତ କରିବାକୁ ମଧ୍ୟ କହିଛୁ। ଏହା ବ୍ୟତୀତ ସରକାର ଅଧିକାଂଶ ସମୟରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଅନ୍ୟ ବ୍ୟାଙ୍କ ଏବଂ ଅନ୍ୟ ବାଣିଜ୍ୟିକ ପ୍ଲାଟଫର୍ମ ସହ କର୍ମଶାଳାମାନ ଆୟୋଜନ କରିଆସୁଛନ୍ତି। ଓଡ଼ିଶା ଆସେମ୍ବଲି ଫର ସ୍ମଲ ଆଣ୍ଡ ମିଡିୟମ୍ ଏଣ୍ଟରପ୍ରାଇଜେସ୍ (ଓସମି)ପକ୍ଷରୁ ୩୬ତମ ପ୍ରତିଷ୍ଠା ଦିବସ ପାଳନ ପରିପ୍ରେକ୍ଷୀରେ ଭୁବନେଶ୍ୱରର ଜନତା ମଇଦାନଠାରେ ୨୫ ତାରିଖରୁ ଆରମ୍ଭ ହୋଇଥିବା ପ୍ରୋପ୍ୟାକ୍ ଓଡ଼ିଶା ଏବଂ ଓଡ଼ିଶା ଏମ୍ଏସ୍ଏମ୍ଇ ମିଟ୍-୨୦୨୨ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓରମାସ ସହ ୫ଟି କମ୍ପାନୀ ପ୍ୟାକେଜିଂ ପାଇଁ ଚୁକ୍ତିବଦ୍ଧ ହୋଇଛନ୍ତି। ଉଦ୍‌ଯାପନୀ ସମାରୋହରେ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ କେନ୍ଦ୍ର ଏମଏସଏମଇ-ଡିଏଫଓ,ଏଚଓଓ ଏବଂ ଯୁଗ୍ମ ନିର୍ଦ୍ଦେଶକ ପି.କେ. ଗୁପ୍ତା, ରାଜ୍ୟ ଏମଏସଏମଇ ବିଭାଗୀୟ ସ୍ୱତନ୍ତ୍ର ସଚିବ ବିଭୂତି ଭୂଷଣ ଦାଶ, ଓସମିର ମହାସଚିବ ସାତ୍ତ୍ୱିକ ସ୍ୱାଇଁଙ୍କ ସମେତ ସଂଘର ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ପରିଶେଷରେ ଓସମିର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡ. ଶରତ କୁମାର ସାହୁ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

## ସୋଚ୍‌ର ୧୫୦ତମ ଷ୍ଟୋର୍ ଉଦ୍‌ଘାଟିତ





**ନୂଆଦିଲ୍ଲୀ,୨୮।୮**

ଦେଶର ପ୍ରମୁଖ ଏଥନିକ୍ ୱିୟର୍ ଫ୍ୟାଶନ ପ୍ରତିଷ୍ଠାନ ସୋଚ୍‌ର ୧୫୦ତମ ଷ୍ଟୋର ନିକଟରେ ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ସୋଚ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ଓ ସିଇଓ ବିନୟ ଚଟ୍‌ଲାନି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଦେଶର ୫୯ଟି ପ୍ରମୁଖ ସହରରେ ଥିବା ସୋଚ ଷ୍ଟୋର୍‌ର ବିଶ୍ୱସ୍ତ ଗ୍ରାହକମାନଙ୍କୁ ଆମନ୍ତ୍ରିତ କରାଯାଇଥିଲା। ଏପରିକି ଏହି ସ୍ୱତନ୍ତ୍ର ସେଲିବ୍ରେଶନ ସମୟରେ ଗ୍ରାହକମାନେ ସୋଚ୍‌ର ଯେ କୌଣସି ଷ୍ଟୋର୍‌ରେ ୧୦,୦୦୦ ଟଙ୍କା ମୂଲ୍ୟର ଭାଉଚର୍ ଜିତି ପାରିବେ ବୋଲି ସୋଚ୍ ପକ୍ଷରୁ ଘୋଷଣା କରାଯାଇଥିଲା। ସେହିଭଳି ସୋଚର ଦେଶବ୍ୟାପୀ ଆଉଟ୍‌ଲେଟ୍‌ଗୁଡିକରେ ନୂଆ ଡିଜାଇନର ଫୁଲ୍ ଷ୍ଟକ୍ ସାଙ୍ଗକୁ ସୁନ୍ଦର ଫ୍ୟାବ୍ରିକ୍‌ରେ ଚମତ୍କାର ସିଲ୍ ହୌଟେ ସହ ଜୀବନ୍ତ ରଙ୍ଗ ଓ ଯତ୍ନର ସହ ନିର୍ମାଣ କରାଯାଇଛି।

ଏ ସମ୍ପର୍କରେ ସୋଚ୍‌ର କାର୍ଯ୍ୟକାରୀ ନିର୍ଦ୍ଦେଶକ ଓ ସିଇଓ ବିନୟ ଚଟ୍‌ଲାନି କହିଛନ୍ତି, ଆମର ୧୫୦ତମ ଷ୍ଟୋର୍‌ର ଶୁଭାରମ୍ଭ ଅବସରକୁ ଆମେ ଦୀର୍ଘ ଦିନରୁ ଅପେକ୍ଷା କରି ରହିଥିଲୁ ଏବଂ ଏକ ବ୍ରାଣ୍ଡ ଭାବେ ଆମ ଅଭିବୃଦ୍ଧିରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଲ୍ୟାଣ୍ଡମାର୍କ ବୋଲି ଅନୁଭବ କରୁଛୁ। ଆମର କାହାଣୀ ବେଙ୍ଗାଲୁରୁରେ ଆରମ୍ଭ ହୋଇଥିଲା ଏବଂ ଆମର ୧୫୦ତମ ଷ୍ଟୋର୍ ମଧ୍ୟ ବେଙ୍ଗାଲୁରୁରେ ଖୋଲିଛି।

## ଏସ୍‌ବିଆଇ ଜେନେରାଲ ଇନ୍‌ସ୍ୟୁରାନ୍ସ ପକ୍ଷରୁ ସହାୟତା ଘୋଷଣା

**ନୂଆଦିଲ୍ଲୀ,୨୮।୮**

ଓଡ଼ିଶାର ବାଲେଶ୍ୱର, ମୟୂରଭଞ୍ଜ, ଯାଜପୁର ଏବଂ ଭଦ୍ରକର ବିଭିନ୍ନ ଅଞ୍ଚଳରେ ବନ୍ୟା ଓ ପ୍ରବଳ ବର୍ଷାରେ ପୀଡ଼ିତ ଗ୍ରାହକଙ୍କୁ ସହାୟତା କରିବା ପାଇଁ ଏସବିଆଇ ଜେନେରାଲ ଇନସ୍ୟୁରାନ୍ସ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ଏପରିକି ପ୍ରବଳ ବର୍ଷା ଯୋଗୁ ଉତ୍ତର ଓଡ଼ିଶାର ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଜଳକା ଏବଂ ବୈତରଣୀ ଭଳି ନଦୀରେ ବନ୍ୟା ସୃଷ୍ଟି ହୋଇଛି। ଏଭଳି ପରିସ୍ଥିତିରେ ଏସବିଆଇ ଜେନେରାଲ ଇନସ୍ୟୁରାନ୍ସ ତା'ର ଗ୍ରାହକଙ୍କ ନିକଟରେ ଛିଡା ହୋଇଛି। ଏସବିଆଇ ଜେନେରାଲର ଟିମ୍ ଏକ ମାନକ ଅପରେଟିଂ ପ୍ରଣାଳୀ ମଧ୍ୟ ଆରମ୍ଭ କରିଛି। ପ୍ରାଥମିକତା ଭିତିରେ ପ୍ରଶ୍ନ ଏବଂ ଦାବିଗୁଡିକ ପରିଚାଳନା କରିବା ପାଇଁ ଏକ ଟାସ୍କଫୋର୍ସ ମଧ୍ୟ ଗଠନ କରାଯାଇଛି। ଏହା ଇନ୍‌ବାଉଣ୍ଡ ଡାଟା ଆଧାରରେ ଗ୍ରାହକଙ୍କୁ ସାହାଯ୍ୟ କରିବାକୁ ପ୍ରସ୍ତୁତ ହୋଇଛି। ଏଥିପାଇଁ ପ୍ରଥମତଃ ଗ୍ରାହକଙ୍କୁ କମ୍ପାନୀର ଟୋଲ ଫ୍ରି ନମ୍ବର ୧୮୦୦ ୧୦୨ ୧୧୧୧କୁ କଲ କରିବାକୁ ହେବ। ନଚେତ ଦାବିଉପସ୍ଥାପନ ପାଇଁ ଗ୍ରାହକ ଏସଏମ୍ଏସ କ୍ଲେମ୍ ଟୁ ୫୬୧୬୧୨ କରି ପାରିବେ।

## ସେନ୍‌କୋର ନୂଆ ଅଭିଯାନ ଆରମ୍ଭ

**ନୂଆଦିଲ୍ଲୀ,୨୮।୮**

ପୂର୍ବ ଭାରତର ସର୍ବବୃହତ ସଂଗଠିତ ଗହଣା ରିଟେଲର ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ଅନ୍‌ଲାଇନ୍ ସୁନା କାରବାର ପ୍ଲାଟ୍‌ଫର୍ମ ଡିଜି ଗୋଲ୍ଡ ପାଇଁ ସୌରଭ ଗାଙ୍ଗୁଲିଙ୍କୁ ନେଇ ପ୍ରସ୍ତୁତ କରାଯାଇଥିବା ନୂଆ ଅଭିଯାନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୨୦୧୫ପରଠାରୁ ସେନ୍‌କୋର ବ୍ରାଣ୍ଡ ଆମ୍ବାସାଡର ଭାବେ ସୌରଭ ସାମିଲ ହୋଇଛନ୍ତି। କମ୍ପାନୀର ଉକ୍ତ ଅଭିଯାନରେ ସୌରଭଙ୍କ ଅଭିନୀତ ୩ଟି କୌତୁକିଆ ସିନେମା ପ୍ରସ୍ତୁତ କରାଯାଇଛି। ଏପରିକି ତାଙ୍କୁ ତିନିଟି ଚରିତ୍ରରେ ମଧ୍ୟ ଦେଖିବାକୁ ମିଳିବ। ସୁନା ପାଇଁ ତାଙ୍କ ମୋହ ଓ ସେ ଶେଷରେ କିଭଳି ପରିସ୍ଥିତି ସାମ୍ନା କରୁଛନ୍ତି ପ୍ରତିଟି ଫିଲ୍ମରେ ତାହା ପ୍ରଦର୍ଶିତ କରାଯାଇଛି।

ଏ ସମ୍ପର୍କରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଏମ୍‌ଡି ଓ ସିଇଓ ଶୁଭଙ୍କର ସେନ୍ କହିଛନ୍ତି,ଡିଜିଟାଲ୍ ପ୍ଲାଟଫର୍ମରେ ଗ୍ରାହକମାନେ ସୁନା କିଣିବା, ରିଡିମ୍ କରିବା ଏବଂ ବିକ୍ରି କରିବା ଲାଗି ବର୍ଷକ ପୂର୍ବେ ମାଇଁ ଡିଜି ଗୋଲ୍ଡ ଡଟ କମ ୱେବ୍‌ସାଇଟ୍ ଜରିଆରେ ଆମେ ଡିଜି ଗୋଲ୍ଡର ଶୁଭାରମ୍ଭ କରିଥିଲୁ। କେବଳ ବିଭିନ୍ନ ସମ୍ପତି ବର୍ଗରେ ନିବେଶ ନୁହେଁ ବରଂ ଆଗୁଆ ସଂଚୟ ବିଷୟରେ ବହୁତ ଭଲ ଭାବେ ଅବଗତ ଥିବା ନୂଆ ପିଢ଼ିର ଭାରତୀୟଙ୍କୁ ନଜରରେ ରଖି ଏହି ନୂଆ ପିଢ଼ିର ଉତ୍ପାଦ ବିକଶିତ କରାଯାଇଥିଲା। ଏହି ଅଭିଯାନରେ ଆମର ଜାତୀୟ ବ୍ରାଣ୍ଡ ଆମ୍ବାସାଡର ସୌରଭ ଗାଙ୍ଗୁଲିଙ୍କୁ ଭିନ୍ନ ଅବତାରରେ ଡିଜିଗୋଲ୍ଡର ତତ୍‌କାଳ ନିରବଚ୍ଛିନ୍ନ କାରବାର,ବିଶୁଦ୍ଧ ୨୪କ୍ୟାରେଟ୍ ସୁନା, ସମ୍ପୂର୍ଣ୍ଣ ସୁରକ୍ଷା ଓ ବୀମା ଆଦିର ଲାଭ ଉପରେ ଗୁରୁତ୍ୱାରୋପ କରୁଥିବା ଦେଖିବାକୁ ମିଳିବ। ଆମର ବିଶ୍ୱାସ ରହିଛି ଯେ ଗ୍ରାହକମାନେ ଏହି ଅଭିଯାନକୁ ପସନ୍ଦ କରିବେ ଏବଂ ଆମର ପସନ୍ଦର ଦାଦାଙ୍କ କୌତୁକ ପାର୍ଶ୍ୱକୁ ଦେଖି ସେମାନଙ୍କ ମୁହଁରେ ହସ ଫୁଟିବ। ସେହିଭଳି ସୌରଭ କହିଛନ୍ତି, ଏହି ନୂଆ ଅଭିଯାନକୁ ନେଇ ମୁଁ ମଧ୍ୟ ବହୁତ ଉତ୍ସାହିତ ରହିଛି। ଅନ୍‌ଲାଇନ୍‌ରେ ସୁନା କାରବାର କରିବାକୁ ଚାହୁଁଥିବା ଲୋକଙ୍କ ପାଇଁ ଏହା ବେଶ କୌତୁକିଆ ଓ ସୂଚନାଧର୍ମୀ।

## ସିଆଇଆଇ ଦ୍ୱାରା ଟାଟା ଷ୍ଟିଲ୍ ମାଇନିଂ ପୁରସ୍କୃତ

**ଭୁବନେଶ୍ୱର,୨୮।୮**

ଦେଶର ପ୍ରମୁଖ ଘରୋଇ କମ୍ପାନୀ 'ଟାଟା ଷ୍ଟିଲ ମାଇନିଂ ଲିମିଟେଡ୍'ର ଓଡ଼ିଶାର ଗଞ୍ଜାମ ଓ ଯାଜପୁର ଜିଲାରେ ଯଥାକ୍ରମେ ଅବସ୍ଥିତ, ଗୋପାଳପୁର ଫେରୋକ୍ରୋମ କାରଖାନା ଏବଂ ସୁକିନ୍ଦା କ୍ରୋମାଇଟ ଖଣିକୁ ଭୁବନେଶ୍ୱରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଛି। ଏପରିକି ୨୦୨୧-୨୨ ବର୍ଷ ପାଇଁ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ପକ୍ଷରୁ ନିରାପତ୍ତା, ସ୍ୱାସ୍ଥ୍ୟ ଓ ପରିବେଶ (ଏସ୍ଏଚ୍ଇ) କ୍ଷେତ୍ରରେ ମର୍ଯ୍ୟାଦାଜନକ ରାଜ୍ୟସ୍ତରୀୟ ପୁରସ୍କାରରେ ପୁରସ୍କୃତ କରାଯାଇଛି। ବିଶେଷ କରି ସୁକିନ୍ଦା କ୍ରୋମାଇଟ୍ ଖଣିକୁ ଖଣି ବିଭାଗରେ ବିଜେତା ଭାବେ ଘୋଷିତ କରାଯାଇଥିବାବେଳେ ଗୋପାଳପୁରର ଫେରୋକ୍ରୋମ କାରଖାନା ବୃହତ୍ ନିର୍ମାଣକାରୀ ବିଭାଗରେ ବିଜୟୀ ହୋଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଗୋପାଳପୁର ଫେରୋ ଆଲୟେଜ କାରଖାନାର ସହକାରୀ ମହାପ୍ରବନ୍ଧକ ବଥୁଲା ଶ୍ରୀନିବାସ ଏବଂ ସୁକିନ୍ଦା କ୍ରୋମାଇଟ୍ ଖଣିର ସହକାରୀ ମହାପ୍ରବନ୍ଧକ ସମ୍ଭୁନାଥ ଝା ସିଆଇଆଇ ଓଡ଼ିଶା ପରିଷଦର ଉପାଧ୍ୟକ୍ଷ ଏସ୍.ଏସ୍.ମହାନ୍ତିଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ।

ଏ ସମ୍ପର୍କରେ ଟାଟା ଷ୍ଟିଲ ମାଇନିଂ ଲିମିଟେଡ଼ର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି, ଉତ୍ପାଦନରେ ଉନ୍ନତି ଓ ଶ୍ରମଶକ୍ତିର କଲ୍ୟାଣ ପାଇଁ ସୁରକ୍ଷିତ କାର୍ଯ୍ୟସ୍ଥଳୀ ଓ ସୁସ୍ଥ କର୍ମଚାରୀ ରହିବା ନିହାତି ଆବଶ୍ୟକ।

**ଫୁର୍‌ସତ**

# ଏନ୍‌ଡିଟିଭି: ଚିନ୍ତାରେ ବିଦେଶୀ ଗଣମାଧ୍ୟମ



ୱାଶିଂଟନ ପୋଷ୍ଟ ମାଲିକ ଜେଫ୍ ବେଜୋସ୍ | ଏନ୍‌ଡିଟିଭି ଅଂଶଧନ କିଣିବାକୁ ଯାଉଥିବା ଗୌତମ ଆଦାନୀ।

**ୱାଶିଂଟନ:** ଏସିଆର ଧନିକ ବ୍ୟବସାୟୀ ଗୌତମ ଆଦାନୀ ଏନ୍‌ଡିଟିଭି (ନ୍ୟୁ ଦିଲ୍ଲୀ ଟେଲିଭିଜନ୍)ର ୨୯ ପ୍ରତିଶତ ଅଂଶଧନ କିଣିବାକୁ ଯାଉଥିବା ଖବର ବର୍ତ୍ତମାନ ଅନ୍ତର୍ଜାତୀୟ ଗଣମାଧ୍ୟମର ଶିରୋନାମା ପାଲଟିଛି। ବିଦେଶୀ ମିଡିଆ ସଂସ୍ଥାସବୁ ଭାରତୀୟ ଗଣମାଧ୍ୟମ ପାଇଁ ଚିନ୍ତା ପ୍ରକଟ କରିଛନ୍ତି। ଖାଲି ଭାରତ ନୁହେଁ ବିଭିନ୍ନ ବୈଦେଶିକ ଗଣମାଧ୍ୟମ ଏବେ ବିଲିୟନେୟାର ବ୍ୟବସାୟୀଙ୍କ କବଳରେ। ଆମାଜନ୍ ମାଲିକ ଜେଫ୍ ବେଜୋସ୍ ଆମେରିକାର ଆଗଧାଡ଼ି ଗଣମାଧ୍ୟମ ସଂସ୍ଥା ୱାଶିଂଟନ୍ ପୋଷ୍ଟର ମାଲିକ ଅଟନ୍ତି। ଆଦାନୀ ଘରୋଇ ଟିଭି ଚ୍ୟାନେଲ୍‌ର ଅଂଶଧନ କିଣିବା ଭାରତୀୟ ଗଣମାଧ୍ୟମ ପାଇଁ ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଥିବା ହେଡିଂ ଦେଇଥିଲା ୱାଶିଂଟନ୍ ପୋଷ୍ଟ।

ଖାଲି ୱାଶିଂଟନ ପୋଷ୍ଟ ନୁହେଁ ବରଂ ଦ ଗାର୍ଡିଆନ୍ ଭଳି ବୈଦେଶିକ ଗଣମାଧ୍ୟମ ଏପ୍ରକାର ଖବର ପ୍ରକାଶନ କରିଛନ୍ତି। ଭାରତୀୟ ଟିଭି ଚ୍ୟାନେଲ୍‌କୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଏ ପ୍ରକାର ଆଲୋଚନା ହେବା ବିରଳ। ସାରା ବିଶ୍ୱ ଆଦାନୀ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ଥିବା ଘନିଷ୍ଠ ସମ୍ପର୍କ ବାବଦରେ ଜାଣିଛନ୍ତି। କିନ୍ତୁ ମୋଦି ସରକାର ଓ ଏନ୍‌ଡିଟିଭି ମଧ୍ୟରେ ଥିବା ତିକ୍ତପୂର୍ଣ୍ଣ ସମ୍ପର୍କ କାହାରିକୁ ଅଛପା ନାହିଁ। ମୋଦି ସରକାରଙ୍କ ନୀତିକୁ ସବୁବେଳେ ସମାଲୋଚନା କରୁଥିବା ଏହି ଘରୋଇ ଟିଭି ଚ୍ୟାନେଲରେ ମୋଦିଙ୍କ ମିତ୍ରଙ୍କ ହସ୍ତକ୍ଷେପ ହୁଏତ ଖବରର ମାନକୁ ବଦଳାଇଦେବ ବୋଲି ଗଣମାଧ୍ୟମ ସଂସ୍ଥା ଆକଳନ କରିଛନ୍ତି। ଯେଉଁଥି ପାଇଁ ଏହାକୁ ନେଇ ଚର୍ଚ୍ଚା ହେବାରେ ଲାଗିଛି। ଆଦାନୀ ଏନ୍‌ଡିଟିଭିର ଅଂଶଧନ କିଣିବା ନେଇ ଚ୍ୟାନେଲର ସଂସ୍ଥାପକ ରାଧିକା ଏବଂ ପ୍ରଣୟ ରାୟ ଜାଣି ନ ଥିବା କହିଛନ୍ତି। ଏଭଳି ସ୍ଥିତିରେ ଆଦାନୀ ଗ୍ରୁପ୍ ଏହି ଚ୍ୟାନେଲର ଆଉ ୨୬ % ଅଂଶଧନ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛି।

କଂଗ୍ରେସ ଶାସନ କାଳରେ ଏହି ଘରୋଇ ଗଣମାଧ୍ୟମ ଚ୍ୟାନେଲ ମିଛ ଖବର ପ୍ରସାରଣ କରିବା ସହ ବିଭିନ୍ନ ପାକିସ୍ତାନୀ ସଂଗଠନର ସମର୍ଥନରେ ଏହି ଚ୍ୟାନେଲ ଉଭା ହୋଇଥିବା ଆଉ କିଛି ବିଦେଶୀ ଗଣମାଧ୍ୟମ ଦାବି କରିଛନ୍ତି। ଶ୍ରୀଲଙ୍କାରେ ଏବେ ସଙ୍କଟାପନ୍ନ ସ୍ଥିତି ଜାରି ଥିବାବେଳେ ପ୍ରଧାନମନ୍ତ୍ରୀ ରାଜପାକ୍ସେଙ୍କୁ ଶ୍ରୀଲଙ୍କା ଛାଡ଼ି ଯିବାରେ ଭାରତ ପ୍ରାଇଭେଟ୍ ଜେଟ୍ ପଠାଇଥିବା ଖବର ଏନ୍‌ଡିଟିଭିରେ ପ୍ରକାଶ ପାଇଥିଲା। କିନ୍ତୁ କିଛି ସମୟ ପରେ ଚ୍ୟାନେଲ ଏହି ଖବରଟିକୁ ଡିଲିଟ୍ କରି ଦେଇଥିବା କଥା ଚର୍ଚ୍ଚା ହୋଇଥିଲା।

## ଲୁକ୍ ପାଇଁ ଟ୍ରୋଲ୍



ନିଆ ଶର୍ମା

**ମୁମ୍ବାଇ:** ଫିଲ୍ମ ହେଉ ଅବା ସିରିଏଲ୍ କଳାକାର ଅନେକ ସମୟରେ ନିଜ ଲୁକ୍ ତ ଆଉ କେତେବେଳେ ଅଜବ କାମ ପାଇଁ ସୋସିଆଲ ମିଡିଆରେ ଟ୍ରୋଲ୍ ହେଉଥିବାର ଦେଖିବାକୁ ମିଳିଛି। ଲୁକ୍‌କୁ ନେଇ ଏବେ ଟ୍ରୋଲର ଶିକାର ହୋଇଛନ୍ତି ସିରିଏଲ୍ ଜଗତର ଜଣାଶୁଣା ଚେହେରା ନିଆ ଶର୍ମା। 'ଝଲକ ଦିଖ୍‌ଲାଜା' ପ୍ରତିଯୋଗୀ ଜଣକ ମୁଣ୍ଡରେ ଗୋଲାପୀ ରଙ୍ଗର ବନ୍ (ଖୋଷା) ଲାଗାଇବାକୁ ନେଇ ତାଙ୍କୁ ଥଟା କରାଯାଇଛି। କେତେଜଣ ସୋସିଆଲ ମିଡିଆ ୟୁଜର ତାଙ୍କୁ ଶସ୍ତା ଉର୍ଫି କହି ସମ୍ବୋଧନ କରିଥିବାବେଳେ ଆଉକେତେଜଣ ତାଙ୍କୁ ସ୍ୱିପର ଗାର୍ଲ ବୋଲି କହିଛନ୍ତି। ନିଆ ଶର୍ମା ସବୁବେଳେ ନିଜ ଫ୍ୟାଶନ୍ ଟ୍ରେଣ୍ଡ ଓ ଲୁକ୍ ପାଇଁ ଚର୍ଚ୍ଚାରେ ରୁହନ୍ତି। ଖତରୋଙ୍କେ ଖିଲାଡି ଟିଭି ଶୋ'ରେ ଶେଷଥର ପାଇଁ ନିଆ ଦେଖାଯାଇଥିବାବେଳେ ପୁଣିଥରେ ଝଲକ ଦିଖଲାଜା ଡାନ୍ସ ରିଆଲିଟି ଶୋ'ର ସିଜନ୍ ୧୦ରେ ଅଂଶଗ୍ରହଣ କରିଛନ୍ତି।

## ଚାଇନାରେ ବିରଳ ଇନ୍ଦ୍ରଧନୁ



**ବେଜିଂ:** ଚାଇନାର ହାଇନାନ ପ୍ରଦେଶରେ ଥିବା ହାଇକୋଉର ଆକାଶରେ ବିରଳ ଧରଣର ଇନ୍ଦ୍ରଧନୁ ଦେଖିବାକୁ ମିଳିଛି। ଏହି ବିରଳ ଇନ୍ଦ୍ରଧନୁର ନାମ ରହିଛି ପିଲେଉସ୍। ସୋସିଆଲ ମିଡିଆରେ ଏହି ଇନ୍ଦ୍ରଧନୁ ଫଟୋ ଭାଇରାଲ ହେବାରେ ଲାଗିଛି। ସାଧାରଣ ଇନ୍ଦ୍ରଧନୁର ଆକାରଠାରୁ ଏହାର ଆକୃତି ଭିନ୍ନ। ବିଶାଳ ଆକାଶରେ ଏହା ଏକ ମୁକୁଟ ସଦୃଶ ଦେଖାଯାଉଥିଲା।

## ଦୁବାଇର ସବୁଠୁ ଦାମୀ ଘର କିଣିଲେ ଅନନ୍ତ ଅମ୍ବାନୀ

**ନୂଆଦିଲ୍ଲୀ:** ରିଲାଏନ୍ସ ଗ୍ରୁପ୍‌ର ମାଲିକ ମୁକେଶ ଅମ୍ବାନୀଙ୍କ ସାନ ପୁଅ ଅନନ୍ତ ଅମ୍ବାନୀ ଦୁବାଇର ସବୁଠାରୁ ଦାମୀ ଘର କିଣିଛନ୍ତି। ସମୁଦ୍ରକୂଳରେ ଏହି ଘର ରହିଥିବାବେଳେ ଏହାକୁ ୮୦ ମିଲିୟନ୍ ଡଲାର ବିନିମୟରେ କିଣାଯାଇଛି। ଦୁବାଇର ପାଲ୍ମ ଜୁମେରାହରେ ଏହି ପ୍ରପର୍ଟି ରହିଥିବାବେଳେ ଚଳିତ ବର୍ଷ ମୁକେଶଙ୍କ ସାନ ପୁଅ ଏହାକୁ କିଣିଛନ୍ତି। ସୂଚନାଯୋଗ୍ୟ ଅମ୍ବାନୀ ପରିବାର ଏହି ଡିଲ୍‌କୁ ଗୋପନୀୟ ରଖିବାକୁ ଚାହୁଁଥିଲେ।

## ବିନା ମେକ୍‌ଅପ୍‌ରେ ମିସ୍ ଇଂଲଣ୍ଡ ଫାଇନାଲିଷ୍ଟ



**ଲଣ୍ଡନ:** ପ୍ରତ୍ୟେକ ସୁନ୍ଦରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ମଡେଲ ମେକ୍‌ଅପ୍ ତଥା ପ୍ରସାଧନ ସାମଗ୍ରୀ ବ୍ୟବହାର କରିଥାନ୍ତି। କିନ୍ତୁ ମିସ୍ ଇଂଲଣ୍ଡ ପ୍ରତିଯୋଗିତାରେ ଜଣେ କଣ୍ଟେଷ୍ଟାଣ୍ଟ ବିନା ମେକ୍‌ଅପ୍‌ରେ ଫାଇନାଲିଷ୍ଟ ହୋଇଛନ୍ତି। ସୁନ୍ଦରୀ ପ୍ରତିଯୋଗିତା ଇତିହାସରେ ଏ ପ୍ରକାର ଘଟଣା ପ୍ରଥମ ଥର ପାଇଁ ଦେଖିବାକୁ ମିଳିଛି। ୨୦ ବର୍ଷୀୟା ମେଲିଶା ରାଓଉଫ୍ ମିସ୍ ଇଂଲଣ୍ଡ ପ୍ରତିଯୋଗିତାରେ ସେମି ଫାଇନାଲିଷ୍ଟ ହୋଇଛନ୍ତି। ରାଜନୀତି ପାଠ୍ୟକ୍ରମ ପଢୁଥିବା ମେଲିଶାଙ୍କ ସହ ଆହୁରି ୪୦ ଜଣ ପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ଅକ୍ଟୋବରରେ ମିସ୍ ଇଂଲଣ୍ଡ ପ୍ରତିଯୋଗିତାର ବିଜୟିନୀଙ୍କ ନାମ ଘୋଷଣା କରାଯିବ। ମେଲିଶା ହେଉଛନ୍ତି ବିଶ୍ୱର ପ୍ରଥମ ପ୍ରତିଯୋଗୀ ଯେ ଏ ପ୍ରକାର ନିଆରା ଢଙ୍ଗରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ନିଜ ତ୍ୱଚାକୁ ନେଇ ଯଦି ଆମେ ଖୁସି ତେବେ ତାକୁ ମେକ୍‌ଅପ୍ ଦ୍ୱାରା ଢାଙ୍କିବାର କୌଣସି ପ୍ରୟୋଜନ ନାହିଁ ବୋଲି ମେଲିଶା କୁହନ୍ତି। ପ୍ରତିଯୋଗିତାର ଫାଇନାଲରେ ମଧ୍ୟ ମେଲିଶା ବ୍ୟୁଟି ପ୍ରଡକ୍ଟ ବ୍ୟବହାର କରିବେ ନାହିଁ ବୋଲି କହିଛନ୍ତି।

# କଳ୍ପନାଙ୍କୁ ନେଇ ବଢୁଛି ଚର୍ଚ୍ଚା

## ଝାଡ଼ଖଣ୍ଡ ବୋହୂ ଓଡ଼ିଶା ଝିଅ



ବାରିପଦା ଅଫିସ,୨୮।୮

ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲା ରାଇରଙ୍ଗପୁରକୁ ନେଇ ପୁଣି ଏବେ ଚର୍ଚ୍ଚା ଜୋର ଧରିଛି। ଏହି ମାଟିର ଝିଅ କଳ୍ପନା ସୋରେନ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେବା ନେଇ ଆଶା ଉଦ୍ରେକ ହୋଇଛି। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ବିଧାୟକ ପଦ ରଦ୍ଦ ଆଶଙ୍କା ଭିତରେ ସ୍ତ୍ରୀ କଳ୍ପନା ମୁଖ୍ୟମନ୍ତ୍ରୀ ହେବା ନେଇ ଆଲୋଚନା ହେଉଛି। କଳ୍ପନା ଝାଡ଼ଖଣ୍ଡର ବୋହୂ ହୋଇଥିଲେ ମଧ୍ୟ ଓଡ଼ିଶା ତଥା ମୟୂରଭଞ୍ଜ ମାଟିର ଝିଅ ହୋଇଥିବାରୁ ସେ ମୁଖ୍ୟମନ୍ତ୍ରୀ ହେଲେ ରାଜ୍ୟ ପାଇଁ ଗୌରବର ବିଷୟ ପାଲଟିବ।

କଳ୍ପନାଙ୍କ ବାପଘର ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସଦର ମହକୁମା ବହଳଦା ବ୍ଲକ ବାସିଙ୍ଗା ପଞ୍ଚାୟତ ଅନ୍ତର୍ଗତ ତେନ୍ତଲା ଗ୍ରାମରେ। ତାଙ୍କ ବାପା ଆନମ୍ପା ମାଝି ଭାରତୀୟ ସେନାରେ ଚାକିରି କରୁଥିଲେ। ପଞ୍ଜାବର କପୁରଥାଲାରେ ଆନମ୍ପା ଚାକିରି କରୁଥିବା ବେଳେ କଳ୍ପନା ଜନ୍ମଗ୍ରହଣ କରିଥିଲେ। ବାପାଙ୍କ ଚାକିରି ସମୟରେ କୋଲକାତା, ଅମ୍ବାଲା, ଆହ୍ଲାହାବାଦ, ଶ୍ରୀନଗର ଆଦି ବିଭିନ୍ନ ସହରରେ କଳ୍ପନା ପାଠ ପଢ଼ିଛନ୍ତି। ପରବର୍ତ୍ତୀ ସମୟରେ ସେ ବାରିପଦା କେନ୍ଦ୍ରୀୟ ବିଦ୍ୟାଳୟର ଦଶମ ଶ୍ରେଣୀରେ ଓ ବାରିପଦାର ଏମ୍‌ପିସି ଜୁନିଅର କଲେଜରେ ଯୁକ୍ତ ୨ ପଢ଼ିଛନ୍ତି। ଏହା ପରେ କଳ୍ପନା ଭୁବନେଶ୍ୱରସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ବି-ଟେକ୍ କରିଥିଲେ। କୋଲକାତାରେ ଏମ୍‌ବିଏ ପାସ୍ କରିବା ପରେ ବାରିପଦାକୁ ଫେରିଆସି ମା'ବାପାଙ୍କ ସହ ରହୁଥିଲେ। ୨୦୦୬ ଫେବୃୟାରୀ ୭ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କ ପୁଅ ହେମନ୍ତଙ୍କ ସହ କଳ୍ପନାଙ୍କ ବିବାହ ବାରିପଦାରେ ହୋଇଥିଲା। ବିବାହ ପରେ ହେମନ୍ତଙ୍କ ସହ କଳ୍ପନା ଶାଶୁଘର ଝାଡ଼ଖଣ୍ଡକୁ ଚାଲି ଯାଇଥିଲେ। ଘର ସଂସାର ମଧ୍ୟରେ ନିଜକୁ ସୀମିତ ରଖି ରାଜନୀତିଠାରୁ ସେ ଦୂରରେ ରହୁଥିଲେ। ତେବେ ନିର୍ବାଚନ ପ୍ରଚାର ସମୟରେ ସେ ହେମନ୍ତଙ୍କୁ ସହଯୋଗ କରୁଥିଲେ। ତେବେ ବିବାଦୀୟ ଘଟଣାକ୍ରମେ ହେମନ୍ତଙ୍କ ବିଧାୟକ ପଦ ରଦ୍ଦ ହେବା ଆଶଙ୍କା ବଢ଼ିଚାଲିଛି। ଝାଡ଼ଖଣ୍ଡ ରାଜ୍ୟପାଳଙ୍କଠାରେ ନିଷ୍ପତ୍ତି ଅଟକି ଥିବା ବେଳେ କୌଣସି ମୁହୂର୍ତ୍ତରେ କଳ୍ପନା ମୁଖ୍ୟମନ୍ତ୍ରୀ ହେବା ନେଇ ଚର୍ଚ୍ଚା ଜୋର ଧରିଛି। କଳ୍ପନାଙ୍କୁ ନେଇ କେବଳ ଝାଡ଼ଖଣ୍ଡ ନୁହେଁ ଏବେ ଓଡ଼ିଶାରେ ମଧ୍ୟ ଚର୍ଚ୍ଚା ଜୋର ଧରିଛି। କାରଣ ରାଇରଙ୍ଗପୁର ମାଟିର ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହେବା ପରେ ପୁଣି ଏହି ଅଞ୍ଚଳର ଜଣେ ଆଦିବାସୀ ଝିଅ ମୁଖ୍ୟମନ୍ତ୍ରୀ ହେବା ସମସ୍ତଙ୍କୁ ଖୁସି ଆଣିଦେବ ବୋଲି ମୟୂରଭଞ୍ଜବାସୀ ଆଶାବାଦୀ ଅଛନ୍ତି।

# ହେମନ୍ତ ସୋରେନଙ୍କ ବୋଟ୍ ପିକ୍‌ନିକ୍‌କୁ ଭାଜପାର ସମାଲୋଚନା

ନୂଆଦିଲ୍ଲୀ,୨୮।୮

ଖଣି ଲିଜ୍ ମାମଲାରେ ସମ୍ପୃକ୍ତ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ବିଧାୟକ ପଦ ରଦ୍ଦ ଲାଗି ନିର୍ବାଚନ କମିଶନ ସୁପାରିସ କରିଥିବାବେଳେ ରାଜ୍ୟପାଳଙ୍କ ନିଷ୍ପତ୍ତିକୁ ଅପେକ୍ଷା ରହିଛି। ରାଜ୍ୟ ରାଜନୀତିରେ ସଙ୍କଟ ଦେଖାଦେଇଥିବାବେଳେ ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀ ସୋରେନ ଶାସକ ବିଧାୟକମାନଙ୍କୁ ଲକ୍‌ଜୁରିୟସ୍ ବସ୍‌ରେ ନେଇ ଖୁଣ୍ଟି ଜିଲା ଲତ୍ରାତୁ ଡ୍ୟାମ୍‌ରେ ନୌବିହାର କରିବା ଘଟଣାକୁ ଭାଜପା କଡ଼ା ସମାଲୋଚନା କରିଛି।



ବାବୁଲାଲ ମାରାଣ୍ଡି

ନିଜ ନାମରେ ଖଣି ଲିଜ୍ ନେଇଥିବା ମୁଖ୍ୟମନ୍ତ୍ରୀ ସୋରେନଙ୍କ ବିଧାୟକ ପଦ ରଦ୍ଦ ଲାଗି ଇସି ଶୁକ୍ରବାର ରାଜ୍ୟପାଳ ରମେଶ ବୈଶଙ୍କୁ ସୁପାରିସ କରିଥିଲେ। ତାଙ୍କ ବିରୋଧରେ ରାଜ୍ୟପାଳ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହାନ୍ତି। ରାଜନୈତିକ ଅନିଶ୍ଚିତତାକୁ ନେଇ ରାଜ୍ୟର ଶାସକ କଳ ଅଚଳ ହୋଇପଡ଼ିଥିବାବେଳେ ମୁଖ୍ୟମନ୍ତ୍ରୀ ପିକ୍‌ନିକରେ ବ୍ୟସ୍ତ ରହିବା ଲଜ୍ଜାଜନକ ଘଟଣା ବୋଲି ଭାଜପା ନେତା ବାବୁଲାଲ ମାରାଣ୍ଡି ରବିବାର କହିଛନ୍ତି। ରାଜ୍ୟପାଳ ସୋରେନଙ୍କ ସଭ୍ୟପଦ ରଦ୍ଦ କରିବା ପୂର୍ବରୁ ସେ ନିଜ ପଦରୁ ଇସ୍ତଫା ଦିଅନ୍ତୁ ବୋଲି ପୂର୍ବତନ ମନ୍ତ୍ରୀ ଭାନୁପ୍ରତାପ ଶାହି ଦାବି କରିଛନ୍ତି। ଅନ୍ୟପକ୍ଷରେ ଜେଏମ୍‌ଏମ୍ ନେତୃତ୍ୱାଧୀନ ଉପା ମେଣ୍ଟ ଇସ୍ତଫା ଦାବିକୁ ଅଗ୍ରାହ୍ୟ କରିଛି। ଶାସନ ଜାରି ରଖିବା ଲାଗି ବିଧାନସଭାରେ ସେମାନଙ୍କର ସଂଖ୍ୟାଗରିଷ୍ଠତା ରହିଥିବା ଉପା ପକ୍ଷରୁ କୁହାଯାଇଛି।

# ସଖୀକଣ୍ଢେଇ ଅଧ୍ୟକ୍ଷ ହେଲେ କଂଗ୍ରେସ ତିଷ୍ଠିବ ନାହିଁ: ଚଭନ

ନୂଆଦିଲ୍ଲୀ,୨୮।୮

କଂଗ୍ରେସ ଅଧ୍ୟକ୍ଷ ନିର୍ବାଚନ ଲାଗି ରବିବାର ତାରିଖ ଘୋଷଣା ହୋଇଥିବାବେଳେ ଯଦି ଜଣେ ସଖୀକଣ୍ଢେଇକୁ ଅଧ୍ୟକ୍ଷ ପଦରେ ବସାଇ ଦିଆଯାଏ, ତେବେ ଦଳ ତିଷ୍ଠିବ ନାହିଁ ବୋଲି ମହାରାଷ୍ଟ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ପୃଥ୍ୱୀରାଜ ଚଭନ ରବିବାର ସତର୍କ କରାଇ ଦେଇଛନ୍ତି। କେବଳ ଅଧ୍ୟକ୍ଷ ନୁହେଁ ସିଡବ୍ଲୁସି ସଦସ୍ୟଙ୍କ ସମେତ ସମସ୍ତ ପଦବୀ ଲାଗି ନିର୍ବାଚନ ହେବା ଆବଶ୍ୟକ ବୋଲି ଜି-୨୩ ଅସନ୍ତୁଷ୍ଟ ଗୋଷ୍ଠୀର ସଦସ୍ୟ ଚଭନ କହିଛନ୍ତି। ପଛଦ୍ୱାର ଦେଇ ଦଳକୁ ପରିଚାଳନା କରିବା ଆଉ ଚଳିବ ନାହିଁ। ସର୍ବପୁରାତନ ଦଳକୁ ରକ୍ଷା କରିବାକୁ ହେଲେ ଜରୁରୀ ପଦକ୍ଷେପ ଆବଶ୍ୟକ ବୋଲି ଚଭନ କହିଛନ୍ତି। ରାହୁଲ ଗାନ୍ଧୀ ଅଧ୍ୟକ୍ଷ ହେବାକୁ ଚାହୁଁ ନ ଥିବାବେଳେ ତାଙ୍କ ଉପରେ ଚାପ ନ ପକାଇ ବିକଳ୍ପ ବ୍ୟବସ୍ଥା କରାଯାଉ ଏବଂ ଭୋଟ ମାଧ୍ୟମରେ ନୂଆ ଅଧ୍ୟକ୍ଷ ନିର୍ବାଚନ କରାଯାଉ ବୋଲି ଅସନ୍ତୁଷ୍ଟ କଂଗ୍ରେସ ନେତା କହିଛନ୍ତି। ଅନ୍ୟପକ୍ଷରେ ରାହୁଲ ଗାନ୍ଧୀ ଖୁବ୍ ଶୀଘ୍ର ଦଳ ଅଧ୍ୟକ୍ଷ ହେବେ ବୋଲି ବରିଷ୍ଠ କଂଗ୍ରେସ ନେତା ହରିଶ ରାୱତ୍ କହିଛନ୍ତି।

# ଅଣସଙ୍ଗଠିତ ଶ୍ରମିକ କଂଗ୍ରେସରେ ଗୁରୁତ୍ୱପୂର୍ଣ୍ଣ ଭୂମିକା: ଶରତ

ଭୁବନେଶ୍ୱର, ୨୮।୮(ବ୍ୟୁରୋ)

କଂଗ୍ରେସର ଅଣସଂଗଠିତ ଶ୍ରମିକ କର୍ମଚାରୀ ସଂଘ ରାଜ୍ୟ ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ରବିବାର ଏକ ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ଭବନଠାରେ ଅନୁଷ୍ଠିତ ବୈଠକରେ ଅଣସଙ୍ଗଠିତ ଶ୍ରମିକ କର୍ମଚାରୀଙ୍କୁ ତୃଣମୂଳସ୍ତରରୁ କିଭଳି ସଙ୍ଗଠିତ କରାଯାଇପାରିବ ସେନେଇ ବୈଠକରେ ଆଲୋଚନା ହୋଇଥିଲା।

ସଭା ଆରମ୍ଭରେ ନିରଞ୍ଜନ ଲେଙ୍କା ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ପିସିସି ସଭାପତି ଶରତ ପଟ୍ଟନାୟକ ଯୋଗଦେଇ ତୃଣମୂଳ ସ୍ତରରେ କାର୍ଯ୍ୟକରୁଥିବା ସମସ୍ତ କର୍ମୀ ଓ ନେତୃତ୍ୱକୁ ଗୁରୁତ୍ୱ ଦେବାସହ ଆଗାମୀ



ଶରତ ପଟ୍ଟନାୟକ

ଦିନରେ ଅଣସଙ୍ଗଠିତ ଶ୍ରମିକ କଂଗ୍ରେସରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବେ ବୋଲି କହିଛନ୍ତି। ଏହାସହ ରାଜ୍ୟର ପ୍ରତ୍ୟେକ ଖଟିଖିଆ ଗରିବ ମେହନତି ମଣିଷ ଏବଂ ଚାଷୀ ମୂଲିଆଙ୍କୁ ସାମାଜିକ ସୁରକ୍ଷା ନିଶ୍ଚିତ କରିବା ପାଇଁ ବିଗତ ଦିନରେ କଂଗ୍ରେସ କରିଥିବା ସମସ୍ତ ଆଇନ ଓ ଯୋଜନାକୁ ଅଣଦେଖା କରାଯାଉଥିବା ବେଳେ ବର୍ତ୍ତମାନ ଆମକୁ ଏ କ୍ଷେତ୍ରରେ ସଂଗ୍ରାମ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଦରବୃଦ୍ଧି ଆକାଶଛୁଆଁ ହୋଇଥିବା ବେଳେ ବେରୋଜଗାରୀ ମହାମାରୀରୂପ ନେଉଛି। ଫଳରେ ଏମାନଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଛି।

ସେପ୍ଟେମ୍ବର ୪ ମହଙ୍ଗାଇ ବିରୋଧରେ ଦିଲ୍ଲୀ ଚଲୋ ଅଭିଯାନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି। ତେଣୁ ଆଗାମୀ ଦିନରେ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିବା ସହିତ ରାଜ୍ୟରେ ନବୀନ ଏବଂ କେନ୍ଦ୍ରରେ ମୋଦି ସରକାରଙ୍କୁ ସମାଲୋଚନା କରଛନ୍ତି।



ଗୁଜରାଟର ଭୁଜରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି।

## କଂଗ୍ରେସ ଛାଡ଼ିଲେ ତେଲଙ୍ଗାନା ନେତା ଏମ୍.ଏ. ଖାନ୍

**ହାଇଦ୍ରାବାଦ,୨୮।୮:** ଜଣକ ପରେ ଜଣେ ବରିଷ୍ଠ ନେତା କଂଗ୍ରେସ ଛାଡ଼ିବାରେ ଲାଗିଛନ୍ତି। ତେଲଙ୍ଗାନାର ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏମ୍.ଏ. ଖାନ୍ ଶନିବାର ଦଳରୁ ଇସ୍ତଫା ଦେଇଛନ୍ତି। ୪ ଦଶନ୍ଧି ଧରି ଦଳ ପାଇଁ କାର୍ଯ୍ୟ କରିଥିବା ଖାନ୍ ତାଙ୍କ ଇସ୍ତଫାପତ୍ରରେ ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରିଛନ୍ତି। ରାହୁଲ ଦଳର ଉପାଧ୍ୟକ୍ଷ ହେବା ଦିନଠାରୁ ଏହାର ପତନ ଆରମ୍ଭ ହୋଇଥିଲା ବୋଲି ସେ କହିଛନ୍ତି। ଦଳୀୟ ନେତୃତ୍ୱ ତୃଣମୂଳ ସ୍ତର କ୍ୟାଡରକୁ ସକ୍ରିୟ କରିବା ଲାଗି କୌଣସି ପଦକ୍ଷେପ ନେଉନାହାନ୍ତି, ଯେଉଁଥିପାଇଁ ଜଣକ ପରେ ଜଣେ ବରିଷ୍ଠ ନେତା ଦଳ ଛାଡ଼ିବାକୁ ବାଧ ହେଉଛନ୍ତି ବୋଲି ଖାନ୍ କହିଛନ୍ତି।

**ରାଜ୍ୟ ଖବର**

# ଗଣେଶ ମୂର୍ତ୍ତି ନିର୍ମାଣକୁ ନେଇ ପୋଲିସ-କାରିଗର ମୁହାଁମୁହିଁ



## ହାଇକୋର୍ଟରେ ମାମଲା

କଟକ ଅଫିସ, ୨୮।୮

କରୋନା ମହାମାରୀ ପାଇଁ ଦୁଇବର୍ଷ ମୂର୍ତ୍ତି କାରିଗରମାନେ ହାତ ବାନ୍ଧି ଘରେ ବସିଥିଲେ। କରୋନା ସ୍ଥିତିରେ ସୁଧାର ଆସିବା ପରେ ଚଳିତବର୍ଷ ଜାକଜମକରେ ଗଣେଶ ପୂଜା ପାଳନ କରାଯିବ। ଏଥିପାଇଁ କାରିଗରମାନେ ମୂର୍ତ୍ତି ନିର୍ମାଣରେ ଲାଗିପଡିଛନ୍ତି। ହେଲେ ପୋଲିସର କାର୍ଯ୍ୟାନୁଷ୍ଠାନ ଯୋଗୁ ସେମାନଙ୍କ ବ୍ୟବସାୟ ପ୍ରଭାବିତ ହୋଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପୋଲିସ ଓ ମୂର୍ତ୍ତି କାରିଗର ମୁହାଁମୁହିଁ ହୋଇଛନ୍ତି। କାରିଗରମାନେ ବିକୃତ ମୂର୍ତ୍ତି ନିର୍ମାଣ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ ତାଗିଦ୍ କରିଛି। ଏହାକୁ ଚ୍ୟାଲେଞ୍ଜ କରି କଟକ ଶିଳ୍ପୀ କୁମ୍ଭାରସାହିର ମୂର୍ତ୍ତି କାରିଗର ନାରାୟଣ ମୁଦୁଲି ଶୁକ୍ରବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପୋଲିସ ମୂର୍ତ୍ତି କାରିଗରଙ୍କୁ ନିର୍ଯାତନା ଦେବା ସହ ମାନ ହାନି ହୋଇଥିବା ନେଇ ମାମଲା ରୁଜୁ ହୋଇଛି। କେତେଜଣ କାରିଗରଙ୍କୁ ହଠାତ୍ ଘରୁ ଉଠାଇ ନେଇ ଥାନାରେ କିଛି ଘଣ୍ଟା ଅଟକ ରଖାଯାଇଥିଲା। ଏପରି କି ପୋଲିସ କାରିଗରଙ୍କୁ ଧମକ ଦେଇଥିବା ନେଇ ପିଟିଶନରେ ଉଲ୍ଲେଖ କରାଯାଇଛି। ଏହାସହିତ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଆବେଦନକାରୀ ମୁଦୁଲି ହାଇକୋର୍ଟଙ୍କୁ ନିବେଦନ କରିଛନ୍ତି। ଏହି ମାମଲାରେ ରାଜ୍ୟ ଗୃହ ସଚିବ, ପୋଲିସ ମହାନିର୍ଦ୍ଦେଶକ, କଟକ ଡିସିପି, ପୁରୀଘାଟ ଥାନା ଅଧିକାରୀ ଓ କଟକ ଜିଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆସନ୍ତା ସୋମବାର ମାମଲାର ଶୁଣାଣି ହେବ ବୋଲି ଜଣାପଡିଛି।

ଶିଳ୍ପୀ ଦେବେନ୍ଦ୍ର ମୁଦୁଲି କହିଛନ୍ତି, ଯେଉଁ ବିକୃତ ଗଣେଶ ମୂର୍ତ୍ତିକୁ ନେଇ ପୋଲିସ ତାଗିଦ୍ କରୁଛି, ତାହା ପୂର୍ବରୁ ଅନେକ ମଣ୍ଡପରେ ପୂଜା କରାଯାଇଛି। ଏହା କୌଣସି ଧାର୍ମିକ ଭାବନାକୁ ଆଘାତ ଦେଉନାହିଁ। ରୁଦ୍ର ଗଣେଶ, ଗଣେଶଙ୍କ ଶିବ ଅବତାର ଆଦିକୁ ନେଇ ମୂର୍ତ୍ତି ତିଆରି କରିଛୁ। ହେଲେ ହଠାତ୍ ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନ ଆମର ସମ୍ମାନ ହାନି କରିଛି। ଏ ନେଇ ଡିସିପି ପିନାକ ମିଶ୍ର କହିଛନ୍ତି, ପୋଲିସ ପକ୍ଷରୁ ତାଙ୍କୁ କୌଣସି ଗାଳିଗୁଲଜ କରାଯାଇନାହିଁ। ବିକୃତ ମୂର୍ତ୍ତି ନିର୍ମାଣ ନ କରିବା ପାଇଁ କେବଳ ତାଙ୍କୁ ତାଗିଦ କରାଯାଇଥିଲା। ଏହା ଉପରେ ଧ୍ୟାନ ଦେଇ ମୂର୍ତ୍ତି ନିର୍ମାଣ କରିବା ପାଇଁ ବିଭିନ୍ନ ପୂଜା କମିଟି କର୍ମକର୍ତ୍ତାଙ୍କୁ କୁହାଯାଇଛି।

# ଧରାପଡ଼ିଲେ ୩ ଦୁର୍ଦ୍ଧର୍ଷ ମାଓବାଦୀ



ଧରାପଡ଼ିଥିବା ୩ ମାଓବାଦୀ।

ମାଲକାନଗିରି,୨୮।୮(ସ୍ୱ.ପ୍ର.)

ମହାରାଷ୍ଟ୍ର ଗଡଚିରୋଲି ପୋଲିସ ହାତରେ ଧରା ପଡିଛନ୍ତି ୩ ଜଣ ଦୁର୍ଦ୍ଧର୍ଷ ମାଓବାଦୀ। ମହାରାଷ୍ଟ୍ର ସୀମାନ୍ତ କୋୟାର ଜଙ୍ଗଲରେ ଶନିବାର ସିଆରପିଏଫ୍-୬୦ବାହିନୀ ପକ୍ଷରୁ ମିଳିତ କୋମ୍ବିଂ ଅପରେଶନ ଚାଲିଥିବା ବେଳେ ମାଓବାଦୀଙ୍କ ସହ ଯବାନ ମୁହାଁମୁହିଁ ହୋଇଥିଲେ। ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ଉଭୟ ପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ପରେ ୩ଜଣ ଦୁର୍ଦ୍ଧର୍ଷ ମାଓବାଦୀ ପୋଲିସ ହାତରେ ଧରା ପଡିଥିଲେ। ଏହି ୩ଜଣ ହେଲେ ରମେଶ ସୟାବି ପାଲ୍ଲୋ, ରେନୁ ନାରୋଟେ ଓ ଶଶୀ ସମରୁ ପୁଙ୍ଗାଟି। ଏମାନଙ୍କ ନାମରେ ପୂର୍ବରୁ ମହାରାଷ୍ଟ୍ର ସରକାର ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ତେଲଙ୍ଗାନା, ଛତିଶଗଡ ଓ ମହାରାଷ୍ଟ୍ରର ବିଭିନ୍ନ ସ୍ଥାନରେ ସମ୍ପୃକ୍ତ ମାଓବାଦୀମାନେ ଅନେକ ହିଂସା ଘଟାଇଥିବା ଗଡଚିରୋଲି ଏସ୍‌ପି କହିଛନ୍ତି।

# ଯାଞ୍ଚ କରିବ ଶ୍ରୀମନ୍ଦିର ପରିଚାଳନା କମିଟି

## ଅରୁଣସ୍ତମ୍ଭରେ ସୂକ୍ଷ୍ମ ଫାଟ ନେଇ ଚର୍ଚ୍ଚା

- କିଛି ନୂଆ ଘଟଣା ଘଟିନାହିଁ: ସେବାୟତ
- ପଦକ୍ଷେପ ପାଇଁ ବିଚାର କରୁଛି ଏଏସ୍ଆଇ

ପୁରୀ ଅଫିସ,୨୮।୮

ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ଅରୁଣସ୍ତମ୍ଭରେ ଥିବା କିଛି ସୂକ୍ଷ୍ମ ଫାଟକୁ ନେଇ ଚର୍ଚ୍ଚା ଚାଲିଛି। ଅନ୍ୟପକ୍ଷରେ ସମ୍ପୃକ୍ତ ଫାଟ ୧୯୭୦-୭୫ ମସିହାଠାରୁ ଦେଖିବାକୁ ମିଳୁଥିବା ଶ୍ରୀମନ୍ଦିରର କେତେଜଣ ସେବାୟତ କହିଛନ୍ତି। ତେବେ ଦୀର୍ଘବର୍ଷ ଧରି ସେହି ସ୍ଥାନଗୁଡ଼ିକୁ ମରାମତି କାହିଁକି କରାଯାଉନାହିଁ ବୋଲି ଭକ୍ତଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅରୁଣସ୍ତମ୍ଭ ଗୋଟିଏ କଳା ମୁଗୁନି ପଥରରେ ନିର୍ମିତ। ଏହା ଭୂମିଠାରୁ ପ୍ରାୟ ୧୭ ଫୁଟ୍ ଉଚ୍ଚରେ ପୂର୍ବମୁହାଁ ହୋଇ ରହିଛି। ବାଇଶିପାହାଚ ପଟକୁ ଥିବା ଅରୁଣସ୍ତମ୍ଭର ଭାଗରେ ଏଭଳି ତିନୋଟି ସ୍ଥାନ ରହିଛି, ଯେଉଁଠାରେ ଗାର ପଡ଼ିବା ପରି ସୂକ୍ଷ୍ମ ଫାଟ ହୋଇଥିବା ଦେଖାଯାଉଛି। ଏସମ୍ପର୍କରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍ଆଇ)ର ପୁରୀ ସର୍କଲ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ପ୍ରାୟ ୧୯୭୦ ମସିହାଠାରୁ ରହିଥିବା ସମ୍ପୃକ୍ତ ସ୍ଥାନକୁ ଅଧିକାରୀ ଓ ସେବାୟତମାନେ ଦେଖୁଛନ୍ତି। ଏହା ଆଦୌ ନୂଆ ନୁହେଁ। ଏହାକୁ ଫାଟ କିମ୍ବା ଖାଲ ବୋଲି କୁହାଯାଇପାରିବ ନାହିଁ। ଏତେ ଦୀର୍ଘବର୍ଷ ଧରି ଗୋଟିଏ ପଥର ମୂଳରୁ ଶେଷ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପଲିସ ରହିବା ସମ୍ଭବପର ନୁହେଁ। ତେବେ ଏନେଇ କ'ଣ ପଦକ୍ଷେପ ନିଆଯାଇପାରିବ ସେ ସଂକ୍ରାନ୍ତରେ ଏଏସ୍ଆଇ ବିଚାର କରୁଛି। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଦୁର୍ଗାଦାସ ମହାପାତ୍ର କହିଛନ୍ତି, ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏନେଇ ଚର୍ଚ୍ଚା ଚାଲିଛି। ତେବେ କାହାକୁ ଫାଟ ବୋଲି କୁହାଯାଉଛି ସେନେଇ ପ୍ରଥମେ ସ୍ପଷ୍ଟ ହେବା ଦରକାର। କିଏ ଏ ସଂକ୍ରାନ୍ତରେ ଅନୁସନ୍ଧାନ କଲେ ତାହା ଜାଣିବାକୁ ଚାହିଁବୁ। କୌଣସି ଏଜେନ୍ସି, ଏଏସ୍ଆଇ ଟିମ୍ କିମ୍ବା ଚୂନରା ସେବାୟତଙ୍କ ପକ୍ଷରୁ ଯଦି ଅରୁଣସ୍ତମ୍ଭ ଯାଞ୍ଚ କରି ସମ୍ପୃକ୍ତ ସ୍ଥାନ ଚିହ୍ନଟ କରାଯାଇଛି, ତେବେ ତାହା ପ୍ରଥମେ ସାର୍ବଜନୀନ ହେବା ଦରକାର। ସୋମବାର (୨୯ ତାରିଖ) ଶ୍ରୀମନ୍ଦିର ପରିଚାଳନା କମିଟିର ବିଭିନ୍ନ ନିଯୋଗ ସହ ଆଲୋଚନା ରହିଛି। ଉକ୍ତ ବୈଠକରେ ଚୂନରା ସେବାୟତଙ୍କୁ ଏ ସମ୍ପର୍କରେ ପଚରାଯିବ ଓ ଘଟଣାର ସତ୍ୟତା ଯାଞ୍ଚ କରାଯିବ। ଅନ୍ୟପକ୍ଷରେ ସେବାୟତ ରାଜକିଶୋର ପତି କହିଛନ୍ତି, କୌଣସି ନୂଆ ଘଟଣା ଘଟିନାହିଁ। ଗଣମାଧ୍ୟମ ପ୍ରାୟ ପ୍ରତିବର୍ଷ ଏହି ପ୍ରସଙ୍ଗ ନିଜେ ଉଠାଉଛି। ଫାଟ କଥା ସତ ନୁହେଁ। ଏଏସ୍ଆଇ ଚାହିଁଲେ ଏହାକୁ ସାମାନ୍ୟ ପଲିସ କରିପାରିବ, ଯାହାଫଳରେ ଅରୁଣସ୍ତମ୍ଭ ଅଧିକ ସୁନ୍ଦର ଦିଶିବ ବୋଲି ସେ ମତ ପ୍ରକାଶ କରିଛନ୍ତି।

# ୫୬ ଡିଏସ୍‌ପିଙ୍କ ଅଦଳବଦଳ

କଟକ ଅଫିସ,୨୮।୮

ଓଡ଼ିଶା ରାଜ୍ୟ ପୋଲିସରେ ଶୁକ୍ରବାର ବଡ଼ ଧରଣର ଅଦଳବଦଳ ହୋଇଛି। ରାଜ୍ୟ ପୋଲିସ ଏଷ୍ଟାବ୍ଲିଶମେଣ୍ଟ ବୋର୍ଡର ନିଷ୍ପତ୍ତି ଅନୁଯାୟୀ ଡିଏସ୍‌ପି ର୍‍ୟାଙ୍କକୁ ପଦୋନ୍ନତି ପାଇଥିବା ସତ୍ତ୍ୱେ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ୫୬ ପୋଲିସ ଅଧିକାରୀଙ୍କୁ ସିଟୁ ପ୍ରମୋଶନ ଦିଆଯାଇ ଡିଏସ୍‌ପି ଭାବେ ବଦଳି ଓ ନିଯୁକ୍ତି ଦିଆଯାଇଛି। କମିଶନରେଟ ପୋଲିସରେ କାର୍ଯ୍ୟରତ ଅମିତାଭ ମହାପାତ୍ର, ବିଶ୍ୱରଞ୍ଜନ ସେନାପତି, ପ୍ରଦୀପ କୁମାର ରାଉତ ଓ ହିମାଂଶୁ ଭୂଷଣ ସ୍ୱାଇଁଙ୍କୁ ଭୁବନେଶ୍ୱର-କଟକ ଏସିପି ଭାବେ ବଦଳି କରାଯାଇଛି। ଚନ୍ଦ୍ରଶେଖର ଶବରଙ୍କୁ କଳାହାଣ୍ଡିରୁ ନୂଆପଡ଼ା ଏସ୍‌ଡିପିଓ, ଅକ୍ଷୟ କୁମାର ନାୟକ ବ୍ରହ୍ମପୁର ମୁଖ୍ୟାଳୟ, ପ୍ରଦୀପ କୁମାର ଦାସଙ୍କୁ ବିପିଏସ୍‌ପିଏରୁ ଆଇୟୁସିଏଡବ୍ଲ୍ୟୁ ସମ୍ବଲପୁର, କ୍ଷମାସାଗର ପଣ୍ଡାଙ୍କୁ ମୟୂରଭଞ୍ଜ ହୋମ୍‌ଗାର୍ଡ ଡିଏସ୍‌ପି ଭାବେ ବଦଳି କରାଯାଇଛି। କୁମାରୀ ଅସ୍ମିତା ପାରମିତାଙ୍କୁ ଟିଟିଆଇ ଭୁବନେଶ୍ୱରରୁ ପୁରୀ ଆଇଏଏଚ୍‌ଟିୟୁ, ଅଭିନବ ଡାଲୁଆଙ୍କୁ ଢେଙ୍କାନାଳରୁ ରାଉରକେଲା ମୁଖ୍ୟାଳୟ, ମନୋରଞ୍ଜନ ଚୌଧୁରୀଙ୍କୁ କେନ୍ଦ୍ରାପଡ଼ାରୁ ଜଗତ୍‌ସିଂହପୁର ଡିଆଇବି, ଅମୃତ ନନ୍ଦିନୀ ମହାନ୍ତିଙ୍କୁ ଦେବଗଡ଼ରୁ ସୁନ୍ଦରଗଡ଼ ପିସିଆର ସେଲ୍, ତିଳୋତ୍ତମା ରାଉତଙ୍କୁ ମୟୂରଭଞ୍ଜରୁ ପୁରୀ ପିସିଆର୍ ସେଲ୍, ସୁମିତ୍ରା ଜେନାନଙ୍କୁ ଆଇୟୁସିଏଡବ୍ଲ୍ୟୁ କୋରାପୁଟ, ବୈକୁଣ୍ଠ ବିହାରୀ ସେଠଙ୍କୁ ଝାରସୁଗୁଡ଼ାରୁ ସୁବର୍ଣ୍ଣପୁର ଡିଆଇବି, ଦୀପ୍ତିମୟୀ ମଲ୍ଲିକଙ୍କୁ ସିଆଇଡି କ୍ରାଇମବ୍ରାଞ୍ଚରୁ ଭୁବନେଶ୍ୱର ନାର୍କୋଟିକ୍ସ ୟୁନିଟକୁ ବଦଳି କରାଯାଇଛି। ମୁକ୍ତି କୁମାର କୁଲୁଙ୍କୁ ମୟୂରଭଞ୍ଜରୁ କଳାହାଣ୍ଡି ଆଇୟୁସିଏଡବ୍ଲ୍ୟୁ, ଝେଲମ୍ ଜେନାଙ୍କୁ ଭୁବନେଶ୍ୱର ନାର୍କୋଟିକ୍ସ ୟୁନିଟ, ବିଜୟ କୁମାର ଓରାମ୍‌ଙ୍କୁ ରାଉରକେଲା ଡିଆଇବି, ଦୁର୍ଗା ମାଧବ ପ୍ରଧାନଙ୍କୁ ବରଗଡ଼ରୁ ବୁର୍ଲା ବିଟିଆଇ, ଅର୍ପିତା ଖଟୁଆଙ୍କୁ ସୁନ୍ଦରଗଡ଼ରୁ ସ୍ପେଶାଲ ବ୍ରାଞ୍ଚ, ଶୁଭେନ୍ଦୁ କୁମାର ଶବରଙ୍କୁ ନବରଙ୍ଗପୁରରୁ ଉମରକୋଟ ଏସ୍‌ଡିପିଓ ଭାବେ ବଦଳି କରାଯାଇଛି। ଆଲାମ ଲାକ୍ରାଙ୍କୁ କେନ୍ଦୁଝରରୁ ବ୍ରହ୍ମପୁର ମୁଖ୍ୟାଳୟ, ସୁନୀତା ଖେସ୍‌ଙ୍କୁ ସିଆଇଡି କ୍ରାଇମ୍‌ବ୍ରାଞ୍ଚରୁ ବୁର୍ଲା ବିଟିଆଇ, ସଞ୍ଜୁକ୍ତା ବରାଳଙ୍କୁ ନୂଆପଡ଼ାରୁ ବୌଦ୍ଧ ମୁଖ୍ୟାଳୟ, ତପସ୍ୱିନୀ କୋହ୍ଲାରଙ୍କୁ ନୟାଗଡ଼ ଡିଆଇବି ଏବଂ ବିପିନ ବିହାରୀ ମେହେରଙ୍କୁ ବଲାଙ୍ଗୀର ଆଇୟୁସିଏଡବ୍ଲ୍ୟୁ ଭାବେ ବଦଳି କରାଯାଇଛି।

ଜୟନାରାୟଣ ପଟେଲଙ୍କୁ ଅନୁଗୋଳ ପିଟିସି, ସୁଶାନ୍ତ କୁମାର ତାଡିଆଙ୍କୁ ରାୟଗଡ଼ା ମୁଖ୍ୟାଳୟ, ହେମନ୍ତ ରାଓଙ୍କୁ ଆଇୟୁସିଏଡବ୍ଲ୍ୟୁ ନୟାଗଡ଼, ଗୌରାଙ୍ଗ ଚରଣ ସାହୁଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟାଳୟ, କମଳ କୁମାର ପଣ୍ଡାଙ୍କୁ ସମ୍ବଲପୁରରୁ ଆଇୟୁସିଏଡବ୍ଲ୍ୟୁ କନ୍ଧମାଳ, ସଞ୍ଜୟ କୁମାର ପଟ୍ଟନାୟକଙ୍କୁ ଖୋର୍ଦ୍ଧାରୁ ଯାଜପୁର ରୋଡ୍ ଏସ୍‌ଡିପିଓ, ସସ୍ମିତା ବାରିକଙ୍କୁ ଆଇୟୁସିଏଡବ୍ଲ୍ୟୁ ଢେଙ୍କାନାଳ, ମିନତି ବିଶ୍ୱାଳଙ୍କୁ ମୟୂରଭଞ୍ଜରୁ ଯାଜପୁର ଜିଲା ମୁଖ୍ୟାଳୟ, ରମାକାନ୍ତ ମହାଳିକଙ୍କୁ ଖୋର୍ଦ୍ଧାରୁ ଅନୁଗୋଳ ଏସ୍‌ଡିପିଓ, ରେଣୁକା ସୁନାଙ୍କୁ କଳାହାଣ୍ଡିରୁ କୋରାପୁଟ ପିସିଆର୍ ସେଲ୍‌କୁ ବଦଳି କରାଯାଇଛି। ଏଥିସହ କଳ୍ପନା ସାହୁ ଏବଂ ରତ୍ନପ୍ରଭା ଶତପଥୀଙ୍କୁ ସିଆଇଡି କ୍ରାଇମବ୍ରାଞ୍ଚ କଟକ, କାଳନ୍ଦୀ ବେହେରାଙ୍କୁ ପୁରୀରୁ ଭୁବନେଶ୍ୱର ଏସ୍‌ସିଆର୍‌ବି, ପ୍ରଶାନ୍ତ କୁମାର ବେହେରାଙ୍କୁ କନ୍ଧମାଳରୁ ଆନନ୍ଦପୁର ଏସ୍‌ଡିପିଓ, ଦ୍ରୌପଦୀ ଦାସଙ୍କୁ ବାଲେଶ୍ୱରରୁ ସୁନ୍ଦରଗଡ଼ ଜିଲା ମୁଖ୍ୟାଳୟ, ରମାକାନ୍ତ ଜେନାଙ୍କୁ ବଲାଙ୍ଗୀରରୁ କଳାହାଣ୍ଡି ଡିଆଇବି, ସ୍ମିତାମଞ୍ଜରୀ ମଲ୍ଲିକଙ୍କୁ ନବରଙ୍ଗପୁରରୁ କୋରାପୁଟ ଡିଆଇବିକୁ ବଦଳି କରାଯାଇଛି। ଇଣ୍ଟେଲିଜେନ୍ସ ସ୍ପେଶାଲ୍ ବ୍ରାଞ୍ଚ ଡିଏସ୍‌ପି ବିଶ୍ୱଜିତ ମହାନ୍ତି, ଶାରଦା ପ୍ରସନ୍ନ ପ୍ରଧାନ, କହ୍ନେଇ ଚରଣ ସେଠୀ, ସୁବ୍ରତ କୁମାର ମଲ୍ଲିକ, ପ୍ରେମାନନ୍ଦ ଲେଙ୍କା ଓ ମାନସ ରଞ୍ଜନ ଦାସଙ୍କୁ ସମାନ ସ୍ଥାନରେ ଏବଂ ପୁଲସ୍ତି ଛତ୍ରିଆ, ଭାଗ୍ୟଲକ୍ଷ୍ମୀ ପୁହାଣ, ଜୟନ୍ତୀ ଦଳେଇ, ରୀନା ସେଠୀ, ଦୀନବନ୍ଧୁ ବେହେରା, ସୋମନାଥ ବାରିକଙ୍କୁ ଭିଜିଲାନ୍ସକୁ ବଦଳି କରାଯାଇଥିବା ଜଣାଯାଇଛି।

# ଭାରତୀୟ କ୍ରୀଡ଼ା: ୭୫ ବର୍ଷର ଉପଲବ୍ଧି



ଅଶୋକ ମହାନ୍ତି

**ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଦେଶ "ଅମୃତ ମହୋତ୍ସବ" ପାଳନ କରୁଥିବା ସମୟରେ ଗତ ବର୍ମିଂହାମ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ଐତିହାସିକ ସଫଳତା ନିଶ୍ଚିତ ଭାବେ ଭବିଷ୍ୟତ ପାଇଁ ଶୁଭ ସଙ୍କେତ ଏହି ଅବସରରେ ଭାରତୀୟ କ୍ରୀଡ଼ାର ବିଗତ ୭୫ ବର୍ଷର ଯାତ୍ରା ସମ୍ବନ୍ଧରେ ଏକ ଆଲେଖ୍ୟ...**

ଇଂଲଣ୍ଡର ବର୍ମିଂହାମ୍‌ରେ ସମାପ୍ତ (ଜୁଲାଇ ୨୨ରୁ ଅଗଷ୍ଟ ୮) ହୋଇଥିବା ୨୨ତମ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ଭାରତର ସଫଳତା ଅତ୍ୟନ୍ତ ଉତ୍ସାହଜନକ ରହିଥିଲେ ମଧ୍ୟ ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ଭଳି 'କ୍ରୀଡ଼ା ଶକ୍ତି' ଦେଶଗୁଡ଼ିକର ଆଧିପତ୍ୟ ଅକ୍ଷୁର୍ଣ୍ଣ ରହିଛି। ମୋଟ ପଦକ ତାଲିକାରେ ପୂର୍ବ ସଂସ୍କରଣ (ଗୋଲ୍ଡକୋଷ୍ଟ ୨୦୧୮-୬୬ ପଦକ) ଅପେକ୍ଷା ଏଥର (ମେଡାଲ ସଂଖ୍ୟା-୬୧) ୫ଟି କମ୍ ପଦକ ଜିତି ୪ର୍ଥ ସ୍ଥାନରେ (୨୦୧୦-୨ୟ ସ୍ଥାନ, ୨୦୧୮-୩ୟ ସ୍ଥାନ) ରହିଥିଲେ ମଧ୍ୟ ଭାରତୀୟ କ୍ରୀଡ଼ାବିତ୍‌ମାନେ ବ୍ୟାଡମିଣ୍ଟନ, ବକ୍ସିଂ, ଭାରୋତ୍ତୋଳନ, କୁସ୍ତି ଏବଂ ଟେବୁଲଟେନିସ୍ ପ୍ରଭୃତି ବିଭାଗରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ସଫଳ ହୋଇଛନ୍ତି। କିନ୍ତୁ ପ୍ରଥମ ଥର ପାଇଁ ସବୁଠାରୁ ଉଲ୍ଲେଖନୀୟ ସଫଳତା ମିଳିଛି ଦୌଡ଼କୁଦ ପ୍ରତିଯୋଗିତାରୁ। ପୂର୍ବ ସଂସ୍କରଣରେ ମାତ୍ର ୩ଟି (ସ୍ୱର୍ଣ୍ଣ -୧, ରୌପ୍ୟ-୧, କାଂସ୍ୟ-୧) ପଦକ ହାସଲ କରିଥିବା ଭାରତୀୟ କ୍ରୀଡ଼ାବିତ୍‌ମାନେ ଏଥର ସମୁଦାୟ ୮ଟି ପଦକ (ସ୍ୱର୍ଣ୍ଣ-୧, ରୌପ୍ୟ-୪, କାଂସ୍ୟ-୩) ଜିତି ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ଇତିହାସ ସୃଷ୍ଟି କରିଛନ୍ତି। ବିଶେଷ ଭାବେ ଟ୍ରିପଲ ଜମ୍ପରେ ଏଲଡୋସ୍ ପଲ ଓ ଅବଦୁଲା ଆବୁବାକରଙ୍କ ସ୍ୱର୍ଣ୍ଣ ଏବଂ ରୌପ୍ୟ ପଦକ ହାସଲ ଲଙ୍ଗଜମ୍ପରେ ମୁରଲୀ ଶ୍ରୀଶଙ୍କରଙ୍କ ରୌପ୍ୟ ପଦକ, ହାଇଜମ୍ପରେ ତେଜସ୍ୱିନଙ୍କ କାଂସ୍ୟ ଏବଂ ୩୦୦୦ ମି. ଷ୍ଟିପଲ୍‌ଚେଜରେ ଅପରାଜେୟ କେନୀୟ ଆଥଲେଟ୍‌ଙ୍କ ଆଧିପତ୍ୟକୁ ଚ୍ୟାଲେଞ୍ଜ ଦେଇ ସ୍ୱର୍ଣ୍ଣ ପଦକ ବିଜେତା କେନିଆର ଆଥଲେଟ୍ କିବିଓଟ୍‌ଙ୍କଠାରୁ ମାତ୍ର ୦.୦୫ ସେକେଣ୍ଡ୍‌ସ ସମୟ ବ୍ୟବଧାନରେ (ଏକ ସେକେଣ୍ଡର ୫୦୦ ଭାଗ) ପଛରେ ରହି ରୌପ୍ୟ ପଦକ ହାସଲ କରିଥିବା ଅବିନାଶ ସାବ୍‌ଲେଙ୍କ ପ୍ରଦର୍ଶନକୁ ବିଶ୍ୱସ୍ତରୀୟ ମାନ୍ୟତା ମିଳିଛି। ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ଦେଶ "ଅମୃତ ମହୋତ୍ସବ" ପାଳନ କରୁଥିବା ସମୟରେ ଭାରତୀୟ କ୍ରୀଡ଼ାବିତ୍‌ଙ୍କ ଏହି ଐତିହାସିକ ସଫଳତା ନିଶ୍ଚିତ ଭାବେ ଭବିଷ୍ୟତ ପାଇଁ ଶୁଭ ସଙ୍କେତ। ଏହି ଅବସରରେ ଭାରତୀୟ କ୍ରୀଡ଼ାର ବିଗତ ୭୫ ବର୍ଷର ଯାତ୍ରା ସମ୍ବନ୍ଧରେ ଏକ ଆଲେଖ୍ୟ...

୧୯୪୭ରେ ଆମ ଦେଶ ସ୍ୱାଧୀନ ହେଲା। ସ୍ୱାଧୀନତା ପୂର୍ବରୁ ୧୯୨୮ ଆମ୍‌ଷ୍ଟାରଡାମ ଅଲିମ୍ପିକ୍ସରୁ କ୍ରୀଡ଼ା କ୍ଷେତ୍ରରେ ଭାରତୀୟ ହକିର ସ୍ୱର୍ଣ୍ଣିମ ଅଧ୍ୟାୟ ଆରମ୍ଭ ହୋଇଥିଲେ ମଧ୍ୟ ଭାରତୀୟ ଦଳ ବ୍ରିଟିଶ-ଇଣ୍ଡିଆ ଦଳ ଭାବେ ଅଲିମ୍ପିକ୍ସରେ ଭାଗ ନେଉଥିଲା। ହକି ବ୍ୟତୀତ ଦୌଡ଼କୁଦରେ ଭାରତକୁ ପ୍ରତିନିଧିତ୍ୱ କରି କଲିକତା ଜନ୍ମିତ ନର୍‌ମାନ ପ୍ରିଟ୍‌ଚାର୍ଡ ପ୍ରଥମ ଏସୀୟ ପ୍ରତିଯୋଗୀ ଭାବେ ୧୯୦୦ ପ୍ୟାରିସ୍ ଅଲିମ୍ପିକ୍ସରେ ୨୦୦ମି. ଏବଂ ୨୦୦ମି. ବାଧା ଦୌଡ଼ରେ ୨ଟି ରୌପ୍ୟ ପଦକ ହାସଲ କରିଥିଲେ। ଭାରତକୁ ପ୍ରତିନିଧିତ୍ୱ କରିଥିଲେ ମଧ୍ୟ ସେ ଥିଲେ ବ୍ରିଟିଶ। ସ୍ୱାଧୀନତା ପରବର୍ତ୍ତୀ ସମୟରେ ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ କ୍ରୀଡ଼ାକୁ ଶ୍ରେଷ୍ଠ ସଫଳତା ମିଳିଥିଲା ୧୯୪୮ ଲଣ୍ଡନ ଅଲିମ୍ପିକ୍ କ୍ରୀଡ଼ାରେ। ପ୍ରଥମ ଥର ପାଇଁ ସ୍ୱାଧିନ ଭାରତକୁ ପ୍ରତିନିଧିତ୍ୱ କରି ଭାରତୀୟ ହକି ଦଳ ଫାଇନାଲରେ ଗ୍ରେଟ୍ ବ୍ରିଟେନକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ୧୯୫୨ ହେଲେସିଙ୍କି ଅଲିମ୍ପିକ୍ସରେ ଭାରତର କୁସ୍ତି ଯୋଦ୍ଧା କେ.ଡି. ଯାଦବଙ୍କ ବାଣ୍ଟମୱେଟ୍ କୁସ୍ତିରେ କାଂସ୍ୟ ପଦକ ହାସଲ ସହିତ ହକିରେ ସ୍ୱର୍ଣ୍ଣପଦକ ଜିତିଥିଲା ଏବଂ ୧୯୫୬ ମେଲବୋର୍ଣ୍ଣ କ୍ରୀଡ଼ାରେ ଭାରତୀୟ ହକି ଦଳ ଲଗାତର ୬ଷ୍ଠ ଥର ପାଇଁ ସ୍ୱର୍ଣ୍ଣ ପଦକ ଜିତିବା ସହିତ ଫୁଟବଲରେ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନ ବଳରେ ୪ର୍ଥ ସ୍ଥାନ ହାସଲ କଲା। ଏହା ହେଉଛି ଭାରତୀୟ ଫୁଟବଲର ଅଲିମ୍ପିକ୍ସରେ ଶ୍ରେଷ୍ଠ ପ୍ରଦର୍ଶନ। ୧୯୫୧ ଏବଂ ୧୯୬୨ରେ ଭାରତୀୟ ଫୁଟବଲ ଦଳ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣପଦକ ଜିତି ଏସିଆ ମହାଦେଶର ଶ୍ରେଷ୍ଠ ଫୁଟବଲ ଦଳର ମାନ୍ୟତା ପାଇଥିଲା। ଏହି ସମୟରେ ଭାରତୀୟ କ୍ରୀଡ଼ାରେ ଆବିର୍ଭାବ ହୋଇଥିଲେ ଜଣେ ବିଶ୍ୱସ୍ତରୀୟ କ୍ରୀଡ଼ାବିତ୍ ମିଲଖା ସିଂ। ୧୯୫୮ ରାଜ୍ୟଗୋଷ୍ଠୀ ଏବଂ ଏସୀୟ କ୍ରୀଡ଼ାରେ ୪୦୦ମି. ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଥିବା ମିଲ୍‌ଖା ୧୯୬୦ ରୋମ ଅଲିମ୍ପିକ୍ସରେ ୪୦୦ମି.ରେ ବିଶ୍ୱ ରେକର୍ଡ ଭାଙ୍ଗିଥିଲେ ମଧ୍ୟ ଦୁର୍ଭାଗ୍ୟବଶତଃ ୪ର୍ଥ ସ୍ଥାନ ହାସଲ କରି ଇତିହାସ ରଚନା କରିଥିଲେ। ପରବର୍ତ୍ତୀ ସମୟରେ ଯେଉଁ ଭାରତୀୟ ଦଳ ବା କ୍ରୀଡ଼ାବିତ୍‌ମାନେ ବିଶ୍ୱସ୍ତରୀୟ ପ୍ରଦର୍ଶନ ମାଧ୍ୟମରେ ଦେଶ ପାଇଁ ଗୌରବ ଆଣିଥିଲେ ତାହାର ଏକ ସଂକ୍ଷିପ୍ତ ବିବରଣୀ-




ଅବିନାଶ ସାବ୍‌ଲେ

୧୯୬୪ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ହକି ଦଳର ୭ମ ସ୍ୱର୍ଣ୍ଣ ପଦକ ବିଜୟ, ୧୯୭୫ରେ ବିଶ୍ୱକପ୍ ହକିରେ ଚାମ୍ପିୟନ ଆଖ୍ୟା ଅର୍ଜନ, ୧୯୮୦ ମସ୍କୋ ଅଲିମ୍ପିକ୍ସରେ ୮ମ ଥର ପାଇଁ ହକି ସ୍ୱର୍ଣ୍ଣ ପଦକ ହାସଲ, ୧୯୮୦ରେ ପ୍ରକାଶ ପାଦୁକୋନଙ୍କ ଅଲ୍ ଇଂଲଣ୍ଡ ବ୍ୟାଡମିଣ୍ଟନ ଟ୍ରଫି ହାସଲ, ୧୯୮୩ରେ କପିଳ ଦେବଙ୍କ ଅଧିନାୟକତ୍ୱରେ ସୀମିତ ଓଭର କ୍ରିକେଟ ବିଶ୍ୱକପ୍ ଚାମ୍ପିୟନ, ୧୯୮୪ ଲସ୍‌ଆଞ୍ଜେଲ୍‌ସ ଅଲିମ୍ପିକ୍ସରେ ପି.ଟି. ଉଷାଙ୍କ ୪୦୦ମି. ବାଧା ଦୌଡ଼ରେ ୪ର୍ଥ ସ୍ଥାନ ହାସଲ, ୧୯୯୦ ଆଟ୍‌ଲାଣ୍ଟା ଅଲିମ୍ପିକ୍ସରେ ଟେନିସ୍ ତାରକା ଲିଆଣ୍ଡର ପେସ୍‌ଙ୍କ କାଂସ୍ୟ ପଦକ ବିଜୟ, ୨୦୦୦ ସିଡ୍‌ନୀ ଅଲିମ୍ପିକ୍ସରେ ୬୯ କେଜି ବର୍ଗ ଭାରୋତ୍ତୋଳନରେ କେ. ମାଲେଶ୍ୱରୀଙ୍କ ବ୍ରୋଞ୍ଜ ପଦକ ହାସଲ ଏବଂ ଚେସ୍ ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦଙ୍କର ବିଶ୍ୱ ଚାମ୍ପିୟନଶିପ୍ ଟାଇଟଲ ବିଜୟ (ପରବର୍ତ୍ତୀ ସମୟରେ ୫ ଥର ଟାଇଟଲ୍ ବିଜେତା), ୨୦୦୧ରେ ପ୍ରକାଶ ପାଦୁକୋନଙ୍କ ପରେ ପୁଲେଲା ଗୋପିଚାନ୍ଦଙ୍କ ଅଲ ଇଂଲଣ୍ଡ ବ୍ୟାଡମିଣ୍ଟନ ଟାଇଟଲ ହାସଲ, ୨୦୦୩ ବିଶ୍ୱ ଆଥ୍‌ଲେଟିକ ଚାମ୍ପିୟନଶିପ୍‌ରେ ଅଞ୍ଜୁ ବବି ଜର୍ଜଙ୍କ ଲମ୍ଫଡିଆଁରେ କାଂସ୍ୟ ପଦକ ହାସଲ (ଆଜି ପର୍ଯ୍ୟନ୍ତ ଏକମାତ୍ର ଭାରତୀୟ), ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ରାଜ୍ୟ ବର୍ଦ୍ଧନ ସିଂ ରାଠୋରଙ୍କ ବନ୍ଧୁକ ଚାଳନାରେ ରୌପ୍ୟ ପଦକ ହାସଲ, ୨୦୦୫ରେ ପଙ୍କଜ ଆଡଭାନୀଙ୍କ ବିଶ୍ୱ ସ୍ନୁକର ଚାମ୍ପିୟନଶିପ୍ ଟାଇଟଲ୍ ହାସଲ, ୨୦୦୭ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ଟି୨୦ ବିଶ୍ୱ କପ୍‌ରେ ଭାରତୀୟ କ୍ରିକେଟ ଦଳ ଚାମ୍ପିୟନ, ୨୦୦୮ ବେଜିଂ ଅଲିମ୍ପିକ୍ସରେ ପ୍ରଥମ ଭାରତୀୟ ଆଥଲେଟ୍ ଭାବେ ଅଭିନବ ବିନ୍ଦ୍ରାଙ୍କ ୧୦ ମି. ଏୟାର ରାଇଫଲ ଶୁଟିଂରେ ସ୍ୱର୍ଣ୍ଣ ପଦକ ଲାଭ ସହିତ ବକ୍ସିଂ ଏବଂ କୁସ୍ତିରେ ବିଜେନ୍ଦର ସିଂ ଏବଂ ସୁଶିଲ କୁମାରଙ୍କ ରୌପ୍ୟ ପଦକ ହାସଲ, ୨୦୧୧ ଏକଦିବସୀୟ ବିଶ୍ୱ କପ୍ କ୍ରିକେଟ୍‌ରେ ୨ୟ ଥର ପାଇଁ ଚାମ୍ପିୟନ ଆଖ୍ୟା ଅର୍ଜନ, ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ (୨ ରୌପ୍ୟ ଓ ୪ କାଂସ୍ୟ) ୬ ପଦକ ହାସଲ କରି ଶ୍ରେଷ୍ଠ ସଫଳତା, ୨୦୧୫ ସାଇନା ନେହ୍ୱାଲଙ୍କ ବିଶ୍ୱ ବ୍ୟାଡମିଣ୍ଟନ ର୍‍ୟାଙ୍କ୍‌ରେ ୧ନମ୍ବର ସ୍ଥାନ ଏବଂ ବିଶ୍ୱ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲ, ୨୦୧୬ ରିଓ ଅଲିମ୍ପିକ୍ସ ବ୍ୟାଡମିଣ୍ଟନରେ ପି.ଭି. ସିନ୍ଧୁଙ୍କ ରୌପ୍ୟ ପଦକ ହାସଲ ଏବଂ ସାକ୍ଷୀ ମଲ୍ଲିକଙ୍କ କୁସ୍ତିରେ ବ୍ରୋଞ୍ଜ ପଦକ, ୨୦୧୭ ଓ ୧୮ ବିଶ୍ୱ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ରେ ପି.ଭି. ସିନ୍ଧୁଙ୍କ ରୌପ୍ୟ ପଦକ ଏବଂ ୨୦୧୯ରେ ବିଶ୍ୱ ଚାମ୍ପିୟନ ଆଖ୍ୟା ଅର୍ଜନ, ସର୍ବଶେଷରେ ୨୦୨୧ ଟୋକିଓ ଅଲିମ୍ପିକ୍ସରେ ନୀରଜ ଚୋପ୍ରାଙ୍କ ଜାଭେଲିନ୍ ଥ୍ରୋରେ ଐତିହାସିକ ସ୍ୱର୍ଣ୍ଣ ପଦକ ବିଜୟ, ଦୀର୍ଘ ୪୧ ବର୍ଷ ପରେ ଭାରତୀୟ ପୁରୁଷ ହକି ଦଳର କାଂସ୍ୟ ପଦକ ହାସଲ ସହିତ ୭ଟି ଅଲିମ୍ପିକ ପଦକ ବିଜୟ ଏବଂ ପ୍ରମୋଦ ଭଗତଙ୍କ ପାରାଲିମ୍ପିକ ବ୍ୟାଡମିଣ୍ଟନ ସ୍ୱର୍ଣ୍ଣ ପଦକ ବିଜୟ ପ୍ରଭୃତି ସଂକ୍ଷେପରେ ଭାରତୀୟ କ୍ରୀଡାର ସ୍ମରଣୀୟ ମୁହୂର୍ତ୍ତ ଏବଂ ବିଗତ ୭୫ ବର୍ଷର ବିଶେଷ ଉପଲବ୍ଧି।

# ଖୋ ଖୋ ଯୋଡ଼ିଛି ନୂଆ ଫର୍ଦ୍ଦ

କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା କ୍ରମେ ଆଗକୁ ବଢ଼ୁଛି। ପ୍ରତିଯୋଗିତା ଆୟୋଜନ ହେଉ କିମ୍ବା ଭିତ୍ତିଭୂମି ପ୍ରସ୍ତୁତି ଅବା ଅଂଶଗ୍ରହଣ, ଏବେ କେବଳ ଗୋଟିଏ କିମ୍ବା ଦୁଇଟି ଖେଳରେ ସୀମିତ ହୋଇ ରହିନାହିଁ। ହକିଠାରୁ ଆରମ୍ଭ କରି କ୍ରିକେଟ୍, ଫୁଟ୍‌ବଲ, ଆଥ୍‌ଲେଟିକ୍ସ, ସୁଇମିଂ, ଭଲିବଲ, ଟେବୁଲ ଟେନିସ୍ ଏବଂ ଖୋ ଖୋ ପର୍ଯ୍ୟନ୍ତ ଏହାର ତାଲିକା ବେଶ୍ ଲମ୍ବା ହେବାରେ ଲାଗିଛି। ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ଯୋଗୁ ରାଜ୍ୟରେ ଏବେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ ସମ୍ଭବ ହୋଇପାରିଛି। ରାଜ୍ୟ କ୍ରୀଡ଼ା ଇତିହାସରେ ଏବେ ଖୋ ଖୋ ଯୋଡ଼ିଛି ନୂଆ ଫର୍ଦ୍ଦ। ହକିରେ କଳିଙ୍ଗ ଲାନ୍ସର୍ସ, ଫୁଟବଲରେ ଓଡ଼ିଶା ଏଫ୍‌ସି ପରି ପ୍ରଥମଥର ଆରମ୍ଭ ହୋଇଥିବା ଅଲ୍‌ଟିମେଟ ଖୋ ଖୋରେ ମଧ୍ୟ ଓଡ଼ିଶା ଏହାର ଏକ ନିଜସ୍ୱ ଦଳ ଖେଳାଇଛି। ଫ୍ରାଞ୍ଚାଇଜ୍ ଭିତ୍ତିକ ଖୋ ଖୋ ଲିଗ୍‌ରେ ଏହାର ନାମ

**କ୍ରୀଡ଼ାରେ ଓଡ଼ିଶା କ୍ରମେ ଆଗକୁ ବଢ଼ୁଛି। ପ୍ରତିଯୋଗିତା ଆୟୋଜନ ହେଉ କିମ୍ବା ଭିତ୍ତିଭୂମି ପ୍ରସ୍ତୁତି ଅବା ଅଂଶଗ୍ରହଣ ଏବେ କେବଳ ଗୋଟିଏ କିମ୍ବା ଦୁଇଟି ଖେଳରେ ସୀମିତ ହୋଇ ରହିନାହିଁ। ହକିଠାରୁ ଆରମ୍ଭ କରି କ୍ରିକେଟ୍, ଫୁଟ୍‌ବଲ, ଆଥ୍‌ଲେଟିକ୍ସ, ସୁଇମିଂ, ଭଲିବଲ, ଟେବୁଲ ଟେନିସ୍ ଏବଂ ଖୋ ଖୋ ପର୍ଯ୍ୟନ୍ତ ଏହାର ତାଲିକା ବେଶ୍ ଲମ୍ବା ହେବାରେ ଲାଗିଛି।**

୨୦୧୯ ଏଫ୍‌ଆଇଏଚ୍ ହକି ଅଲିମ୍ପିକ୍ କ୍ୱାଲିଫାୟର୍ସ (ମହିଳା ଓ ପୁରୁଷ), ୨୦୨୧ ଜୁନିୟର ହକି ବିଶ୍ୱକପ୍, ହକି ପ୍ରୋ ଲିଗ୍, ମହିଳା ଗୋଲ୍ଡକପ୍ ଫୁଟବଲ, ୨୦ ବର୍ଷରୁ କମ୍ ସାଫ୍ (ସାଉଥ୍ ଏସିଆନ୍ ଫୁଟବଲ) ଚାମ୍ପିୟନଶିପ୍, ୨୦୨୦ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଆଦି ବଡ଼ ପ୍ରତିଯୋଗିତାଗୁଡ଼ିକୁ ଓଡ଼ିଶା ସଫଳତାର ସହ ଆୟୋଜନ କରିଥିବାବେଳେ ଏବେ ଆଗକୁ ଆସୁଛି ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ (ଅକ୍ଟୋବର) ଏବଂ ୨୦୨୩ ହକି ବିଶ୍ୱକପ୍। ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍‌ରେ ଭୁବନେଶ୍ୱର ଭାରତର ୩ ଭେନ୍ୟୁ ମଧ୍ୟରୁ ଅନ୍ୟତମ ହୋଇଥିବାବେଳେ ଆଗାମୀ ହକି ବିଶ୍ୱକପ୍ ଭୁବନେଶ୍ୱର ଓ ରାଉରକେଲାରେ ଅନୁଷ୍ଠିତ ହେବ। ଅଲ୍‌ଟିମେଟ ଖୋ ଖୋରେ ୪ର୍ଥ ଫ୍ରାଞ୍ଚାଇଜ୍ ଦଳ ଭାବେ ଓଡ଼ିଶା ନିଜର ଉପସ୍ଥିତି ଜାହିର କରିଥିଲା। ଅଗଷ୍ଟ ୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା




ଓଡ଼ିଶା ଜଗରନଟ୍ସ ଦଳର ଜର୍ସି ଉନ୍ମୋଚନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ରହିଛି ଓଡ଼ିଶା ଜଗରନଟ୍ସ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ 'ସ୍ପୋର୍ଟ୍ସ ଫର ୟୁଥ୍, ୟୁଥ୍ ଫର ଫ୍ୟୁଚର' ଦୃଷ୍ଟିଭଙ୍ଗୀ ଓଡ଼ିଶାକୁ ଏକ କ୍ରୀଡ଼ା ହବ୍‌ରେ ପରିଣତ କରିଛି। ଫଳରେ ଦେଶ ବିଦେଶ କ୍ରୀଡ଼ା ସମ୍ପ୍ରଦାୟର ନଜର ଏବେ ଓଡ଼ିଶା ଉପରେ।

୨୦୧୮ରେ ଓଡ଼ିଶା ହକି ବିଶ୍ୱକପ୍ ଆୟୋଜନ କରି ଅନେକ ପ୍ରଶଂସା ସାଉଁଟିଥିଲା। ଏହା ଅନ୍ୟ ସମସ୍ତ ହକି ବିଶ୍ୱକପ୍‌ଠାରୁ ନିଆରା ହୋଇଥିଲା। କେବଳ ସେତିକି ନୁହେଁ, ମାତ୍ର ୩ ମାସର ଚ୍ୟାଲେଞ୍ଜକୁ ଗ୍ରହଣ କରି ଓଡ଼ିଶା ୨୦୧୭ରେ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌କୁ ଅତ୍ୟନ୍ତ ସଫଳତାର ସହ ଆୟୋଜନ କରିଥିଲା। ଏହା ବ୍ୟତୀତ ୨୦୧୪ ହକି ଚାମ୍ପିୟନ୍ସ ଟ୍ରଫି, ୨୦୧୮-୧୯ ହକି ୱାର୍ଲ୍ଡ ସିରିଜ୍ ଫାଇନାଲ୍ସ, ଜଗରନଟ୍ସ ଦଳର ଜର୍ସି ଉନ୍ମୋଚନ କରିଥିଲେ। ଖୋ ଖୋ ଭଳି ସ୍ୱଦେଶୀ ଖେଳକୁ ପ୍ରୋତ୍ସାହନ ଉପରେ ଓଡ଼ିଶା ଫୋକସ୍ କରୁଛି। ରାଜ୍ୟ ଦଳ ମଧ୍ୟ ଜାତୀୟସ୍ତରରେ ଭଲ ପ୍ରଦର୍ଶନ କରିଆସୁଛି। ଏପରି ପଦକ୍ଷେପ ଗ୍ରାମାଞ୍ଚଳ ସ୍ତରରେ ଅଧିକରୁ ଅଧିକ ଖେଳାଳିଙ୍କୁ ଖୋ ଖୋ ପ୍ରତି ଆକୃଷ୍ଟ କରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଏହାପରେ ପ୍ରତିଯୋଗିତାସ୍ଥଳ ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସକୁ ଓଡ଼ିଶା ଦଳ ଯାତ୍ରା କରିଥିଲା। ପ୍ରତିଯୋଗିତାରେ ଓଡ଼ିଶା ଜଗରନଟ୍ସ ମଧ୍ୟ ଅତି ଚମତ୍କାର ପ୍ରଦର୍ଶନ କରି ପ୍ଲେ-ଅଫ୍‌ରେ ପ୍ରବେଶ କରିଛି।

**-ତପନ ସ୍ୱାଇଁ**

# ଆଧୁନିକ ଅଲିମ୍ପିକ୍ସରେ ଭାରତ



ଭାରତୀ ଭୂଷଣ ମିଶ୍ର

**ପ୍ରଥମ ଆଧୁନିକ ଅଲିମ୍ପିକ୍ କ୍ରୀଡ଼ା ୧୮୯୬ ଏଥେନ୍ସରେ ଅନୁଷ୍ଠିତ ହୋଇଥିବାବେଳେ ୧୯୦୦ରେ ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ ପକ୍ଷରୁ ପ୍ରଥମଥର ପାଇଁ ନର୍ମାନ୍ ପ୍ରିଚାର୍ଡ (ଆଙ୍ଗ୍ଲୋ ଇଣ୍ଡିଆନ୍) ପ୍ରତିନିଧିତ୍ୱ କରିଥିଲେ। ଦେଶରେ ଅଲିମ୍ପିକ୍ ଆନ୍ଦୋଳନ ଏବଂ ୧୯୨୮ ଆମ୍‌ଷ୍ଟରଡାମ୍ ଅଲିମ୍ପିକ୍ସ ପର୍ଯ୍ୟନ୍ତ ଭାରତର ପ୍ରଦର୍ଶନକୁ ନେଇ ଏହି ଉପସ୍ଥାପନା।**

(ଭାଗ-୧)

ଆଲୋଚକମାନଙ୍କ ମତରେ, କେବଳ ଦୁଇଟି ସ୍ଥାନରେ ବିଶ୍ୱର ପ୍ରାୟ ଅଧିକାଂଶ ଦେଶର ପ୍ରତିନିଧି ଏକତ୍ରିତ ହୁଅନ୍ତି। ଗୋଟିଏ ହେଲା ମିଳିତ ଜାତିସଂଘ ଓ ଦ୍ୱିତୀୟଟି ହେଲା ଅଲିମ୍ପିକ୍ କ୍ରୀଡ଼ା। ବିଶ୍ୱର ଶ୍ରେଷ୍ଠ କ୍ରୀଡ଼ା ମହାକୁମ୍ଭ ହେଉଛି ଅଲିମ୍ପିକ୍। ପ୍ରତ୍ୟେକ କ୍ରୀଡ଼ାବିତ୍ ସ୍ୱପ୍ନ ଦେଖନ୍ତି ଯେ, ସେ କିପରି ଅଲିମ୍ପିକ୍‌ରେ ନିଜ ଦେଶକୁ ପ୍ରତିନିଧିତ୍ୱ କରିବେ ଓ ପଦକ ହାସଲ କରି ଦେଶକୁ ମହିମାମଣ୍ଡିତ କରିବେ। ପ୍ରତ୍ୟେକ ଦେଶ ମଧ୍ୟ ଅଲିମ୍ପିକ୍ ସଫଳତା ପାଇଁ ଗ୍ରହଣ କରିଥା'ନ୍ତି ଯୋଜନାବଦ୍ଧ ପଦକ୍ଷେପ। ଏହି ପରିପ୍ରେକ୍ଷୀରେ ସ୍ୱତଃ ଆମ ଦେଶର କଥା ମନକୁ ଆସିଯାଏ। ଜନସଂଖ୍ୟା ଦୃଷ୍ଟିରୁ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଦେଶ ଭାରତ। କିନ୍ତୁ ଦୀର୍ଘ ସମୟ ଧରି ବ୍ରିଟିଶ୍ ଶାସନାଧୀନ ରହିବା କାରଣରୁ ଆମର ଯେଉଁଭଳି ସାମୂହିକ ଉନ୍ନତି ହେବା କଥା ସେଥିରେ ବିଳମ୍ବ ହୋଇଛି।

ପ୍ରଥମ ଆଧୁନିକ ଅଲିମ୍ପିକ୍ କ୍ରୀଡ଼ା ୧୮୯୬ରେ ଗ୍ରୀସ୍‌ର ଏଥେନ୍ସରେ ଅନୁଷ୍ଠିତ ହୋଇଥିଲା ଏପ୍ରିଲ ୬ରୁ ୧୫ ପର୍ଯ୍ୟନ୍ତ। ୧୩ଟି ଦେଶର ୩୧୧ଜଣ ପୁରୁଷ ପ୍ରତିଯୋଗୀ ଏଥିରେ ଅଂଶ ଗ୍ରହଣ କରିଥିଲେ। ଭାରତର କୌଣସି ପ୍ରତିଯୋଗୀ ଏଥିରେ ଭାଗ ନେଇ ନ ଥିଲେ। ଦ୍ୱିତୀୟ ଅଲିମ୍ପିକ୍ କ୍ରୀଡ଼ା ୧୯୦୦ରେ ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ରେ ହୋଇଥିଲା। ଯଦିଓ ଭାରତ ୧୯୪୭ ପର୍ଯ୍ୟନ୍ତ ବ୍ରିଟିଶ୍ ଶାସନାଧୀନ ଥିଲା, ତଥାପି ଏହି ଅଲିମ୍ପିକ୍ କ୍ରୀଡ଼ାକୁ ଏକମାତ୍ର କ୍ରୀଡ଼ାବିତ୍ ଭାବେ ଆଙ୍ଗ୍ଲୋ ଭାରତୀୟ ନର୍ମାନ୍ ପ୍ରିଚାର୍ଡଙ୍କୁ ଅଂଶ ଗ୍ରହଣ ପାଇଁ ପଠାଇଥିଲା। ସେ ପୁରୁଷ ୨୦୦ ମିଟର ଦୌଡ଼ ଓ ୨୦୦ ମିଟର ହର୍ଡଲ୍ସରେ ୨ଟି ରୌପ୍ୟ ପଦକ ହାସଲ କରିଥିଲେ। ତେଣୁ ସେ ହେଉଛନ୍ତି ଭାରତର ପ୍ରଥମ ଅଲିମ୍ପିକ୍ ଅଂଶ ଗ୍ରହଣକାରୀ, ପଦକ ବିଜେତା, ବ୍ୟକ୍ତିଗତ ପଦକ ବିଜେତା ଓ ଏକାଧିକ ଅଲିମ୍ପିକ୍ ପଦକର ଅଧିକାରୀ।

୧୯୦୪ର ସେଣ୍ଟ ଲୁଇସ୍ ଅଲିମ୍ପିକ୍, ୧୯୦୮ର ଲଣ୍ଡନ ଓ ୧୯୧୨ର ଷ୍ଟକ୍‌ହୋମ୍ ଅଲିମ୍ପିକ୍ କ୍ରୀଡ଼ାରେ ଭାରତର ପ୍ରତିନିଧିତ୍ୱ ନ ଥିଲା। ଜର୍ମାନୀର ବର୍ଲିନ୍‌ରେ ୧୯୧୬ରେ ହେବାକୁ ଥିବା ଅଲିମ୍ପିକ୍ କ୍ରୀଡ଼ା ପ୍ରଥମ ବିଶ୍ୱଯୁଦ୍ଧର ପ୍ରଭାବରେ ବନ୍ଦ ହୋଇଯାଇଥିଲା। ୧୯୨୦ରେ ବେଲ୍‌ଜିୟମ୍‌ର ଆଣ୍ଟୱର୍ପରେ ପରବର୍ତ୍ତୀ ଅଲିମ୍ପିକ୍ କ୍ରୀଡ଼ା ଅନୁଷ୍ଠିତ ହେଲା। ବ୍ରିଟିଶ୍ ଶାସନାଧୀନ ଥିଲେ ମଧ୍ୟ ଭାରତର ଜାତୀୟ ଦଳ ଇଂଲଣ୍ଡ ଦଳଠାରୁ ପୃଥକ୍ ହୋଇ ଅଂଶ ଗ୍ରହଣ କଲା ଏହି ଅଲିମ୍ପିକ୍‌ରେ। ଏଥିନିମନ୍ତେ ୧୯୨୦ କ୍ରୀଡ଼ା ପୂର୍ବରୁ ସାର୍ ଦୋରାବ୍‌ଜୀ ଟାଟା ଓ ବମ୍ବେର ରାଜ୍ୟପାଳ ଜର୍ଜ ଲଏଡ୍ ପ୍ରଗାଢ଼ ଉଦ୍ୟମ ଚଳାଇଥିଲେ ଓ ଏଥିପାଇଁ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିରେ ଭାରତର ପ୍ରତିନିଧିତ୍ୱ ରହିଲା। ଫଳସ୍ୱରୂପ ଭାରତର ଜାତୀୟ ଦଳ ଭାଗ ନେବା ପାଇଁ ଅନୁମତି ପାଇଲା ଏବଂ ତିନିଜଣ ଆଥ୍‌ଲେଟ୍, ଦୁଇଜଣ କୁସ୍ତି ଯୋଦ୍ଧା ଓ ମ୍ୟାନେଜର ଭାବେ ସୋରାବ୍ ଭୁତ୍ ଏବଂ ଏ.ଏଚ୍.ଏ. ଫୈଜି ଆଣ୍ଟୱର୍ପ ଯାତ୍ରା କଲେ। ଅବଶ୍ୟ ଭାରତୀୟ ଦଳ କୌଣସି ପଦକ ହାସଲ କରି ପାରି ନ ଥିଲା। ସେହିବର୍ଷ ଭାରତରେ ଅଲିମ୍ପିକ୍ ଆନ୍ଦୋଳନ ଆରମ୍ଭ ହେଲା। ସାର୍ ଦୋରାବଜୀ ଟାଟା, ମାଡ୍ରାସ୍ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ଏ.ଜି. ନୋରିନ୍ ଓ ଏଚ୍.ସି. ବକ୍, ବିହାର ସ୍ପୋର୍ଟ୍ସ ଆସୋସିଏଶନର ମୋଇନୁଲ୍ ହକ୍, ବମ୍ବେ ଅଲିମ୍ପିକ୍ ଆସୋସିଏଶନର ସୋରାବ ଭୁତ୍, ଡେକାନ୍ ଜିମ୍‌ଖାନାର ଏ.ଏସ୍. ଉଗ୍ରୱତ୍, ପଞ୍ଜାବ ଅଲିମ୍ପିକ୍ ସଂଘର ଗୁରୁଦତ୍ତ ସୋଦ୍ଧି, ସରକାରୀ ମହାବିଦ୍ୟାଳୟ ଲାହୋରର ଲ୍ୟୁଟ୍‌ନାଣ୍ଟ କଲୋନେଲ୍ ଏଚ୍.ଏଲ୍.ଓ. ଗ୍ୟାରେଟ୍, ସେଣ୍ଟ ଷ୍ଟିଫେନ୍ସ ସ୍କୁଲ୍‌ର ସାଗ୍ନିକ ପୋଦାର ପ୍ରମୁଖଙ୍କ ନିଷ୍ଠାପର ଉଦ୍ୟମରେ ଜାତୀୟ କ୍ରୀଡ଼ାର ଆୟୋଜନ କରାଗଲା। ପୃଷ୍ଠପୋଷକତା କରିବାକୁ ମଧ୍ୟ ଆଗେଇ ଆସିଲେ ପଟିଆଲାର ମହାରାଜା ଭୂପିନ୍ଦର ସିଂ, ନୱା ନଗରର ରଣଜିତ୍ ସିଂହଜୀ, କପୁରଥାଲା ଓ ବର୍ଦ୍ଧମାନର ମହାରାଜାଙ୍କ ଭଳି ଅନେକ ରାଜା ମହାରାଜା ଏବଂ ଯୁବରାଜଗଣ। ନିଷ୍ଠାପର ଉଦ୍ୟମ କେବେ ବି ବ୍ୟର୍ଥ ଯାଏ ନାହିଁ। ଫଳ ସ୍ୱରୂପ, ୧୯୨୩ରେ ଅସ୍ଥାୟୀ ଅଖିଳ ଭାରତୀୟ ଅଲିମ୍ପିକ୍ ସଂଘ ଗଠିତ ହେଲା ଏବଂ ୧୯୨୪ ଫେବୃୟାରୀ ମାସରେ ସର୍ବଭାରତୀୟ ଅଲିମ୍ପିକ୍ କ୍ରୀଡ଼ା ଆୟୋଜିତ ହେଲା (ପରେ ଏହା ଭାରତୀୟ ଜାତୀୟ କ୍ରୀଡ଼ା ନାମରେ ନାମିତ ହେଲା)। ଏହି କ୍ରୀଡ଼ା ପ୍ରତିଯୋଗିତାରୁ ମନୋନୀତ ହୋଇ ୧୪ଜଣ ଖେଳାଳି ୧୯୨୪ରେ ପ୍ୟାରିସ୍ ଅଲିମ୍ପିକ୍ କ୍ରୀଡ଼ାରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ଏମାନଙ୍କ ମଧ୍ୟରେ ଥିଲେ ୭ଜଣ ଲେଖାଏ ଆଥଲେଟ୍ ଓ ଟେନିସ୍ ଖେଳାଳି। ପ୍ରଥମ ଥର ପାଇଁ ୨ଜଣ ମହିଳା ଏଥିରେ ଅଂଶ ଗ୍ରହଣ କରିଥିଲେ।

୧୯୨୭ ମସିହାରେ ଅସ୍ଥାୟୀ ଭାରତୀୟ ଅଲିମ୍ପିକ୍ ସଂଘ ସ୍ଥାୟୀ ଭାବେ ଭାରତୀୟ ଅଲିମ୍ପିକ୍ ସଂଘ (IOA)ରେ ପରିଣତ ହୋଇ ମାନ୍ୟତା ପାଇଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଭାରତରେ କ୍ରୀଡ଼ାର ଉନ୍ନତି କରିବା, ଜାତୀୟ କ୍ରୀଡ଼ାର ଆୟୋଜକ ପାଇଁ ପ୍ରଦେଶ ଓ ସ୍ଥାନ ଚୟନ କରିବା ଏବଂ ଜାତୀୟ କ୍ରୀଡ଼ାରୁ ମନୋନୀତ ଖେଳାଳିମାନଙ୍କୁ ଗ୍ରୀଷ୍ମକାଳୀନ ଅଲିମ୍ପିକ୍ ପାଇଁ ପ୍ରସ୍ତୁତ କରି ପ୍ରେରଣ କରିବା। ଏହି କାରଣରୁ ୧୯୨୮ରେ ଆୟୋଜିତ ଜାତୀୟ କ୍ରୀଡ଼ାରେ ୭ଜଣ ଆଥ୍‌ଲେଟଙ୍କୁ ପରବର୍ତ୍ତୀ (୧୯୨୮ ଆମ୍‌ଷ୍ଟରଡାମ୍) ଅଲିମ୍ପିକ୍‌ରେ



ଧ୍ୟାନ ଚାନ୍ଦ

ଭାଗ ନେବା ପାଇଁ ଚୟନ କରାଗଲା।

ଏହି ସମୟ ମଧ୍ୟରେ ଭାରତରେ ହକି ଖେଳର ପ୍ରଚାର ପ୍ରସାର ଆରମ୍ଭ ହୋଇ ଯାଇଥାଏ ଏବଂ ଭାରତୀୟ ହକି ଫେଡେରେଶନ୍ (ଆଇଏଚ୍‌ଏଫ୍) ମଧ୍ୟ ଗଠିତ ହୋଇ ସାରିଥାଏ। ସେମାନେ ମଧ୍ୟ ୧୯୨୮ ଆମ୍‌ଷ୍ଟରଡାମ୍ ଅଲିମ୍ପିକ୍ ପାଇଁ ଗୋଟିଏ ହକି ଦଳ ପ୍ରେରଣ କଲେ। ତେଣୁ ମୋଟ ୨୨ ଜଣ ଖେଳାଳି ଆମଷ୍ଟରଡାମ୍‌ରେ ଅଂଶ ଗ୍ରହଣ କରିଥିଲେ। ହକି ଯାଦୁରେ ଧ୍ୟାନଚାନ୍ଦଙ୍କର ଅଦ୍ଭୁତ ଷ୍ଟିକ୍‌ଚାଳନା ଓ ବଲ୍‌କୁ ନିଜ ନିୟନ୍ତ୍ରଣରେ ରଖି ପ୍ରତିପକ୍ଷ ଦଳକୁ ପରାଜୟ ଆଡ଼କୁ ଠେଲିଦେବାର କଳା କୌଶଳ ଏହି ଅଲିମ୍ପିକ୍‌ରେ ଦେଖିବାକୁ ମିଳିଲା। ହକି ଫାଇନାଲରେ ଭାରତ ୩-୦ ଗୋଲରେ ହଲାଣ୍ଡକୁ ପରାସ୍ତ କରି ସ୍ୱର୍ଣ୍ଣପଦକ ଲାଭ କଲା। ଏହା ଏସିଆ ମହାଦେଶର ଯେକୌଣସି ଦେଶ ପାଇଁ ଅଲିମ୍ପିକ୍ କ୍ରୀଡ଼ାରେ ପ୍ରଥମ ସ୍ୱର୍ଣ୍ଣ ପଦକ।

**(ଦ୍ୱିତୀୟ ଭାଗ କ୍ରୀଡ଼ା ଜଗତ ପୃଷ୍ଠାରେ ପ୍ରକାଶ ପାଇବ)**



୧୯୨୮ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ବିଜୟୀ ଭାରତୀୟ ହକି ଦଳ।

## ଓଜୋନ ସ୍ତରରେ ବଢୁଛି ଗର୍ତ୍ତ ସଂଖ୍ୟା



ବର୍ତ୍ତମାନ ବାୟୁମଣ୍ଡଳ ପ୍ରଦୂଷିତ ହେବା ଯୋଗୁ ଏଥିରେ ଥିବା ଓଜୋନ ସ୍ତର ପ୍ରଭାବିତ ହେଉଛି। ବାୟୁମଣ୍ଡଳରେ ଥିବା ୪ଟି ସ୍ତର ମଧ୍ୟରୁ ଷ୍ଟ୍ରାଟୋସ୍ଫିୟର୍‌ରେ ରହିଛି ଓଜୋନ୍ ସ୍ତର। ଏହା ସୂର୍ଯ୍ୟଙ୍କଠୁ ଆସୁଥିବା ଅତି ବାଇଗଣୀ ରଶ୍ମିର ପ୍ରଭାବରୁ ପୃଥିବୀପୃଷ୍ଠକୁ ରକ୍ଷା କରିଥାଏ। ହେଲେ ଏହି ସ୍ତରରେ ଏବେ ଧୀରେ ଧୀରେ ଛୋଟ ଛୋଟ ଗର୍ତ୍ତ ହେଉଥିବା ଦେଖିବାକୁ ମିଳୁଛି। ଅଧିକ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳରେ ଓଜୋନ୍ ସ୍ତର ବହୁ ମାତ୍ରାରେ ହ୍ରାସ ହେଉଛି ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି। ଓଜୋନ ସ୍ତରର ସ୍ଥିତି ବିଷୟରେ ଅଧିକ ତଥ୍ୟ ହାସଲ କରିବା ପାଇଁ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ଟିମ୍ ଗଠନ କରିଥିଲେ । ଏମାନେ କରିଥିବା ଗବେଷଣାରୁ ଉପରୋକ୍ତ ବିଷୟରେ ଜଣାପଡ଼ିଛି। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଗତ ପ୍ରାୟ ପାଞ୍ଚ ବର୍ଷ ହେବ ଦକ୍ଷିଣ ମେରୁ ନିକଟବର୍ତ୍ତୀ ଅଞ୍ଚଳଗୁଡ଼ିକ ମଧ୍ୟରେ ଯାଇଥିବା ଓଜୋନ୍‌ସ୍ତରରେ ବେଶି ଗର୍ତ୍ତ ସୃଷ୍ଟି ହୋଇଛି। ଏହା ସହ ତଳ ଷ୍ଟ୍ରାଟୋସ୍ଫିୟର୍‌ରେ ୧୦ରୁ ୨୪କିଲୋମିଟର ପର୍ଯ୍ୟନ୍ତ ଥିବା ଓଜୋନ୍‌ରେ ଫାଟ ସୃଷ୍ଟି ହୋଇ ତାହା ବଢ଼ି ଚାଲିଛି ବୋଲି ମଧ୍ୟ ସେମାନେ ସତର୍କ କରାଇଛନ୍ତି।

## ଆଲ୍‌ଜିମର୍ସର କାରଣ ହୋଇପାରେ ଅମ୍ଳଏଡ୍



ଅମ୍ଳଏଡ୍ ନାମକ ଏକ ଲିଭର୍ ପ୍ରୋଟିନ୍, ଯାହା ଆମ ଶରୀରରେ ଆଲ୍‌ଜିମର୍ସ ରୋଗ ସୃଷ୍ଟି କରିବାର ଆଶଙ୍କା ରହିଛି। ଏପରି ସତର୍କ ସୂଚନା ଦେଇଛନ୍ତି ସିଡ୍‌ନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ। ଅମ୍ଳଏଡ୍‌ର ଅନ୍ୟ ରୂପ ବେଟା-ଅମ୍ଳଏଡ, ଯାହା ମସ୍ତିଷ୍କର ସ୍ନାୟୁ କୋଷଗୁଡ଼ିକୁ ଦୁର୍ବଳ କରିବା ପାଇଁ ଅନେକାଂଶରେ ଦାୟୀ ବୋଲି ସେମାନେ ଗବେଷଣାରୁ ଜାଣିପାରିଛନ୍ତି। ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଏଭଳି ତଥ୍ୟ ଜଣାପଡ଼ିଛି। ଯଦି ଜଣେ ବ୍ୟକ୍ତିଙ୍କ ଶରୀରରେ ଅମ୍ଳଏଡ ନାମକ ଲିଭର ପ୍ରୋଟିନ୍ ବୃଦ୍ଧିପାଏ, ତେବେ ତାହା ଆମ ସ୍ମରଣ ଶକ୍ତିକୁ ବହୁ ମାତ୍ରାରେ କମାଇଦିଏ। ଏହା ଶରୀରକୁ ଦୁର୍ବଳ କରି ଆମ ବ୍ୟବହାରରେ ପରିବର୍ତ୍ତନ ଆଣିଥାଏ। ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞ ଡା. ଜନ୍ ମାମୋ ପ୍ରଥମେ ମୂଷା ଉପରେ ଗବେଷଣା କରି ଏ ବିଷୟରେ ଜାଣିପାରିଥିଲେ। ମଣିଷ ଶରୀରରେ ଏହି ପ୍ରୋଟିନ୍ ମାତ୍ରା ବୃଦ୍ଧି ପାଇଲେ ତାହା ଆଲଜିମର୍ସ ରୋଗ ସୃଷ୍ଟି ପାଇଁ ଦାୟୀ ହୋଇଥାଏ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଉତ୍ତମ ସ୍ୱାସ୍ଥ୍ୟ ଅନ୍ତରାଳେ..



ଡା. ବସନ୍ତ କୁମାର ଷଡ଼ଙ୍ଗୀ

''ମନୁଷ୍ୟର ବୟସ ବଢ଼ିବା ସାଙ୍ଗକୁ ମାଛ, ମାଂସ ଖାଇବା କମ୍ କରିବା ଉଚିତ। ଅଧିକ ମାତ୍ରାରେ ଲାଲ୍ ମାଂସ ଖାଇବା ଦ୍ୱାରା ରକ୍ତରେ ଆଇରନର ମାତ୍ରା ବଢ଼ିଯାଏ, ଯାହାକି ସୁସ୍ଥ ଶରୀର ପାଇଁ କ୍ଷତିକାରକ। ଏହି ମାଂସ ବର୍ଦ୍ଧିତ ଆଇରନ ଅକ୍ସିଡେସନ ପ୍ରକ୍ରିୟାକୁ ନଷ୍ଟ କରିବାରେ ସହାୟକ ହୋଇଥାଏ। ତେଣୁ ଅଧିକ ମାତ୍ରାରେ ମାଛ, ମାଂସ ଖାଇବାକୁ ପସନ୍ଦ କରୁଥିବା ବ୍ୟକ୍ତି ଅକ୍ସିଡେସନ ପ୍ରକ୍ରିୟାକୁ କ୍ରିୟାଶୀଳ କରିବା ପାଇଁ ଅଧିକ ସବୁଜ ପନିପରିବା ଖାଇବା ଜରୁରୀ।''

ଋତୁଚକ୍ର ଓ ପୃଥିବୀ ପରିକ୍ରମା ଅନୁଯାୟୀ ଭିନ୍ନ ଭିନ୍ନ ଜଳବାୟୁ ପରିଲକ୍ଷିତ ହୋଇଥାଏ। ଆମ ଦେଶରେ ମଧ୍ୟ ଏଥିଯୋଗୁଁ ଜଳବାୟୁରେ ପରିବର୍ତ୍ତନ ଘଟିଥାଏ। ବର୍ତ୍ତମାନ ଆମେ ନିଜର ସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ସଚେତନ ରହିବା ନିହାତି ଜରୁରୀ। ଏ ନେଇ ଖାଦ୍ୟପେୟ ବିଷୟରେ ଜାଣିବା ନିହାତି ଦରକାର। କିଛି ବ୍ୟକ୍ତିବିଶେଷ ଦୈନନ୍ଦିନ ଆହାର ବିହାରକୁ ଅଣଦେଖା କରିବା ଯୋଗୁ ସ୍ୱାସ୍ଥ୍ୟଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ଆମ ଶରୀରରେ ରୋଗପ୍ରତିରୋଧକ ଶକ୍ତି ହ୍ରାସ ପାଇଲେ ମନୁଷ୍ୟ ବିଭିନ୍ନ ପ୍ରକାର ରୋଗର ଶିକାର ହୋଇଥାଏ। ଖାଦ୍ୟ ସାମଗ୍ରୀକୁ ବହୁ ସମୟ ଧରି ରଖିବା ପରେ ଖାଇବା, କୌଣସି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ପାଇଁ ବ୍ୟବହୃତ ତେଲକୁ ବାରମ୍ବାର ଖାଦ୍ୟ ରୂପେ ବ୍ୟବହାର କରିବା ଦ୍ୱାରା ଏହା ଶରୀର ପାଇଁ କ୍ଷତିକାରକ ହୋଇଥାଏ। ପୋଡ଼ା ତେଲ ଖାଇବା ଦ୍ୱାରା ଆଣ୍ଟିଅକ୍ସିଡେଣ୍ଟ ତିଆରି କରୁଥିବା ଶରୀରର ଉପକାରୀ ଏଞ୍ଜାଇମ୍‌ଗୁଡ଼ିକ ନଷ୍ଟ ହୋଇଯାଇଥାଏ। ତେଣୁ ତେଲ ଓ ଘିଅ ଦ୍ୱାରା ଛଣା ଯାଇଥିବା ଖାଦ୍ୟକୁ ଯେତେ କମ୍ ଖାଇବେ ତାହା ସେତେ ଭଲ। ତା'ସହ ଅଳ୍ପ ଭଜାଭଜି ଖାଦ୍ୟ, ଅଧିକ ସିଝା ଖାଦ୍ୟ ଖାଇବା ଓ ତନ୍ତୁ ଜାତୀୟ ପନିପରିବା(କଖାରୁ, ସୋୟା ବଡ଼ି, ଦେଶୀ ପୋଟଳ, ଲାଉ, ଭେଣ୍ଡି,ଜହ୍ନି)ଆଦିକୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ଏପରି ଖାଦ୍ୟ ଶରୀର ନୀରୋଗ ରହିବା ପାଇଁ ଅନେକାଂଶରେ ସହାୟକ ହେବା ସହ ମନୁଷ୍ୟକୁ ଦୀର୍ଘାୟୁ କରିଥାଏ।

ମନୁଷ୍ୟର ବୟସ ବଢ଼ିବା ସାଙ୍ଗକୁ ମାଛ, ମାଂସ (red meat) ଖାଇବା କମ୍ କରିବା ଉଚିତ। ଅଧିକ ମାତ୍ରାରେ ଲାଲ୍ ମାଂସ ଖାଇବା ଦ୍ୱାରା ରକ୍ତରେ ଆଇରନର ମାତ୍ରା ବଢ଼ିଯାଏ, ଯାହାକି ସୁସ୍ଥ ଶରୀର ପାଇଁ କ୍ଷତିକାରକ। ଏହି ମାଂସ ବର୍ଦ୍ଧିତ ଆଇରନ ଅକ୍ସିଡେସନ ପ୍ରକ୍ରିୟାକୁ ନଷ୍ଟ କରିବାରେ ସହାୟକ ହୋଇଥାଏ। ତେଣୁ ଅଧିକ ମାତ୍ରାରେ ମାଛ, ମାଂସ ଖାଇବାକୁ ପସନ୍ଦ କରୁଥିବା ବ୍ୟକ୍ତି ଅକ୍ସିଡେସନ ପ୍ରକ୍ରିୟାକୁ କ୍ରିୟାଶୀଳ କରିବା ପାଇଁ ଅଧିକ ସବୁଜ ପନିପରିବା ଖାଇବା ଜରୁରୀ। ଦୈନନ୍ଦିନ ଖାଦ୍ୟରେ କମ୍ ମୂଲ୍ୟରେ ବଜାରରେ ମିଳୁଥିବା ଅମୃତଭଣ୍ଡା, କଦଳୀ,ଗାଜର,ବନ୍ଧାକୋବି, ଟମାଟୋ, ପାଚିଲା ବୋଇତାଳୁ, ତରଭୁଜ, ସଜନାଛୁଇଁ, ପୋଇ ଶାଗ, ପାଳଙ୍ଗ ଶାଗ, କୋଶଳା ଶାଗ, ମେଥି ଶାଗ, ସଜନା ଶାଗ ଆଦି ବିଭିନ୍ନ ସବୁଜ ପନିପରିବାକୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ଏହା ଶରୀର ପାଇଁ ଅମୃତତୁଲ୍ୟ କାମ କରିଥାଏ। ଏଗୁଡିକ ଖାଦ୍ୟରେ ନିୟମିତ ଖାଇବା ଦ୍ୱାରା ଶରୀର କ୍ରିୟାଶୀଳ ହୋଇଥାଏ। ତା' ସହ ଶରୀର ସୁସ୍ଥ ରହିଥାଏ। ଏମିତି କେତେକ ଫଳ ରହିଛି ଯାହାକି ଖାଦ୍ୟ ରୂପେ ଗ୍ରହଣ କରିପାରନ୍ତି। ଲେମ୍ବୁରେ ପ୍ରଚୁର ପରିମାଣରେ ଭିଟାମିନ-ସି ରହିଛି, ଯାହାକି ଆଣ୍ଟିଅକ୍ସିଡେଣ୍ଟ ଅଟେ। ଆଣ୍ଟିଅକ୍ସିଡେଣ୍ଟ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହା ହୃଦ୍‌ରୋଗ, କର୍କଟ, ଚର୍ମରୋଗ, ମାନସିକ ଚିନ୍ତାଜନିତ ରୋଗକୁ ପ୍ରାକୃତିକ ଉପାୟରେ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ।







ଲେମ୍ବୁ, କମଳା, ଅଙ୍ଗୁର, ଷ୍ଟ୍ରବେରୀ, ଜାମୁକୋଳି, ଡାଳିମ୍ବ, ସେଓ, ଚେରି, ସପୁରି, ପିଜୁଳି, କଦଳୀ, ଟମାଟୋ, ଆମ୍ବରେ ଆଣ୍ଟିଅକ୍ସିଡେଣ୍ଟ ଭରି ରହିଛି, ଯାହାକୁ ଖାଇବା ଦ୍ୱାରା ଶରୀରରେ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇ ଶରୀର ଭିତରକୁ ବିଭିନ୍ନ ପ୍ରକାର ଜୀବାଣୁ, ଭୂତାଣୁ ଆଦିର ପ୍ରବେଶକୁ ପ୍ରତିରୋଧ କରିବାରେ ସହାୟକ ହୋଇଥାଏ। ଏହାଦ୍ୱାରା ଆମ ଶରୀର ସୁସ୍ଥ ତଥା ସତେଜ ରଖିଥାଏ। ଦୈନନ୍ଦିନ ଜୀବନଯାପନ ଭିତରେ ଏମିତି କେତେକ ସାଧାରଣ କଥା ରହିଛି ଯାହାକି ସ୍ୱାସ୍ଥ୍ୟ ପାଇଁ ହିତକାରକ ହୋଇଥାଏ। ବାସଗୃହରେ କୁକୁର, ବିଲେଇ, ନେଉଳ ଆଦିଙ୍କୁ ପୋଷିବା, କୁଆ, ଚଢ଼େଇ, ଚିରଗୁଣୀ, ପାରା ଆଦି ପକ୍ଷୀଙ୍କୁ ଦୈନନ୍ଦିନ ଖାଦ୍ୟଶସ୍ୟ ଦେବା ଦ୍ୱାରା ବହୁ ଉପକାର ମିଳିଥାଏ। ଯେପରି କୁକୁର ବାହ୍ୟଶତ୍ରୁ ଏବଂ ବିଭିନ୍ନ ବନ୍ୟଜନ୍ତୁଙ୍କୁ ପ୍ରତିରୋଧ କରିଥାଏ ସେହିପରି ବିଲେଇ ବାସ ଗୃହରେ ସାପ, ବେଙ୍ଗ, ବିଛା ଆଦିଙ୍କୁ ଘରଭିତରକୁ ନ ଯିବାକୁ ପ୍ରତିରୋଧ କରିଥାଏ। ସାପ ଏବଂ ବିଭିନ୍ନ ପୋକ ଜୋକଙ୍କଠାରୁ ନେଉଳ ଆମକୁ ଦୂରେଇ ରଖୁଥିବା ବେଳେ ଚଢ଼େଇ, ପାରା, ଚିରଗୁଣୀ ଆଦି ଘରର ଚତୁର୍ପାର୍ଶ୍ୱରେ ଥିବା ବିଭିନ୍ନ ପୋକ ଜୋକ, କୀଟପତଙ୍ଗ ଆଦିଙ୍କ ପ୍ରାଦୁର୍ଭାବରୁ ରକ୍ଷା କରିଥାଆନ୍ତି।

ମନୁଷ୍ୟ ଚିନ୍ତାମୁକ୍ତ, ନୀରୋଗ, ଦୀର୍ଘାୟୁ ଭାବେ ବଞ୍ଚି ରହିବା ପାଇଁ ପ୍ରକୃତି ଓ ପରିବେଶ ସହ ଖାପ ଖୁଆଇ ଚଳିବା ଦରକାର। ଦୈନନ୍ଦିନ ସୁଷମ ଖାଦ୍ୟ ଗ୍ରହଣ କରିବା ସହ ପ୍ରାତଃ ସୂର୍ଯ୍ୟକିରଣରେ ଯାତାୟାତ କରିବା, ଦୈନନ୍ଦିନ ବ୍ୟାୟାମ କରିବା ଦ୍ୱାରା ମନୁଷ୍ୟ ଶରୀରରେ ରକ୍ତଚାପ ଓ ଶର୍କରା ପରିମାଣ ସନ୍ତୁଳିତ ରହିଥାଏ। ତା'ସହ ମନୁଷ୍ୟର ବୟସ ଅନୁପାତରେ ଓଜନ ଠିକ୍ ଭାବେ ରହିଥାଏ, ଯାହାକି ଦୀର୍ଘାୟୁ ନିମନ୍ତେ ସହାୟକ ହୋଇଥାଏ। ସମସ୍ତ ବିଷୟକୁ ଅନୁଧ୍ୟାନ କଲେ ନିଜ ସ୍ୱାସ୍ଥ୍ୟର ଯତ୍ନ ନିଜ ହାତରେ ରହିଥିବା ବେଳେ ମନୁଷ୍ୟ ବାଟବଣା ହୋଇଥାଏ। ବିଭିନ୍ନ ପ୍ରକାର ଦୂଷିତ ଖାଦ୍ୟ, ଦୂଷିତ ଜଳ, ବିଭିନ୍ନ ଫାଷ୍ଟଫୁଡ୍, ପ୍ରତିଦିନ ଠିକ୍ ସମୟରେ ଖାଦ୍ୟ ଗ୍ରହଣ ନ କରିବା, ବିଳମ୍ବିତ ରାତିରେ ଶୋଇବା, ବିଳମ୍ବରେ ଶଯ୍ୟା ତ୍ୟାଗ କରିବା ଆଦି ବିଭିନ୍ନ କାରଣରୁ ଶରୀର ବିଭିନ୍ନ ଜଟିଳ ରୋଗର ଶିକାର ହୋଇଥାଏ। ଆମେ ସଜାଗ ରହି, ସ୍ୱାସ୍ଥ୍ୟକୁ ସୁସ୍ଥ ଓ ସଜାଗ ରଖିବା ସହ ପରିବାରକୁ ମଧ୍ୟ ସୁସ୍ଥ ରଖିବାର ଆବଶ୍ୟକତା ରହିଛି।

-ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

## କ୍ୟାନ୍‌ସର ଓ ପ୍ରାକୃତିକ ପରିବେଶ



ପ୍ରାକୃତିକ ପରିବେଶ ବେଶ୍ ମନଲୋଭା। ହେଲେ ଏଭଳି ପରିବେଶ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଉପକାରୀ। ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଯଦି ଜଣେ ବ୍ୟକ୍ତି ପ୍ରାକୃତିକ ତଥା ପ୍ରଦୂଷଣମୁକ୍ତ ପରିବେଶରେ ଅଧିକାଂଶ ସମୟ ରୁହନ୍ତି ତେବେ ତାଙ୍କ ଶରୀରରେ କ୍ୟାନ୍‌ସର ଆଣ୍ଟିବଡି ଅଧିକ ସୃଷ୍ଟି ହୋଇଥାଏ। ଏପରି ବିଷୟବସ୍ତୁକୁ ନେଇ ସିଓଲ ୟୁନିଭର୍ସିଟିର କ୍ୟାନ୍‌ସର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହି ସମୟରେ ଯେଉଁ ବ୍ୟକ୍ତିମାନେ ଅଧିକାଂଶ ସମୟ ପ୍ରଦୂଷଣମୁକ୍ତ ପରିବେଶରେ ରହୁଥିଲେ ସେମାନଙ୍କ ଶରୀରରେ କ୍ୟାନ୍‌ସର ଆଣ୍ଟିବଡି କେତେ ସୃଷ୍ଟି ହେଉଛି ତାହାକୁ ତନ୍ନ ତନ୍ନ କରି ପରୀକ୍ଷା କରାଯାଇଥିଲା। ପରିଶେଷରେ ଜଣାପଡ଼ିଥିଲା ଯେ, ଏପରି ପରିବେଶ କ୍ୟାନ୍‌ସର ଆଣ୍ଟିବଡି ସୃଷ୍ଟି କରିବାରେ କେତେକାଂଶରେ ସହାୟକ ହୋଇଥାଏ। ଏଭଳି ପରିବେଶରେ ରହିବା ଦ୍ୱାରା ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ବୁଦ୍ଧିମତ୍ତା ବଢ଼ାଇବ ରୋବୋ

ରୋବୋର ବ୍ୟବହାର ଦିନକୁ ଦିନ ବଢ଼ିଚାଲିଛି। ନିକଟରେ ଜାପାନର ବୈଜ୍ଞାନିକମାନେ ଏପରି ଏକ ସ୍ମାର୍ଟ ରୋବୋ ପ୍ରସ୍ତୁତ କରିଛନ୍ତି, ଯାହା ବୁଦ୍ଧିମତ୍ତା ବଢ଼ାଇବାରେ ସହାୟକ ହୋଇପାରିବ। ତା'ସହ ସାଧାରଣଜ୍ଞାନ ସମ୍ପର୍କିତ ପ୍ରଶ୍ନଗୁଡ଼ିକର ମଧ୍ୟ ଏହି ରୋବୋ ଅକ୍ଳେଶରେ ଉତ୍ତର ଦେଇପାରିବ। ଏହି ଅଲାଉଣ୍ଡର ରୋବୋର ଆଉ ଏକ ଗୁଣ ମଧ୍ୟ ରହିଛି। ଯଦି ଜଣେ ବ୍ୟକ୍ତି ଏକୁଟିଆ ରହି ବୋର୍ ହେଉଛନ୍ତି ତେବେ ସେ ଏହାର ସହାୟତା ନେଇପାରିବେ। ଉକ୍ତ ରୋବୋ ନିକଟରେ ବସି ସେ ନିଜ ମନ ପସନ୍ଦର ସଙ୍ଗୀତ ଶୁଣିପାରିବେ। ସବୁଠାରୁ ଖାସ୍ କଥା ହେଲା, କୌଣସି ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ସମ୍ପର୍କିତ ସୂଚନା ମଧ୍ୟ ଏହା ସଂଗ୍ରହ କରିପାରିବ, ଯାହାକୁ ଆଧାର କରି ସେହି ବ୍ୟକ୍ତିଙ୍କର ଚିକିତ୍ସା କରାଯାଇପାରିବ ବୋଲି ପ୍ରସ୍ତୁତକାରୀ ସଂସ୍ଥା ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



## ସ୍ୱାସ୍ଥ୍ୟ ସୂଚନା

- ନିଜକୁ ସୁସ୍ଥ ରଖିବାକୁ ଚାହୁଁଛନ୍ତି କି? ଯଦି ହଁ, ତେବେ ପ୍ରଥମେ ନିଜର ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ।
- ଯେତେ କାର୍ଯ୍ୟବ୍ୟସ୍ତ ରହିଲେ ମଧ୍ୟ ନିଜର ଶରୀର ରୁଟିନ୍ ଚେକଅପ କରାଇ ନେବାକୁ ଭୁଲନ୍ତୁ ନାହିଁ।
- ଯଦି ପରାମର୍ଶ ସମୟରେ ଡାକ୍ତର ରୋଗ ବିଷୟରେ ପଚାରୁଛନ୍ତି, ତେବେ ତାଙ୍କର ସମସ୍ତ ପ୍ରଶ୍ନର ଠିକ୍ ଉତ୍ତର ଦିଅନ୍ତୁ। କାରଣ ଯଦି କୌଣସି କଥାକୁ ଆପଣ ଲୁଚାଇବାକୁ ଚେଷ୍ଟା କରନ୍ତି ତେବେ ତାହା ରୋଗ ଚିକିତ୍ସାରେ ବାଧକ ସାଜିଥାଏ।
- କୌଣସି ରୋଗରୁ ଆରୋଗ୍ୟ ଲାଭ କରିବାକୁ ଡାକ୍ତରଙ୍କ ପରାମର୍ଶକୁ ଠିକ୍ ଭାବରେ ଅନୁସରଣ କରନ୍ତୁ।
- ନିଜର ଖାଦ୍ୟପେୟ ପ୍ରତି ସଚେତନ ରୁହନ୍ତୁ।
- ବିଳମ୍ବିତ ରାତିରେ ଶୋଇବା ଅଭ୍ୟାସକୁ ବଦଳାଇବାକୁ ଚେଷ୍ଟା କରନ୍ତୁ।
- ଅସୁସ୍ଥ ଥିଲେ ସୁସ୍ଥ ହେବା ପର୍ଯ୍ୟନ୍ତ ବ୍ୟାୟାମ ବନ୍ଦ କରନ୍ତୁ। ନ ହେଲେ ଏହାର ପ୍ରତିକୂଳ ପ୍ରଭାବ ଶରୀର ଉପରେ ପଡ଼ିଥାଏ।



# ଥାର୍ଡ ହ୍ୟାଣ୍ଡ ଧୂଆଁ



ଡା. ଜ୍ୟୋତି ରଞ୍ଜନ ସ୍ୱାଇଁ

"ଆପଣ ବାଲ୍‌କୋନୀରେ ନିଜ ଘର ବାହାରେ ଧୂମପାନ କଲେ ମଧ ଆପଣଙ୍କ ପିଲାମାନେ ଧୂମପାନ କରିବାର ଆଶଙ୍କାର ସମ୍ମୁଖୀନ ହୁଅନ୍ତି। ଯଦି ଆପଣ ଏକ ଘରେ ରହୁଛନ୍ତି, ଯେଉଁଥିରେ ପୂର୍ବ ଭଡ଼ାଟିଆ ଯିଏ ପୂର୍ବରୁ ଧୂମପାନ କରୁଥିଲେ, ତେବେ ଆପଣ ମଧ ତୃତୀୟ ଧୂଆଁର ପ୍ରଭାବର ସମ୍ମୁଖୀନ ହେବା ଯଥେଷ୍ଟ ଆଶଙ୍କା ରହିଛି। ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଏହି ତମାଖୁ ଦ୍ରବ୍ୟର ଅବଶିଷ୍ଟାଂଶ ନିକୋଟିନ୍ ବାୟୁରେ ନାଇଟ୍ରସ୍ ଏସିଡ୍ ସହିତ ପ୍ରତିକ୍ରିୟା କରିଥାଏ ଏବଂ ବିପଜ୍ଜନକ ରାସାୟନିକ ପଦାର୍ଥ ସୃଷ୍ଟି କରେ, ଯାହା କର୍କଟ ସମେତ ଅନେକ ରୋଗର କାରଣ ହୋଇଥାଏ।"

ଲୋକମାନେ ଧୂମପାନର ବିପଦ ବିଷୟରେ ଶୁଣନ୍ତି। ସେକେଣ୍ଡ ହ୍ୟାଣ୍ଡ ଧୂଆଁର ବିପଦ ବିଷୟରେ ସେମାନେ ଶୁଣନ୍ତି, କିନ୍ତୁ ତୃତୀୟ ଧୂଆଁର ବିପଦ ବିଷୟରେ ଅନେକେ ଜାଣିନାହାନ୍ତି। ତୃତୀୟ ଧୂଆଁ ବିଷୟରେ ଆପଣ ପ୍ରକୃତରେ ବିପଦକୁ ଆକଳନ କରିପାରିବେ ନାହିଁ। ଆମେ ସମସ୍ତେ ଜାଣୁ ଯେ ପ୍ରତ୍ୟେକ ସିଗାରେଟ୍, ଗୁଟ୍‌ଖା ଆଦି ନିଶାଦ୍ରବ୍ୟ ପ୍ରତି ୮ ମିନିଟ୍‌ରେ ଗୋଟିଏ ଜୀବନ ନେଇଥାଏ।

ଆମେ ଜାଣୁ ଯେ ଧୂମପାନ ଏବଂ ସେକେଣ୍ଡ ହ୍ୟାଣ୍ଡ ଧୂଆଁ (ସିଗାରେଟ୍ ଜଳିବା ଦ୍ୱାରା ବାହାରୁଥିବା ଧୂଆଁ) କ୍ଷତିକାରକ। ହେଲେ ଏହା ଭିତରେ ଆଉ ଏକ ବିପଦ ଲୁଚି ରହିଛି, ଯାହା ହେଲା ତୃତୀୟ ଧୂଆଁ ବା ଥାର୍ଡ ହ୍ୟାଣ୍ଡ ସ୍ମୋକ୍। ଏକଥା ହୁଏତ ଆପଣଙ୍କୁ ଆଶ୍ଚର୍ଯ୍ୟ କରିପାରେ, ହେଲେ ତାହା ସତ। ତୃତୀୟ ଧୂଆଁ ଏପରି ଏକ ଅବଶିଷ୍ଟାଂଶ, ଯାହା ପିକଦାନିରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରହିଥାଏ। ଥାର୍ଡ ହ୍ୟାଣ୍ଡ ଧୂଆଁରେ ଥିବା ନିକୋଟିନ୍ ଏବଂ ଅନ୍ୟାନ୍ୟ ରାସାୟନିକ ପଦାର୍ଥ, ଯାହା ସେହି ଅଞ୍ଚଳରେ କେହି ଧୂମପାନ କରିବା ପରେ ପୋଷାକ ଏବଂ ସେହି ପରିବେଶରେ ରହିଥାଏ। ତମାଖୁ ଧୂଆଁରୁ ବିପଦପୂର୍ଣ୍ଣ ଅବଶିଷ୍ଟାଂଶ ଧୂଆଁ ବାହାରିବା ପରେ କାର୍ପେଟ, କାନ୍ଥ ଏବଂ ଅନ୍ୟାନ୍ୟ ପୃଷ୍ଠରେ ଲାଗିଥାଏ। ଏହାର ଅର୍ଥ ଆପଣ ବାଲ୍‌କୋନୀରେ ନିଜ ଘର ବାହାରେ ଧୂମପାନ କଲେ ମଧ ଆପଣଙ୍କ ପିଲାମାନେ ଧୂମପାନ କରିବା ଆଶଙ୍କାର ସମ୍ମୁଖୀନ ହୁଅନ୍ତି। ଯଦି ଆପଣ ଏକ ଘରେ ରହୁଛନ୍ତି, ଯେଉଁଥିରେ ପୂର୍ବ ଭଡ଼ାଟିଆ ଯିଏ ପୂର୍ବରୁ ଧୂମପାନ କରୁଥିଲେ, ତେବେ ଆପଣ ମଧ ତୃତୀୟ ଧୂଆଁର ପ୍ରଭାବର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ଏକ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଏହି ତମାଖୁର ଅବଶିଷ୍ଟାଂଶ ନିକୋଟିନ୍ ବାୟୁରେ ନାଇଟ୍ରସ୍ ଏସିଡ୍ ସହିତ ପ୍ରତିକ୍ରିୟା କରିଥାଏ ଏବଂ ବିପଜ୍ଜନକ ରାସାୟନିକ ପଦାର୍ଥ ସୃଷ୍ଟି କରେ, ଯାହା କର୍କଟ ସମେତ ଅନେକ ରୋଗର କାରଣ ହୋଇଥାଏ।

ଚଟାଣ, ଘର ଭିତର ପରିବେଶ, ଘରର ପୋଷାକ ଏବଂ ଘରର ଅନ୍ୟ ଜିନିଷଗୁଡ଼ିକ ଏହି ଧୂଆଁ ସଂସ୍ପର୍ଶରେ ଆସିଥାଏ। ତେଣୁ ସେହି ଘରେ ରହୁଥିବା ପିଲାମାନେ ତୃତୀୟ ଧୂଆଁ ଦ୍ୱାରା ପ୍ରଭାବିତ ହୋଇଥାଆନ୍ତି। ବିଶେଷ ଭାବରେ ଏହା ଛୋଟ ପିଲାଙ୍କ ପାଇଁ ସତ, ଯେଉଁମାନେ ବିଭିନ୍ନ ବସ୍ତୁକୁ ସ୍ପର୍ଶ କରନ୍ତି ଏବଂ ପାଟିରେ ହାତ ରଖନ୍ତି। ତୃତୀୟ ଧୂଆଁ ବାହାର କରିବା ଏବଂ ଏଥିରୁ ମୁକ୍ତି ପାଇବା ଅତ୍ୟନ୍ତ କଷ୍ଟକର। ଶେଷ ସିଗାରେଟ୍ ଲିଭାଇବା ପରେ ଏହା ସପ୍ତାହ, ମାସ ଏବଂ ବର୍ଷ ପର୍ଯ୍ୟନ୍ତ ରହିଥାଏ। ଏହା ସାଧାରଣ ସଫେଇ ପ୍ରଣାଳୀକୁ ପ୍ରତିରୋଧ କରେ ଏବଂ ଡିଟରଜେଣ୍ଟସ ଏବଂ ଟିକା କ୍ଲିନର ସହିତ ସରଫେସ୍ ସଫା କରି ଆମେ ଏହାକୁ ଅପସାରଣ କରିପାରିବୁ ନାହିଁ। ଧୂଆଁକୁ ବିସ୍ତାର କରିବାର ପ୍ରୟାସ, ଯେପରି ଝରକା ଖୋଲିବା କିମ୍ବା ଏକ ଫ୍ୟାନ୍ ବ୍ୟବହାର କରିବା, ତୃତୀୟ ଧୂଆଁ ସୃଷ୍ଟି କରିବାରେ କିମ୍ବା ଏହାକୁ ନିଃଶ୍ୱାସରେ ରଖିବାକୁ ବାରଣ କରିବ ନାହିଁ ଏବଂ ଅବଶିଷ୍ଟାଂଶ ବର୍ଷ ବର୍ଷ କିମ୍ବା ଦଶନ୍ଧି ପାଇଁ କ୍ଷତିକାରକ ରାସାୟନିକ ପଦାର୍ଥ ସୃଷ୍ଟି କରିଥାଏ। ଏହି କାରଣରୁ ବେଳେବେଳେ ଏକମାତ୍ର ସମାଧାନ ହେଉଛି କାର୍ପେଟ ବଦଳାଇବା, କାନ୍ଥକୁ ରଙ୍ଗ କରିବା ଏବଂ ଭେଣ୍ଟିଲେସନ୍ ସିଷ୍ଟମ ସଫା କରିବା। ଆମେ ଏକମାତ୍ର ସମାଧାନ ଭାବରେ ଯାହା ଭାବୁଛୁ, ତାହା ହେଉଛି ଧୂମପାନ ବନ୍ଦ କରିବା ଏବଂ ଅନ୍ୟମାନଙ୍କୁ ଧୂମପାନରୁ ନିବୃତ୍ତ କରିବା। ଯଦି ତୁମେ ଧୂମପାନ କର, ତୁମ ଘର ଭିତରେ କେବେ ଧୂମପାନ କର ନାହିଁ, କାରଣ ଯଦିଓ ତୁମେ ଆଉ ଧୂଆଁର ଗନ୍ଧ କରୁନାହଁ, ତଥାପି ଏହା ସେଠାରେ ଅଛି। ତଥାପି, ଏହାକୁ ସମ୍ପୂର୍ଣ୍ଣ ରୂପେ ଏଡ଼ାଇବା ପାଇଁ ସର୍ବୋତ୍ତମ ଉପାୟ ହେଲା ଦୁନିଆରେ ଧୂମପାନମୁକ୍ତ ପରିବେଶ ସୃଷ୍ଟି କରିବା।



– କନ୍‌ସଲଟାଣ୍ଟ, ସର୍ଜିକାଲ ଅନ୍‌କୋଲୋଜି, ଏଚ୍.ସି.ଜି. ପଣ୍ଡା କ୍ୟାନ୍‌ସର ହସ୍ପିଟାଲ, ତେଲେଙ୍ଗାପେଣ୍ଠ, କଟକ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଅଗଷ୍ଟ ୨୯/୨୦୨୨ Bhubaneswar, Monday, August 29/ 2022

# ଭାରତର ରୋମାଞ୍ଚକ ବିଜୟ

**ଦୁବାଇ,୨୮।୮**

ଏସିଆ କପରେ ପାକିସ୍ତାନ ବିପକ୍ଷରେ ରୋମାଞ୍ଚକ ବିଜୟ ହାସଲ କରିଛି ଭାରତ। କଡା ସଂଘର୍ଷପୂର୍ଣ୍ଣ ମୁକାବିଲାରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଲରାଉଣ୍ଡ ସଫଳତା (୩/୨୫ ଓ ୩୩*) ଓ ଜାଡେଜାଙ୍କ ଦୃଢ ୩୫ ରନ ବଳରେ ଭାରତ ୫ ଉଇକେଟରେ ମ୍ୟାଚକୁ ଜିତି ନେଇଛି। ବୋଲରଙ୍କ ଘାତକ ବୋଲିଂ ବଳରେ ପାକିସ୍ତାନକୁ ୧୪୭ ରନରେ ସୀମିତ ରଖିଥିଲା ଭାରତ। ୧୪୮ ରନ୍ ଲକ୍ଷ୍ୟର ପିଛା କରୁଥିବା ଭାରତ ମାତ୍ର ୧ ରନରେ ଲୋକେଶ ରାହୁଲ(୦)ଙ୍କ ଉଇକେଟ ହରାଇଥିଲା। ତେବେ ଶତକୀୟ ମ୍ୟାଚ୍ ଖେଳୁଥିବା ବିରାଟ କୋହଲି (୩୫) ଓ ରୋହିତ ଶର୍ମା(୧୨)ଙ୍କ ମଧ୍ୟରେ ୪୯ ରନର ଭାଗୀଦାରି ହୋଇଥିଲା। ବିରାଟ କୋହଲି ନୱାଜଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ଖାତା ଖୋଲିବା ପୂର୍ବରୁ ଜୀବନଦାନ ପାଇଥିବା କୋହଲି କିଛି ଆକର୍ଷଣୀୟ ଶଟ୍ ଖେଳିଥିଲେ। ୩ ଚୌକା ଓ ଗୋଟିଏ ଛକା ସହିତ ୩୪ ବଲରୁ ୩୫ ରନ କରି ସେ ପ୍ୟାଭିଲିୟନ୍ ଫେରିଥିଲେ। ସୂର୍ଯ୍ୟକୁମାର ଯାଦବ(୧୮) ଓ ରବୀନ୍ଦ୍ର ଜାଡେଜା(୩୫)ଙ୍କ ମଧ୍ୟରେ ୩୬ ରନର ପାର୍ଟନରଶିପ୍ ହୋଇଥିଲା। ଶାହିନ୍ ଆଫ୍ରିଦିଙ୍କୁ ବଡ ଶଟ୍ ଖେଳିବାକୁ ଯାଇ ଯାଦବ ବୋଲ୍ଡ ହେବା ପରେ ପାଣ୍ଡ୍ୟା ଓ ଜାଡେଜା ମୋର୍ଚ୍ଚା ସମ୍ଭାଳିଥିଲେ। ଉଭୟ ୩୭ ବଲରେ ୫୨ ରନ୍ ଯୋଡିଥିଲେ। ଅନ୍ତିମ ଓଭରରେ ୭ ରନ ଆବଶ୍ୟକ ଥିବା ବେଳେ ଜାଡେଜା ପ୍ରଥମ ବଲରେ ଆଉଟ ହୋଇଥିଲେ। ଦୁଇଟି ଲେଖାଏ ଛକା ଓ ଚୌକା ସହିତ ସେ ୩୫ ରନ କରିଥିଲେ। ପାଣ୍ଡ୍ୟା ୧୭ଟି ବଲରୁ ୩୩ ରନ କରି ବିଜୟୀ କରିଥିଲେ। ଏହି ଇନିଂସରେ ୪ଚୌକା ଓ ଗୋଟିଏ ଛକା ସାମିଲ ଥିଲା। ପାକିସ୍ତାନ ପକ୍ଷରୁ ନଶିମ୍ ଶାହ ୨ ଓ ମହମ୍ମଦ ନୱାଜ ୩ ଉଇକେଟ ନେଇଥିଲେ।

ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ଆରମ୍ଭରୁ ଚାପରେ ରହିଥିଲା। ଅଧିନାୟକ ବାବର ଆଜମ(୧୦)ଙ୍କୁ ପ୍ୟାଭିଲିୟନ ପଠାଇଥିଲେ ଭୁବନେଶ୍ୱର। ଫଖର ଜମାନ (୧୦) ମଧ୍ୟ ବଡ ଶଟ୍ ଖେଳିବାକୁ ଯାଇ ଆଉଟ ହୋଇଥିଲେ। ଟପ୍ ସ୍କୋରର ମହମ୍ମଦ ରିଜୱାନ(୪୩) ଓ ଇଫତିଖାର ଅହମ୍ମଦ(୨୮) ଙ୍କ ମଧ୍ୟରେ ୪୫ ରନର ଭାଗୀଦାରି ହୋଇଥିଲା। ଉଭୟଙ୍କୁ ଆଉଟ କରି ବଡ ବ୍ରେକଥ୍ରୁ ଦେଇଥିଲେ ହାର୍ଦ୍ଦିକ ପାଣ୍ଡ୍ୟା। ରିଜୱାନ ୪୨ ବଲ୍ ଖେଳି ୪ ଚୌକା ଓ ୧ ଛକା ମାରିଥିଲେ। ଶେଷ ଆଡକୁ ଶାହନୱାଜ ଦହାନିଙ୍କ ଦ୍ରୁତ ୬ ବଲ୍‌ରେ୧୬ ଓ ହରିଶ ରୌଫ୍‌ଙ୍କ ଅପରାଜିତ ୧୩ରନ୍ କରିଥିଲେ। ଭୁବନେଶ୍ୱର କୁମାର ଓ ହାର୍ଦ୍ଦିକ ପାଣ୍ଡ୍ୟା ଚମତ୍କାର ବୋଲିଂ କରିଥିଲେ। ଭୁବନେଶ୍ୱର ୨୬ ରନରେ ୪ଟି ଏବଂ ପାଣ୍ଡ୍ୟା ୨୫ ରନରେ ୩ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପାକିସ୍ତାନ ୧୯.୫ ଓଭରରେ ୧୪୭/୧୦ (ମହମ୍ମଦ ରିଜୱାନ-୪୩, ଇଫତିଖାର ଅହମ୍ମଦ-୨୮, ଶାହାନୱାଜ ଦହାନି-୧୬, ଭୁବନେଶ୍ୱର କୁମାର ୪/୨୬, ହାର୍ଦ୍ଦିକ ପାଣ୍ଡ୍ୟା ୩/୨୫, ଅର୍ଶଦୀପ ସିଂ ୨/୩୩) ଭାରତ ୧୯.୪ ଓଭରରେ ୧୪୮/୫(ରବୀନ୍ଦ୍ର ଜାଡେଜା-୩୫, ବିରାଟ କୋହଲି-୩୫, ହାର୍ଦ୍ଦିକ ପାଣ୍ଡ୍ୟା-୩୩*, ମହମ୍ମଦ ନୱାଜ ୩/୩୩, ନଶିମ ଅହମ୍ମଦ-୨/୨୭)।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ହାର୍ଦ୍ଦିକ ପାଣ୍ଡ୍ୟା।


ଏସିଆ କପ୍‌ରେ ଭାରତ-ପାକିସ୍ତାନ ମ୍ୟାଚ୍‌କୁ ଉପଭୋଗ କରୁଛନ୍ତି ଦୁଇ ଦଳର ସମର୍ଥକ।

# ଭୁବନେଶ୍ୱର ସାଇକ୍ଲିଂ ଆଡ୍‌ଭେଞ୍ଚର କ୍ଲବର ସଫଳତା

**ଭୁବନେଶ୍ୱର, ୨୮।୮ (ସ୍ପୋର୍ଟ୍ସ ବ୍ୟୁରୋ)**

ବରିଷ୍ଠ ପୋଲିସ ଅଧିକାରୀ ସଞ୍ଜୀବ ପଣ୍ଡାଙ୍କ ନେତୃତ୍ୱରେ ଭୁବନେଶ୍ୱର ସାଇକ୍ଲିଂ ଆଣ୍ଡ୍ ଆଡ୍‌ଭେଞ୍ଚର କ୍ଲବ (ବିକାକ୍) ଉଲ୍ଲେଖନୀୟ ସଫଳତା ହାସଲ କରିଛି। କ୍ଲବର ଏକ ୨୦ ଜଣିଆ ସାଇକ୍ଲୋନଟ୍ସ ଦଳ ଦୁର୍ଗମ ମନାଲୀ-ଲେହ-ଖାରଡଙ୍ଗଲା ପଥ ଅତିକ୍ରମ କରିଛନ୍ତି। ଖାରଡଙ୍ଗଲା ପଥ ସମୁଦ୍ରପତନଠାରୁ ୧୭୯୮ ଫୁଟ୍ ଉଚ୍ଚରେ ଅବସ୍ଥିତ। ଏହା ବିଶ୍ୱର ସର୍ବୋଚ୍ଚ ମୋଟର ପାସ୍ ଭାବେ ଜଣାଶୁଣା, ଯେଉଁଠାରେ ବାୟୁ ଚଳାଚଳ ଓ ଅମ୍ଳଜାନ ପରିମାଣ କମ୍ ପରିଲକ୍ଷିତ ହୋଇଥାଏ। ବିଶ୍ୱର ଏହା ଅନ୍ୟତମ କଠିନ ଓ ଦୁଃସାହସିକ ସଡ଼କ ଭାବେ ପରିଚିତ। ସେଠାରେ ସାଇକେଲ ଚଳାଇବା ନିଶ୍ଚିତ କଷ୍ଟସାଧ୍ୟ। 'ବିକାକ୍'ର ସାଇକ୍ଲିଷ୍ଟମାନେ ସେମାନଙ୍କ ଅଭିଯାନ ବେଳେ ଶାନ୍ତି ଓ ବନ୍ଧୁତ୍ୱର ବାର୍ତ୍ତା ପ୍ରଚାର କରିଥିଲେ। ସେମାନେ ଅଗଷ୍ଟ ୧୫ରେ ଟାଙ୍ଗଲାଙ୍ଗଲା ଶୃଙ୍ଗ (୧୭୫୮୨ ଫୁଟ୍) ଉପରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ଜାତୀୟ ସଙ୍ଗୀତ ଗାନ କରିଥିଲେ। ଓଡ଼ିଶାର ୨୦ ଜଣିଆ ସାଇକ୍ଲୋନଟ୍ସ ଦଳ ହିମାଳୟ ଉପତ୍ୟକାର ୫୫୦ କିଲୋମିଟର ଯାତ୍ରା ସମୟରେ ସମୁଦ୍ରପତନଠାରୁ ବହୁ ଉଚ୍ଚରେ

**ଦୁଃସାହସିକ ସାଇକ୍ଲିଂ**

ଥିବା ୬ଟି ସ୍ଥାନ ଅତିକ୍ରମ କରିଥିଲେ। ସାଇକ୍ଲିଷ୍ଟମାନଙ୍କୁ ବର୍ଷା, ଥଣ୍ଡା ଓ କୁଆପଥର ମାଡ଼ର ସମ୍ମୁଖୀନ ହେବାକୁ ପଡ଼ିଥଲା। ବିଦ୍ୟୁତ କିମ୍ବା ଟେଲିଫୋନର ସୁବିଧା ନ ଥିଲା। ଓଡ଼ିଶାରେ ସାଇକ୍ଲିଂକୁ ଲୋକପ୍ରିୟ କରିବା ଏହି ଦୁଃସାହସିକ ସାଇକ୍ଲିଂ ଯାତ୍ରାର ଅନ୍ୟତମ ଲକ୍ଷ୍ୟ ବୋଲି ବିକାକ୍‌ର ସଭାପତି ତଥା ଟିମ୍ ଲିଡର ସଞ୍ଜୀବ ପଣ୍ଡା ପ୍ରକାଶ କରିଛନ୍ତି। ବିକାକ୍ ପକ୍ଷରୁ ପ୍ରତି ୪ ବର୍ଷ ବ୍ୟବଧାନରେ ଏହି ଦୁଃସାହସିକ ଯାତ୍ରାର ଆୟୋଜ କରାଯାଉଛି। ପୂର୍ବରୁ ଦୁଇ ଥର ୨୦୧୪ (୧୦ଜଣ ସଦସ୍ୟଙ୍କୁ ନେଇ) ଏବଂ ୨୦୧୮ (୧୩ଜଣ)ରେ ଏହି ପଥରେ ବିକାକ୍ ଟିମ୍ ଦୁଃସାହସିକ ସାଇକ୍ଲିଂ କରିଥିଲା।


ମନାଲୀ-ଲେହ-ଖାରଡଙ୍ଗଲା ପଥ ଅତିକ୍ରମ ଅବସରରେ ଭୁବନେଶ୍ୱର ସାଇକ୍ଲିଂ ଆଣ୍ଡ୍ ଆଡ୍‌ଭେଞ୍ଚର କ୍ଲବ ଦଳ।

# ଏକ୍ସେଲସେନ୍, ୟାମାଗୁଚିଙ୍କୁ ଟାଇଟଲ

**ଟୋକିଓ, ୨୮।୮ (ଏପି):** ପ୍ରଥମ ଫାଇନାଲିଷ୍ଟ କୁନ୍‌ଲାଭଟ୍ ଭିଟିଡ୍‌ସରନଙ୍କୁ ୨୧-୫, ୨୧-୧୬ରେ ପରାସ୍ତ କରି ଜବରଦସ୍ତ ଫର୍ମରେ ଥିବା ଡେନମାର୍କର ଭିକ୍ଟର ଏକ୍ସେଲସେନ୍ ଦ୍ୱିତୀୟ ଥର ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଏଥି ସହିତ ତାଙ୍କ କ୍ରମାଗତ ମ୍ୟାଚ ବିଜୟ ସଂଖ୍ୟା ୩୭କୁ ବୃଦ୍ଧି ପାଇଛି। ଗତ ମାର୍ଚ୍ଚ ମାସରୁ ସେ ଗୋଟିଏ ହେଲେ ମ୍ୟାଚରେ ପରାଜିତ ହୋଇ ନାହାନ୍ତି। ଅନ୍ୟପକ୍ଷରେ ଆକାନେ ୟାମାଗୁଚି କ୍ରାଗତ ଦ୍ୱିତୀୟ ଥର ବିଶ୍ୱ ମହିଳା ଟାଇଟଲ ହାସଲ କରିଛନ୍ତି। ସେ ରବିବାର ଫାଇନାଲରେ ଅଲିମ୍ପିକ ଚାମ୍ପିୟନ ଚେନ୍ ୟୁଫିଙ୍କୁ ୨୧-୧୨, ୧୦-୨୧, ୨୧-୧୪ରେ ହରାଇ ଦେଇଛନ୍ତି। ବର୍ଷକ ପୂର୍ବେ ଆଶ୍ଚର୍ଯ୍ୟଜନକ ଭାବେ ନିଜ ଦେଶରେ ଟୋକିଓ ଅଲିମ୍ପିକ୍ସରେ ଦେଶ ପାଇଁ ଗୋଟିଏ ହେଲେ ପଦକ ଜିତିପାରି ନ ଥିବା ୟାମାଗୁଚି ଚମତ୍କାର ପ୍ରତ୍ୟାବର୍ତ୍ତନ ସହ କ୍ରମାଗତ ବିଶ୍ୱ ଚାମ୍ପିୟନ ହେବା ସହ ନିର୍ବିବାଦୀୟ ନମ୍ବର ୧ ସ୍ଥାନ ବଜାୟ ରଖିଛନ୍ତି। ରବିବାର ଟାଇଟଲ ଜିତିବା ପରେ ସେ ଖୁସିରେ କାନ୍ଦି ପକାଇଥିଲେ। ସେ ତାଙ୍କ କ୍ୟାରିୟରରେ ଅନେକ ଟୁର୍ନାମେଣ୍ଟ ଜିତିଛନ୍ତି ହେଲେ ସେ କେବେ ଏତେଟା ଭାବପ୍ରବଣ ହେବା ଦେଖିବାକୁ ମିଳି ନ ଥିଲା।



ଆକାନେ ୟାମାଗୁଚି

# ଅଲ୍ ଓଡ଼ିଶା ର୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

**ଭୁବନେଶ୍ୱର, ୨୮।୮ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ୯, ୧୧ ଓ ୧୩ ବର୍ଷରୁ କମ୍ ଅଲ୍ ଓଡ଼ିଶା ର୍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ରବିବାର କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଛି। ବିଭିନ୍ନ ବୟସ ବର୍ଗର ଉଭୟ ବାଳିକା ଓ ବାଳକ ବିଭାଗ ସିଙ୍ଗଲ୍ସରେ ଜି. ଗୌତମ, ଆରାଧନା ବେବର୍ତ୍ତା, ଆୟଙ୍କ ସାହୁ, ଅନଭିତା ପ୍ରହରାଜ, ଓଜୋଦୀପ ମାଝି, ଜେସିକା ସାହୁ, ନତାହାନିଏଲ ରେଞ୍ଜିନ ଓ ନିମେଶା ଓଝା ଚାମ୍ପିୟନ ହୋଇଛନ୍ତି। ୧୩ ବର୍ଷରୁ କମ୍ ଡବଲ୍ସରେ ଓଜୋଦୀପ ମାଝି ଓ ଲାରିସା ସାହୁ ଟାଇଟଲ ହାସଲ କରିଛନ୍ତି। ରୋଇଂ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ବିନୋଦ ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଆୟୋଜକ ଆସୋସିଏଶନ ସମ୍ପାଦକ ଲିନିନ କୁମାର, କଟକ ଡେଭଲପ୍‌ମେଣ୍ଟ କମିଟି ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ଦାସ, ଆୟୋଜକ କମିଟି ସମ୍ପାଦକ କମଳ ଦାସ ଏବଂ ସଂଯୋଜକ ଚନ୍ଦନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ଓଡ଼ିଶା ଜଗରନଟ୍ସର ୭ମ ବିଜୟ

**ଭୁବନେଶ୍ୱର, ୨୮।୮ (କ୍ରୀଡ଼ା ପ୍ରତିନିଧି)**

ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚାଲିଥିବା ଅଲ୍‌ଟିମେଟ୍ ଖୋ ଖୋ ଲିଗ୍‌ର ରବିବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ଜଗରନଟ୍ସ ୯ (୪୮-୩୯) ପଏଣ୍ଟରେ ତେଲ୍‌ଗୁ ଯୋଦ୍ଧାସକୁ ପରାସ୍ତ କରିଛି। ଚଳିତ ଲିଗ୍‌ରେ ଜଗରନଟ୍ସର ଏହା

**ଅଲ୍‌ଟିମେଟ ଖୋ ଖୋ**

କ୍ରମାଗତ ୬ଷ୍ଠ ଏବଂ ୮ ମ୍ୟାଚରୁ ୭ମ ବିଜୟ। ଓଡ଼ିଶା ପକ୍ଷରୁ ସୂରଜ ଲାଡେ ପ୍ରତିପକ୍ଷ ଦଳର ୪ ଜଣ ଡିଫେଣ୍ଡରଙ୍କୁ ଆଉଟ କରି ୧୦ ପଏଣ୍ଟ ହାସଲ କରିଥିଲେ। ସେହିପରି ବିଶାଲ ଚମତ୍କାର ଡିଫେନ୍‌ସିଭ୍ ଦକ୍ଷତା ପ୍ରଦର୍ଶନ କରି ୩.୫୩ ମିନିଟଧରି ମ୍ୟାଚ୍‌ରେ ତିଷ୍ଠି ରହିଥିଲେ। ତାଙ୍କୁ ୬ ବୋନସ ପଏଣ୍ଟ ମିଳିଥିଲା। ଗୋଥାମ ଏମ.କେ. ୯ ପଏଣ୍ଟ ହାସଲ କରିଥିଲେ। ଫଳରେ ଭାରତୀୟ ଦଳ ଏକଦା ପଛରେ ପଡ଼ିଥିଲେ ହେଁ ସଫଳ ପ୍ରତ୍ୟାବର୍ତ୍ତନ କରି ମ୍ୟାଚ ଜିତିବାରେ ସକ୍ଷମ ହୋଇଥିଲା। ତେଲ୍‌ଗୁ ଯୋଦ୍ଧାସ ପକ୍ଷରୁ ଆଦର୍ଶ ମୋହିତେ ସର୍ବାଧିକ ୯ ପଏଣ୍ଟ ହାସଲ କରିବାରେ ସକ୍ଷମ ହୋଇଥିଲେ। ୭ ବିଜୟ ଫଳରେ ଜଗରନଟ୍ସ ୨୧ ପଏଣ୍ଟରେ ପହଞ୍ଚି ନିଜର ଶୀର୍ଷସ୍ଥାନକୁ ଅଧିକ ମଜଭୁତ କରିଛି। ଓଡ଼ିଶା ଜଗରନଟ୍ସ ଏହାର ଶେଷ ୨ଟି ଲିଗ୍ ମ୍ୟାଚ ୩୦ ତାରିଖରେ ମୁମ୍ବାଇ ଖିଲାଡିଜ୍ ଏବଂ ୩୧ରେ ତେଲ୍‌ଗୁ ଯୋଦ୍ଧାସ ବିପକ୍ଷରେ ଖେଳିବ।



ଓଡ଼ିଶା ଜଗରନଟ୍ସ ଓ ତେଲ୍‌ଗୁ ଯୋଦ୍ଧାସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଫାଇନାଲରେ ଭାରତ

**ଭୁବନେଶ୍ୱର, ୨୮।୮ (କ୍ରୀଡ଼ା ପ୍ରତିନିଧି):** ଭଲିବଲରୁ ଭାରତ ପାଇଁ ଆସିଛି ଆଉ ଏକ ଭଲ ଖବର। ୨୦ ବର୍ଷରୁ କମ୍ ଭାରତୀୟ ପୁରୁଷ ଭଲିବଲ ଦଳ ଏସୀୟ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛି। ବାହାରିନର ରିଫାଠାରେ ଅନୁଷ୍ଠିତ ଏସୀୟ ପ୍ରତିଯୋଗିତାର ସେମିଫାଇନାଲରେ ଭାରତ ଥାଇଲାଣ୍ଡକୁ ୩-୧ (୨୫-୨୧, ୨୩-୨୫, ୨୫-୧୮, ୨୫-୧୭) ସେଟ୍‌ରେ ପରାସ୍ତ କରିଛି। ଦୀର୍ଘ ୨୦ ବର୍ଷ ବ୍ୟବଧାନରେ କୌଣସି ଭାରତୀୟ ଭଲିବଲ ଦଳ ଏକ ଅନ୍ତର୍ଜାତୀୟ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରି ଇତିହାସ ରଚିଛି। ଭାରତ ପକ୍ଷରୁ ସେଟର ସମିର, ଆଟାକର ହର୍ଶିତ ଅମନ ଓ ବ୍ଲକର ଦୁଶ୍ୟନ୍ତ ଭଲ ପ୍ରଦର୍ଶନ କରିଥିଲେ। ଶେଷଥରପାଇଁ ଭାରତୀୟ ଦଳ ୧୯୯୪ରେ ରୌପ୍ୟ ପଦକ ଜିତିଥିଲା। ୧୯୮୦, ୨୦୦୬ ଓ ୨୦୧୦ରେ ଭାରତ ବ୍ରୋଞ୍ଜ ପାଇଥିବାବେଳେ ୧୯୯୬, ୨୦୦୮ ଓ ୨୦୧୦ରେ ଚତୁର୍ଥ ସ୍ଥାନରେ ସନ୍ତୁଷ୍ଟ ରହିଥିଲା। ତେହେରାନଠାରେ ଅନୁଷ୍ଠିତ ୧୪ତମ ଏସିଆନ ୧୮ ବର୍ଷରୁ କମ୍ ପୁରୁଷ ଭଲିବଲ ଟୁର୍ନାମେଣ୍ଟରେ ଭାରତୀୟ ଦଳ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି।

# ରାଇଜିଂ ଷ୍ଟାର, ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ

**ଭୁବନେଶ୍ୱର,୨୮।୮ (ସ୍ପୋର୍ଟ୍ସ ବ୍ୟୁରୋ)**

ବାରବାଟୀ ଷ୍ଟାଡିୟମରେ ଖେଳାଯାଉଥିବା ରାଜ୍ୟସ୍ତରୀୟ ଫାଓ ଲିଗ୍ ୨୦୨୨ରେ ରବିବାର ରାଇଜିଂ ଷ୍ଟାର ଓ ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ ହୋଇଛନ୍ତି। ଚଳିତ ସଂସ୍କରଣର ୭୨ ତମ ମ୍ୟାଚ ଚାନ୍ଦ କ୍ଲବ ଓ ରାଇଜିଂ ଷ୍ଟାର ମଧ୍ୟରେ

**ଫାଓ ଲିଗ୍ ୨୦୨୨**

ଖେଳାଯାଇଥିଲା। ରାଇଜିଂ ଷ୍ଟାର କ୍ଲବ୍ ୧-୦ରେ ଏହି ମ୍ୟାଚକୁ ଜିତି ନେଇଥିଲା। ମ୍ୟାଚର ୬୮ ତମ ମିନିଟରେ ଜିତୁ ମୁଦୁଲି ଏକମାତ୍ର ଗୋଲଟି ସ୍କୋର କରିଥିଲେ।

ମ୍ୟାଚ୍ ନମ୍ବର ୭୩ଟି ସ୍ପୋର୍ଟ୍ସ ହଷ୍ଟେଲ ଓ ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ଖେଳାଯିବାର ଥିଲା। ତେବେ ଇଷ୍ଟକୋଷ୍ଟ ରେଲୱ୍ ୱାକଓଭର ଦେବା କାରଣରୁ ସ୍ପୋର୍ଟ୍ସ ହଷ୍ଟେଲ ବିଜୟୀ ହୋଇଥିଲା। ସୋମବାର ସି.ଆର.ଆର.ଆଇ. ଓ ଆଞ୍ଚଳିକ ଆଥଲେଟିକ୍ ଆସୋସିଏସନ ମଧ୍ୟରେ ଅପରାହ୍ନ ୧.୩୦ରେ ମ୍ୟାଚ୍ ଖେଳାଯିବ। ଏହା ସହିତ କିଶୋର କ୍ଲବ ଓ ଟାଉନ କ୍ଲବ ମଧ୍ୟରେ ଅପରାହ୍ନ ୩.୩୦ରେ ଦ୍ୱିତୀୟ ମୁକାବିଲା ଖେଳାଯିବ।



ରାଇଜିଂ ଷ୍ଟାର ଓ ଚାନ୍ଦ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଏଆଇଏଫ୍‌ଏଫ୍ ନିର୍ବାଚନ: ସମସ୍ତ ନାମାଙ୍କନ କାଏମ

**ନୂଆଦିଲ୍ଲୀ, ୨୮।୮ (ପି.ଟି.):** ସର୍ବଭାରତୀୟ ଫୁଟବଲ ମହାସଂଘ ନିର୍ବାଚନ ପାଇଁ ସେପ୍ଟେମ୍ବର ୨ତାରିଖ ଧାର୍ଯ୍ୟ କରାଯାଇଛି। ବିଭିନ୍ନ ପଦବୀ ପାଇଁ ୨୦ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିବା ବେଳେ ସମସ୍ତ ନାମାଙ୍କନ କାଏମ ରହିଛି। ନିଯୁକ୍ତ ହୋଇଥିବା ୨ ରିର୍ଟନିଂ ଅଫିସର ରବିବାର ସମସ୍ତ ନାମାଙ୍କନ ପତ୍ରକୁ ଯାଞ୍ଚ କରିବା ପରେ ଏହି ସୂଚନା ପ୍ରଦାନ କରାଯାଇଛି। ସଭାପତି, ଉପସଭାପତି ଓ କୋଷାଧ୍ୟକ୍ଷ ପଦ ପାଇଁ ଦୁଇଟି ଲେଖାଏ ନାମାଙ୍କନ ଦାଖଲ କରାଯାଇଥିବା ବେଳେ ପରିଚାଳନା ପରିଷଦ ପାଇଁ ୧୪ଟି ନାମାଙ୍କନ ଦାଖଲ କରାଯାଇଛି। ସମସ୍ତ ନାମାଙ୍କନପତ୍ରକୁ ପରୀକ୍ଷା କରିବା ପରେ ଏହା ଠିକ୍ ଥିବା ନେଇ ସୂଚନା ଦେଇଛନ୍ତି ରିର୍ଟନିଂ ଅଫିସର ଉମେଶ ସିହ୍ନା।



ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ଶକ୍ତି ଉତ୍ତୋଳନ ଓ ବନ୍ଧୁକ ଚାଳନା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଆଜି କ'ଣ କେଉଁଠି

ବ୍ରହ୍ମପୁର

- ଭାଜପା ପକ୍ଷରୁ ଟିପିଏସଓଡିଏଲ ସିଇଓଙ୍କୁ ଦାବି ପତ୍ର। ସ୍ଥାନ–ଟିପିଏସଓଡିଏଲ କାର୍ଯ୍ୟାଳୟ। ସମୟ–ପୂର୍ବାହ୍ନ ୧୧ଟା ୧୫।

# ଦୌଡ଼କୁଦ ନିମନ୍ତେ ଭିତ୍ତିଭୂମିର ଅଭାବ

## ଆଜି ଜାତୀୟ କ୍ରୀଡ଼ା ଦିବସ

■କ୍ରୀଡ଼ାବିତ୍‌ଙ୍କ ପାଇଁ ନାହିଁ ଉପକରଣ

ବ୍ରହ୍ମପୁର ଅଫିସ,୨୮।୮



ୟୁସିପି କଲେଜ ଖେଳପଡ଼ିଆ।

ପ୍ରତିବର୍ଷ ଅଗଷ୍ଟ ୨୯କୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି। କ୍ରୀଡ଼ା ତଥା କ୍ରୀଡ଼ାବିତ୍‌ଙ୍କ ବିକାଶ ନିମନ୍ତେ ୨୦୧୨ରୁ ଏହି ଦିବସ ପାଳନ କରାଯାଉଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ନିମନ୍ତେ ବହୁ ଯୋଜନା ମଧ୍ୟ ପ୍ରସ୍ତୁତ କରୁଛନ୍ତି। ନିର୍ବାଚନ ସମୟରେ ଓ ଏହାପରେ ମଧ୍ୟ ରାଜ୍ୟ ସରକାର ବ୍ରହ୍ମପୁର ସହରରେ କ୍ରୀଡ଼ାବିତ୍‌ଙ୍କ ବିକାଶ ନିମନ୍ତେ କେବଳ ଇନ୍‌ଡ଼ୋର ଷ୍ଟାଡ଼ିୟମର ପରିସର ଓ ଇନ୍‌ଡୋର କ୍ରୀଡ଼ା ବିକାଶକୁ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ଆଉଟଡୋର କ୍ରୀଡ଼ାର ବିକାଶକୁ ଭୁଲି ଯାଇଥିବା କ୍ରୀଡ଼ାବିତଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ଯାହାଦ୍ୱାରା ଦୌଡ଼କୁଦ କ୍ରୀଡ଼ାରେ ରୁଚି ଓ ଦକ୍ଷତା ଥିବା ବହୁ କ୍ରୀଡ଼ାବିତ୍‌ଙ୍କ ଅଭ୍ୟାସ ପ୍ରଭାବିତ ହେଉଥିବା ଜଣାପଡ଼ିଛି। ସହରରେ ଦୌଡ଼କୁଦ କ୍ରୀଡ଼ା ଯେପରିକି ଲଙ୍ଗ ଜମ୍ପ, ହାଇ ଜମ୍ପ, ଟ୍ରିପଲ ଜମ୍ପ, ଜାଭେଲିନ ଥ୍ରୋ, ହାମର ଥ୍ରୋ, ଡିସ୍‌କସ୍ ଥ୍ରୋ, ପୋଲଭୋଲ୍ଟ, ୧୦୦,୨୦୦, ୪୦୦ ମିଟର ଦୌଡ଼, ବାଧାଦୌଡ଼, ୮୦୦ ମିଟର ଦୌଡ଼, ୩୦୦ମିଟର ଷ୍ଟିପଲଚେଜ, ମାରାଥନ, ୧୦୦୦୦କି.ମି., ୫୦୦୦ କି.ମି.ଦୌଡ଼ ଓ ମାରାଥନ କ୍ରୀଡ଼ାବିତ୍‌ଙ୍କ ଅଭ୍ୟାସ ନିମନ୍ତେ କ୍ରୀଡ଼ା ଭିତ୍ତିଭୂମିର ଅଭାବ ରହିଛି। ଏହି ସବୁ କ୍ରୀଡ଼ା ଅଭ୍ୟାସ ନିମନ୍ତେ ଆବଶ୍ୟକ ଥିବା ଜମ୍ପିଂ ପିଟ, ରନିଂ ଟ୍ରାକ, ସିମେଣ୍ଟେଡ଼ ସର୍କଲ, ହଡଲ ରନିଂ ଉପକରଣ ଭଳି କୌଣସି କ୍ରୀଡ଼ା ଉପକରଣ ସହରର କେଉଁଠାରେ ମଧ୍ୟ ଏହି ବ୍ୟବସ୍ଥା ନାହିଁ। ଦୀର୍ଘ ୪ ବର୍ଷ ହେବ ବ୍ରହ୍ମପୁର ଷ୍ଟାଡିୟମରେ ମଧ୍ୟ ଏହାର ବିକାଶ ନିମନ୍ତେ ନିର୍ମାଣାଧୀନ ଥିବା ଦର୍ଶାଇ ବନ୍ଦକରି ଦିଆଯାଇଛି। ବର୍ତ୍ତମାନ ଭିଡ଼ ଦୃଷ୍ଟିରୁ ଦୌଡ଼ କୁଦ ଅଭ୍ୟାସ କରୁଥିବା ଅଧିକାଂଶ କ୍ରୀଡ଼ାବିତ ୟୁସିପି କଲେଜ ପଡ଼ିଆ ଉପରେ ନିର୍ଭର କରୁଛନ୍ତି। କିନ୍ତୁ ଏହା ଖେଳପଡ଼ିଆ କମ, ଚାରଣ ଭୂମି ଭଳି ଅଧିକା ପରିଲକ୍ଷିତ ହେଉଛି। ପଡ଼ିଆ ସାରା ଘାସ ବୁଦାରେ ଭର୍ତ୍ତି ରହିଛି। ଅନ୍ୟପଟେ ବିଏମ୍‌ସି କର୍ତ୍ତୃପକ୍ଷ ମଧ୍ୟ କ୍ରୀଡ଼ା ବିକାଶ ନାଁରେ ସହରରେ ଗୋଟିଏ ପରେ ଗୋଟିଏ ଇନ୍‌ଡୋର ହଲ ପ୍ରସ୍ତୁତ କରି ଚାଲିଛନ୍ତି। ବାସ୍କେଟବଲ, କବାଡ଼ି, ଟେନିସ ଓ ବ୍ୟାଡ୍‌ମିଣ୍ଟନ ଭଳି ଇନ୍‌ଡୋର କ୍ରୀଡ଼ା ଅଭ୍ୟାସ ନିମନ୍ତେ ଆମ୍ବପୁଆ,ତୁଳସୀ ନଗରରେ ଦୁଇଟି ଇନ୍‌ଡୋର ହଲ ନିର୍ମିତ ହୋଇଥିବା ବେଳେ ଗେଟବଜାର ସ୍ଥିତ ସ୍ପୋର୍ଟ୍ସ ଏରେନାରେ ଇନ୍‌ଡୋର କ୍ରୀଡ଼ା,ବ୍ୟାୟାମ ଓ ଯୋଗକୁ ସୁହାଇବା ଭଳି ନିର୍ମିତ ହୋଇଛି। ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ପୂର୍ବରୁ ଇନ୍‌ଡୋର ଷ୍ଟାଡ଼ିୟମ ଥିବା ବେଳେ ବର୍ତ୍ତମାନ ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ(ୟୁସିପି)କଲେଜ ଖେଳ ପଡ଼ିଆରେ ଓ ବ୍ରହ୍ମପୁର ଷ୍ଟାଡିୟମରେ ମଧ୍ୟ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣାଧୀନ ରହିଛି। ଏଭଳି ସ୍ଥିତିରେ ସହରରେ ସ୍କୁଲ, କଲେଜ ଓ ଯୁବ କ୍ରୀଡ଼ାବିତ୍ ଯେଉଁମାନେ ଦୌଡ଼କୁଦ କ୍ଷେତ୍ରରେ ରୁଚି ରଖୁଛନ୍ତି ସେମାନଙ୍କ ନିକଟରେ ଦକ୍ଷତା ଥାଇ ସୁଦ୍ଧା ଏହି କ୍ରୀଡ଼ାବିତ୍‌ମାନେ ଉପଯୁକ୍ତ ଭିତ୍ତିଭୂମି ଓ କ୍ରୀଡ଼ା ଉପକରଣ ଅଭାବରୁ ପଛେଇ ଯାଇଛନ୍ତି।

### ଏମାନେ ଯାହା କୁହନ୍ତି...



"ଆଉଟଡୋର କ୍ରୀଡ଼ା ବିକାଶ ନିମନ୍ତେ ବିଏମ୍‌ସି କାଉନସିଲ ବୈଠକରେ ଏ ସଂକ୍ରାନ୍ତରେ ମତ ପ୍ରକାଶ ପାଇଥିବା ବେଳେ ଏ ବିଷୟରେ ଆଗାମୀ ସମୟରେ ବିଚାର କରାଯିବ ବୋଲି କୁହାଯାଇଥିଲା। ଯଦି ଦୌଡ଼କୁଦ କ୍ରୀଡ଼ାର ବିକାଶ ହୋଇଥାନ୍ତା ତେବେ ନିଶ୍ଚିତ ଭାବେ ସହରରୁ ବହୁ କ୍ରୀଡ଼ାବିତ୍ ନିଜର ଦକ୍ଷତା ବିକାଶ କରିବାର ସୁଯୋଗ ପାଇପାରନ୍ତେ।

**- ସୁରେନ୍ଦ୍ର କୁମାର ମହାରଣା, ୩୨ ନମ୍ବର ୱାର୍ଡ କର୍ପୋରେଟର ଓ ପୂର୍ବତନ କ୍ରୀଡ଼ାବିତ୍**



"ଦୀର୍ଘ ୪ ବର୍ଷ ହେବ ସହରରେ ଦୌଡ଼କୁଦ କ୍ରୀଡ଼ା ମନ୍ଥର ଗତିରେ ଚାଲିଛି। ପୂର୍ବରୁ ପ୍ରତିବର୍ଷ ବହୁ କ୍ରୀଡ଼ାବିତ୍ ନିଜର କ୍ରୀଡ଼ା ଦକ୍ଷତା ଯୋଗୁ ଆର୍ମି, ପୋଲିସ, ବିଏସ୍ଏଫ ଭଳି ଚାକିରି ମଧ୍ୟ ପାଇବାର ନଜିର ରହିଛି। ଅନ୍ୟପଟେ ପୂର୍ବରୁ ଯେଉଁଠି ନିୟମିତ ଶହଶହ ମହିଳା ଓ ପୁରୁଷ କ୍ରୀଡ଼ାବିତ କ୍ରୀଡ଼ାଭ୍ୟାସ କରୁଥିଲେ ବର୍ତ୍ତମାନ ନିୟମିତ ଭାବେ ମାତ୍ର ୩୦ରୁ ୪୦ କ୍ରୀଡ଼ାବିତ୍ ୟୁସିପି ପଡ଼ିଆରେ ଅଭ୍ୟାସ କରୁଛନ୍ତି। ଏହି କ୍ରୀଡ଼ାବିତ୍‌ଙ୍କ ନିମନ୍ତେ କ୍ରୀଡ଼ା ଉପକରଣ ଓ ପଡ଼ିଆ ମିଳିପାରିଲେ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ବହୁ ପଦକ ଅର୍ଜନ କରିପାରିବେ।

**-ସୁରେନ୍ଦ୍ର କୁମାର ପଟ୍ଟନାୟକ, ଜିଲ୍ଲା ଦୌଡ଼ କୁଦ କ୍ରୀଡ଼ା କୋଚ**

## ମହିଳାଙ୍କୁ ନିର୍ଯାତନା ସହ ହତ୍ୟା ଉଦ୍ୟମ, ଥାନାରେ ମାମଲା

**ବ୍ରହ୍ମପୁର ଅଫିସ,୨୮।୮:** ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଓ ଶ୍ୱଶୁରଘର ଲୋକ ଯୌତୁକ ନିର୍ଯାତନା ଦେବା ସହ ହତ୍ୟା ଉଦ୍ୟମ କରିଥିଲେ। ଗୀତାଞ୍ଜଳି ପଣ୍ଡା ଏନେଇ ମହିଳା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୧୫୬/୨୨ ରେ ଏକ ମାମଲା ରୁଜୁକରି ଘଟଣାର ଅନୁସନ୍ଧାନ କରୁଥିବା କହିଛି। ପ୍ରକାଶ ଯେ, ୨୦୧୬ ମେ ୧୯ରେ ଶେରଗଡ ଥାନା ଅନ୍ତର୍ଗତ ପରମାନନ୍ଦପୁର ଗ୍ରାମର ସଞ୍ଜୟ କୁମାର ପଣ୍ଡା ଉକ୍ତ ଗ୍ରାମର ଗୀତାଞ୍ଜଳି ପଣ୍ଡାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ଯୌତୁକ ବାବଦକୁ ସୁନାଗହଣା, ଟଙ୍କା ଓ ଘରକରଣା ସାମଗ୍ରୀ ଦିଆଯାଇଥିଲା। ବିବାହର କିଛି ମାସ ପରେ ଗୀତାଞ୍ଜଳିଙ୍କୁ ତାଙ୍କ ସ୍ୱାମୀଙ୍କ ସମେତ ପରିବାରର ଅନ୍ୟ ସଦସ୍ୟମାନେ ଅଧିକ ଯୌତୁକ ଦାବି କରିଥିଲେ। ଗୀତାଞ୍ଜଳି ଏନେଇ ତାଙ୍କ ବାପାଙ୍କୁ ଜଣାଇଥିଲେ। ହେଲେ ତାଙ୍କ ବାପାଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସେ ଝିଅଙ୍କ ଶ୍ୱଶୁର ଘରଲୋକ ଦାବି କରୁଥିବା ଯୌତୁକ ଦେଇ ପାରିନଥିଲେ। ଫଳରେ ଗୀତାଞ୍ଜଳିଙ୍କୁ ତାଙ୍କ ଶ୍ୱଶୁର ଘରେ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଇଥିଲା। ପରେ ସଞ୍ଜୟ ତାଙ୍କ ସ୍ତ୍ରୀ'ଙ୍କୁ ନେଇ ସୁରଟ ପଳାଇଥିଲେ। ସେଠାରେ ତାଙ୍କର ଏକ ଝିଅ ଜନ୍ମ ହୋଇଥିଲା। ଏହାକୁ ନେଇ ସେଠାରେ ଗୀତାଞ୍ଜଳିଙ୍କୁ ତାଙ୍କ ସ୍ୱାମୀ ଓ ଦିଅର ନିର୍ଯାତନା ଦେଉଥିଲେ। ଏପରିକି ଗୀତାଞ୍ଜଳିଙ୍କୁ ସେଠାରେ ତାଙ୍କ ଦିଅର ଗ୍ୟାସ ଲଗାଇ ହତ୍ୟା ଉଦ୍ୟମ ମଧ୍ୟ କରିଥିଲେ। ସେଠାରୁ ସେ କୌଶଳକ୍ରମେ ଖସି ଆସି ତାଙ୍କ ବାପାଙ୍କ ଘରେ ପହଞ୍ଚିଥିଲେ। ଶନିବାର ସେ ଏନେଇ ଥାନାରେ ଅଭିଯୋଗ କରିଥିବା ପୋଲିସ କହିଛି।

## ରେଳଧାରଣାରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ବ୍ରହ୍ମପୁର ଅଫିସ, ୨୮।୮:** ବ୍ରହ୍ମପୁର ସରକାରୀ ରେଳବାଇ ପୋଲିସ (ଜିଆରପି) ରବିବାର ସକାଳେ ଜେଲ ନିକଟ ଝାମି ମନ୍ଦିର ଦେଇ ଯାଇଥିବା ରେଳଧାରଣାରୁ ଏକ ମୃତଦେହ ଉଦ୍ଧାର କରିଛି। ମୃତ ବୃଦ୍ଧଙ୍କ ପରିଚୟ ମିଳି ନ ଥିବା ପୋଲିସ କହିଛି। ମୃତକଙ୍କ ଆନୁମାନିକ ବୟସ ୬୨ ବର୍ଷ ହେବ ବୋଲି ଜଣାପଡିଛି। ପୋଲିସ ମୃତଦେହ ଜବତ କରିବା ସହ ନଂ.୬୩/୨୨ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପରିଚୟ ପାଇବା ପାଇଁ ପୋଲିସ ଉକ୍ତ ମୃତଦେହ ଏମ୍‌କେସିଜିର ମୃତଦେହ ସଂରକ୍ଷଣ ଗୃହରେ ତିନି ଦିନ ଯାଏ ସଂରକ୍ଷିତ ରଖିଥିବା କହିଛି। ବୃଦ୍ଧ ଜଣଙ୍କ କୌଣସି ମାନସିକ ଦୁଶ୍ଚିନ୍ତାକୁ କେନ୍ଦ୍ର କରି ରବିବାର ଭୋରୁ ଏଭଳି ଭାବେ ରେଳଧାରଣାରେ ଶୋଇ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

## ଘର ଭିତରୁ ଗାଡ଼ି ଚୋରି

**ବ୍ରହ୍ମପୁର ଅଫିସ,୨୮।୮:** ବ୍ରହ୍ମପୁର ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ନେହୁରୁନଗର ୧୦ମ ଲାଇନରେ ଥିବା ରବି ପ୍ରଧାନଙ୍କ ଘରୁ ଏକ ସ୍କୁଟି ଚୋରି ହୋଇଛି। ଘରେ କେହି ନ ଥିବା ବେଳେ ତାଲା ଭାଙ୍ଗି ଲୁଟେରାମାନେ ତାଙ୍କର ଗାଡି (ନଂ ଓଡ଼ି ୦୭ଡ଼ି ୧୭୩୫) ନେଇଯାଇଛନ୍ତି। ପରେ ଗୃହକର୍ତ୍ତା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୫୧/୨୨ ରେ ଏକ ମାମଲା ରୁଜୁ କରିଛି।

## କୋଠରିରୁ ମହିଳାଙ୍କ ମୃତଦେହ ଉଦ୍ଧାର, କାରଣ ଅସ୍ପଷ୍ଟ

ବ୍ରହ୍ମପୁର ଅଫିସ,୨୮।୮

ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ନିଗମନଗର ୫ ଲାଇନର ଏକ ଘରୁ ରବିବାର ସନ୍ଧ୍ୟାରେ ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତ ମହିଳା ଜଣଙ୍କ ଜିତୁ ଗୌଡ଼ଙ୍କ ସ୍ତ୍ରୀ ସାଗରିକା ଗୌଡ଼ (୨୧)। ମହିଳାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ଭାବେ ଜଣାପଡୁନଥିବା ପୋଲିସ ସୂଚନା ଦେଇଛି। ଅନ୍ୟପଟେ ଜିତୁଙ୍କ କହିବା ଅନୁସାରେ ତାଙ୍କ ସ୍ତ୍ରୀ ସାଗରିକା ବେକରେ ଲୁଗା ଲଗାଇ ଆତ୍ମହତ୍ୟା କରିଛନ୍ତି। ସନ୍ଧ୍ୟା ହୋଇଯାଇଥିବାରୁ ଉକ୍ତ ମୃତଦେହ ନିକଟରେ ପୋଲିସ କର୍ମଚାରୀ ଜଗି ରହିଛନ୍ତି। ଜିତୁ ଗୌଡ଼ଙ୍କୁ ପୋଲିସ ଥାନାରେ ଅଟକ ରଖି ଘଟଣା ସମ୍ପର୍କରେ ପଚରାଉଚରା କରୁଥିବା କହିଛି। ମୃତ ମହିଳାଙ୍କ ପରିବାର ଲୋକଙ୍କୁ ପୋଲିସ ଏନେଇ ଖବର କରିଛି। ସେମାନେ ସୋମବାର ବ୍ରହ୍ମପୁରରେ ପହଞ୍ଚିବା ପରେ ମୃତଦେହ ପଞ୍ଚନାମା କରାଯିବ ବୋଲି ପୋଲିସ କହିଛି। ମୃତ ମହିଳାଙ୍କ ବାହାଘର ଦେଢବର୍ଷ ହୋଇଥିବାରୁ ସୋମବାର ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହର ପଞ୍ଚନାମା କରାଯିବ। ପ୍ରକାଶ ଯେ, ୨୦୨୧ରେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଦ୍ୱାରଗାଁର ବୃନ୍ଦାବନ ଗୌଡ଼ଙ୍କ ପୁଅ ଜିତୁ ଗୌଡ଼ ଜରଡ଼ା ଥାନା ଅନ୍ତର୍ଗତ ତୁରୁବୁଡି ଗ୍ରାମର ସାଗରିକା ଗୌଡ଼ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ପରେ ଉଭୟ ସ୍ୱାମୀ –ସ୍ତ୍ରୀ ବ୍ରହ୍ମପୁର ଆସିଥିଲେ। ଆଙ୍କୁଲି ନିଗମ ନଗରରେ ଏକ ଘର ଭଡ଼ା ନେଇ ରହୁଥିଲେ। ରବିବାର ଅପରାହ୍ନରେ ଜିତୁ ଘରକୁ ଆସି ଦେଖିବା ବେଳେ ତାଙ୍କ ସ୍ତ୍ରୀ ଆତ୍ମହତ୍ୟା କରିଥିବା ଜାଣିବାକୁ ପାଇଥିଲେ ବୋଲି ସେ ପୋଲିସକୁ କହିଛନ୍ତି।

## ଯୁବକଙ୍କୁ ଆକ୍ରମଣ, ଜଣେ ଗିରଫ

ବ୍ରହ୍ମପୁର ଅଫିସ,୨୮।୮



ଗିରଫ ଲୁଟେରା

ଜଣେ ଯୁବକଙ୍କୁ ଆକ୍ରମଣ କରି ତାଙ୍କ ପ୍ୟାଣ୍ଟ ପକେଟରୁ ଟଙ୍କା ଲୁଟି ନେଇଥିବା ଲୁଟେରାଙ୍କୁ ବ୍ରହ୍ମପୁର ସଦର ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଗୋବିନ୍ଦ ବିହାର ୬ଷ୍ଠ ଲାଇନରେ ରହୁଥିବା ସନ୍ତୋଷ ମହାରଣା (୪୨)। ପୋଲିସ ତାଙ୍କଠାରୁ ୨୩୦୦ ଟଙ୍କା ଜବତ କରିଛି। ସନ୍ତୋଷଙ୍କ ନାମରେ ଖଲ୍ଲିକୋଟ ଥାନାରେ ୪ଟି ସଙ୍ଗିନ ମାମଲା ରହିଛି। ସେ ଏକ ହତ୍ୟା ମାମଲାରେ ଛତ୍ରପୁର ଉପ କାରାଗାରରେ ଆଜୀବନ କାରାଦଣ୍ଡରେ ସଜା କାଟୁଥିଲେ। ଗତବର୍ଷ ସେ ପାରୋଲରେ ଜେଲରୁ ଆସିଥିଲେ ବୋଲି ପୋଲିସ ଜେରା ବେଳେ ଜାଣିବାକୁ ପାଇଛି। ମାମଲା ନମ୍ବର ୩୮୪/୨୨ ରେ ସନ୍ତୋଷଙ୍କୁ ପୋଲିସ ରବିବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ବ୍ରଜନଗର ଅଞ୍ଚଳର ଶୋଭମ ମହାରଣା ଗତ ୨୬ ତାରିଖ ରାତିରେ କୌଣସି କାମରେ ବାଇକ୍‌ରେ ନୂଆ ବସଷ୍ଟାଣ୍ଡ ଯାଉଥିଲେ। ଗୋବିନ୍ଦବିହାର ଛକରେ ତାଙ୍କ ଗାଡ଼ିକୁ ସନ୍ତୋଷଙ୍କ ଉପସ୍ଥିତିରେ ତାଙ୍କ ସହଯୋଗୀମାନେ ଅଟକାଇଥିଲେ। ସନ୍ତୋଷ, ଶୋଭମଙ୍କୁ ୩୦ ହଜାର ଟଙ୍କା ଦାଦାବଟି ମାଗିଥିଲେ। ସେ ଦେବାକୁ ମନା କରିବାରୁ ସନ୍ତୋଷ ସେଠାରେ ତାଙ୍କୁ ଆକ୍ରମଣ କରିଥିଲା। ପରେ ଶୋଭମଙ୍କ ପକେଟରେ ଥିବା ୨୩୦୦ ଟଙ୍କା ସେ ଲୁଟି ନେଇଥିଲେ। ଏନେଇ ଶୋଭମ ସଦର ଥାନାରେ ଅଭିଯୋଗ କରିଥିଲେ।

# ୪ର୍ଥ ଦକ୍ଷିଣ ଓଡ଼ିଶା ଥାଇରଏଡ୍ ସମ୍ମିଳନୀ



ଆଲୋଚନା ଚକ୍ରରେ ଉପସ୍ଥିତ ଡାକ୍ତର ଓ ଅନ୍ୟମାନେ।

ବ୍ରହ୍ମପୁର ଅଫିସ,୨୮।୮

ଦକ୍ଷିଣ ଓଡିଶା ୪ର୍ଥ ଥାଇରଏଡ୍ ସମ୍ମିଳନୀ ରବିବାର ଆଇଏମ୍‌ଏ ହଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଣ୍ଡ୍ରୋକ୍ରାଇନୋଲୋଜିଷ୍ଟ ଡ.ସୁନୀଲ କୁମାର କୋଙ୍କା ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଦକ୍ଷିଣାଞ୍ଚଳ ଆଇଜି ସତ୍ୟବ୍ରତ ଭୋଇ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭୀମସାର ମେଡିକାଲ କଲେଜର ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର, ଏମ୍‌କେସିଜି ମେଡିକାଲ କଲେଜ ଅଧକ୍ଷ ପ୍ରଫେସର ଅବନୀକାନ୍ତ ମିଶ୍ର, ଗଞ୍ଜାମ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଉମା ଶଙ୍କର ମିଶ୍ରଙ୍କ ସମେତ ପ୍ରଫେସର ପି.ସି.ସାହୁ, ଆଇଏମ୍‌ଏ ବ୍ରହ୍ମପୁର ସଭାପତି ପ୍ରଫେସର ସୁବାଷ ଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ଥାଇରଏଡ ଅବ୍ୟବସ୍ଥା ଜନିତ ଶରୀରର ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗ ଉପରେ କୁପ୍ରଭାବ ପକାଉଥିବା ନେଇ ଅତିଥିମାନେ କହିଥିଲେ। ଏଥିସହ ଗର୍ଭବତୀ ଓ ନବଜାତ ଶିଶୁଙ୍କ କ୍ଷେତ୍ରରେ ବାଧ୍ୟତାମୂଳକ ଥାଇରଏଡ ପରୀକ୍ଷଣ ପାଇଁ ପରାମର୍ଶ ଦେଇଥିଲେ। ଏହି ଆଲୋଚନା ଚକ୍ରରେ ଗଞ୍ଜାମ ଜିଲା ସମେତ ଗଜପତି, କନ୍ଧମାଳ, ବୌଦ୍ଧ, ରାୟଗଡା ଓ କୋରାପୁଟରୁ ୨୦୦ରୁ ଉର୍ଦ୍ଧ୍ୱ ଡାକ୍ତର ଅଂଶଗ୍ରହଣ କରିଥିଲେ।

## ଗଞ୍ଜାମ ଜିଲା ନାଟ୍ୟ ନିର୍ଦ୍ଦେଶକ ସଂଘ କାର୍ଯ୍ୟକାରିଣୀ ବୈଠକ

ବ୍ରହ୍ମପୁର ଅଫିସ,୨୮।୮

ଗଞ୍ଜାମ ଜିଲା ନାଟ୍ୟ ନିର୍ଦ୍ଦେଶକ ସଂଘ କାର୍ଯ୍ୟକାରିଣୀ ବୈଠକ ରବିବାର ଗିରି ମାର୍କେଟ ସ୍ଥିତ ପ୍ରକାଶମ୍ ହଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ରାଜ ଗୋପାଳ ପାଢୀ ଅଧ୍ୟକ୍ଷତା କରିଥିଲେ। ଆଗାମୀ ଗୁରୁ ଦିବସରେ ସଂଘର ପ୍ରଥମ ବାର୍ଷିକ ଉତ୍ସବ ନେଇ ଆଲୋଚନା ହୋଇଥିଲା।

ବୈଠକରେ ଉପସ୍ଥିତ କମିଟି ସଦସ୍ୟମାନେ ନିଜ ନିଜର ମତ ପ୍ରକାଶ କରିଥିଲେ। ସମ୍ପାଦକ କୃଷ୍ଣ ଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ଉପଦେଷ୍ଟା ମଦନ ମିଶ୍ର, ରମେଶ ମହାରଣା, ରାଜ୍ୟ ଉପସଭାପତି ଟୁଟୁ ପାଢୀ, ଗୋପାଳ ଚର୍ଚ୍ଚି, ଭାଗୀରଥି ସ୍ୱାଇଁ, ଦୀନବନ୍ଧୁ ଶତପଥୀ, ନବୀନ ହୋତା ଓ ସୁଶାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସେପ୍ଟେମ୍ବର ୧୮ରେ ଆପ୍‌ର ଜିଲା ସମ୍ମିଳନୀ

ବ୍ରହ୍ମପୁର ଅଫିସ୍,୨୮।୮

ଆମ୍ ଆଦମୀ ପାର୍ଟି (ଆପ୍) ପକ୍ଷରୁ ରବିବାର ଗୋଲାପଲୀ ସାହି ସ୍ଥିତ ଜିଲା କାର୍ଯ୍ୟାଳୟରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ଦଳର ଜିଲା ପ୍ରଭାରୀ ଇଂ. ରୁଚିର ରୁଦ୍ର ରଥ ଯୋଗ ଦେଇଥିଲେ। ଆଗାମୀ ଦିନରେ ଜିଲାରେ କିଭଳି ଦଳକୁ ମଜଭୁତ କରି ୨୦୨୪ ନିର୍ବାଚନରେ ବିଜୟ ହାସଲ କରିବ ସେ ସମ୍ପର୍କରେ କହିଥିଲେ। ଆସନ୍ତା ସେପ୍ଟେମ୍ବର ୧୮ରେ ଜିଲା ସମ୍ମିଳନୀ ବ୍ରହ୍ମପୁରଠାରେ ଅନୁଷ୍ଠିତ ହେବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା। ଦଳର ଜିଲା ଆବାହକ ସୁଭାଷ ରାଉତ ସଂଗଠନକୁ ପଞ୍ଚାୟତ ସ୍ତରରେ ପହଞ୍ଚାଇବା ପାଇଁ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଦଳର ଜିଲା ସମ୍ପାଦକ ତଥା କନ୍ଧମାଳ ଜିଲା ପର୍ଯ୍ୟବେକ୍ଷକ ଆଦିତ୍ୟ ନାରାୟଣ ରଥ ଦିଲ୍ଲୀର ଅରବିନ୍ଦ କେଜରିୱାଲ ମଡେଲକୁ ଓଡ଼ିଶା ଲୋକେ ମଧ୍ୟ ଚାହୁଁଛନ୍ତି ବୋଲି କହିଥିଲେ। ଏଣୁ ଓଡ଼ିଶାରେ ଆପ୍ ସରକାର ଗଠନ କ୍ଷେତ୍ରରେ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଦଳ ପକ୍ଷରୁ ୪୦ ଜଣିଆ କମିଟି ଗଠନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦଳର ଜିଲା ଉପସଭାପତି ସୁଧୀର ପ୍ରଧାନ, ନଗର ସଭାପତି ସି. ହରପ୍ରସାଦ ସମେତ ୫୦ରୁ ଉର୍ଦ୍ଧ୍ୱ ବିଭିନ୍ନ ବ୍ଲକରୁ ଦଳୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ।



ବୈଠକରେ ଯୋଗ ଦେଇଥିବା ଦଳୀୟ କର୍ମକର୍ତ୍ତା।

## ଏମ୍‌କେସିଜି ରକ୍ତଭଣ୍ଡାରରେ ଅସ୍ଥାୟୀ କର୍ମଚାରୀଙ୍କ ଆନ୍ଦୋଳନ

ବ୍ରହ୍ମପୁର ଅଫିସ,୨୮।୮

ରାଜ୍ୟ ରକ୍ତଭଣ୍ଡାର କର୍ମଚାରୀ ସଂଘ ଡାକରାରେ ବ୍ରହ୍ମପୁର ଏମ୍‌କେସିଜି ରକ୍ତଭଣ୍ଡାର ଅସ୍ଥାୟୀ କର୍ମଚାରୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୩ ଦଫା ଦାବି ନେଇ କର୍ମଚାରୀମାନେ ଶନିବାର ଆନ୍ଦୋଳନ କରିଛନ୍ତି। ସ୍ଥାୟୀ ନିଯୁକ୍ତି, ସମାନ କାମକୁ ସମାନ ଦରମା ଓ ଅନ୍ୟ ସରକାରୀ କର୍ମଚାରୀଙ୍କ ଭଳି ସେମାନେ ସୁବିଧା ଦାବି କରିଛନ୍ତି। ସେହିପରି ସାମାଜିକ ସୁରକ୍ଷା ଓ କମ ଭତ୍ତାକୁ ବିରୋଧ କରି କର୍ମଚାରୀମାନେ ବାହ୍ୟ ରକ୍ତଦାନ ଶିବିରରେ ଯୋଗଦାନ ଦେବା ପାଇଁ ମନା କରିଛନ୍ତି। ବାହାରେ ଆୟୋଜିତ ରକ୍ତଦାନ ଶିବିରରେ କମ ଇନ୍‌ସେନଟିଭ ଓ ସେମାନଙ୍କୁ ଅନ୍ୟ କୌଣସି ସରକାରୀ କର୍ମଚାରୀଙ୍କ ଭଳି ଜୀବନ ସୁରକ୍ଷା ପ୍ରଦାନ କରାଯାଉ ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏନେଇ ବ୍ରହ୍ମପୁର ବଡ଼ ମେଡିକାଲ ରକ୍ତଭଣ୍ଡାରରେ କଳା ବ୍ୟାଜ ପିନ୍ଧି କର୍ମଚାରୀମାନେ ବିକ୍ଷୋଭ କରିଛନ୍ତି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଅନିର୍ଦ୍ଦିଷ୍ଟ କାଳ ଯାଏ ଆମରଣ ଅନଶନ ସହ ସମସ୍ତ ଇନ୍‌ଡୋର ଓ ଆଉଟଡୋର ରକ୍ତ ଭଣ୍ଡାର କାମରେ ଅସହଯୋଗ କରିବେ ବୋଲି ଏମ୍‌କେସିଜି ରକ୍ତଭଣ୍ଡାର କର୍ମଚାରୀ ସଂଘ ସଭାପତି ଜୀବନାନନ୍ଦ ପଟ୍ଟନାୟକ ଚେତାବନୀ ଦେଇଛନ୍ତି। ରକ୍ତଭଣ୍ଡାର ସମ୍ମୁଖରେ ଚାଲିଥିବା ଆନ୍ଦୋଳନରେ ସମ୍ପାଦକ ବସନ୍ତ କୁମାର ବେହେରାଙ୍କ ସମେତ ଅନ୍ୟାନ୍ୟ ଅସ୍ଥାୟୀ କର୍ମଚାରୀ ମାନେ ଅଂଶଗ୍ରହଣ କରିଥିଲେ।



# ଗଞ୍ଜାମରେ ପୁଣି ଚଳଚଞ୍ଚଳ ସମବାୟ ରାଜନୀତି

ବ୍ରହ୍ମପୁର ଅଫିସ,୨୮।୮

### ଅକ୍ଟୋବର ୩୦ରେ ୨ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ନିର୍ବାଚନ

ଗଞ୍ଜାମରେ ପ୍ରଥମ ପର୍ଯ୍ୟାୟରେ ପ୍ରାଥମିକ ସେବା ସମବାୟ ସମିତି (ସୋସାଇଟି) ସମୂହର ନିର୍ବାଚନ ସରିଛି ଏବଂ ଫଳାଫଳ ଘୋଷଣା ସହ ପରିଚାଳନା ପରିଷଦ ଗଠନ ହୋଇଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ କେନ୍ଦ୍ର ସମବାୟ ସଂସ୍ଥାର ନିର୍ବାଚନ ପାଇଁ ବିଗୁଲ ବାଜିଛି। ଅକ୍ଟୋବର ୩୦ରେ ବ୍ରହ୍ମପୁର କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ବୋର୍ଡ ନିର୍ଦ୍ଦେଶକ ନିର୍ବାଚନ ଲାଗି ବିଜ୍ଞପ୍ତି ପ୍ରକାଶ ପାଇଛି। ଏକା ଦିନରେ ଆସିକା କେନ୍ଦ୍ର ସମବାୟ ବ୍ୟାଙ୍କରେ ନିର୍ଦ୍ଦେଶକ ନିର୍ବାଚନ ହେବାର କାର୍ଯ୍ୟକ୍ରମ ରହିଛି। ପର୍ଯ୍ୟାୟକ୍ରମେ ବ୍ରହ୍ମପୁର ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି ଲିଃ, ଗଞ୍ଜାମ ଜିଲା ସମବାୟ ସଂଘ ଆଦିର ନିର୍ବାଚନ ହେବ। ତେଣୁ ଜିଲାରେ ପୁଣି ଚଳଚଞ୍ଚଳ ହୋଇଛି ସମବାୟ ରାଜନୀତି।

କେନ୍ଦ୍ରୀୟ ସମବାୟ ସଂସ୍ଥାଗୁଡ଼ିକରେ ୧୫ ଲେଖାଏ ଜୋନରୁ ନିର୍ଦ୍ଦେଶିକା ଓ ନିର୍ଦ୍ଦେଶକ ନିର୍ବାଚିତ ହେବେ। ବିସିସି ବ୍ୟାଙ୍କ ଅଧୀନ ଗଜପତି ଜିଲାର ସବୁ ସମବାୟ ସଂସ୍ଥା ଅନ୍ତର୍ଭୁକ୍ତ। ଗଞ୍ଜାମର ୧୨ ଓ ଆଉ ୩ ଜୋନ ଗଜପତିରେ ଅଛି। ୨୦୧୫ ସମବାୟ ନିର୍ବାଚନରେ ବିସିସି ବ୍ୟାଙ୍କ ପରିଚାଳନା ବୋର୍ଡକୁ ୪ ମହିଳା ନିର୍ବାଚିତ ହୋଇଥିଲେ। ତନ୍ମଧ୍ୟରୁ ଜଣେ ଉପସଭାପତି ହୋଇଥିଲେ। ସୂଚନାଯୋଗ୍ୟ, ସମବାୟ ଆନ୍ଦୋଳନରେ ପ୍ରମୁଖ ଜିଲା ହେଉଛି ଗଞ୍ଜାମ। ଜିଲାରେ ୩୮୯ ପ୍ରାଥମିକ କୃଷି ସେବା ସମବାୟ ସମିତି ଏବଂ ଆସିକା ସମବାୟ ଚିନିଶିଳ୍ପ, ଆସିକାର ବହୁ ପୁରାତନ ଏମ୍‌ପିସିଏସ ଆଦି ରହିଛି।

ଅତୀତରେ ଅଧିକାଂଶ ସମବାୟ ଅନୁଷ୍ଠାନ କଂଗ୍ରେସ ଦଖଲରେ ରହୁଥିଲା। ଆଞ୍ଚଳିକ ଦଳ ବିଜେଡି ଗଠନରେ ସମବାୟ ରାଜନୀତି ଚିତ୍ର ବଦଳିଛି। ୨୦୧୫ ନିର୍ବାଚନରେ ଆସିକା ଓ ବ୍ରହ୍ମପୁର କେନ୍ଦ୍ର ସମବାୟ ବ୍ୟାଙ୍କ, ଚିନି ଶିଳ୍ପ, ବିଆର୍‌ଏମ୍‌ସିଏସ୍, ଏମ୍‌ପିସିଏସ୍ ଆଦି ବଡ଼ ବଡ଼ ସଂସ୍ଥାଗୁଡ଼ିକ ବିଜେଡି ସମର୍ଥକଙ୍କ ଦଖଲକୁ ଆସିଥିଲା। ସମବାୟ ନିର୍ବାଚନରେ ଦଳୀୟ ଚିହ୍ନ ରହୁନଥିଲେ ମଧ୍ୟ ସମର୍ଥକମାନଙ୍କୁ ପ୍ରାର୍ଥୀ କରାଯାଉଛି। ଚଳିତ ବର୍ଷର ନିର୍ବାଚନରେ ଶାସକ ବିଜେଡି ସମର୍ଥକଙ୍କୁ ମୁଖ୍ୟ ବିରୋଧୀ ଭାଜପା ଟକ୍କର ଦେବାର ରଣନୀତି ପ୍ରସ୍ତୁତ କରିଛି। ଜିଲା ବିଜେଡି ପକ୍ଷରୁ ପ୍ରମୁଖ ସମବାୟ ଅନୁଷ୍ଠାନର ନିର୍ବାଚନ ପାଇଁ ସ୍ୱତନ୍ତ୍ର ଭାବେ କମିଟି ଗଠନ କରାଯାଇଛି। ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡାଙ୍କୁ ଅଧିକ ଦାୟିତ୍ୱ ଦିଆଯାଇଛି। ବିଧାୟକ, ଏମ୍‌ପି ଓ ଅନ୍ୟ ବରିଷ୍ଠ ନେତାଙ୍କ ମିଳିତ ସୁପାରିସରେ ନିର୍ଦ୍ଦେଶକ ପ୍ରାର୍ଥୀ ମନୋନୀତ କରାଯିବା ଲାଗି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ସୂଚାଇଛନ୍ତି। ନିର୍ଦ୍ଦେଶକ ଫଳାଫଳ ଘୋଷଣା ପରେ ସଭାପତି ନିର୍ବାଚନ ହେବ। ଅଭିଜ୍ଞତା ଓ ଦଳ ପ୍ରତି ସମର୍ପିତ ଚେହେରାଙ୍କୁ ଚୟନ କରାଯିବାର ସେ ସ୍ପଷ୍ଟ କରିଛନ୍ତି। ଜିଲାର କେନ୍ଦ୍ରୀୟ ସମବାୟ ସଂସ୍ଥା ନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ଦିଆଯିବ ବୋଲି ବାପୁଜୀ ଆଶ୍ରମ ସୂତ୍ରରୁ ଖବର ମିଳିଛି।

## ସଂକ୍ଷେପରେ

### ପରିମଳ ବ୍ୟବସ୍ଥାର ଘରୋଇକରଣ ନିଷ୍ପତ୍ତିକୁ ସ୍ୱାଗତ

**ଖଣ୍ଡପଡ଼ା,୨୮।୮(ସ୍ୱ.ପ୍ର.):** ପରିମଳ ବ୍ୟବସ୍ଥାର ଘରୋଇକରଣ ପାଇଁ ଖଣ୍ଡପଡ଼ା କାଉନସିଲ ପରିଷଦର ୨ୟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ହେଲେ ସଫେଇ କର୍ମଚାରୀମାନେ ଏହାକୁ ବିରୋଧ କରି ହରତାଳ କରିଥିବା ବେଳେ ଏହି ଘରୋଇକରଣ ନିଷ୍ପତ୍ତିକୁ ଖଣ୍ଡପଡ଼ା ଅଞ୍ଚଳର ବହୁ ବୁଦ୍ଧିଜୀବୀ ସ୍ୱାଗତ କରିଛନ୍ତି। ଖଣ୍ଡପଡ଼ା ସହରାଞ୍ଚଳର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ନିମନ୍ତେ ଏନ୍ଏସି କର୍ତ୍ତୃପକ୍ଷ ପଦକ୍ଷେପ ନେଇଛନ୍ତି। ବିଳମ୍ବରେ ହେଉ ପଛେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କ୍ରମେ ପରିମଳ ବ୍ୟବସ୍ଥାର ଘରୋଇକରଣ ପାଇଁ କାଉନସିଲ ପରିଷଦର ୨ୟ ବୈଠକରେ ନିଷ୍ପତ୍ତି ନିଆଯାଇଛି। ୧୩ ୱାର୍ଡକୁ ନେଇ ଗଠିତ ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦର ରାସ୍ତା ପାର୍ଶ୍ୱ ଡ୍ରେନ ପୋତି ହୋଇ ପଡିଥିବା ବେଳେ ଗଳିକନ୍ଦି, ମୁଖ୍ୟ ରାସ୍ତା ପାର୍ଶ୍ୱରେ କୁଢ କୁଢ ଅଳିଆ, ଆବର୍ଜନା ମାସ ମାସ ଧରି ଗଦା ହୋଇ ରହୁଛି। ଏହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏନ୍ଏସି କର୍ତ୍ତୃପକ୍ଷଙ୍କ ବାରମ୍ବାର ତାଗିଦ ପରେ ବି ନିୟୋଜିତ ସଫେଇ କର୍ମଚାରୀମାନେ ଠିକ୍ ରୂପେ ଦାୟିତ୍ୱ ତୁଲାଉ ନ ଥିବା ଅଭିଯୋଗ ହେଉଛି। ପ୍ରତିମାସରେ ଲକ୍ଷାଧିକ ଟଙ୍କା ବ୍ୟୟ ପରେ ବି ସହରାଞ୍ଚଳର ପରିମଳ ବ୍ୟବସ୍ଥାରେ ସୁଧାର ନ ଆସିବା ଯୋଗୁ ଏନଏସି କର୍ତ୍ତୃପକ୍ଷ ଏପରି ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି।

### ରଙ୍ଗ ବଦଳାଉଥିବା ଏଣ୍ଡୁଅ ଦେଖିବାକୁ ଭିଡ଼



**ଖଣ୍ଡପଡ଼ା,୨୮।୮(ସ୍ୱ.ପ୍ର.):** ଶନିବାର ଏକ ବିରଳ ପ୍ରଜାତିର ରଙ୍ଗ ବଦଳାଉଥିବା ଏଣ୍ଡୁଅ କଣ୍ଟିଲୋ ବଜାରଠାରୁ ନୀଳମାଧବ ମନ୍ଦିରକୁ ଯିବା ନଦୀକୂଳ ମାଳବନ୍ଧରେ ବୁଲୁଥିଲା। ସେହି ଏଣ୍ଡୁଅକୁ ଦେଖି ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଧରି ନେବାକୁ ଉଦ୍ୟମ କରିଥିଲେ। ହେଲେ ଆଉ କେତେଜଣ ଯୁବକ ସେହି ଏଣ୍ଡୁଅକୁ ଯନ୍ତାରେ ଭର୍ତ୍ତି କରି ନିକଟସ୍ଥ ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡି ଦେଇଛନ୍ତି। ଏହି ବିରଳ ପ୍ରଜାତିର ଏଣ୍ଡୁଅକୁ ଦେଖିବାକୁ ସ୍ଥାନୀୟ ଅଞ୍ଚଳରେ ବହୁ ସମୟ ଧରି ଲୋକଙ୍କ ଭିଡ଼ ଲାଗି ରହିଥିଲା।

### ଚକ୍ଷୁ ଚିକିତ୍ସା ଶିବିର

**ଦଶପଲ୍ଲା ୨୮।୮(ଡି.ଏନ.ଏ.):** ରବିବାର ଦଶପଲ୍ଲା ସାତପାଟଣା ସରକାରୀ ହାଇସ୍କୁଲ ପରିସରରେ ପଦ୍ମଚରଣ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଦିଲ୍ଲୀପ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପରିବେଶବିତ୍ ପ୍ରଶନ୍ନ କୁମାର ପଣ୍ଡା, ବରିଷ୍ଠ ନାଗରିକ ମଞ୍ଚର ସଭାପତି ପ୍ରାଣକୃଷ୍ଣ ବେହେରା, ସମାଜିକ କର୍ମୀ ରବି ନାରାୟଣ ସେଠୀ, ମନୋରଞ୍ଜନ ମିଶ୍ର, ହାଇସ୍କୁଲ ପ୍ରଧାନ ଶିକ୍ଷକ ରଘୁନାଥ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ଶିବିରରେ ୭୯ ଜଣଙ୍କ ଆଖି ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧୯ ଜଣଙ୍କ ଆଖି ଅପରେଶନ କରାଯିବା ପାଇଁ କଟକ ନିଆଯାଇଥିଲା। କେପିଏମ୍ ରୋଟାରୀ କ୍ଲବ କଟକ ଚକ୍ଷୁ ଚିକିତ୍ସାଳୟ ଓ ରିସର୍ଚ୍ଚ ଇନ୍ଷ୍ଟିଚ୍ୟୁଟର ଡାକ୍ତର ଏବଂ ଡାକ୍ତରୀ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ଖେଡପଡ଼ା ବିଟ୍ ୱାଚରଙ୍କୁ ହତ୍ୟା ଅଭିଯୋଗ

- ବାଉଁଶ ବୋଝେଇ ଟ୍ରାକ୍ଟରରେ ଆସୁଥିଲେ
- ବାଟରେ ଖସି ପଡି ପ୍ରାଣ ହରାଇଲେ କହି ଶ୍ରମିକ ଫେରାର
- ବାଉଁଶ ଛାଡି ଟ୍ରାକ୍ଟର ନେଇ ଉଭାନ ଡ୍ରାଇଭର





ଟ୍ରାକ୍ଟରରୁ କଢ଼ାଯାଇଥିବା ବାଉଁଶ। ମୃତ ୱାଚର (ଇନ୍ସେଟ୍)।

**ନୟାଗଡ଼ ଅଫିସ,୨୮।୮**

ନୟାଗଡ଼ ବନଖଣ୍ଡ ନୟାଗଡ଼ ରେଞ୍ଜର ଖେଡପଡା ବିଟ୍ ୱାଚର ନବୀନ ନାୟକ(୪୫)ଙ୍କୁ ରବିବାର ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ନବୀନ ବାଉଁଶ ବୋଝେଇ ଟ୍ରାକ୍ଟର ଉପରେ ବସି ଆସୁଥିଲେ। ଖସି ପଡିବାରୁ ତାଙ୍କ ମୃତ୍ୟୁ ଘଟିଥିବା ସଫେଇ ଦିଆଯାଉଛି। ମୃତ୍ୟୁର କାରଣ ଜଣାପଡି ନ ଥିଲେ ହେଁ ଟ୍ରାକ୍ଟରରେ ଆସୁଥିବା ଜଣେ ଶ୍ରମିକଙ୍କ ସୂଚନା ଅନୁସାରେ ନବୀନ ଖସି ପଡି ପ୍ରାଣ ହରାଇଥିଲେ। ସେପଟେ ଟ୍ରାକ୍ଟର ମାଲିକ ଓରଫ ଡ୍ରାଇଭର ବାଉଁଶ ପକାଇ ଦେଇ ଟ୍ରାକ୍ଟର ନେଇ ଉଭାନ ହୋଇଯିବା ପରେ ନବୀନଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ବଢ଼ିଛି। ମୃତ ନବୀନଙ୍କ ସ୍ତ୍ରୀ ନିରାଶ ନାୟକଙ୍କ ଅଭିଯୋଗ କ୍ରମେ ନୟାଗଡ ସଦର ଥାନା ପୋଲିସ ଏକ ମାମଲା(ନଂ.୧୩୪/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଟ୍ରାକ୍ଟର ଡ୍ରାଇଭର ଓ ଶ୍ରମିକଙ୍କୁ ପୋଲିସ ପଚରାଉଚୁରା କରିବା ପରେ ଘଟଣାର ରହସ୍ୟ ଉନ୍ମୋଚନ ହେବ ବୋଲି କୁହାଯାଉଛି।

ସୂଚନା ଅନୁଯାୟୀ, ଗୋଛାବାରୀ ବିଟ୍ର ଚକାପଥର ମୁଣ୍ଡିଆରରୁ ବାଉଁଶ ଖେଡପଡା ବିଟ୍କୁ ଆସୁଥିଲା। ଗୋଛାବାରୀ ପୋଲ ନିକଟସ୍ଥ କେନ୍ଦୁଗଛ ନିକଟରେ ଟ୍ରାକ୍ଟର ଓଲଟିଲା ନାଁ ଟ୍ରାକ୍ଟରରୁ ନବୀନ ତଳକୁ ଡେଇଁ ପଡିଲେ ଜଣା ପଡିନି। କିନ୍ତୁ କିଛି ଘଟଣା କେନ୍ଦୁଗଛ ନିକଟରେ ଘଟିଛି ଯାହାକି ପ୍ରତ୍ୟକ୍ଷଦର୍ଶୀ ଜଣେ ଶ୍ରମିକ ଓ ଟ୍ରାକ୍ଟର ଡ୍ରାଇଭର ଦେଖିଛନ୍ତି। ତେବେ ଉଭୟେ ଫେରାର ହୋଇ ଯିବା ପରେ ନବୀନଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ ଘନୀଭୂତ ହୋଇଛି। ଏନେଇ କୋସକା ବିଟ୍ର ୱାଚର ଗଗନ ବିହାରୀ ପାତ୍ର କୁହନ୍ତି, ମୁଁ ଗଗନଙ୍କ ସହ ସାଙ୍ଗ ହୋଇ ବାଉଁଶ ଆଣିବାକୁ ଯାଇଥିଲୁ। ସାଙ୍ଗରେ ଜଣେ ଶ୍ରମିକ ତାରେଶ୍ୱର କୁଣ୍ଡୁ ଓ ଟ୍ରାକ୍ଟର ଡ୍ରାଇଭର, ମାଲିକ ଯୋଗିଆପଲ୍ଲୀର ରୂପ ରଣା ଯାଇଥିଲେ। ଟାକ୍ଟରରେ ବାଉଁଶ ଲଦା ହେବା ପରେ ମୁଁ ବାଇକ ଯୋଗେ ଆସିଥିଲି। ହେଲେ ଟ୍ରାକ୍ଟର ଆସିବାରେ ବିଳମ୍ବ ହେବାରୁ ପୁଣି ଦେଖିବାକୁ ଗଲା ପରେ ଶ୍ରମିକ ଅଘଟଣ ନେଇ କହିଲେ। ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡିବା ଭୟରେ ଶ୍ରମିକ ଓ ନବୀନ ଡେଇଁ ପଡିଥିଲେ। ଶ୍ରମିକ ବର୍ତ୍ତିଗଲେ। ହେଲେ ୱାଚର ନବୀନ ପ୍ରାଣ ହରାଇଲେ କହି ଫେରାର ହୋଇ ଯାଇଥିଲେ। ଡ୍ରାଇଭରଙ୍କୁ ଦେଖା କରି ପାରି ନ ଥିବା କହିଛନ୍ତି। ନୟାଗଡ ରେଞ୍ଜର କୁହନ୍ତି ୱାଚରଙ୍କୁ ଭିନ୍ନ କାମରେ ଲଗାଯାଇ ପାରିବ। ପ୍ଲାଣ୍ଟେସନ ଯୋଗୁ କେତେଜଣ ୱାଚରଙ୍କୁ ବାଉଁଶ ଆଣିବା ପାଇଁ ଶ୍ରମିକ ସହାୟତାରେ ପଠାଯାଇଥିଲା। ହେଲେ ୱାଚର ନବୀନଙ୍କ ମୃତ୍ୟୁ ହୋଇଛି। ନବୀନଙ୍କ ମୃତ୍ୟୁ କିପରି ହୋଇଛି ବନ ବିଭାଗ ଜାଣିନି। ପୋଲିସ ତଦନ୍ତ କରୁଛି ବୋଲି ସେ କହିଛନ୍ତି। ବନବିଭାଗ ପକ୍ଷରୁ ନବୀନଙ୍କ ପରିବାରକୁ ସହାୟତା ଦେବାକୁ ସରକାରଙ୍କୁ ଅବଗତ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷେ ଜଣାପଡିଛି ନବୀନ ଓ କେତେଜଣ ସହଯୋଗୀ ଶନିବାର ଭୋଜି କରିଥିଲେ। ଭୋଜିରେ ମଦର ଆସର ଜମିଥିଲା। ରବିବାର ପୁଣି ଡ୍ରାଇଭରଙ୍କ ସହ ମିଶି ପୁଣି ମଦ୍ୟପାନ କରିଥିଲେ। ନୟାଗଡ ଡିଏଫଓ କ୍ଷମା ଷଡଙ୍ଗୀ କୁହନ୍ତି, ନବୀନଙ୍କ ପରିବାରକୁ ୧୦ ହଜାର କ୍ଷତିପୂରଣ ଦିଆଯାଇଛି। ତାଙ୍କ ପରିବାରରୁ ଜଣକୁ ୱାଚର ଚାକିରିରେ ରଖିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ନୟାଗଡ ସଦର ଥାନା ଆଇଆଇସି ଦୀପକ ଖଣ୍ଡାୟତ ରାୟ କୁହନ୍ତି ପୋଲିସ ହତ୍ୟା ଅଭିଯୋଗର ତଦନ୍ତ କରୁଛି। ନବୀନଙ୍କ ମୃତ୍ୟୁ କିପରି ହୋଇଛି ଶୀଘ୍ର ଉନ୍ମୋଚନ ହେବ। ଅଭିଯୋଗ ମିଳିବାରେ ବିଳମ୍ବ ଯୋଗୁ ମୃତଦେହ ବ୍ୟବଚ୍ଛେଦ ହୋଇ ପାରିଲାନି। ସୋମବାର ବ୍ୟବଚ୍ଛେଦ ହେବ। ନବୀନଙ୍କ ଜଣେ ସମ୍ପର୍କୀୟ ନିଜ ନାମ ଗୋପନ ରଖି କହିଛନ୍ତି ନବୀନଙ୍କୁ ଯଦି ଟ୍ରାକ୍ଟର ମାଡିଗଲା ତେବେ ତାଙ୍କ ଦେହରେ କୌଣସି କ୍ଷତ ନାହିଁ। ଏଥିରୁ ସନ୍ଦେହ ବଢ଼ିଛି।

### ଦରମା ନ ପାଇ ଦୁଃଖରେ ଥିଲେ ୱାଚର

ଖେଡପଡା ବିଟ୍ ୱାଚର ନବୀନ ନାୟକ ୬ ମାସର ଦରମା ପାଇ ନାହାନ୍ତି। ଦରମା ପାଇବାକୁ ବିଭିନ୍ନ ସମୟରେ ଫରେଷ୍ଟର, ରେଞ୍ଜର ଓ ଡିଏଫ୍ଓଙ୍କୁ ଭେଟିଛନ୍ତି। ହେଲେ ସବୁଠାରୁ ନିରାଶ ହୋଇଛନ୍ତି। ତାଙ୍କୁ ଦରମା ଦିଆ ନ ଯାଇ ଅତ୍ୟଧିକ କାମ ଦିଆ ଯାଉଥିଲା ବୋଲି ଜଣାପଡିଛି। ଏଣୁ ସେ କୁଆଡେ ଚାପରେ ରହି ବିଭିନ୍ନ ସମୟରେ ମଦ୍ୟପାନ କରୁଥିଲେ। ରବିବାର ପୁଣି ମଦ୍ୟପାନ କରିଥିବା ଜଣାପଡିଛି। ଅନ୍ୟପକ୍ଷେ ଗୋଛାବାରୀ ପୋଲ ନିକଟରେ ଯଦି ୱାଚରଙ୍କ ମୃତଦେହ ପଡିଥିଲା ତେବେ ବନବିଭାଗ ପୋଲିସକୁ କାହିଁକି ଖବର ଦେଲାନି। ବରଂ ଫରେଷ୍ଟର ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମୃତଦେହ ତରବରିଆ ହୋଇ ଆଣିଲେ କାହିଁକି। ପୋଲିସ ପୁଣି ମୃତଦେହ ପଡିଥିବା ସ୍ଥାନକୁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଗଲା ନାହିଁ କାହିଁକି। ଏଣୁ ୱାଚରଙ୍କୁ ହତ୍ୟା କରିବା ପଛରେ ଅନ୍ୟ କେହି ଥାଇପାରନ୍ତି ବୋଲି ଚର୍ଚ୍ଚା ଚାଲିଛି। ନିରାଶ ନାୟକ କୁହନ୍ତି, ମୋ ସ୍ୱାମୀଙ୍କର କାହା ସହ ଶତ୍ରୁତା ନ ଥିଲା। ତାଙ୍କର ଶରୀରକୁ ଦେଖିଲେ କେହି ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଯାହାକି ତଦନ୍ତସାପେକ୍ଷ। ଦୋଷୀ ଯିଏ ହେଉ ତାକୁ ତୁରନ୍ତ ଗିରଫ କରାଯାଉ। ମୋ ସ୍ୱାମୀ ଚାକିରୀ କରି ଠିକରେ ଦରମା ପାଉ ନ ଥିଲେ। ଏବେ ୬ମାସର ଦରମା ପାଇ ନ ଥିଲେ। ଆମେ ବହୁ କଷ୍ଟରେ ଚଳୁଥିଲୁ। ଏବେ ଆମେ ଚଳିବା କଷ୍ଟକର ହେବ। ମୋ ପରିବାରରୁ ଜଣକୁ ଚାକିରୀ ଓ ଆର୍ଥିକ ସହାୟତା ଦିଆଯାଉ ବୋଲି ସେ ନିବେଦନ କରିଛନ୍ତି।

## ମାଙ୍କଡ଼, ବାର୍ହା ଦ୍ୱାରା ଫସଲ ହାନି

**ଖଣ୍ଡପଡ଼ା,୨୮।୮(ସ୍ୱ.ପ୍ର.)**

ନୟାଗଡ଼ ଜିଲା ଖଣ୍ଡପଡ଼ା ଅଞ୍ଚଳରେ ଦିନରେ ମାଙ୍କଡ ଓ ରାତିରେ ବାର୍ହାଙ୍କ ଉପଦ୍ରବ ଯୋଗୁ ପନିପରିବା, ଆଖୁ, ଧାନଫସଲ ଓ ରବି ଫସଲରେ ବ୍ୟାପକ କ୍ଷତି ଘଟିଛି। ବ୍ଲକ ଅଞ୍ଚଳ ଚାଷୀମାନେ ଏ ସଂକ୍ରାନ୍ତରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସଞ୍ଜ ନଇଁଲେ ନିକଟସ୍ଥ ସଂରକ୍ଷିତ ଜଙ୍ଗଲରୁ ପଲପଲ ବାର୍ହା ଚାଷଜମିକୁ ଚାଲିଆସି ଫସଲ ନଷ୍ଟ କରୁଥିବା ଅଭିଯୋଗ ହେଉଛି। ବିଶେଷ କରି ସିଂଘାପଡା, ଗଡିଆସାହି, କିଆଝର, କୋସକା, ବାଣପୁର, ଧାନଚେଙ୍ଗଡା ଆଦି ପଞ୍ଚାୟତ ଅଧୀନ ଚୈତନ୍ୟପୁର, ଧାନଚେଙ୍ଗଡା ଲକ୍ଷ୍ମୀପ୍ରସାଦ, ଭୋଗଡା ଓ ଏହାର ଆଖାପଖ ଅଞ୍ଚଳରେ ରାତିହେଲେ ବାର୍ହାମାନେ ଦଳଦଳ ହୋଇ ସାରୁ, ମକା, ବାଇଗଣ କିଆରିରେ ପଶି ଖାଇବା ସହ ନଷ୍ଟ କରୁଥିବା ଅଭିଯୋଗ ହେଉଛି। ଚଳିତ ବର୍ଷ ଅନିୟମିତ ବୃଷ୍ଟିପାତ ସାଙ୍ଗକୁ ଲଘୁଚାପଜନିତ ଲଗାଣ ବର୍ଷାରେ ପନିପରିବା ଓ ଧାନଫସଲ ଉଜୁଡ଼ିଛି। ଏବେ ବାର୍ହାଙ୍କ ଉପଦ୍ରବ ସାଙ୍ଗକୁ ମାଙ୍କଡଙ୍କ ଦୌରାତ୍ମ୍ୟ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଚାଷୀଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି। ବିଶେଷ କରି ଜଙ୍ଗଲ ତଳି ଅଞ୍ଚଳରେ ଲାଗିଥିବା ସାରୁ ଫସଲକୁ ରାତିହେଲେ ବାରହା ପଲ ପଶି ନଷ୍ଟ କରୁଛନ୍ତି। ମାଙ୍କଡ ଓ ବାର୍ହାଙ୍କ ଦାଉରୁ ନିଜ ଫସଲକୁ ରକ୍ଷା କରିବା ନିମନ୍ତେ ବ୍ଲକ ଅଞ୍ଚଳର ଚାଷୀମାନେ ଖଣ୍ଡପଡ଼ା ବନ ବିଭାଗ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି।

# ନୟାଗଡ଼ରେ ଖୋଲାଚିଠିର ରାଜନୀତି

**ପୁରୁଣା ଜେଲ ଜମି ପ୍ରସଙ୍ଗ**

- ବିଧାୟକ ନୁହେଁ, ଉତ୍ତର ରଖିଲେ କାଉନସିଲର

**ନୟାଗଡ଼ ଅଫିସ,୨୮।୮**

ନୟାଗଡ଼ ସହରର ପୁରୁଣା ଜେଲ ଜମିରେ ମାର୍କେଟ କମ୍ପ୍ଲେକ୍ସ ପ୍ରସଙ୍ଗ ଏବେ ବିତର୍କର କାରଣ ପାଲଟିଛି। ଏନେଇ କଂଗ୍ରେସ ଜିଲା ସଭାପତି ନୟାଗଡ଼ ବିଧାୟକଙ୍କୁ ଖୋଲାଚିଠିରେ ଉତ୍ତର ଲୋଡିଥିବାବେଳେ ଏହାର ଉତ୍ତର ବିଧାୟକ ନ ରଖି ନୟାଗଡ଼ ମ୍ୟୁନିସିପାଲିଟିର ୧୫ ନଂ. ୱାର୍ଡ଼ କାଉନସିଲର ଜାନକୀ ବଲ୍ଲଭ ଜେନା ରଖିଛନ୍ତି।

ନୟାଗଡ଼ ସହରର ମୂଲ୍ୟବାନ ଜମିରେ ବହୁତଳ ମାର୍କେଟ କମ୍ପ୍ଲେକ୍ସ କରା ନ ଯାଇ ସର୍ବସାଧାରଣଙ୍କ ପାଇଁ ପାର୍କିଂ ସ୍ଥଳ କରାଯାଉ। ପୌର ପରିଷଦ ନେଇଥିବା ନିଷ୍ପତ୍ତି ପ୍ରତ୍ୟାହାର କରୁ ବୋଲି ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ ପ୍ରେସ ବିବୃତିରେ କହିଥିଲେ। ଏନେଇ ନୟାଗଡ଼ ବିଧାୟକଙ୍କୁ ଖୋଲାଚିଠିରେ ଉତ୍ତର ଲୋଡିଥିଲେ। ନୟାଗଡ଼ ସହର ବଢୁଥିବାବେଳେ ପାର୍କିଂ ପାଇଁ ସ୍ଥାନ ନ ଦେଇ ପୋଲିସ ୫ଶହ ଟଙ୍କା ଲେଖାଏଁ ଜରିମାନା ଗାଡ଼ି ଚାଳକଙ୍କଠାରୁ ଆଦାୟ କରୁଛି। ୭୩ ଡିସିମଲି ପରିମିତ ଜେଲ ଜମି ହେଉଛି ନୟାଗଡ଼ ବଜାରରେ ଏକମାତ୍ର ଖୋଲା ସ୍ଥାନ। ବଜାରରେ ଆଉ ସେପରି ଜମି ନାହିଁ। ସେଠାରେ ବହୁତଳ ମାର୍କେଟ କମ୍ପ୍ଲେକ୍ସ କରାଗଲେ ଟ୍ରାଫିକ ସମସ୍ୟା ଅଣାୟତ ହେବ। ସେହି ଜମିରେ କୋର୍ଟ କମ୍ପ୍ଲେକ୍ସ କରିବା ପାଇଁ ବିଚାର ବିଭାଗର ପ୍ରସ୍ତାବ ଥିଲା। ଏନେଇ ବିରୋଧ କରାଯାଇ ପାର୍କିଂସ୍ଥଳ କରିବାକୁ ବହୁ ଅନୁଷ୍ଠାନ ପକ୍ଷରୁ ଦାବି ହୋଇଥିଲା। ଏବେ ଉକ୍ତ ଜମିରେ କିପରି ବହୁତଳ ମାର୍କେଟ କମ୍ପ୍ଲେକ୍ସ କରାଯିବ ବୋଲି ସେ ପ୍ରଶ୍ନ କରିଥିଲେ। ତେବେ ମାର୍କେଟ ପାଇଁ ପ୍ଲାନ ନ ଥାଇ ମାର୍କେଟ କମ୍ପ୍ଲେକ୍ସ ପ୍ଲାନ ମଞ୍ଜୁର କରାଯାଇଥିବାରୁ ଏବେ ପାର୍କିଂ କରିବାକୁ ସ୍ଥାନ ନାହିଁ। ପୁଣି ଥରେ ପୂର୍ବବତ ଭୁଲ କଲେ ସହରରେ ବିପର୍ଯ୍ୟସ୍ତ ଟ୍ରାଫିକର ଆଉ କେବେ ହେଲେ ସୁଧାର ଆସିବ ନାହିଁ ବୋଲି କହିଥିଲେ।

ତେବେ କାଉନସିଲର ଜେନା ଖୋଲାଚିଠିରେ ଜେଲ ଜମିକୁ ନେଇ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିବା ପ୍ରସଙ୍ଗ ଉପସ୍ଥାପନ କରି ମୁହଁତୋଡ ଜବାବ ରଖିଛନ୍ତି। ସେ ଦର୍ଶାଇଛନ୍ତି, ମ୍ୟୁନିସିପାଲିଟି ବୈଠକରେ ପୁରୁଣା ଜେଲ ଜମି ଉପରେ ପାର୍କିଂ ପାଇଁ ବ୍ୟବସ୍ଥା ହେବ ନାଁ ମାର୍କେଟ ନିର୍ମାଣ ହେବ ସେ ନେଇ ଆଲୋଚନା ହୋଇନାହିଁ। ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଜମି ମ୍ୟୁନିସିପାଲିଟିକୁ ଆସିବା ପରେ ପୁରୁଣା ଜେଲ କୋଠାକୁ ଭାଙ୍ଗି ସଫା କରିବାକୁ ନିଷ୍ପତ୍ତି ହୋଇଛି। ଜିଲା କଂଗ୍ରେସ ସଭାପତି କିପରି ଜାଣିଲେ ଜେଲ ଜମିରେ କ'ଣ କରାଯିବ। ସଂପୃକ୍ତ ଜମିରେ କୋର୍ଟ ନିର୍ମାଣ କରାଯାଉ ବୋଲି ବର୍ତ୍ତମାନର ଜିଲା ସଭାପତି ହାଇକୋର୍ଟରେ ମାମଲା କରିଥିଲେ। ତେବେ ସଂପୃକ୍ତ ଜମିରେ କୋର୍ଟ ହେବା ସମ୍ଭବ ନୁହେଁ ବୋଲି ଜମି ଚିହ୍ନଟ ପାଇଁ ଆସିଥିବା ଦୁଇ ବିଚାରପତି ମତ ରଖିଥିଲେ। ତେବେ କୋର୍ଟ ପାଇଁ ଅନ୍ୟ କେଉଁଠାରେ ଜମି ଯୋଗାଇବାକୁ ପରାମର୍ଶ ଦେବା ପରେ ଜିଲା ପ୍ରଶାସନ ଜମି ଯୋଗାଇଥିଲା। ଏବେ କୋର୍ଟ ନୂଆ କୋଠାରେ ଚାଲିଛି। ତେବେ ହାଇକୋର୍ଟର ମାମଲାକୁ କଂଗ୍ରେସ ସଭାପତି ପ୍ରତ୍ୟାହାର କରି ନ ଥିଲେ। ତେବେ ହାଇକୋର୍ଟରେ ଥିବା ଏହି ମାମଲା ଖାରଜ ପରେ ଜମିର ମାଲିକାନା ମ୍ୟୁନିସିପାଲିଟିକୁ ଆସିଛି। ମ୍ୟୁନିସିପାଲିଟି ଲୋକଙ୍କ ସ୍ୱାର୍ଥକୁ ଦେଖି ନିଶ୍ଚିତ ପଦକ୍ଷେପ ନେବ ବୋଲି କହିଛନ୍ତି।

ଅନ୍ୟପକ୍ଷେ ଜିଲା ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ଜିଲା କଂଗ୍ରେସ ସଭାପତି ଗୁରୁତ୍ୱ ଦେବା ଭଳି ଲାଗୁଛି ବୋଲି କାଉନସିଲର ଜେନା କହିଛନ୍ତି। ବିଗତ ଦିନରେ ହୋଲ୍ଡିଂ ଟିକସ ଆଦାୟ ପ୍ରସଙ୍ଗରେ ମ୍ୟୁନିସିପାଲିଟିକୁ ବଦନାମ କରିବାକୁ ଚେଷ୍ଟା କରି ସଫଳ ହୋଇ ନାହାନ୍ତି। ଏନେଇ କଂଗ୍ରେସ ଜିଲା ସଭାପତି ରଣଜିତ ଦାଶ କୁହନ୍ତି, କାଉନସିଲରଙ୍କ ଖୋଲା ଚିଠି ପାଇନି। ତେବେ ମୋର ଚିଠି ବିଧାୟକଙ୍କୁ ଥିଲା। ଉତ୍ତର କିନ୍ତୁ ୧୫ ନଂ. ୱାର୍ଡ କାଉନସିଲର ଦେଇ କିଛି ପ୍ରଶ୍ନ ପଚାରିଥିବା ଗଣମାଧ୍ୟମ ପ୍ରତିନିଧିଙ୍କଠାରୁ ପାଇଛି। ଯଦି ପୁରୁଣା ଜେଲ ଜମି ଅଞ୍ଚଳର କାଉନସିଲର ଅଥବା ବିଧାୟକ ଉତ୍ତର ରଖିଥାନ୍ତେ ଭଲ ହୋଇଥାନ୍ତା ବୋଲି ସେ କହିଛନ୍ତି।

## ଜିଲାସ୍ତରୀୟ ପ୍ରତିଯୋଗିତା: ଭାଗ ନେଲେ ୧୭ ହାଇସ୍କୁଲର ଛାତ୍ରୀଛାତ୍ର

**ନୟାଗଡ଼ ଅଫିସ,୨୮।୮**

ନୟାଗଡ଼ ଜିଲା ଆଇନ ସେବା ପ୍ରାଧିକରଣଙ୍କ ପକ୍ଷରୁ ହାଇସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ଆଇନ ଜ୍ଞାନ ସମ୍ପର୍କରେ ସଚେତନ କରିବା ପାଇଁ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁଯାୟୀ ରବିବାର ସ୍ଥାନୀୟ ପଠାଣି ସାମନ୍ତ ଅଡ଼ିଟୋରିୟମରେ ଏକ ଜିଲାସ୍ତରୀୟ କ୍ଷୁଦ୍ର ନାଟକ, ପ୍ରବନ୍ଧ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲାର ୧୭ ହାଇସ୍କୁଲ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଜିଲା ଜଜ୍ ରୁପଶ୍ରୀ ଚୌଧୁରୀ ଓ ଜିଲାପାଳ ପୋମା ଟୁଡୁ ମିଳିତ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲା ଜଜ ବିଭୁପ୍ରସାଦ ପଣ୍ଡା, ଲିଲି ସେନାପତି, ସବଜଜ ବିଚିତ୍ରା ନନ୍ଦ ପ୍ରଧାନ, ମହିଳା ବିଚାରପତି ଉତ୍କର ରିନେତି ମିଶ୍ର, ସଚିବ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବିଶେଷ କୁମାର ସାହୁ, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ ପ୍ରଦୋଷ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ନାଟକ ପ୍ରତିଯୋଗିତାରେ ଜୟପୁର ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ ଏସିଡ୍ ଆଟାକ୍, ବଜେନ୍ଦ୍ର ହାଇସ୍କଲ୍ର ପମି ପଢ଼ିବ ପାଠ, ନାରାୟଣୀ ହାଇସ୍କୁଲର ଇଟାମାଟି ସୁରକ୍ଷା, କେନ୍ଦ୍ରୀୟ ବିଦ୍ୟାଳୟ ନୟାଗଡ଼ର କନ୍ୟା ଭ୍ରୁଣ ହତ୍ୟା, ଭାଗିରଥି ହାଇସ୍କୁଲ ନାଟକ କଥା ସରିତାର, ଲେଙ୍କୁଡ଼ିପଡା ହାଇସ୍କୁଲର କହିବ ତ ଭାଇ କହିବ, ଗଛ ପରି କିଏ ହୋଇବ, ମା ସୁଳିଆ ହାଇସ୍କୁଲ ର ନାଟକ ମଧ୍ୟସ୍ଥତା, ନବୋଦୟ ବିଦ୍ୟାଳୟର ଶିଶୁ ଶ୍ରମିକ, ସରକାରୀ ବାଳିକା ବିଦ୍ୟାଳୟ ନୟାଗଡ଼ର ନାଟକ ଅଜନ୍ମା ନାଟକ ମଞ୍ଚସ୍ଥ ହୋଇଥିଲା।

ପ୍ରବନ୍ଧ ବିଭାଗରେ ଚଣ୍ଡୀ ହାଇସ୍କୁଲ ବାଲୁଗାଁର ଶର୍ମିଷ୍ଠା ସାହୁ ପ୍ରଥମ, ଚିତ୍ରାଙ୍କନ ପ୍ରତିଯୋଗିତାରେ ଗୋବିନ୍ଦପୁର ହାଇସ୍କୁଲର ପାୟଲ ନାୟକ ପ୍ରଥମ, ଭାଷଣ ପ୍ରତିଯୋଗିତାରେ ନବୋଦୟ ବିଦ୍ୟାଳୟ ନୟାଗଡ଼ର ଦିବ୍ୟଲତା ନାୟକ ପ୍ରଥମ ଏବଂ ନାଟକ ପ୍ରତିଯୋଗିତାରେ ଭାଗିରଥି ହାଇସ୍କୁଲ ଗୋବିନ୍ଦ ପୁରଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିବା ନାଟକ କଥା ସରିତା ପ୍ରଥମ ସ୍ଥାନ ଅଧିକାର କରିଥିଲା। ଉକ୍ତ ପ୍ରତିଯୋଗିତାରେ ବିଚାରକ ଭାବେ ବଳଭଦ୍ର ଡାକୁଆ, ସୁରେଶ କୁମାର ବେହେରା, ଗୋଦାବରୀଶ ମିଶ୍ର, ରୀନାବାଲା ଆଚାର୍ଯ୍ୟ, କମଳ ଦାସ ଏବଂ ବିଶେଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଶିକ୍ଷକ ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ଗାଁ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଓମ୍ବର ମାଲିକ୍ ଯୋଗ ଦେଇଥିଲେ।

# ଖଣ୍ଡପଡ଼ା ଏନଏସି କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ



ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳି।

**ଖଣ୍ଡପଡ଼ା,୨୮।୮(ସ୍ୱ.ପ୍ର.)**

ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ ପରିସରରେ ଯୁବକ ସଂଘ ପକ୍ଷରୁ ଆୟୋଜିତ ଏନ୍ଏସି କପ୍ ଫୁଟବଲ ଟୁର୍ନାମେଣ୍ଟ ରବିବାର ଅପରାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚରେ ବାଇଗୁଣିଆଁ ଫୁଟବଲ ଟିମ ୫-୨ ଗୋଲରେ ଖଣ୍ଡପଡ଼ା ତଳସାହି ଟିମ୍କୁ ପରାସ୍ତ କରି ବିଜୟୀ ହୋଇଛି। ଅତିଥି ରୂପେ ଡ. ପ୍ରଦୀପ କୁମାର ପାଇକରାୟ, ଶିଶୁକବି କାଶୀନାଥ ଦାସ, ସୁଧାଂଶୁ ମୋହନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଉଭୟ ଟିମ୍ର ଖେଳାଳୀ ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଖଣ୍ଡପଡ଼ା ଅଞ୍ଚଳର ୧୦ଜଣ ବରିଷ୍ଠ ଫୁଟବଲ ଖେଳାଳୀଙ୍କୁ ଯୁବକ ସଂଘର ସଦସ୍ୟମାନେ ସମ୍ବର୍ଦ୍ଧିତ କରିଥିଲେ। ସ୍ଥାନୀୟ ଲୋକଙ୍କ ସହ କ୍ରୀଡାପ୍ରେମୀ ଉପସ୍ଥିତ ରହି ମ୍ୟାଚକୁ ଉପଭୋଗ କରିଥିଲେ।

# ସୂଚନା ଅଧିକାର ଆଇନରେ ତଥ୍ୟ ଲୁଚାଇବା ମହଙ୍ଗା ପଡ଼ିଲା

- ଜନସୂଚନା ଅଧିକାରୀଙ୍କୁ ୮ହଜାର ଟଙ୍କା ଜରିମାନା
- କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ନୟାଗଡ଼ ଅଫିସ,୨୮।୮**




ନୂଆଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟ।

ସୂଚନା ଅଧିକାର ଆଇନରେ ତଥ୍ୟ ଲୁଚାଇବା ମହଙ୍ଗା ପଡ଼ିଛି। ଜନ ସୂଚନା ଅଧିକାରୀଙ୍କୁ ୮ ହଜାର ଟଙ୍କାର ଜରିମାନା ହୋଇଥିବାବେଳେ କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସୂଚନା କମିଶନ।

ସୂଚନା ଅନୁଯାୟୀ, ଆବେଦନକାରୀ ଶିବରାମ ମହାପାତ୍ର ୨୦୧୯ରେ ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟରତ ଶ୍ରମିକମାନଙ୍କ ମଜୁରୀ ଦିଆଯାଉ ନ ଥିବା ପ୍ରସଙ୍ଗରେ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିଥିଲେ। ମହିତମାର ମହାଦେବ ପୋଖରୀ ଖୋଳାରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ଓ କେଉଁ କାରଣରୁ ଏଥିରେ ନିୟୋଜିତ ଶ୍ରମିକଙ୍କୁ ସେମାନଙ୍କ ମଜୁରୀ ମିଳିନାହିଁ ବିସ୍ତୃତ ତଥ୍ୟ ଦେବାକୁ ଆବେଦନରେ ଦର୍ଶାଇଥିଲେ। ତେବେ ଏହି ତଥ୍ୟ ୱେବ୍ସାଇଟ୍ରେ ଉପଲବ୍ଧ ନ ଥିବା ଦର୍ଶାଇ ତତ୍କାଳୀନ ନୂଆଗାଁ ବ୍ଲକ ଜନସୂଚନା ଅଧିକାରୀ ବିଭ୍ରାନ୍ତକର ତଥ୍ୟ ପ୍ରଦାନ କରିଥିଲେ। ଏହାପରେ ନୂଆଗାଁ ବିଡ଼ିଓଙ୍କ ପାଖରେ ପୁଣିଥରେ ଏହି ତଥ୍ୟ ଦେବାକୁ ନେଇ ପ୍ରଥମ ଅପିଲ କରିଥିଲେ ଶିବରାମ। ତଥାପି ଶିବରାମଙ୍କୁ ଠିକ ତଥ୍ୟ ଦିଆଗଲାନି। ଏହାପରେ ଶିବରାମ ରାଜ୍ୟ ସୂଚନା କମିଶନଙ୍କ ଦ୍ୱାରସ୍ଥ ହୋଇଥିଲେ। ଏନେଇ ରାଜ୍ୟ ସୂଚନା କମିଶନଙ୍କ ନିକଟରେ ଏକ ମାମଲା (ନଂ.୯୦୬/୨୦୧୯) ରୁଜୁ ହୋଇଥିଲା। ତେବେ ୩ ବର୍ଷ ପରେ ଏହି ମାମଲାରେ ଉଭୟ ପକ୍ଷଙ୍କ ସମସ୍ତ ଯୁକ୍ତିର ଶୁଣାଣି କରି ବିଭ୍ରାନ୍ତକର ତଥ୍ୟ ଦେବା ଅଭିଯୋଗରେ ରାଜ୍ୟ ସୂଚନା କମିଶନର ବି. କେ. ମହାପାତ୍ର ନୂଆଗାଁ ବ୍ଲକରେ କାର୍ଯ୍ୟରତ ଜନସୂଚନା ଅଧିକାରୀ ମଳୟ ରଞ୍ଜନ ଚିନାରାଙ୍କୁ ୮ ହଜାର ଟଙ୍କାର ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଆଗାମୀ ୧ ମାସ ମଧ୍ୟରେ ଜରିମାନା ରାଶି ଜମା ନ କଲେ ୨ମାସର ଦରମାରୁ ଅଗ୍ରିମ ଭାବେ ଏହି ଅର୍ଥ ରାଶିକୁ ସରକାରୀ ତହବିଲରେ ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟରତ ଶ୍ରମିକମାନଙ୍କ ବକେୟା ଟଙ୍କା ନ ଦେବା ଓ ସରକାରୀ ତଥ୍ୟ ହଜାଇବା ନେଇ ସର୍ଭିସ ରୁଲ ଅନୁସାରେ ତତ୍କାଳୀନ କନିଷ୍ଠ ଯନ୍ତ୍ରୀ ଇଞ୍ଜିନିୟର ବସନ୍ତ ସାହୁଙ୍କ ନାମରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ନୂଆଗାଁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ନିଜେ ଆଇନଜୀବୀ ହୋଇଥିବାରୁ ନିଜ ମକଦ୍ଦମାକୁ ନିଜେ ପରିଚାଳନା କରୁଥିଲେ।